# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ ୫/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, May 5/2025 | Page 14 | ₹ 7.00

୫୧ଶ ଭାଗ ୧୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 159 | ମୂଲ୍ୟ ₹୭/-




### ରସେଲ ପ୍ଲେୟର ଅଫ୍ ଦି ମ୍ୟାଚ୍

ରାଜସ୍ଥାନ ରୟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି କୋଲକାତା ନାଇଟ ରାଇଡର୍ସର ଆନ୍ଦ୍ରେ ରସେଲ।

୧୪

୦୨

### ୧୭ ବର୍ଷ ପରେ ପୁଣି ଏକାଠି ସୈଫ୍, ଅକ୍ଷୟ

ମାଲୟାଲମ ଫିଲ୍ମ 'ଓପ୍ପମ'ର ହିନ୍ଦୀ ରିମେକ୍‌ରେ ଅଭିନେତା ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ୧୭ ବର୍ଷ ପରେ ପୁଣିଥରେ ଏକାଠି ନଜର ଆସିବେ।



# ଆବାସ ପାଇଁ ଲଟେରି

## ପ୍ରଥମେ ଭୁବନେଶ୍ୱରରେ ଲାଗୁ ହେବ, ମିଳିବ ଋଣ ସୁବିଧା

**ସମସ୍ତ ଯୋଗ୍ୟ ବସ୍ତିବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ)-୨ରେ ପକ୍କାଘର ମିଳିବ। ପକ୍କାଘର ବଣ୍ଟନ ଦଳୀୟ ଭିତ୍ତିରେ କିମ୍ବା ମନଇଚ୍ଛା ହେବ ନାହିଁ। ଏଣିକି ଲଟେରି ମାଧ୍ୟମରେ ଘର ଆବଣ୍ଟନ କରାଯିବ। ଯେଉଁମାନେ ଦିବ୍ୟାଙ୍ଗ ଥିବେ ସେମାନଙ୍କୁ ଅଗ୍ରାଧିକାର ଦିଆଯିବ। ପ୍ରାଥମିକ ପର୍ଯ୍ୟାୟରେ ଭୁବନେଶ୍ୱରରେ ଏହି ଲଟେରି ପ୍ରକ୍ରିୟାରେ ଆବାସ ବଣ୍ଟାଯିବ। ପରବର୍ତ୍ତୀ ସମୟରେ ରାଜ୍ୟର ଅନ୍ୟ ସହରାଞ୍ଚଳରେ କାର୍ଯ୍ୟକାରୀ ହେବ ବୋଲି ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ଏପ୍ରିଲ ୨୯ରେ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ତେବେ ଅସହାୟ ବସ୍ତିବାସିନ୍ଦାମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ବ୍ୟାଙ୍କଋଣ କରାଯିବାରେ ସହାୟତା ଦିଆଯିବ।**

**ଭୁବନେଶ୍ୱର,୪।୫ (ରବିନାରାୟଣ ଜେନା)**

ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବସ୍ତିବାସିନ୍ଦାଙ୍କୁ ପକ୍କାଘର ମିଳିବ। ଏନେଇ ୨୦୨୨ରେ ଏକ ନୀତି (ସମସ୍ତଙ୍କୁ ପକ୍କାଘର) ଅଣାଯାଇଥିଲା। ମାତ୍ର ଏବେ ଏଥିରେ କେତେକ ସଂଶୋଧନ ଅଣାଯାଇଛି। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ସମସ୍ତ ବସ୍ତିବାସିନ୍ଦା ଯେଭଳି ପ୍ରଧାନମନ୍ତ୍ରୀ ଆବାସ(ସହରାଞ୍ଚଳ)-୨ରେ ସାମିଲ ହୋଇପାରିବେ ସେଥିନେଇ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଥିବା ହିତାଧିକାରୀ ନିଶ୍ଚିତ ଭାବେ ବିଏମ୍‌ସି ଅଞ୍ଚଳର ଜଣେ ବସ୍ତିବାସିନ୍ଦା ହୋଇଥିବେ। ତାଙ୍କର କିମ୍ବା ତାଙ୍କ ପରିବାରର କାହା ନାମରେ ଭୁବନେଶ୍ୱରରେ ପକ୍କାଘର ନ ଥିବ। ସମ୍ପୃକ୍ତ ପରିବାରର ବାର୍ଷିକ ଆୟ ୩ ଲକ୍ଷ ଟଙ୍କାରୁ ଅଧିକ ହୋଇ ନ ଥିବ। ହିତାଧିକାରୀ ଭାବେ ସ୍ୱାମୀ, ସ୍ତ୍ରୀ କିମ୍ବା ତାଙ୍କର ସନ୍ତାନକୁ ନିଆଯାଇପାରିବ। ସେ କେନ୍ଦ୍ର, ରାଜ୍ୟ ତଥା କୌଣସି ପିଏସ୍‌ୟୁ ଚାକିରିଆ ହୋଇ ନ ଥିବେ। ଯେଉଁମାନେ ସରକାରଙ୍କ ପକ୍ଷରୁ ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍ (ଏଲ୍‌ଆର୍‌ସି) ପଟ୍ଟା ପାଇଥିବେ ସେମାନେ ଆପଣା ଛାଏ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇପାରିବେ।

ସରକାରଙ୍କ ଏସ୍‌ଓପିରେ ରହିଛି ଯେ, ଜଣେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ହେଲେ ତାଙ୍କୁ ପ୍ରଥମେ ୨୦ ପ୍ରତିଶତ ଅଗ୍ରିମ ଦେବାକୁ ପଡ଼ିବ। ଯଦି ସମ୍ପୃକ୍ତ ହିତାଧିକାରୀ ଋଣ କରିବାକୁ ଚାହିଁବେ ତେବେ ସେଥିପାଇଁ ବିଏମ୍‌ସି ସହାୟତା କରିବ। ଋଣ ଦେବା ପାଇଁ ବିଏମ୍‌ସି ପକ୍ଷରୁ ବ୍ୟାଙ୍କ ଯୋଗାଡ଼ କରାଯିବ। ତେବେ ହିତାଧିକାରୀଙ୍କୁ ଏଥିପାଇଁ ବିଭିନ୍ନ ବ୍ୟାଙ୍କରୁ ଋଣ ନେଇ ନ ଥିବା ନେଇ ଅନୁମତି ପତ୍ର ଯୋଗାଡ଼ କରିବାକୁ ହେବ। ଋଣ ପାଇଁ ବ୍ୟାଙ୍କ ସହିତ ବିଏମ୍‌ସି ଓ ହିତାଧିକାରୀଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସମ୍ପାଦନ କରାଯିବ। ଥରେ ବିଏମ୍‌ସି ପକ୍ଷରୁ ରିସିପ୍ଟ ମିଳିଗଲେ ସମ୍ପୃକ୍ତ ହିତାଧିକାରୀଙ୍କୁ ପକ୍କାଘର ମିଳିବ ବୋଲି ସ୍ପଷ୍ଟ ବୁଝାଯିବ। ଏହାବାଦ୍ କ୍ଷେତ୍ର ଯାଞ୍ଚ ବେଳେ ଜଏଣ୍ଟ ଏନୁମରେଶନ ଟିମ୍ ଏବଂ ୱାର୍ଡ ଅଫିସରଙ୍କ ଭୂମିକା କ'ଣ ସବୁ ରହିବ ତାହା ବିଜ୍ଞପ୍ତିରେ ଦର୍ଶାଯାଇଛି।

## ଓଡ଼ିଶାରୁ ଏନ୍‌ଇଇଟି ଦେଲେ ୭୦ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ

**ଭୁବନେଶ୍ୱର,୪।୫(ସୁଚିସ୍ମିତା ସାହୁ)**

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି ୟୁଜି ୨୦୨୫) ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରବେଶିକା ପରୀକ୍ଷା ଦେବାକୁ ଦେଶବିଦେଶର ପ୍ରାୟ ୨୩ଲକ୍ଷ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଦେଶର ୫୦୦ ସହରର ୫୪୫୩ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିଲା। ତେବେ ଓଡ଼ିଶାରେ ୨୭ଟି ସହରରେ ନିଟ୍ ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ଏଠାରେ ପ୍ରାୟ ୭୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡ଼ିଛି। ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ନ ସାଢ଼େ ୧ଟା ମଧ୍ୟରେ ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିଥିଲେ। ପିଲାମାନେ ହଲ୍‌କୁ ଯିବା ପୂର୍ବରୁ ସେମାନଙ୍କୁ ଯାଞ୍ଚ କରାଯାଇଥିଲା। ପରୀକ୍ଷାରେ ସ୍ୱଚ୍ଛତା ରଖିବା ପାଇଁ ପ୍ରତି ହଲ୍‌ରେ ଦୁଇରୁ ତିନୋଟି ଲେଖାଏ ସିସିଟିଭି ଲଗାଯାଇଥିଲା।



'ଏନ୍‌ଇଇଟି-ୟୁଜି ୨୦୨୫' ପ୍ରବେଶିକା ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରମାନେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ କେନ୍ଦ୍ରକୁ ଯାଉଛନ୍ତି। (ଫଟୋ- ବିକାଶ ନାୟକ)

## ବେଙ୍ଗାଲୁରୁରେ ଓଡ଼ିଆ ଯୁବକଙ୍କୁ ହତ୍ୟା

**ଗଞ୍ଜାମ,୪।୫(ବିଦ୍ୟାଧର ସାହୁ)**

ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ସୁପରଭାଇଜର ଭାବେ କାର୍ଯ୍ୟରତ ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକ୍ କୁଶପଲ୍ଲୀ ଗାଁର ଯୁବକ ରବୀନ୍ଦ୍ର ସାହୁ (୨୫)ଙ୍କୁ ଗତ ଗୁରୁବାର ହତ୍ୟା କରାଯାଇଛି। ଏନେଇ ରବୀନ୍ଦ୍ରଙ୍କ ପରିବାର ପକ୍ଷରୁ ହୁମା ଫାଣ୍ଡିରେ ଶନିବାର ଅଭିଯୋଗ ହୋଇଛି। ବେଙ୍ଗାଲୁରୁରେ ଜଣେ ସାଙ୍ଗ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁରି ଭୁସି ଦେଇଥିବା ମୃତ୍ୟୁ ପୂର୍ବରୁ ରବୀନ୍ଦ୍ର ଫୋନ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ।

ରବୀନ୍ଦ୍ର ଗତ ପାଞ୍ଚ ଦିନ ତଳେ ଦାଦାଙ୍କ ଝିଅ ବାହାଘର ପାଇଁ ଗାଁକୁ ଆସିଥିଲେ। ବାହାଘର ସରିବା ପରେ ସେ ବେଙ୍ଗାଲୁରୁ ଚାଲିଯାଇଥିଲେ। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ରବୀନ୍ଦ୍ରଙ୍କ ଭିଣୋଇ ସିଲୁ ସ୍ୱାଇଁ ବେଙ୍ଗାଲୁରୁରେ ପହଞ୍ଚିଥିଲେ। ରବୀନ୍ଦ୍ର କାମ କରୁଥିବା କମ୍ପାନୀକୁ ସିଲୁ ଫୋନ କରିଥିଲେ ମଧ୍ୟ କେହି ସହଯୋଗ କରି ନ ଥିଲେ। ପରେ ଏଗଲ ନାମକ ଏକ ସିକ୍ୟୁରିଟି ସଂସ୍ଥା ମୃତଦେହ ଗାଁକୁ ପଠାଇବା ବ୍ୟବସ୍ଥା କରିଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି।


**ଆଜିର ସମ୍ପାଦକୀୟ**

ଫାଟ କରିବ ଜାତି ଗଣନା



DSPL-53



ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ

ବିପ୍ଳବୀ ଧରଣୀଧର ନାଏକଙ୍କ
ସ୍ମୃତି ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରର
ଭିତ୍ତିପ୍ରସ୍ତର ସ୍ଥାପନ

ଗରିମାମୟ ଉପସ୍ଥିତି

ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ,
ଆଇନ୍, ପୂର୍ତ୍ତ ଓ ଅବକାରୀ

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା

ଶ୍ରୀ ଅନନ୍ତ ନାୟକ
ସାଂସଦ, ଲୋକସଭା, କେନ୍ଦୁଝର

ଶ୍ରୀମତୀ ମମତା ମହାନ୍ତ
ସାଂସଦ, ରାଜ୍ୟସଭା

ଶ୍ରୀ ବଦ୍ରି ନାରାୟଣ ପାତ୍ର
ବିଧାୟକ, ଘସିପୁରା

ଶ୍ରୀ ସନାତନ ମହାକୁଡ଼
ବିଧାୟକ, ଚମ୍ପୁଆ

ଶ୍ରୀ ଅଖିଳ ଚନ୍ଦ୍ର ନାଏକ
ବିଧାୟକ, ପାଟଣା

ଶ୍ରୀ ଫକୀର ମୋହନ ନାଏକ
ବିଧାୟକ, ତେଲକୋଇ

ଶ୍ରୀ ଅଭିମନ୍ୟୁ ସେଠୀ
ବିଧାୟକ, ଆନନ୍ଦପୁର

୫ ମଇ ୨୦୨୫ । ସକାଳ ୯ଟା
କୁସୁମିତା, କେନ୍ଦୁଝର

OIPR-03029/13/0050/2526

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### କଂଗ୍ରେସର ସବୁ ଭୁଲ୍ ପାଇଁ ନିଜକୁ ଦାୟୀ କଲେ ରାହୁଲ

ନୂଆଦିଲ୍ଲୀ,୪।୫(ପି.ଟି.)

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଏବଂ ଏହି ସମ୍ପ୍ରଦାୟ ସହ କଂଗ୍ରେସର ସମ୍ପର୍କକୁ ନେଇ ଏକ ପ୍ରଶ୍ନର ଉତ୍ତରରେ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି, କଂଗ୍ରେସ ଅନେକ ଭୁଲ୍ କରିଛି, ଯାହା ଘଟିବା ସମୟରେ ସେ ସେଠାରେ ନ ଥିଲେ। ତେବେ ଦଳର ସବୁ ଭୁଲ୍ ପାଇଁ ସେ ନିଜକୁ ଦାୟୀ କରିବାକୁ ଅଧିକ ଖୁସି ହେବେ ବୋଲି କହିଛନ୍ତି। ଏପ୍ରିଲ ୨୧ରେ ଆମେରିକାର ବ୍ରାଉନ୍ ୟୁନିଭର୍ସିଟିରେ ଏକ ଆଲୋଚନାରେ ଉଦ୍‌ବୋଧନ ଦେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଖୋଲାଖୋଲି କହିଥିଲେ, ୮୦ ଦଶକରେ ଯାହା ଘଟିଥିଲା, ତାହା ଭୁଲ୍ ଥିଲା। ଉକ୍ତ ଆଲୋଚନାର ଭିଡିଓ ଶନିବାର ୱାଟ୍‌ସନ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଇଣ୍ଟରନ୍ୟାଶନାଲ ଆଣ୍ଡ ପବ୍ଲିକ୍ ଆଫେୟାର୍ସର ୟୁଟ୍ୟୁବ୍ ଚ୍ୟାନେଲରେ ଅପ୍‌ଲୋଡ୍ ହେବା ପରେ ଜଣାପଡ଼ିଛି। ୧୯୮୪ ଦଙ୍ଗା ଘଟଣା ଉଠାଇ ଶିଖ୍ ସମ୍ପ୍ରଦାୟ ସହ ଏହାର ସମାଧାନ ଦିଗରେ କ'ଣ ଉଦ୍ୟମ କରିଛନ୍ତି ବୋଲି ଜଣେ ଶିଖ୍ ଛାତ୍ର ପ୍ରଶ୍ନ କରିବାରୁ ରାହୁଲ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ।

### ଖାତକୁ ଖସିଲା ସେନା ଟ୍ରକ୍, ୩ ଯବାନ ମୃତ

ଜମ୍ମୁ, ୪।୫

ଜମ୍ମୁ-କଶ୍ମୀରର ରାମବନ ଜିଲା ବ୍ୟାଟେରି ଚଷମା ଅଞ୍ଚଳ ନିକଟସ୍ଥ ଜମ୍ମୁ-ଶ୍ରୀନଗର ନ୍ୟାଶନାଲ ହାଇୱେ-୪୪ରେ ରବିବାର ସକାଳେ ଏକ ସେନା ଟ୍ରକ୍ ଯାଉଥିବା ବେଳେ ଏହା ନିୟନ୍ତ୍ରଣ ହରାଇ ୭୦୦ ଫୁଟ ଗଭୀର ଖାତରେ ଖସିପଡ଼ିଥିଲା। ଏହି ଦୁର୍ଘଟଣାରେ ଭାରତୀୟ ସେନାର ୩ ଯବାନଙ୍କର ମୃତ୍ୟୁ ଘଟିଛି। ସୂଚନା ମିଳିବାମାତ୍ରେ ସେନା, ପୋଲିସ, ରାଜ୍ୟ ବିପର୍ଯ୍ୟୟ ମୁକାବିଲା ବଳ (ଏସ୍‌ଡିଆର୍‌ଏଫ୍)ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ମୃତ ୩ ଯବାନ ହେଉଛନ୍ତି ସିପାହି ଅମିତ୍ କୁମାର, ସୁଜିତ୍ କୁମାର ଏବଂ ମାନ ବାହାଦୁର।

### ଏନ୍‌ଇଇଟି ପୂର୍ବରୁ କୋଟାରେ ଆଶାୟୀଙ୍କ ଆତ୍ମହତ୍ୟା

କୋଟା, ୪।୫

ମେଡିକାଲ ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି-ୟୁଜି) ଦେଶବ୍ୟାପୀ ରବିବାର ଅନୁଷ୍ଠିତ ହୋଇଥିବାବେଳେ ଏହାର କିଛି ଘଣ୍ଟା ପୂର୍ବରୁ ଶନିବାର ରାତିରେ କୋଟାରେ ଜଣେ ୧୭ ବର୍ଷୀୟା ଆଶାୟୀ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତା ଛାତ୍ରୀ ମଧ୍ୟପ୍ରଦେଶର ଶେଓପୁରର ମୂଳନିବାସୀ ହୋଇଥିବା ବେଳେ ସେ ଗତ କିଛି ବର୍ଷ ଧରି କୋଟାରେ ନିଜ ଅଭିଭାବକଙ୍କ ସହ ରହୁଥିଲେ। ସେ କୋଟାର ଏକ ପ୍ରମୁଖ କୋଚିଂ ସେଣ୍ଟରକୁ ଯାଇ ଏନ୍‌ଇଇଟି-ୟୁଜି ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିଲେ। ତାଙ୍କ ମୃତଦେହ ନିକଟରୁ କୌଣସି ସୁଇସାଇଡ୍ ନୋଟ ମିଳିନାହିଁ ବୋଲି ପୋଲିସ କହିଛି। ଏହାସହ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା କୋଟାରେ ୧୫ ଜଣ ଛାତ୍ରୀଛାତ୍ର ଆତ୍ମହତ୍ୟା କରିଛନ୍ତି।

# ବଡ଼ ଆକ୍ରମଣର ଧମକ ଦେଲେ ନେତାନ୍ୟାହୁ



ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ମିଶାଇଲ ମାଡ଼ ବେଳର ଦୃଶ୍ୟ।

ତେଲ୍ ଆଭିଭ୍,୪।୫

**ତେଲ୍ ଆଭିଭ୍‌ରେ ହୁତିର ମିଶାଇଲ୍ ମାଡ଼**

ଇରାନ ସମର୍ଥିତ ୟେମେନ୍‌ର ହୁଟି ଆତଙ୍କବାଦୀମାନେ ରବିବାର ଇସ୍ରାଏଲ୍‌ର ତେଲ୍ ଆଭିଭ୍‌ସ୍ଥିତ ଦେଶର ସର୍ବବୃହତ୍ ବିମାନବନ୍ଦରରେ ମିଶାଇଲ ମାଡ଼ କରିଛନ୍ତି। ଏହାର ଜବାବରେ ହୁଟି ବିରୋଧରେ ବଡ଼ ଆକ୍ରମଣ କରାଯିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ସଂକଳ୍ପ ନେଇଛନ୍ତି। ପୂର୍ବରୁ ଆମେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲୁ। ଏଥର ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଗାଜାର ପାଲେଷ୍ଟିନୀୟମାନଙ୍କ ସମର୍ଥନରେ ହୁଟି ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ମିଶାଇଲ ଆକ୍ରମଣ କରୁଛନ୍ତି। ରବିବାର ସକାଳେ ତେଲ୍ ଆଭିଭ୍‌ର ବେନ୍ ଗୁରିଅନ୍ ଏୟାରପୋର୍ଟ ନିକଟରେ ହୋଇଥିବା ମିଶାଇଲ ମାଡ଼ରେ



ବେଞ୍ଜାମିନ୍ ନେତାନ୍ୟାହୁ

୨୫ ଫୁଟ୍ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ମିଶାଇଲ ମାଡ଼ରେ କେତେଜଣ ଆହତ ହୋଇଥାଇପାରନ୍ତି ବୋଲି କୁହାଯାଉଛି। ଗାଜାରେ ୨ ମାସର ଅସ୍ତ୍ରବିରତି ପରେ ମାର୍ଚ୍ଚରୁ ପୁଣିଥରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଛି। ସାମରିକ କାର୍ଯ୍ୟାନୁଷ୍ଠାନ ବଢ଼ାଇବା ପାଇଁ ଇସ୍ରାଏଲ୍‌ର ମନ୍ତ୍ରୀମାନେ ଏକ ଯୋଜନାକୁ ଅନୁମୋଦନ କରିବାକୁ ଯାଉଥିବାବେଳେ ହୁଟି ପକ୍ଷରୁ ମିଶାଇଲ ଆକ୍ରମଣ ହୋଇଛି।

### ତେଲ୍ ଆଭିଭ୍‌କୁ ବିମାନ ଚଳାଚଳ ସ୍ଥଗିତ ରଖିଲା ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୪।୫

ଇସ୍ରାଏଲ୍‌ର ବେନ୍ ଗୁରିଅନ୍ ବିମାନବନ୍ଦରରେ ରବିବାର ହୁଟି ଆତଙ୍କବାଦୀ ମିଶାଇଲ୍ ଆକ୍ରମଣ କରିବା ପରେ ଏୟାର ଇଣ୍ଡିଆ ଆଗାମୀ ୨ ଦିନ ପାଇଁ ତେଲ୍ ଆଭିଭ୍‌କୁ ବିମାନ ଚଳାଚଳ ସ୍ଥଗିତ ରଖିଛି। ଆକ୍ରମଣ ପରେ ରବିବାର ଦିଲ୍ଲୀରୁ ତେଲ୍ ଆଭିଭ୍ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନକୁ ଆବୁଧାବୀକୁ ନିଆଯାଇଥିଲା। ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ନିଷ୍ପତ୍ତି ନିଆଯାଇଛି। ଯେଉଁମାନେ ୬ ତାରିଖ ମଧ୍ୟରେ ଆବୁଧାବୀ ଯିବା ପାଇଁ ଟିକେଟ ବୁକ୍ କରିଛନ୍ତି, ସେମାନଙ୍କୁ ରିହାତି ମିଳିବ କିମ୍ବା ସେମାନେ ଯାତ୍ରା ସମୟ ବଦଳାଇପାରିବେ ବୋଲି ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ରବିବାର ଏୟାର ଇଣ୍ଡିଆର ଏଆଇ୧୩୯ ବିମାନ ତେଲ୍ ଆଭିଭ୍‌ରେ ଅବତରଣ କରିବାର ଘଣ୍ଟାଏରୁ କମ୍ ସମୟ ପୂର୍ବରୁ ହୁଟି ଆତଙ୍କବାଦୀ ମିଶାଇଲ ଆକ୍ରମଣ କରିଥିଲେ। ତେଲ୍ ଆଭିଭ୍ ନିକଟରେ ଥିବା ଇସ୍ରାଏଲ୍‌ର ସର୍ବବୃହତ୍ ଅନ୍ତର୍ଜାତୀୟ ବିମାନବନ୍ଦର ବେନ୍ ଗୁରିଅନ୍ ଏୟାରପୋର୍ଟର ୩ ନମ୍ବର ଟର୍ମିନାଲଠାରୁ ୭୫ ମିଟର ଦୂରରେ ମିଶାଇଲ୍ ମାଡ଼ କରିବାରୁ ୨୫ ମିଟର ଗଭୀର ଖାତ ସୃଷ୍ଟି ହୋଇଛି। ଏହା ୪ ସ୍ତରୀୟ ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଅତିକ୍ରମ କରି ଲକ୍ଷ୍ୟଭେଦ କରିଥିବା କୁହାଯାଉଛି।

### କ୍ଷମତା ବଜାୟ ରଖିଲେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍



ସିଙ୍ଗାପୁର,୪।୫(ପି.ଟି.)

ସିଙ୍ଗାପୁର ସାଧାରଣ ନିର୍ବାଚନରେ ଶାସକ ଦଳ ପିପୁଲ ଆକ୍ସନ ପାର୍ଟି (ପିଏପି) ଐତିହାସିକ ବିଜୟ ହାସଲ କରିବା ସହ ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍ କ୍ଷମତା ବଜାୟ ରଖିଛନ୍ତି। ବୈଶ୍ୱିକ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଶନିବାର ସିଙ୍ଗାପୁର ପାର୍ଲାମେଣ୍ଟ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୯୭ ଆସନ ବିଶିଷ୍ଟ ପାର୍ଲାମେଣ୍ଟରେ ପିଏପି ୮୭ ଆସନ ଦଖଲ କରିଛି। ଶାସକ ଦଳକୁ ୬୫.୫ ପ୍ରତିଶତ ଭୋଟ ମିଳିଛି, ଯାହାକି ୨୦୨୦ ତୁଳନାରେ ଅଧିକ। ସିଙ୍ଗାପୁର ଜନସାଧାରଣଙ୍କ ସ୍ପଷ୍ଟ ଏବଂ ଦୃଢ଼ ଜନାଦେଶ ତାଙ୍କ ସରକାରରେ ସେମାନଙ୍କ ଆସ୍ଥା, ସ୍ଥିରତା ଓ ବିଶ୍ୱାସର ସ୍ପଷ୍ଟ ସଙ୍କେତ ବୋଲି ୱଙ୍ଗ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ,୪।୫(ପି.ଟି.)

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବାବେଳେ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ସୁରକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ଶନିବାର ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଆରବ ସାଗରର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳର ମୋଟାମୋଟି ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ।

ଗତ ମାସ ୨୨ ତାରିଖରେ ସୀମାପାର ଆତଙ୍କବାଦୀ ଆକ୍ରମଣରେ ପହଲଗାମ୍‌ରେ ୨୬ ଜଣ ପର୍ଯ୍ୟଟକଙ୍କ ଜୀବନ ଯାଇଥିଲା। ଆକ୍ରମଣରେ ସମ୍ପୃକ୍ତ



ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ

ଆତଙ୍କବାଦୀ ଓ ସେମାନଙ୍କ ପରିଚାଳକଙ୍କୁ କଠୋର ଦଣ୍ଡ ଦେବା ପାଇଁ ଭାରତ ପ୍ରତିଶ୍ରୁତି ଦେଇଥିଲା। ଗତ ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ଓ ୩ ସେନାର ମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକରେ ସେନାକୁ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ନେବା ଲାଗି ପ୍ରଧାନମନ୍ତ୍ରୀ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ। ପହଲଗାମ୍ ଆକ୍ରମଣର ଦିନକ ପରେ ଭାରତ ପାକିସ୍ତାନ ବିରୋଧରେ କେତେଗୁଡ଼ିଏ କଟକଣା ଲଗାଇଥିଲା। ସିନ୍ଧୁ ନଦୀଜଳ ବଣ୍ଟନ ଚୁକ୍ତିକୁ ସ୍ଥଗିତ ରଖାଯିବା ସହ ଅଟ୍ଟାରୀ ସୀମା ବନ୍ଦ କରାଯାଇଥିଲା। ଏଥିସହିତ କୂଟନୈତିକ ସମ୍ପର୍କ ହ୍ରାସ କରାଯାଇଥିଲା। ଏହାର ଜବାବରେ ପାକିସ୍ତାନ ଭାରତୀୟ ବିମାନ ପାଇଁ ଏହାର ଆକାଶସୀମାକୁ ବନ୍ଦ କରିବା ସହ ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ କରିଥିଲା। ଗତ ଶନିବାର ଭାରତ ପାକିସ୍ତାନରୁ ଆମଦାନୀ ସମସ୍ତ ସାମଗ୍ରୀ ଉପରେ ବ୍ୟାନ୍ ଲଗାଇବା ସହ ସେଠାର ଜାହାଜଗୁଡ଼ିକ ପାଇଁ ଭାରତୀୟ ବନ୍ଦରକୁ ବନ୍ଦ କରିଦେଇଥିଲା।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଅମୃତସରରୁ ୨ ଗିରଫ

ଅମୃତସର,୪।୫

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ପଞ୍ଜାବର ଅମୃତସରରୁ ଶନିବାର ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ଉକ୍ତ ଅଞ୍ଚଳର ସେନା କ୍ୟାଣ୍ଟନମେଣ୍ଟ ଅଞ୍ଚଳ ଏବଂ ଏୟାରବେସ୍ ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ଓ ଫଟୋ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ଶେୟାର କରିଥିବା ଅଭିଯୋଗ ହୋଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ୨ ଦେଶ ମଧ୍ୟରେ ଉତ୍ତେଜନା ବଢ଼ୁଥିବାବେଳେ ଅମୃତସର ପୋଲିସ ପଲକ ଶେର୍ ମସିହ ଏବଂ ସୂରଜ ମସିହଙ୍କୁ ଗୁପ୍ତଚର ବୃତ୍ତିରେ ସମ୍ପୃକ୍ତି ଅଭିଯୋଗରେ ଗିରଫ କରିଛି। ସେମାନେ ପାକିସ୍ତାନୀ ଗୋଇନ୍ଦା ଅପରେଟିଭ୍‌ମାନଙ୍କ ସହ ଯୋଗାଯୋଗରେ ରହି ସମ୍ବେଦନଶୀଳ ସାମରିକ ଘାଟିଗୁଡ଼ିକର ତଥ୍ୟ ଦେଉଥିଲେ। ଅମୃତସର କେନ୍ଦ୍ରୀୟ ଜେଲରେ ଥିବା ହରପ୍ରୀତ୍ ସିଂ ଓରଫ ପିଟ୍ଟୁଙ୍କ ସୂଚନାକ୍ରମେ ସେମାନଙ୍କୁ ଠାବ କରାଯାଇଛି। ସେମାନଙ୍କଠାରୁ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ପିଟ୍ଟୁ ସେମାନଙ୍କୁ ଆଇଏସ୍‌ଆଇ ସହ ଯୋଗାଯୋଗ କରାଇଥିଲେ। ଅଧିକ ଜେରା ପାଇଁ ପୋଲିସ ପିଟ୍ଟୁଙ୍କୁ ପ୍ରଡକ୍ସନ ୱାରେଣ୍ଟରେ ଆଣିବାକୁ ଚାହୁଁଛି।

### ଭାରତୀୟ ଜାହାଜ ପାଇଁ ବନ୍ଦର ବନ୍ଦ କଲା ପାକିସ୍ତାନ

ଇସ୍‌ଲାମାବାଦ,୪।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାର ଶନିବାର ପାକିସ୍ତାନୀ ସାମଗ୍ରୀ ଆମଦାନୀ ନିଷିଦ୍ଧ କରିବା ସହ ଏହାର ଜାହାଜ ପାଇଁ ଦେଶର ବନ୍ଦରଗୁଡ଼ିକୁ ବନ୍ଦ କରିଥିଲା। ଏହାର ଦିନକ ପରେ ଇସ୍‌ଲାମାବାଦ ରବିବାର ଅନୁରୂପ ପଦକ୍ଷେପ ସ୍ୱରୂପ ଭାରତୀୟ ଜାହାଜ ପାଇଁ ନିଜ ବନ୍ଦରକୁ ବନ୍ଦ କରିଦେଇଛି। ଭାରତୀୟ ପତାକା ଥିବା କୌଣସି ଜାହାଜକୁ ପାକିସ୍ତାନର କୌଣସି ବନ୍ଦରରେ ପ୍ରବେଶ ଅନୁମତି ମିଳିବ ନାହିଁ। ସେହିପରି ପାକିସ୍ତାନୀ ଜାହାଜଗୁଡ଼ିକ କୌଣସି ଭାରତୀୟ ବନ୍ଦରରେ ଅବସ୍ଥାନ କରିବେ ନାହିଁ ବୋଲି ପାକ୍ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

## ଯାଞ୍ଚହେବ ଇଡି କ୍ଷମତା

ନୂଆଦିଲ୍ଲୀ,୪।୫

**୨୦୨୨ ରାୟ ବିରୋଧରେ ଆବେଦନର ଶୁଣାଣି କରିବେ ୩ ଜଣିଆ ଖଣ୍ଡପୀଠ**

୨୦୨୨ ଜୁଲାଇ ୨୭ରେ ସୁପ୍ରିମକୋର୍ଟ ଏକ ରାୟ ପ୍ରଦାନ କରି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗିରଫଦାରି, ମନିଲଣ୍ଡରିଂ ମାମଲା ସହ ଜଡ଼ିତ ସମ୍ପତ୍ତି ବଜ୍ୟାପ୍ତି ଏବଂ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ତଲାସି ଓ ଜବତ କ୍ଷମତାକୁ ବଳବତ୍ତର ରଖିଥିଲେ। ଆସନ୍ତା ୭ରେ ଉକ୍ତ ରାୟର ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ସହମତି ପ୍ରକାଶ କରିଛନ୍ତି।


୨୦୨୨ ଜୁଲାଇ ୭ ରାୟର ପୁନର୍ବିଚାର ପାଇଁ ସୁପ୍ରିମକୋର୍ଟରେ ଦାଖଲ ଏକ ପିଟିଶନ୍‌ର ଶୁଣାଣି କରିବାକୁ ଅଗଷ୍ଟରେ ସୁପ୍ରିମକୋର୍ଟ ରାଜି ହୋଇଥିଲେ। ନିକଟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ଭୁଲ୍‌ବଶତଃ ଏହି ମାମଲା ତାଲିକାଭୁକ୍ତ ହୋଇଥିଲା। ତେବେ ଏକ ୩ ଜଣିଆ ଖଣ୍ଡପୀଠ ଆସନ୍ତା ବୁଧବାର ଏହା ଉପରେ ବିଚାର କରିବେ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଏକ ୩ ଜଣିଆ ଖଣ୍ଡପୀଠରେ ହିଁ ଏହାର ତ୍ୱରିତ ଶୁଣାଣି କରାଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ ଯୁକ୍ତି ବାଢ଼ିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ମଧ୍ୟ ଖଣ୍ଡପୀଠଙ୍କ ଆଭିମୁଖ୍ୟରେ ସହମତି ପ୍ରକାଶ କରିଛନ୍ତି।

## କଠୋରପନ୍ଥୀକରଣ ପଶ୍ଚିମବଙ୍ଗ ପାଇଁ ଚ୍ୟାଲେଞ୍ଜ

କୋଲକାତା,୪।୫(ପି.ଟି.)

**ମୁର୍ଶିଦାବାଦ ଦଙ୍ଗା ନେଇ କେନ୍ଦ୍ରକୁ ରାଜ୍ୟପାଳଙ୍କ ରିପୋର୍ଟ**

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ମୁର୍ଶିଦାବାଦ ଦଙ୍ଗା ସମ୍ପର୍କିତ ରିପୋର୍ଟ ଦାଖଲ କରିଛନ୍ତି। କଠୋରପନ୍ଥୀକରଣ ରାଜ୍ୟ ପାଇଁ ଗମ୍ଭୀର ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ସେ ରିପୋର୍ଟରେ ଦର୍ଶାଇଛନ୍ତି। ଦଙ୍ଗାର ତଦନ୍ତ ଲାଗି ଏକ ତଦନ୍ତ କମିଶନ ଗଠନ କରିବା ସହ ବାଂଲାଦେଶ ସୀମାକୁ ଲାଗିଥିବା ଉକ୍ତ ଜିଲାରେ କେନ୍ଦ୍ରୀୟ ବଳର ଆଉଟ୍‌ପୋଷ୍ଟ ଖୋଲିବା ପାଇଁ ରାଜ୍ୟପାଳ କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୩୫୬ ବଳରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ରାଜ୍ୟପାଳ ପ୍ରସ୍ତାବ ଦେଇ ନ ଥିଲେ ମଧ୍ୟ



ସି.ଭି. ଆନନ୍ଦ ବୋଷ

ରାଜ୍ୟରେ ସ୍ଥିତି ଅଧିକ ବିଗିଡ଼ିଲେ କେନ୍ଦ୍ର ପାଇଁ ଏହି ବ୍ୟବସ୍ଥା ଖୋଲା ରଖିବାକୁ କହିଛନ୍ତି। ମୁର୍ଶିଦାବାଦ ଦଙ୍ଗା ରାଜ୍ୟର ଅନ୍ୟ ଜିଲାଗୁଡ଼ିକୁ ବ୍ୟାପିବା ଆଶଙ୍କା କରି କେନ୍ଦ୍ର ସରକାର ସ୍ଥିତି ନିୟନ୍ତ୍ରଣ ପାଇଁ ସାମ୍ବିଧାନିକ ବିକଳ୍ପ ସମ୍ପର୍କରେ ବିଚାର କରିବାକୁ ରାଜ୍ୟପାଳ ସୁପାରିସ କରିଛନ୍ତି।

ସୂଚନାଯୋଗ୍ୟ, ୱାକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ଗତ ମାସରେ ମୁର୍ଶିଦାବାଦରେ ବିକ୍ଷୋଭ ବେଳେ ତାହା ହିଂସାତ୍ମକ ରୂପ ନେଇଥିଲା। ଉକ୍ତ ଦଙ୍ଗାରେ ବାପପୁଅଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଜାତୀୟ ରାଜପଥ-୧୨ରେ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦିଆଯାଇଥିଲା। ଦଙ୍ଗାରେ ବହୁ ସମ୍ପତ୍ତି ଓ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା। ୪୦୦ରୁ ଊର୍ଦ୍ଧ୍ୱ ହିନ୍ଦୁ ଘରଦ୍ୱାର ଛାଡ଼ି ପଡୋଶୀ ମାଲଦା ଜିଲାରେ ଆଶ୍ରୟ ନେଇଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ରାଜ୍ୟ ସରକାର ଇଣ୍ଟରନେଟ୍ ସେବା ବନ୍ଦ କରିବା ସହ ଦଙ୍ଗାଗ୍ରସ୍ତ ଅଞ୍ଚଳରେ ୧୪୪ ଧାରା ଲାଗୁ କରିଥିଲେ। ଘଟଣାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ପୋଲିସ ଏକ ୯ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରିଥିଲା। ସବୁ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବାକୁ କୋଲ୍‌କାତା ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଫୁରସତ୍

## ସବୁଠୁ ଡେଙ୍ଗା, ଗେଡ଼ା କୁକୁରର ଭେଟ

ୱାଶିଂଟନ

ଆମେରିକାର ଇଡାହୋରେ ବିଶ୍ୱର ସବୁଠାରୁ ଡେଙ୍ଗା କୁକୁର ରେଗିନାଲ୍ଡ ଓ ସବୁଠାରୁ ଗେଡ଼ା କୁକୁର ପର୍ଲ ଶନିବାର ପରସ୍ପରକୁ ଭେଟିଛନ୍ତି। ରେଗିନାଲ୍ଡର ବୟସ ୭ ବର୍ଷ ହୋଇଥିବା ବେଳେ ଏହାର ଉଚ୍ଚତା ୩ ଫୁଟ ୪ ଇଞ୍ଚ ରହିଛି। ସେହିପରି ପର୍ଲର ବୟସ ୪ ବର୍ଷ ହୋଇଥିବା ବେଳେ ଏହାର ଉଚ୍ଚତା ମାତ୍ର ୩.୫୯ ଇଞ୍ଚ ରହିଛି। ସମ୍ପ୍ରତି ଉଭୟଙ୍କର ନାମ ବିଶ୍ୱର ସବୁଠାରୁ ଡେଙ୍ଗା ଏବଂ ଗେଡ଼ା କୁକୁର ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ ରହିଛି। ରେଗିନାଲ୍ଡ ଗ୍ରେଟ୍ ଡେନ୍ ପ୍ରଜାତିର କୁକୁର ହୋଇଥିବା ବେଳେ ପର୍ଲ ହେଉଛି ଚିହୁଆହୁଆ ପ୍ରଜାତିର କୁକୁର।

ଇଡାହୋସ୍ଥିତ ରେଗିନାଲ୍ଡର ଘରେ ଯେତେବେଳେ ପର୍ଲ ଓ ତା'ର ମାଲିକାଣୀ ଭାନେସା ସେମଲର ପହଞ୍ଚିଥିଲେ, ସେତେବେଳେ ରେଗିନାଲ୍ଡ ନିଜ ଅତିଥିଙ୍କୁ



ଜୋର୍‌ସୋର୍‌ରେ ସ୍ୱାଗତ କରିଥିଲା। ଉଭୟ କୁକୁରଙ୍କ ଏହି ସାକ୍ଷାତ୍ ଖୁବ୍ ସ୍ୱତନ୍ତ୍ର ଥିଲା ଏବଂ ଏବେ ଏହି ସାକ୍ଷାତ୍‌ର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ଉଭୟ କୁକୁର ଏକାଠି ଖେଳୁଥିବା ଏବଂ ମଜା କରୁଥିବାର ଦେଖିବାକୁ ମିଳୁଛି। ରେଗିନାଲ୍ଡର ମାଲିକ ସାମ୍ ଜନସନ କହିଛନ୍ତି, ଯେବେଠାରୁ ସେ ରେଗିନାଲ୍ଡକୁ ପାଳିଛନ୍ତି ସେବେଠାରୁ ପ୍ରାୟ ଦେଢ଼ ବର୍ଷ ପର୍ଯ୍ୟନ୍ତ ରେଗିନାଲ୍ଡ ଦ୍ରୁତ ଗତିରେ ବଢ଼ିଥିଲା ଏବଂ ଅତ୍ୟଧିକ ଡେଙ୍ଗା ହୋଇଯାଇଥିଲା। ତେବେ ଏତେ ଡେଙ୍ଗା ଏବଂ ଆକାରରେ ବଡ଼ ହୋଇଥିଲେ ମଧ୍ୟ ରେଗିନାଲ୍ଡ ହୃଦୟରୁ ଏବେ ବି ଏକ ଛୋଟ କୁକୁର ଛୁଆ ପରି ବ୍ୟବହାର କରେ ବୋଲି ସାମ୍ କହିଛନ୍ତି। ପର୍ଲର ମାଲିକାଣୀ ଭାନେସା କହିଛନ୍ତି, ଚିହୁଆହୁଆ ପ୍ରଜାତିର ଅନ୍ୟ କୁକୁରଙ୍କ ତୁଳନାରେ ପର୍ଲ ଅତ୍ୟନ୍ତ ଶାନ୍ତ ସ୍ୱଭାବର। ପର୍ଲକୁ ଛାଡ଼ି ତାଙ୍କର ୩ ଅନ୍ୟ କୁକୁର ମଧ୍ୟ ରହିଛନ୍ତି। ତେବେ ପର୍ଲ ତାଙ୍କର ସବୁଠାରୁ ଛୋଟ କୁକୁର ବୋଲି ଭାନେସା କହିଛନ୍ତି। ପର୍ଲ ଏବଂ ରେଗିନାଲ୍ଡ ପରସ୍ପରକୁ ଭେଟିବା ସମୟରେ ଉଭୟେ ପ୍ରଥମ ଥର ପାଇଁ ଭେଟୁଥିବା ପରି ମନେ ହେଉ ନ ଥିଲା। ତେଣୁ ଏହା ତାଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ବୋଲି ଭାନେସା କହିଛନ୍ତି। ଉଭୟ ରେଗିନାଲ୍ଡ ଓ ପର୍ଲର ଅନନ୍ୟ ବନ୍ଧୁତାକୁ ସୋସିଆଲ ମିଡିଆରେ ୟୁଜର୍ସମାନେ ବେଶ୍ ପସନ୍ଦ କରିଛନ୍ତି।

### ୧୭ ବର୍ଷ ପରେ ସୈଫ୍, ଅକ୍ଷୟ୍ ଏକାଠି

ମୁମ୍ବାଇ

ବଲିଉଡ୍‌ର ୨ ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ସୈଫ୍ ଅଲୀ ଖାନ୍ ୧୭ ବର୍ଷର ଲମ୍ବା ଅପେକ୍ଷା ପରେ ପୁଣିଥରେ ବଡ଼ ପରଦାରେ ଏକାଠି ନଜରକୁ ଆସିବେ। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୨୦୧୬ରେ ରିଲିଜ୍ ହୋଇଥିବା ଅଭିନେତା ମୋହନଲାଲଙ୍କ ସୁପରହିଟ ମାଲୟାଲମ ଫିଲ୍ମ 'ଓପ୍ପମ'ର ହିନ୍ଦୀ ରିମେକ୍‌ରେ ଉଭୟ ଅକ୍ଷୟ ଏବଂ ସୈଫ୍‌ଙ୍କୁ ଏକାଠି ଦେଖିବାକୁ ମିଳିବ। ଏହି ଫିଲ୍ମରେ ଅକ୍ଷୟ ଖଳନାୟକ ଭୂମିକାରେ ଏବଂ ସୈଫ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏହା ଏକ ସସ୍‌ପେନ୍ସ ଥ୍ରୀଲର ଫିଲ୍ମ ହୋଇଥିବା ବେଳେ ଏଥିରେ ସୈଫ୍ ଏବଂ ଅକ୍ଷୟଙ୍କ ମଧ୍ୟରେ ଜବରଦସ୍ତ ମୁକାବିଲା ଦେଖିବାକୁ ମିଳିବ ବୋଲି ରିପୋର୍ଟରେ କୁହାଯାଇଛି। ପ୍ରସିଦ୍ଧ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଥିବା ଏହି ଫିଲ୍ମର ଶୁଟିଂ ଆସନ୍ତା ଅଗଷ୍ଟରୁ ଆରମ୍ଭ ହେବ। ୨୦୨୬ରେ ଏହି ଫିଲ୍ମକୁ ରିଲିଜ୍ କରାଯିବା ନେଇ ଯୋଜନା ରହିଛି। ପ୍ରକାଶ ଯେ, ୨୦୦୮ରେ ରିଲିଜ୍ ହୋଇଥିବା 'ଟଶନ' ଫିଲ୍ମରେ ଶେଷଥର ପାଇଁ ଉଭୟ ଅକ୍ଷୟ ଏବଂ ସୈଫ୍ ଏକାଠି ନଜରକୁ ଆସିଥିଲେ।



ସୈଫ୍ ଅଲୀ ଖାନ୍

ଅକ୍ଷୟ କୁମାର

# ଶୃଙ୍ଖଳା ବୈତରଣୀକୁ ନେଇ ପ୍ରଶାସନିକ ତତ୍ପରତା



ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟମାନେ କାନପୁର ଡ୍ୟାମ୍ ପରିଦର୍ଶନ କରୁଛନ୍ତି।

ଯୋଡ଼ା,୪।୫(ମାନସ ମହାନ୍ତି)

## କାନପୁର ଡ୍ୟାମ୍ ପରିଦର୍ଶନ କଲା ଉଚ୍ଚସ୍ତରୀୟ ବୈଷୟିକ ଟିମ୍

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅଞ୍ଚଳରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀବନ୍ଧ ଯୋଜନା କାନପୁର ଡ୍ୟାମରେ ବୈଷୟିକ ତ୍ରୁଟି ଯୋଗୁ ଚିରସ୍ରୋତା ବୈତରଣୀ ନଦୀର ତଳମୁଣ୍ଡ ଶୁଷ୍କ ହୋଇଗଲାଣି। ଏ ସମ୍ପର୍କରେ ଗତ ୨୭ ତାରିଖରେ ଧରିତ୍ରୀରେ ସବିଶେଷ ତଥ୍ୟଭିତ୍ତିକ ଏକ ଖବର 'କାନପୁରଠାରୁ ବୈତରଣୀରେ ଜଳ ପ୍ରବାହ ବନ୍ଦ' ପ୍ରକାଶ ପାଇବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ରବିବାର ସକାଳ ୭ଟାରେ ଉନ୍ନୟନ କମିଶନର ତଥା ଓଡ଼ିଶା ସରକାରଙ୍କ ଜଳସମ୍ପଦ ଯୋଜନା ଏବଂ ଅଭିବୃଦ୍ଧି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ, ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ, କେନ୍ଦୁଝର ଜିଲାପାଳ ବିଶାଲ ସିଂ, ସହକାରୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବିନ୍ଧାଣି, ପ୍ରକଳ୍ପର ମୁଖ୍ୟ ନିର୍ମାଣଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା, ପୁନର୍ବସତି ଓ ଥଇଥାନ ଯନ୍ତ୍ରୀ ଅଜୟ କୁମାର ନାୟକ, ବନ୍ଧର ସହକାରୀ ଯନ୍ତ୍ରୀ ଅମୂଲ୍ୟ ରାଉତ, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ା ପ୍ରମୁଖଙ୍କ ସମେତ ଏକ ଉଚ୍ଚସ୍ତରୀୟ ବୈଷୟିକ ଟିମ୍ ପ୍ରକଳ୍ପର ବିଭିନ୍ନ ସ୍ଥାନକୁ ଯାଇ ପରିଦର୍ଶନ କରିଥିଲା।

କାନପୁର ପ୍ରଦକ୍ଷିଣ ଗୃହରେ ପୂର୍ବାହ୍ନ ୧୦ଟାରେ ଏକ ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା। ପ୍ରୋଜେକ୍ଟର ମାଧ୍ୟମରେ ଯନ୍ତ୍ରୀମାନେ ବନ୍ଧ ସମ୍ପର୍କରେ ଅବଗତ କରାଇଥିଲେ। କାନପୁର ପ୍ରକଳ୍ପର ଅସମ୍ପୂର୍ଣ୍ଣ ଥିବା କାମଗୁଡ଼ିକ ମଧ୍ୟରେ ଡିପ୍ଲସନ ସ୍ଲୁଇସ, ୧୨ଟି ରେଡିଆଲ ଗେଟ, ସ୍ପିଲ ୱେ କଂକ୍ରିଟ କାର୍ଯ୍ୟ ରହିଛି, ଯାହାକି ଏବେ ନିର୍ମାଣ କରାଯାଉଛି। ଡିପ୍ଲସନ ସ୍ଲୁଇସ କାର୍ଯ୍ୟ ଚାଲୁଥିବାରୁ ବୈତରଣୀ ନଦୀକୁ ଜଳ ନିଷ୍କାସନ କରାଯାଇପାରୁନାହିଁ। ନିର୍ମାଣ ପରେ ଏହା ଆରମ୍ଭ କରାଯିବ ବୋଲି ପ୍ରକଳ୍ପ ନିର୍ମାଣ ଯନ୍ତ୍ରୀ ପ୍ରସାଦ ରଞ୍ଜନ ପଣ୍ଡା କହିଛନ୍ତି। ଗସ୍ତରେ ଆସିଥିବା କମିଶନର କହିଛନ୍ତି ଯେ, କାନପୁର ଡ୍ୟାମ୍ ପ୍ରୋଜେକ୍ଟର ସମୀକ୍ଷା କରାଯାଇଛି। ଆସନ୍ତା ଜୁଲାଇ ମାସ ମଧ୍ୟରେ ବନ୍ଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ସମୁଦାୟ ୨୯ହଜାର ହେକ୍ଟର ଜଳସେଚିତ ଅଞ୍ଚଳ ଥିବା ବେଳେ ଚଳିତବର୍ଷ ୧୩ ହଜାର ହେକ୍ଟର ଜମିକୁ ଜଳସେଚିତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଶିଳ୍ପ କମ୍ପାନୀ ଜଳଭଣ୍ଡାରରୁ ଜଳ ଶୋଷି ନେଉଥିବା ପ୍ରଶ୍ନର ଉତ୍ତରରେ କମିଶନର ଗର୍ଗ କହିଥିଲେ ଯେ, ପାନୀୟ ଜଳ ପ୍ରକଳ୍ପ, ଚାଷକୁ ପାଣି ଦିଆଯିବା ପରେ ଶିଳ୍ପ ପାଇଁ ପାଣି ବ୍ୟବସ୍ଥା କରାଯିବ। ଷଥଷ୍ଠ ବନ୍ଧର ତଳମୁଣ୍ଡକୁ ବୈତରଣୀ ଜଳ ଯାଉ ନ ଥିବାରୁ ପ୍ରାୟ ୧୦ଟି ଗ୍ରାମର ଲୋକେ କମିଶନର ଗର୍ଗଙ୍କୁ ଏହାର ଶୀଘ୍ର ସମାଧାନ ପାଇଁ ଅଭିଯୋଗପତ୍ର ଦେଇଥିଲେ। ବନ୍ଧ ଦାୟିତ୍ୱରେ ଥିବା କେତେଜଣ ଅଧିକାରୀ ଗ୍ରାମବାସୀଙ୍କୁ କମିଶନରଙ୍କୁ ଦେଖା କରିବାକୁ ବାରଣ କରିବାରୁ ଶତାଧିକ ଗ୍ରାମବାସୀ କମିଶନର ଗର୍ଗଙ୍କୁ ଘେରିଯାଇ ସେମାନଙ୍କର ଅସୁବିଧା ଜଣାଇବା ସହ ଅଭିଯୋଗପତ୍ର ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ବନ୍ଧର ସମୁଦାୟ କ୍ୟାଚମେଣ୍ଟ ଅଞ୍ଚଳ ୩୫୮ ସ୍କୋୟାର କିଲୋମିଟର ହୋଇଥିବା ବେଳେ ଜଳଭଣ୍ଡାର ଉପର ମୁଣ୍ଡରୁ ୨ଟି ଶିଳ୍ପସଂସ୍ଥା ପାଇପ୍ ଲାଇନ ଜରିଆରେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ପମ୍ପ ହାଉସ ଓ ଇଣ୍ଟେକ ୱେଲ ନିର୍ମାଣ କରୁଛନ୍ତି। ଏହାଦ୍ୱାରା ବନ୍ଧର ଜଳଭଣ୍ଡାରରେ ଜଳ ହ୍ରାସ ପାଇବା ସହିତ ସରକାରୀ ଜଳ ଯୋଗାଣ, ଚାଷ ପ୍ରଭାବିତ ହେବ ବୋଲି ଚାଷୀ ରମାକାନ୍ତ ମହାନ୍ତ, ଧନେଶ୍ୱର ମହାନ୍ତ, ଶଶିଭୂଷଣ ମହାନ୍ତ, ଦିବାକର ମହାନ୍ତ ଏବଂ ବିସ୍ଥାପିତ ସୋନୁ ବାରିକ, ସୁଶୀଲ ବେହେରା, ଘନଶ୍ୟାମ ପଲେଇ ପ୍ରମୁଖ ପ୍ରତିକ୍ରିୟାରେ କହିଛନ୍ତି। ଏହି କମିଶନର ଓ ମୁଖ୍ୟ ଯନ୍ତ୍ରୀ ବନ୍ଧ ନିକଟରେ ନିର୍ମାଣାଧୀନ ଇଣ୍ଟେକ ୱେଲ ପରିଦର୍ଶନରେ ନ ଯିବାରୁ ଚାଷୀ ଏବଂ ବିସ୍ଥାପିତ ଅସନ୍ତୋଷ ପ୍ରକାଶ କରିଛନ୍ତି।

**ଏମ୍‌କେସିଜିରେ ୭ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ**

# ନୋଟିସରେ ସୀମିତ କାର୍ଯ୍ୟାନୁଷ୍ଠାନ

**ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ନିଯୁକ୍ତି ପାଇଥିବା ଅନେକ ଡାକ୍ତର ନିଜ ଡ୍ୟୁଟି ନ କରି ବହୁ ବର୍ଷ ଧରି ଅନୁପସ୍ଥିତ ରହୁଛନ୍ତି। ସେମାନଙ୍କୁ ନୋଟିସ୍ ପରେ ମଧ୍ୟ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ରାଜ୍ୟରେ ଏଭଳି ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଡାକ୍ତର କାର୍ଯ୍ୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିବା କୁହାଯାଉଥିବାବେଳେ ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ହସ୍ପିଟାଲର ୭ ଡାକ୍ତର ରହିଥିବା ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏପରି କି ୨୦୧୬ ମସିହାରୁ ଏମ୍‌କେସିଜି ମେଡିକାଲ୍‌ରୁ କେତେଜଣ ଡାକ୍ତରଙ୍କ ପତ୍ତା ମଧ୍ୟ ମିଳୁନାହିଁ। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ହେବା ସତ୍ତ୍ୱେ ସେହି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ସେମାନଙ୍କୁ ଠାବ ମଧ୍ୟ କରାଯାଇପାରି ନାହିଁ। ଅପରପକ୍ଷରେ ସମ୍ପୃକ୍ତ ଡାକ୍ତରଙ୍କୁ ନୋଟିସ କରାଯିବା ସହ ସରକାରଙ୍କୁ ଏନେଇ ଅବଗତ କରାଯାଇଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହୁଛନ୍ତି।**



ବ୍ରହ୍ମପୁର,୪।୫(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ଦୀର୍ଘଦିନ ଧରି ୭ ଡାକ୍ତରଙ୍କ ଅନୁପସ୍ଥିତି ପ୍ରସଙ୍ଗ ଏବେ ଜଟିଳ ହେବାରେ ଲାଗିଛି। ଡା. ଲକ୍ଷ୍ମୀକାନ୍ତ ସୟ, ଡା. ସୁନିତା ସାହୁ, ଡା.ବିମରଜିତ ପ୍ରଧାନ, ଡା. ଏଲ. ରବିକୁମାର, ଡା.ଚଇତାଳି ବୋଷ, ଡା.ସୁଶ୍ରୀସଙ୍ଗୀତା କର ଓ ଡା.ରାମଚରଣ ଦେଓ ଅନୁପସ୍ଥିତ ଅଛନ୍ତି। ଏହି ଡାକ୍ତରଙ୍କ ମଧ୍ୟରୁ କେତେ ଜଣ ୨୦୧୬ରୁ ଅନୁପସ୍ଥିତ ଥିବା ବେଳେ ଆଉ କେତେ ଜଣ ୨୦୨୨ ପରଠାରୁ କାର୍ଯ୍ୟରେ ଅନୁପସ୍ଥିତ ରହିଛନ୍ତି। ଡା. ଲକ୍ଷ୍ମୀକାନ୍ତ ସୟ ୨୦୨୨ ଜାନୁଆରୀରୁ, ଡା.ସୁନିତା ସାହୁ ୨୦୧୮ ନଭେମ୍ବରରୁ, ଡା.ବିମରଜିତ ପ୍ରଧାନ ୨୦୧୬ ସେପ୍ଟେମ୍ବରରୁ, ଡା.ରବିକୁମାର ୨୦୨୦ ଅକ୍ଟୋବରରୁ, ଡା.ଚଇତାଳି ବୋଷ ୨୦୨୧ ଜୁଲାଇରୁ, ଡା.ସୁଶ୍ରୀ ସଙ୍ଗୀତା କର ୨୦୨୩ ଜୁଲାଇରୁ ଓ ଡା.ରାମଚରଣ ଦେଓ ୨୦୧୬ ଅକ୍ଟୋବରରୁ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି ବୋଲି ଭୁବନେଶ୍ୱରର ପ୍ରଦୀପ କୁମାର ପ୍ରଧାନ ନାମକ ବ୍ୟକ୍ତି ମାଗିଥିବା ଆର୍‌ଟିଆଇ ତଥ୍ୟରୁ ଜଣାପଡ଼ିଛି। ଏହି ଡାକ୍ତରମାନେ ସରକାର ଏବଂ ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଦୀର୍ଘ ଦିନ ଧରି ଛୁଟିରେ ରହିଛନ୍ତି। ଗତବର୍ଷ ସ୍ୱାସ୍ଥ୍ୟମନ୍ତ୍ରୀ ବ୍ରହ୍ମପୁର ଏମ୍‌କେସିଜିକୁ ଆସିଥିବାବେଳେ ଏନେଇ ଅବଗତ କରାଯାଇଥିଲା। ଏମ୍‌କେସିଜି କଲେଜ ଓ ହସପିଟାଲ ପକ୍ଷରୁ ସେମାନଙ୍କୁ ନୋଟିସ ପଠାଯାଇଥିଲା। ମାତ୍ର ଏଯାଏ ସମ୍ପୃକ୍ତ ଡାକ୍ତରମାନେ ନୋଟିସର ଉତ୍ତର ରଖି ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବିନା ଅନୁମତିରେ କାର୍ଯ୍ୟରେ ଅନୁପସ୍ଥିତ ଥିବାରୁ ସେମାନଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ପ୍ରିନ୍ସିପାଲ ଡିନ୍ ସୁଚିତ୍ରା ଦାସ କହିଛନ୍ତି। ଏନେଇ ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର କହିଛନ୍ତି, ଦୀର୍ଘଦିନ ଧରି ଡାକ୍ତର ଅନୁପସ୍ଥିତ ରହିବା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି କରାଯାଇ ଦୃଷ୍ଟି ଆକର୍ଷଣ କରାଯାଇଛି। ସେ ଘଟଣାର ତଦନ୍ତ କରି ବିଚାର କରିବେ ବୋଲି କହିଛନ୍ତି।

ଭାଜପା ଗଞ୍ଜାମ ଜିଲା ଉପସଭାପତି ରାମ କୁମାର ପାତ୍ର କହିଛନ୍ତି, ଡାକ୍ତର ଅନୁପସ୍ଥିତ ଯୋଗୁ ସ୍ୱାସ୍ଥ୍ୟସେବାରେ ଅସୁବିଧା ହେଉଛି। ଲୋକଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଉଥିବାରୁ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରାଯାଇଛି ବୋଲି ସେ କହିଛନ୍ତି। ଏନେଇ ଆଇଆଇସି ସୁଚିତ୍ରା ପରିଡ଼ା କହିଛନ୍ତି ଯେ, କେବଳ ଅଭିଯୋଗ ପାଇଛୁ। ଡାକ୍ତରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆମର କର୍ତ୍ତୃତ୍ୱ ନାହିଁ। ଜିଲାପାଳ କିମ୍ବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଦି ନିର୍ଦ୍ଦେଶ ଆସେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନା ଅଧିକାର କର୍ମୀ ପ୍ରଦୀପ ପ୍ରଧାନଙ୍କ କହିବାନୁସାରେ, ରାଜ୍ୟର ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଡାକ୍ତର ଏଭଳି ନିଜ କାର୍ଯ୍ୟରେ ଦୀର୍ଘଦିନ ଧରି ଅନୁପସ୍ଥିତ ରହିଛନ୍ତି। ସେମାନଙ୍କୁ କେବଳ ନୋଟିସ୍ ଦିଆଯାଉଥିବା କୁହାଯାଉଛି। ଏପରି କି ଇନ୍‌କ୍ୱାରୀ ଚାଲିଛି ଏବଂ ସରକାରଙ୍କୁ ଲେଖି ଜଣାଇଛୁ ବୋଲି ମେଡିକାଲ କର୍ତ୍ତୃପକ୍ଷ କହୁଛନ୍ତି। ସରକାର ତୁରନ୍ତ ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ପ୍ରଧାନ କହିଛନ୍ତି।

# 'ଦୀଘା' କେବେ ଜଗନ୍ନାଥଧାମ ହୋଇପାରିବ ନାହିଁ: ଆଇନମନ୍ତ୍ରୀ

ଭୁବନେଶ୍ୱର,୪।୫
(ରବିନାରାୟଣ ଜେନା)

ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲାର ଉପକୂଳବର୍ତ୍ତୀ ସହର 'ଦୀଘା' କେବେ ହେଲେ ଜଗନ୍ନାଥ ଧାମ ହୋଇପାରିବ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ପରେ ଖୁବ୍‌ଶୀଘ୍ର ପଶ୍ଚିମବଙ୍ଗ ସରକାରଙ୍କୁ ପତ୍ର ଲେଖାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରବିବାର ପୃଥ୍ୱୀରାଜ ଖବରଦାତାଙ୍କୁ କହିଛନ୍ତି, ଶ୍ରୀମନ୍ଦିରର ସଂସ୍କୃତି, ସୁରକ୍ଷା ଓ ବ୍ୟବସ୍ଥାକୁ କୌଣସି ପରିପ୍ରେକ୍ଷୀରେ ସାଲିସ କରାଯିବ ନାହିଁ, ଯାହା ଆମର ଦାୟିତ୍ୱ ଆମେ ତୁଲାଇବୁ। ଆମ ସରକାରରେ ଏଭଳି କୌଣସି କଥା ଗ୍ରହଣୀୟ ନୁହେଁ। ଯଦି ରାଜନୈତିକ ଦୃଷ୍ଟିକୋଣରୁ ଏହାକୁ କିଏ କେଉଁ ଢଙ୍ଗରେ କହୁଥିବେ ତାହା ଅନ୍ୟ କଥା।

ପୃଥ୍ୱୀରାଜ କହିଛନ୍ତି, ସେଠାରେ ଜଗନ୍ନାଥ ଧାମ କରିବାର କୌଣସି କାରଣ ନାହିଁ। ସେମାନେ ମଧ୍ୟ ଜଗନ୍ନାଥ ଧାମ ବୋଲି କହିବାର କିଛି ଅଧିକାର ନାହିଁ। ଜୀବନ ସାରା ଯିଏ କିଛି କରି ନାହାନ୍ତି ସେମାନେ ବଡ଼ବଡ଼ କଥା କହୁଛନ୍ତି, ସେ କଥା ଅପ୍ରାସଙ୍ଗିକ। ବ୍ରହ୍ମ ବିଭ୍ରାଟରୁ ଆରମ୍ଭ କରି କ'ଣ କ'ଣ ସବୁ କରୁଥିଲେ ସମସ୍ତେ ଜାଣିଛନ୍ତି। ଆମେ ଏ ଦିଗରେ ଯାହା ପଦକ୍ଷେପ ନେବା କଥା ତାହା ନେଇଛୁ। ଆଜିର ଦିନରେ ପଶ୍ଚିମବଙ୍ଗ ବିରୋଧୀ ଦଳ, ସାଧାରଣ ଜନତା ମଧ୍ୟ ମମତା ବାନାର୍ଜୀଙ୍କ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଏଥିସହିତ ସମସ୍ତେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି।

ଏନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଗୋଟିଏ ନିର୍ଯ୍ୟାସରେ ସରକାର ପହଞ୍ଚିବେ। ଆଗାମୀ ଦିନରେ ଠାକୁରଙ୍କ ରୀତିନୀତି ହେଉ କି ସେବା ଯୋଗାଇବା କଥା ହେଉ ସବୁ ଦିଗକୁ ସରକାର ଧ୍ୟାନ ରଖିଛନ୍ତି। ବିଶୃଙ୍ଖଳା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁ ସେବାୟତମାନେ ସେଠାକୁ ଯାଇଥିଲେ ସେମାନଙ୍କୁ ଡାକି ପଚରାଉଚରା କରାଯାଉଛି। ସେବାୟତମାନେ ଅତିଥି ଭାବେ ଯାଇପାରିବେ। କିନ୍ତୁ ଅନ୍ୟ କେଉଁଠି ସେବା ପୂଜା କରିବା ଭୁଲ୍ କଥା ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ଟ୍ରାକ୍ଟର ଓଲଟି ଗୋଟିଏ ପରିବାରର ୩ ମୃତ

ଚଣ୍ଡିଖୋଲ,୪।୫(ପ୍ରଦୀପ୍ତ କୁମାର ପୃଷ୍ଟି)

- ବର୍ଷା ଯୋଗୁ ଜମିରୁ ରାତିରେ ଘରକୁ ଫେରୁଥିଲେ
- ଗାଁ ଶ୍ମଶାନରେ ଏକ ସଙ୍ଗେ ହେଲା ଶବଦାହ

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚାଗିନଙ୍ଗଳ ପଞ୍ଚାୟତ ବାହାଦୁର ନଗର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଟ୍ରାକ୍ଟର ଓଲଟି ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବାହାଦୁର ନଗର ଗ୍ରାମର ଉଚ୍ଛବ ଦଳେଇ (୭୦), ତାଙ୍କ ସ୍ତ୍ରୀ ବେଙ୍ଗ ଦଳେଇ (୬୫) ଓ ନାତି ତଥା ସାଉଁଟି ଦଳେଇଙ୍କ ପୁଅ ଶୁକଦେବ ଦଳେଇ (୧୪)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାକୁ ନେଇ ବାଲିଚନ୍ଦ୍ରପୁର ଥାନା ପୋଲିସ ଏକ ମାମଲା(ନଂ.୧୨୩/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପରେ ବାହାଦୁର ନଗର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ଶନିବାର ଉଚ୍ଛବ ନିଜ ଘର ପାଖ କେନାଲ ସେପାଖରେ ଥିବା ଜମିକୁ ହଳ କରିବା ପାଇଁ ଟ୍ରାକ୍ଟର ନେଇ ପରିବାର ସହ ଯାଇଥିଲେ। ଜମିରେ ହଳ କରିବା ସମୟରେ ବର୍ଷା ହେବାରୁ ସମସ୍ତେ ସେଠାରେ ଥିବା ଗଛତଳେ ଅଟକି ଯାଇଥିଲେ। ବର୍ଷା ଛାଡ଼ିବା ପରେ ରାତି ୧୨ଟା ସମୟରେ ଟ୍ରାକ୍ଟରରେ ସମସ୍ତେ ବସି ଘରକୁ ଫେରୁଥିଲେ। ହେଲେ ସତେ ଯେମିତି ବାଟରେ ମୃତ୍ୟୁ ସମସ୍ତଙ୍କୁ ଅପେକ୍ଷା କରିଥିଲା। ଆମ୍ବସୌରି-ଖଡ଼ଗପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ବାହାଦୁର ନଗର ଗାଁମୁଣ୍ଡରେ ଟ୍ରାକ୍ଟରଟି କୌଣସି କାରଣରୁ ହଠାତ୍ ଓଲଟି ପଡିଥିଲା। ଫଳରେ ସମସ୍ତେ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ସମସ୍ତଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ।

ରବିବାର ବ୍ୟବଚ୍ଛେଦ ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଏକ ଶୋଭାଯାତ୍ରାରେ ଶବାଧାରକୁ ତାଙ୍କ ଗ୍ରାମକୁ ଅଣାଯାଇଥିଲା। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିରଞ୍ଜନ ସାହୁ, ବିକ୍ରମ ରାଉତ, ଇକ୍‌ବାଲ ହୁସେନ, ଚାଗିନଙ୍ଗଳ ବଜାର କମିଟି ସଭାପତି ସଞ୍ଜୟ ସାମଲ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଏକ ସଙ୍ଗେ ସମସ୍ତଙ୍କ ମୃତଦେହ ଦାହ କରାଯାଇଥିଲା।

DADLS-21



ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ଜୟନ୍ତୀ
୫ ମଇ, ୨୦୨୫

ସକାଳ – ଘ.୮.୩୦ ମିନିଟ ସମୟରେ ଇ.ଏସ.ଆଇ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

–ମୁଖ୍ୟ ଅତିଥି –
ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଓଡ଼ିଶା
–ମୁଖ୍ୟବକ୍ତା –
ଡଃ ଅଖିଳ ବିହାରୀ ଓତା
ବିଶିଷ୍ଟ ଜନଜାତି ସଂସ୍କୃତି ଗବେଷକ ଏବଂ ଲେଖକ
–ପ୍ରାରମ୍ଭିକ ବକ୍ତବ୍ୟ–
ପ୍ରଫେସର ଡ. ହାଡ଼ିବନ୍ଧୁ ପଟ୍ଟନାୟକ
ସଭାପତି, କେନ୍ଦୁଝର ନାଗରିକ ପରିଷଦ, ଭୁବନେଶ୍ୱର
–ଧନ୍ୟବାଦ ଅର୍ପଣ–
ଶ୍ରୀ ଧ୍ରୁବ କାଲୋ
ସଭାପତି, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱର

ବିଶିଷ୍ଟ କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକ ସଙ୍ଗୀତ ଓ ଜନଜାତି ସଙ୍ଗୀତ ପରିବେଷଣ।

ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦୁଝର ନାଗରିକ ବିକାଶ ପରିଷଦ ଏବଂ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ଆୟୋଜିତ

ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0636/2526

# ୮ରେ ପୁରୁଷୋତ୍ତମପୁର ଆସିବେ ମୁଖ୍ୟମନ୍ତ୍ରୀ

ପୁରୁଷୋତ୍ତମପୁର,୪।୫
(ସୀମାଞ୍ଚଳ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୮ ତାରିଖରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଗସ୍ତ କରିବେ। ଏହି ଅବସରରେ ସେ ଗାଙ୍ଗଦହଣୀ ବିଦ୍ୟାଳୟ ଶତବାର୍ଷିକୀ ଉତ୍ସବରେ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଜିଲାର ସମସ୍ତ ବିଧାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଆସି ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ସ୍ଥିତି ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା, ତହସିଲଦାର ବିନୋଦ ବେହେରା, ବିଡିଓ ଶରତ ପାତ୍ର,ଏବିଡିଓ ନିରାକାର ଯେନା, ଜିଲା ଶିକ୍ଷା ଅଧିକାରୀ ଅଜୟ ପାତ୍ର, ବ୍ଲକ ଶିକ୍ଷା ଅଧିକାରୀ କିଶୋର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଅନୁକମ୍ପା କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟଟି ପ୍ରାକ୍ ସ୍ୱାଧୀନତା (୨୮।୧୦।୧୯୨୫) କାଳରେ ପ୍ରତିଷ୍ଠା ହୋଇଥିଲା। ଏବେ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୪୬୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନୃତ୍ୟଶ୍ରୀର ୯ମ ଜାତୀୟ ସେମିନାର ଓ ନୃତ୍ୟ ମହୋତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବନିମ୍ନ ମଜୁରୀ ସୁନିଶ୍ଚିତ ଦାବିରେ ଏଆଇଟିୟୁସି ପକ୍ଷରୁ ଘେରାଉ, ସ୍ଥାନ: ଶ୍ରମ କମିଶନର ଅଫିସ, ଶ୍ରୀୟା ଟକିଜ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୭ଟା।
- ଓଷ୍ଟା ପକ୍ଷରୁ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଶିବଦୁର୍ଗା ହାଇସ୍କୁଲ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ସମ୍ମିଳନୀ ଆଲୋଚନାଚକ୍ର, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଜଗବନ୍ଧୁ ମେମୋରିଆଲ ଆନ୍ତଃରାଜ୍ୟ ଦିବାରାତ୍ର ଫୁଟ୍‌ବଲ୍ ମ୍ୟାଚ୍, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା,ସମୟ: ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ, ସ୍ଥାନ: ଏମ୍‌କେସିଜି, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ୨୫୩୨ତମ ଜୟନ୍ତୀ ଉପଲକ୍ଷେ ସେବା କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରପଡ଼ା ସହର, ସମୟ: ସକାଳ ସାଢ଼େ ୮ଟା।
- ଧରଣୀଧର ନାୟକ ସ୍ମୃତି ସମାରୋହ, ସ୍ଥାନ: ଦୁର୍ଗାମଣ୍ଡପ ସମ୍ମୁଖ, ରାଜନଗର, ସମୟ: ଅପରାହ୍ନ ୪ଟା।

## ଯାଜପୁର
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଯାଜପୁର ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞର ପଞ୍ଚମ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ଗୋବିନ୍ଦପୁର ବିଜେ ସୋମନାଥ ଦେବଙ୍କ ପୀଠ, ସମୟ: ଭୋର ୫ଟା।
- ଶୁଳିଆ ଠାକୁରାଣୀଙ୍କ ବାର୍ଷିକ ଉତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗୋପୀନାଥପୁର ଶୁଳିଆ ଠାକୁରାଣୀ ପୀଠ, ସମୟ: ସକାଳ ୭ଟା।
- ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ୬ଷ୍ଠ ଦିବସ, ସ୍ଥାନ:ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା
- ଲଡୁବାବାଙ୍କ ଚନ୍ଦନଯାତ୍ରା ଷଷ୍ଠ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଷଷ୍ଠ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ରଘୁନାଥଙ୍କ ଚନ୍ଦନଯାତ୍ରାର ଷଷ୍ଠ ଦିବସ, ସ୍ଥାନ:ଓଡଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା
- ୪ର୍ଥରେ ଚନ୍ଦନଯାତ୍ରା ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଖଣ୍ଡପଡା ପଞ୍ଚାୟତ ସମିତିର ୧୦ମ ଅଧିବେଶନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ପରିସର, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ଓଡଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ସାଢ଼େ ୭ଟା।

## ରାୟଗଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାୟଗଡା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ଗ୍ରାମଦେବୀ ମା' ମୁତ୍ୟାଲାମାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଅବସରରେ ଭାରତଲୀଳା କାର୍ଯ୍ୟକ୍ରମ, ସ୍ଥାନ: କୋଲନରା, ସମୟ: ରାତି ୯ଟା।

## ନବରଙ୍ଗପୁର
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ପୌର ସଂସ୍ଥା କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ପଞ୍ଚାୟତ ସମିତି ବୈଠକ, ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟ ଖସଡ଼ା ପ୍ରସ୍ତୁତି, ସ୍ଥାନ: ତେନ୍ତୁଲିଖୁଣ୍ଟି, ସମୟ: ସକାଳ ୭ଟା।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଗୋଟିଏ ଦେଶ ଗୋଟିଏ ନିର୍ବାଚନ, ସ୍ଥାନ: ନବରଙ୍ଗପୁର ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗୋଟିଏ ଦେଶ ଗୋଟିଏ ନିର୍ବାଚନ ନେଇ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଉମରକୋଟ ସାଇ ଇଣ୍ଟରନ୍ୟାସନାଲ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଜନଶୁଣାଣି ଶିବିର, ସ୍ଥାନ: ନନ୍ଦକା ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ, କୁନ୍ଦୁରା, ସମୟ:ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଢୁମୁରିପଦର ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ ବ୍ଲକ୍, ସମୟ: ୧୦ଟା ୩୦।

## ସମ୍ବଲପୁର
- ଜିଲା ପ୍ରଶାସନ ଆୟୋଜନରେ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଧନକଉଡା ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାକକ୍ଷ, ସମୟ : ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଦର୍ପଣର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ଆଚାର୍ଯ୍ୟ ପ୍ରବୋଧ ନନ୍ଦ ଯୋଗେଶ୍ୱର ସଂସ୍ଥା ପକ୍ଷରୁ ଗୀତା ଅଭିଯାନ, ସ୍ଥାନ : ଗଙ୍ଗାଧର ମେହେର ମହାବିଦ୍ୟାଳୟ ଛକ, ସମୟ ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଜିଲାସ୍ତରୀୟ ଅସୀ ଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପାଟଣାଗଡ, ସମୟ: ସକାଳ ୮ଟା।
- ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- ଓଡ଼ିଶା ଭାଷା ବିକାଶ ମଞ୍ଚ ପକ୍ଷରୁ କାର୍ଲ ମାର୍କ୍ସଙ୍କ ଜୟନ୍ତୀ ପାଳନ, ସ୍ଥାନ: କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଡିଜିନିଲ୍ୟାଣ୍ଡ ମେଳା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସେକ୍ଟର-୧୩, ମେଳଣ ପଡିଆ, ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଶିବିର, ସ୍ଥାନ: ହେମଗିର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରଗଡ଼, ସମୟ: ସକାଳ ୭ଟା।
- ଶିବ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଲୋହରସିଂହ, ଝାରବନ୍ଧ,ସମୟ:ସକାଳ ୭ଟା।
- ଷୋହଳ ପ୍ରହରୀ ନାମଯଜ୍ଞ, ସ୍ଥାନ: ଗୋଠୁଗୁଡ଼ା, ଝାରବନ୍ଧ, ସମୟ:ମଧ୍ୟାହ୍ନ ୧୨ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଫିସ ସମ୍ମୁଖରେ ଟ୍ରେଡ୍ ୟୁନିଅନର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୌଦ୍ଧ, ସମୟ: ସକାଳ ୭ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ପଦଯାତ୍ରା, ସ୍ଥାନ: ଜେଲ ଛକରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି,ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ଡୁଙ୍ଗୁରିପାଲି ବ୍ଲକ ରାମପୁରରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ରାମପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା ୩୦।
- ଉଲୁଣ୍ଡା ବ୍ଲକ ଯାଲୋଏରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଯାଲୋଏ ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୭ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ପିତାମହୁଲ ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ସକାଳ ୭ଟା ୩୦।
- ପ୍ରାଥମିକ ବିଦ୍ୟାଳୟରେ ଖାଲିପଡ଼ିଥିବା ପଦବୀ ପୂରଣ ଓ ୟୁନିଫାଏଡ ଅଟୋମେସନ ସିଷ୍ଟମ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମିଳିତ ଶିକ୍ଷକ ସଂଘର ଦାବିପତ୍ର ପ୍ରଦାନ, ସ୍ଥାନ: ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

# ଗଛରେ ପିଟି ହେଲା ବାଇକ୍: ୨ ମୃତ, ଜଣେ ଗୁରୁତର

**ଉଦଳା,୪।୫ (ସନ୍ତୋଷ କୁମାର ବାଛିନୀ)** ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଭଣ୍ଡାର ଛକ ନିକଟରେ ରବିବାର ଅପରାହ୍ନ ସାଢ଼େ ୫ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଶାଳ ଗଛରେ ବାଇକ୍ ପିଟି ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ରାଣୀପୋଖରୀ ଗ୍ରାମର ଡିବାର ତିରିଆ ଏବଂ ବିର୍ସା ପୂର୍ତ୍ତି। ଗୁରୁତର ଅଶ୍ୱକୁଟି ଗ୍ରାମର ଗୋରା ପୂର୍ତ୍ତିଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ଶରତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଶରତ ଅଞ୍ଚଳରୁ ବାଇକ୍ ଯୋଗେ ୩ ଯୁବକ କଳମଗଡ଼ିଆ ଅଞ୍ଚଳକୁ ଆସୁଥିବା ବେଳେ ପ୍ରଧାନ ଦେହୁରୀ ସାହି ଛକ ନିକଟରେ ଭାରସାମ୍ୟ ହରାଇ ଏକ ଶାଳ ଗଛରେ ପିଟି ହୋଇ ଯାଇଥିଲେ। ଫଳରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ।

# କାଳବୈଶାଖୀ: ୧୬ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୪।୫ (ଅନୁରାଧା ମହାରଣା)** ରାଜ୍ୟରେ କାଳବୈଶାଖୀ ଜାରି ରହିଛି। ଦିନରେ ଖରା ଗୁଳୁଗୁଳି ଓ ଅପରାହ୍ନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ପବନ ଜନଜୀବନକୁ ପ୍ରଭାବିତ କରୁଛି। ରବିବାର କାଳବୈଶାଖୀରେ ସାରା ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟିଥିବାବେଳେ ସୋମବାର ୧୬ ଜିଲା ପାଇଁ ୟେଲୋ ୱାର୍ନିଂ ଓ ୩ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ୟେଲୋ ୱାର୍ନିଂ ଜାରି କରାଯାଇଥିବା ଜିଲାଗୁଡ଼ିକ ମଧ୍ୟରେ ଢେଙ୍କାନାଳ, ଜଗତ୍‌ସିଂହପୁର, କଟକ, ଯାଜପୁର, କେନ୍ଦୁଝର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଅନୁଗୋଳ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ, ଗଜପତି, ଖୋର୍ଦ୍ଧା ଓ ପୁରୀ ରହିଛି। ସେହିପରି ମୟୂରଭଞ୍ଜ, କୋରାପୁଟ ଓ ମାଲକାନାଗିରକୁ ଅରେଞ୍ଜ ୱାର୍ନିଂ ରହିଛି। ସତର୍କ ସୂଚନା ଜାରି ହୋଇଥିବା ଜିଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସହ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ବର୍ଷା ପ୍ରଭାବରେ ରାଜ୍ୟରେ ତାତି ହ୍ରାସ ପାଇଛି।

# ଉତ୍ତରାଖଣ୍ଡରେ ୩୦୦ କେ.ଜି. ଓଜନର ବାଘ

## ଏସିଆର ସର୍ବବୃହତ୍ ବୋଲି ବନ ବିଭାଗର ଅନୁମାନ

**ଡେରାଡୁନ, ୪।୫** ଉତ୍ତରାଖଣ୍ଡର ରାମନଗର ଅଞ୍ଚଳରେ ଥିବା ଜିମ୍ କର୍ବେଟ ଜାତୀୟ ଉଦ୍ୟାନ ଅନ୍ତର୍ଗତ ଫାଟୋ ଟୁରିଜମ ଜୋନ୍ ଏବେ ଚର୍ଚ୍ଚାରେ ରହିଛି। ଏଠାରେ ଥିବା ଏକ ବିଶାଳକାୟ ବାଘ ସମ୍ପ୍ରତି ପର୍ଯ୍ୟଟକ ତଥା ବନ୍ୟପ୍ରାଣୀପ୍ରେମୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବିଶାଳକାୟ ଆକାର ହେତୁ ଏହି ବାଘର ନାମ ହରକ୍ୟୁଲେସ୍ ରଖାଯାଇଛି। ବନ ବିଭାଗ କର୍ମଚାରୀଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଏହି ବାଘର ଓଜନ ପ୍ରାୟ ୩୦୦ କେ.ଜି. ହୋଇଥିବାବେଳେ ଏହାର ଲମ୍ବ ପ୍ରାୟ ୭ ଫୁଟ ରହିଛି। ଉକ୍ତ ଆକଳନ ଅନୁଯାୟୀ, ହରକ୍ୟୁଲେସକୁ ଏସିଆର ସବୁଠାରୁ ବଡ଼ ବାଘ ଭାବେ ମାନ୍ୟତା ମିଳିବା ନେଇ ସମ୍ଭାବନା ଥିବା ବନ କର୍ମଚାରୀ ତଥା ବନ୍ୟପ୍ରାଣୀପ୍ରେମୀମାନେ ଅନୁମାନ କରୁଛନ୍ତି। ହରକ୍ୟୁଲେସକୁ ନେଇ ତେରେଇ ପଶ୍ଚିମ ବନ ଡିଭିଜନର ବିଭାଗୀୟ ବନ ଅଧିକାରୀ (ଡିଏଫ୍‌ଓ) ପ୍ରକାଶ ଆର୍ଯ୍ୟା କହିଛନ୍ତି, ସେ ତାଙ୍କ ପୂରା କ୍ୟାରିୟରରେ କେବେ ମଧ୍ୟ ଏତେ ବଡ଼ ଏବଂ ବିଶାଳକାୟ ବାଘ ଦେଖିନାହାନ୍ତି। ଏହା ଫାଟୋ ଟୁରିଜମ ଜୋନ୍‌ର ସମୃଦ୍ଧ ଜୈବବିବିଧତା ଏବଂ ବନ ବିଭାଗର ସଫଳ ପରିଚାଳନାକୁ ଦର୍ଶାଉଥିବା ସେ କହିଛନ୍ତି।



ତେବେ ହରକ୍ୟୁଲେସ ଏସିଆର ସବୁଠାରୁ ବଡ଼ ବାଘ ହୋଇଥିବା ନେଇ ବର୍ତ୍ତମାନ ସୁଦ୍ଧା ପ୍ରମାଣିତ ହୋଇ ନ ଥିବାରୁ ଏଥିନିମନ୍ତେ ଧୈର୍ଯ୍ୟ ରଖିବାକୁ ସେ ପର୍ଯ୍ୟଟକଙ୍କୁ ପରାମର୍ଶ ଦେଇଛନ୍ତି। ବନ ବିଭାଗ ପକ୍ଷରୁ ହରକ୍ୟୁଲେସର ଗତିବିଧି ଉପରେ କଡ଼ା ନଜର ରଖାଯାଉଛି। ଅଧିକାରୀମାନେ ହରକ୍ୟୁଲେସର ଗତିବିଧିକୁ ଟ୍ରାକ୍ କରିବା ସହ ଏହା ବିଷୟରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବା ପାଇଁ ସମଗ୍ର ଅଞ୍ଚଳରେ କ୍ୟାମେରା ଟ୍ରାପ୍ ବିଛାଇଛନ୍ତି। ଏସିଆର ସବୁଠାରୁ ବଡ଼ ବାଘ ଭାବେ ହରକ୍ୟୁଲେସକୁ ମାନ୍ୟତା ମିଳିଲେ ରାମନଗରସ୍ଥିତ ଫାଟୋ ଟୁରିଜମ ଜୋନ୍‌କୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧାନଟାଏ
ଧାନ ଭିତରେ ଚାଉଳଟାଏ।**

ଧାନ ଭିତରେ ଚାଉଳ ରହିଥିବା କଥା ସମସ୍ତେ ଜାଣିଥାନ୍ତି। ତେଣୁ ଯେଉଁ କଥା ସମସ୍ତେ ଜାଣନ୍ତି, ତାହାକୁ ଗୋପନୀୟ ଭାବରେ ବଖାଣିବା ନିଷ୍ପ୍ରୟୋଜନ। ସାମାନ୍ୟ କଥା ପାଇଁ ବିଶେଷ ଆନ୍ଦୋଳନ ଲାଗିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧରମର ଗୋରୁ
କରମକୁ ଆସେ।**

ନିରାଶ୍ରୟ ବ୍ୟକ୍ତିର ଗାଈ ବାଛୁରୀ ଚରିବାକୁ ଯାଇ ଆପେ ଫେରିଆସୁଥିବାର ଲୋକବିଶ୍ୱାସ ରହିଛି। ସତ୍ ଧର୍ମ ନ୍ୟାୟ ପଥରେ ଚାଲୁଥିବା ବ୍ୟକ୍ତିଙ୍କୁ ଈଶ୍ୱରଙ୍କ କୃପା ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୧୦୦ ଚାରା ଲଗାଇ ୨ବର୍ଷ ଯାଏ ରକ୍ଷଣାବେକ୍ଷଣ ନିର୍ଦ୍ଦେଶ

## ଜାମିନ ପ୍ରଦାନବେଳେ ଆବେଦନକାରୀଙ୍କୁ ହାଇକୋର୍ଟଙ୍କ ସଂସ୍କାରଧର୍ମୀ ସର୍ତ୍ତ

**କଟକ,୪।୫(କାର୍ତ୍ତିକ ସାହୁ)** ଆଗାମୀ ବର୍ଷାଋତୁରେ ୧୦୦ ଚାରା ଲଗାଇବା ପାଇଁ ହାଇକୋର୍ଟ ଜଣେ ଆବେଦନକାରୀଙ୍କୁ ଜାମିନ ପ୍ରଦାନ ବେଳେ ସଂସ୍କାରଧର୍ମୀ ସର୍ତ୍ତ ଆରୋପ କରିଛନ୍ତି। ଚାରା ରୋପଣ କରିବା ପରେ ୨ବର୍ଷ ଯାଏ ସେଗୁଡ଼ିକର ରକ୍ଷଣାବେକ୍ଷଣ କରିବାକୁ ଶୁକ୍ରବାର ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଆଦେଶ ଦେଇଛନ୍ତି। ଆବେଦନକାରୀ ଜଣକ ହେଲେ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅଞ୍ଚଳର ଅରୁଣ କୁମାର ନାୟକ। ଏକ ମାମଲାରେ ଗିରଫ ହୋଇ ସେ ୨୦୨୧ ଏପ୍ରିଲ ୪ରୁ ଜେଲରେ ରହିଛନ୍ତି।

ହାଇକୋର୍ଟଙ୍କ ଜାମିନ ସର୍ତ୍ତ ଅନୁଯାୟୀ, ଆବେଦନକାରୀ ଚଳିତ ବର୍ଷାଋତୁରେ ଆମ୍ବ, ନିମ୍ବ, ତେନ୍ତୁଳି ଭଳି ସ୍ଥାନୀୟ କିସମର ୧୦୦ଟି ଚାରା ତାଙ୍କ ଗ୍ରାମର ଚତୁଃପାର୍ଶ୍ୱରେ ଥିବା ସରକାରୀ ଜମି, ଗୋଷ୍ଠୀଗତ ଜମି କିମ୍ବା ତାଙ୍କ ନିଜର ତଥା ପରିବାର ସଦସ୍ୟଙ୍କ ଜମିରେ ରୋପଣ କରିବେ। ଚାରା ଲଗାଇବା ନିମନ୍ତେ ଉପଯୁକ୍ତ ଜମି ନ ମିଳିଲେ ରାଜସ୍ୱ ଅଧିକାରୀ ତାଙ୍କୁ ଜମି ଚିହ୍ନଟରେ ସହଯୋଗ କରିବେ। ଏଥିସହ ସେ ସ୍ଥାନୀୟ ଥାନାରେ ପ୍ରତି ସୋମବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ମଧ୍ୟରେ ହାଜର ହେବେ। ଜାମିନରେ ଥିବା ପର୍ଯ୍ୟନ୍ତ କୌଣସି ପ୍ରକାର ଅପରାଧରେ ସାମିଲ ହେବେ ନାହିଁ। ମୂଳ ମାମଲାର ସାକ୍ଷୀମାନଙ୍କୁ କୌଣସି ପ୍ରକାର



ପ୍ରଭାବିତ କରିବେ ନାହିଁ। ଉପରୋକ୍ତ ସର୍ତ୍ତରେ କୌଣସି ଖିଲାପ ହେଲେ ଜାମିନ ଖାରଜ ହେବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏଥିସହ ସମ୍ପୃକ୍ତ ଥାନାର ଆଇଆଇସି ସ୍ଥାନୀୟ ବନ ଅଧିକାରୀଙ୍କ ସହଯୋଗରେ ଆବେଦନକାରୀ ଚାରା ରୋପଣ କରିଛନ୍ତି କି ନାହିଁ ତଦାରଖ କରିବାକୁ ଆଦେଶ ଦେଇଛନ୍ତି। କେବଳ ସେତିକି ନୁହେଁ, ଆବେଦନକାରୀ ସ୍ଥାନୀୟ ଥାନାରେ ସତ୍ୟପାଠ ଦାଖଲ କରି ସେ ଚାରା ଲଗାଇ ସାରିଛନ୍ତି ଓ ସେଗୁଡ଼ିକୁ ୨ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବେ ବୋଲି ଉଲ୍ଲେଖକରି ନିଶ୍ଚିତ କରାଇବେ। ଜିଲା ନର୍ସରି ଅଥବା ଜିଲା ବନ ଅଧିକାରୀ ଆବେଦନକାରୀଙ୍କୁ ଚାରାଗୁଡ଼ିକ ଯୋଗାଇଦେବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ପାଟକୁରା ଥାନାର ମାମଲା ଅନୁସାରେ ଆବେଦନକାରୀ ଓ ଅପରପକ୍ଷରେ ଥିବା ମହିଳାଙ୍କ ପରିବାର ମଧ୍ୟରେ ହିଂସାତ୍ମକ ମନୋଭାବ ରହିଥିଲା। ୨୦୨୧ ମାର୍ଚ୍ଚ ୨୪ରେ ଆବେଦନକାରୀ ଓ ଅନ୍ୟମାନେ ଅପରପକ୍ଷ ମହିଳାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଘରେ ପଶି ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଏହାକୁ ମହିଳାଙ୍କ ଅଙ୍କଲ ରମାକାନ୍ତ ନାୟକ ବିରୋଧ କରିଥିଲେ। ମାତ୍ର ଆବେଦନକାରୀ ଓ ଅନ୍ୟମାନେ ତାଙ୍କ ମୁଣ୍ଡକୁ ଏକ ଠେଙ୍ଗାରେ ପ୍ରହାର କରିଥିଲେ। ସେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମହିଳାଙ୍କ ଏତଲାକ୍ରମେ ପାଟକୁରା ଥାନାରେ ମାମଲା ରୁଜୁ ହୋଇଥିଲା। କେନ୍ଦ୍ରାପଡ଼ା ସେସନ୍ସ ଜଜ୍ କୋର୍ଟରେ ମାମଲାର ବିଚାର ଚାଲିଛି। ପୂର୍ବରୁ ଆବେଦନକାରୀ ଜାମିନ ଆବେଦନ କରିଥିଲେ। ଟ୍ରାଏଲ କୋର୍ଟ ୪ ମାସ ମଧ୍ୟରେ ବିଚାର ସାରିବାକୁ ହାଇକୋର୍ଟ ୨୦୨୪ ଅଗଷ୍ଟ ୧୨ରେ ଆଦେଶ ଦେଇଥିଲେ। ମାତ୍ର ନିର୍ଦ୍ଧାରିତ ସମୟରେ ମାମଲାର ବିଚାର ନ ସରିବାରୁ ଜାମିନ ପ୍ରଦାନ ପାଇଁ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଯୁକ୍ତି ଦର୍ଶାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମାନସିକ ଅସ୍ଥିରତା ରହିଲେ ମଧ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ପରିସ୍ଥିତି ପୂର୍ବପରି ରହିବ। ଆଶା କରୁଥିବା ଦିଗରୁ ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ସମ୍ମାନ ଅବ୍ୟାହତ ରହିବ। ପରିବାରରେ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କୃତ୍ତିକା ନକ୍ଷତ୍ର ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ** ମାନସିକ ଧୈର୍ଯ୍ୟ ରହିଥିବା ହେତୁ କୌଣସି ସମସ୍ୟା କାମକୁ ଅଟକାଇପାରିବ ନାହିଁ। ଅର୍ଥନୈତିକ ପ୍ରଗତି ଓ ପାରିବାରିକ ସ୍ଥିରତା ସାମୂହିକ ଜୀବନଯାତ୍ରାକୁ ସୁଖମୟ କରିବ। କର୍ମକ୍ଷେତ୍ରରେ ସହକର୍ମୀମାନେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ମୃଗଶିରା ନକ୍ଷତ୍ରର ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହି ନ ପାରେ।

**ମିଥୁନ** ପୂର୍ବରୁ ରହିଆସିଥିବା ସମସ୍ୟା ସମାଧାନ ହେବା କାରଣରୁ ମାନସିକ ଶାନ୍ତି ପାଇବେ। ସାମାଜିକ ସ୍ତରରେ ଆନୁଷ୍ଠାନିକ କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆର୍ଦ୍ରା ନକ୍ଷତ୍ର ସକାଶେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ। ଆଜିର ଯାତ୍ରା, ବାଣିଜ୍ୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ନିଷ୍ଫଳ ହେବନାହିଁ।

**କର୍କଟ** ସାମାଜିକ ସ୍ତରରେ ଆଦର, ଅଭ୍ୟର୍ଥନା ପାଇବା ସାଙ୍ଗକୁ ସମ୍ମାନଜନକ ସ୍ଥିତିରୁ ବହୁତ ଖୁସି ରହିବେ। କର୍ମକ୍ଷେତ୍ରରେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ହେବ। ପୁନର୍ବସୁ ନକ୍ଷତ୍ର ପାଇଁ ଆତ୍ମୀୟମାନେ ପ୍ରତ୍ୟେକ କ୍ଷେତ୍ର ସକାଶେ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। କାମର ଚାପ ବୃଦ୍ଧି ଯୋଗୁ ପରିବାରର କେତେକ କାମ ଅଟକି ରହିଯିବ।

**ସିଂହ** ଆଜିର କର୍ମକ୍ଷେତ୍ରରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ କାର୍ଯ୍ୟ ସାଧିତ ହେବ। ବନ୍ଧୁଙ୍କ ସହ ଆଲୋଚନାରେ ଦ୍ୱନ୍ଦ୍ୱରେ ପଡି ସହକର୍ମୀଙ୍କ ପରାମର୍ଶକୁ ଗୁରୁତ୍ୱ ଦେଇ ନ ପାରନ୍ତି। ପାରିବାରିକ କଳହଜନିତ କାମ ଉତ୍ସାହପ୍ରଦ ହେବ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ବୁଝିବିଚାରି କାମ କରିବା ଦ୍ୱାରା ଆଜିର କାର୍ଯ୍ୟଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ସାଧାରଣ ଯୁକ୍ତିତର୍କରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ବ୍ୟବସାୟ ଓ ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା ବିଷୟରେ ଚିନ୍ତା କରିପାରନ୍ତି। ହସ୍ତା ନକ୍ଷତ୍ର ସକାଶେ ପାରିବାରିକ ସ୍ଥିତି ବିଶେଷ ଭଲ ରହିବ।

**ତୁଳା** ଆଜି ସକାଳୁ ଶୁଭ ଖବର ପାଇ ଖୁସି ହୋଇଯିବେ। ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବେ ଏବଂ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଆଜି ଆପଣଙ୍କୁ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ସ୍ୱାତୀ ନକ୍ଷତ୍ର ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** ନିଜର କାମ ହାସଲ ସକାଶେ ସମ୍ପର୍କୀୟମାନଙ୍କୁ ନିଜ ସପକ୍ଷରେ ଆଣିବାରେ ସମର୍ଥ ହେବେ। ଭୁଲ୍ ବୁଝାମଣା ଜନିତ ମତାନ୍ତର ସୃଷ୍ଟି ହେବା କାରଣରୁ ପାରିବାରିକ କଳହର ଆଶଙ୍କା ରହିଛି। ସାମାଜିକ କ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ଦେଇ ପ୍ରଶଂସିତ ହେବେ। ଅନୁରାଧା ନକ୍ଷତ୍ର ବାଣିଜ୍ୟ ଓ ପରିବହନରେ ଲାଭବାନ୍ ହେବେ।

**ଧନୁ** ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ସବୁ କାମ ଠିକ୍ ହୋଇଯିବ। ମୂଳା ନକ୍ଷତ୍ର ପାଇଁ ନିଜ ଲୋକମାନେ ବିଶ୍ୱାସଘାତକତା କରିବାର ସୂଚନା ରହିଛି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ଯିବାରେ ଅସୁବିଧା ହେବ ନାହିଁ। ସଭାସମିତିରେ ଯୋଗ ଦେଇପାରନ୍ତି କିମ୍ବା ଜମିଜମା କାରବାରରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବ।

**ମକର** ଧନିଷ୍ଠା ନକ୍ଷତ୍ର ସକାଶେ ଆଜିର ଯାତ୍ରା, ବାଣିଜ୍ୟ, ତଥା ପାରିବାରିକ ଜୀବନକୁ ପ୍ରଭାବିତ କରିପାରେ। ପରୋକ୍ଷ ଶତ୍ରୁତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନିଜ ଲୋକଙ୍କ ଦ୍ୱାରା ସମସ୍ୟାଗ୍ରସ୍ତ ହେବେ। ବନ୍ଧୁଙ୍କ ସହ ଆଲୋଚନା କରି ମାଙ୍ଗଳିକ କାର୍ଯ୍ୟ ସକାଶେ ଯୋଜନା କରିବେ। ଦୂରଦର୍ଶିତା ହେତୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କୁମ୍ଭ** ଅଟକି ରହିଥିବା କାମ ଆଜି ସୁବିଧାରେ ସମ୍ପନ୍ନ ହୋଇଯିବ। ପୂର୍ବଭାଦ୍ରପଦ ନକ୍ଷତ୍ରର ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପୂର୍ବ ଶତ୍ରୁତାକୁ ନେଇ ଆତ୍ମୀୟମାନଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ** ରେବତୀ ନକ୍ଷତ୍ରର ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ଏକ ପ୍ରକାର ନିୟନ୍ତ୍ରଣାଧୀନ ରହିବ। ପରିବାର ପାଇଁ ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ଆଜିର ଅର୍ଥ ସଂଗ୍ରହର ପ୍ରଚେଷ୍ଟା ନିଷ୍ଫଳ ହେବ ନାହିଁ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ସତ୍‌ସଙ୍ଗ, ଆନୁଷ୍ଠାନିକ କ୍ଷେତ୍ରରୁ ସୁଫଳ ମିଳିବ।

ଆଜି ମେ ୫ ତାରିଖ, ବିଶ୍ୱ ଆଥ୍‌ଲେଟିକ୍ସ ଦିବସ, ବିପ୍ଳବୀ ଧରଣୀଧର ନାୟକ(ଭୂୟାଁ)ଙ୍କ ଜନ୍ମ ଦିବସ, ନୀଳାଦ୍ରି ମହୋଦୟାଷ୍ଟମୀ, ବୈଶାଖ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ ସୋମବାର। ରାଶି ନକ୍ଷତ୍ର ଦିବା ଘ.୦୨.୦୨ ମି. ପର୍ଯ୍ୟନ୍ତ ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୧୯ ଗତେ ଘ.୦୬.୫୫ ମଧ୍ୟେ, ଘ.୧୦.୨୬ ଗତେ ଘ. ୦୧.୦୦ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ.୦୬.୫୫ ଗତେ ଘ.୦୮.୩୧ ମଧ୍ୟେ ରାହୁକାଳ।

## ସାପ କାମୁଡ଼ାରେ ଝିଅ ମୃତ, ମା' ଓ ପୁଅ ଗୁରୁତର

**କେନ୍ଦୁଝର,୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ କୃଷ୍ଣପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବିଷଧର ସାପ କାମୁଡ଼ାରେ ଝିଅର ମୃତ୍ୟୁ ଘଟିଥିବା ବେଳେ ମା' ଓ ପୁଅ ଗୁରୁତର ହୋଇଛନ୍ତି। ମୃତା ନାବାଳିକା ହେଲେ ଶମ୍ଭୁନାଥ ଜୁଆଙ୍ଗଙ୍କ ଝିଅ ସୋମବାରୀ(୧୦)। ଗୁରୁତର ଶମ୍ଭୁନାଥଙ୍କ ସ୍ତ୍ରୀ କଇଁତା (୩୨) ଓ ପୁଅ ପରମେଶ୍ୱର (୨) ଚିକିତ୍ସା ପାଇଁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ସମସ୍ତେ ଘରେ ଖାଇପିଇ ତଳେ ଶୋଇଥିଲେ। ରବିବାର ସକାଳୁ ଶମ୍ଭୁନାଥ ସ୍ତ୍ରୀ କଇଁତାଙ୍କୁ ଉଠାଇବାକୁ ଯାଇଥିବା ବେଳେ ଘରେ ଏକ ପାହାଡ଼ିଆ ଚିତି ସାପ ଦେଖିଥିଲେ। କଇଁତାଙ୍କ ସହିତ ଝିଅ ଓ ପୁଅ ଅଚେତ ଅବସ୍ଥାରେ ପଡ଼ିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ପୂର୍ବାହ୍ନ ୧୦ଟାରେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଝିଅ ସୋମବାରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ୨ ବର୍ଷର ପୁଅଟି ମା' କ୍ଷୀର ଖାଇଥିବାରୁ ଗୁରୁତର ହୋଇ ପଡ଼ିଥିବା ସନ୍ଦେହ କରାଯାଉଛି। ତାକୁ ଅବଜରଭେଶନରେ ରଖାଯାଇଛି ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୪/୨୫) ରୁଜୁ ହୋଇଥିବା ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର କହିଛନ୍ତି।

# ଭାଷାଭିତ୍ତିକ ସାମ୍ବାଦିକତାର ଗୁରୁତ୍ୱ ଓ ସୁଯୋଗ



**ଡ. ବିରଞ୍ଚି ନାରାୟଣ ସେଠ୍**

**(ଆଇଆଇଏମ୍‌ସି ଓ ଓଡ଼ିଆ ସାମ୍ବାଦିକତା ବିଭାଗର ୨୫ ବର୍ଷ ଅବସରରେ)**

ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନତା ସମୟରୁ ଗଣମାଧ୍ୟମର ଭୂମିକା ସମସ୍ତଙ୍କୁ ଜଣା। ଗଣତନ୍ତ୍ରରେ ଗଣମାଧ୍ୟମକୁ ଅଣଦେଖା କରି ଶାସନ କରିବା କଷ୍ଟକର। ଏଥିରେ ଶାସିତ ହେଉଥିବା ଲୋକର କ୍ଷତି ହୁଏ ଏବଂ ଗଣମାଧ୍ୟମକୁ ଦମନ କରି ଲୋକଙ୍କ ପାଇଁ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟ କରିବାଟା ସଫଳ ହୁଏ ନାହିଁ। ସମ୍ବିଧାନର ଧାରା-୧୯ରେ ନାଗରିକ ବାକ୍ ସ୍ୱାଧୀନତା ରହିଛି। ତେଣୁ ଶାସନରେ କିମ୍ବା ସମାଜରେ ହେଉଥିବା ତ୍ରୁଟି ବିଚ୍ୟୁତିକୁ ସମାଲୋଚନା କରି ମତବ୍ୟକ୍ତ କରିବାର ଅଧିକାର ରହିଛି। ବିନା ଭୟ ଓ ସଙ୍କୋଚରେ ଗଣମାଧ୍ୟମ ମତବ୍ୟକ୍ତ କରିପାରିବ। ସବୁଠାରୁ ବଡ଼ କଥା ହେଉଛି ନିଜ ଭାଷାରେ ମତବ୍ୟକ୍ତ କରିବା। ତାହା କରିପାରିଲେ ପ୍ରକୃତ ଭାବ ତଥା ଚିନ୍ତାଧାରା ଅନେକ ଲୋକଙ୍କ ପାଖରେ ପହଞ୍ଚି ପାରିବ। ସେଥିପାଇଁ ଭାଷାଭିତ୍ତିକ ସାମ୍ବାଦିକତାର ଗୁରୁତ୍ୱ ଓ ଆବଶ୍ୟକତା ରହିଛି। ଦେଶର ବିଭିନ୍ନ ରାଜ୍ୟରେ ଥିବା ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ଓ ଗଣ ଯୋଗାଯୋଗର ପାଠ୍ୟକ୍ରମ ଚାଲିଛି। କେଉଁଠି ପିଜି ଡିପ୍ଲୋମା ତ କେଉଁଠାରେ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଦୁଇ ବର୍ଷିଆ ପାଠ୍ୟକ୍ରମ।

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଦେଶର ୬ଟି ସ୍ଥାନରେ ଦିଲ୍ଲୀକୁ ମିଶାଇ ପିଜି ଡିପ୍ଲୋମା, ଡିଗ୍ରୀ ସାମ୍ବାଦିକତାର ବହୁ ଛାତ୍ରୀଛାତ୍ର ଅଧ୍ୟୟନ କରି ବିଭିନ୍ନ ମିଡିଆ ହାଉସ ଓ ଶିକ୍ଷା ବ୍ୟବସ୍ଥାରେ ଦେଶ ବିଦେଶରେ କାର୍ଯ୍ୟରତ। ବହୁ ଛାତ୍ରୀଛାତ୍ର ମଧ୍ୟ ଅଧ୍ୟାପନା କରୁଛନ୍ତି। ବିଭିନ୍ନ ଭାଷାରେ ସାମ୍ବାଦିକତା ପଢ଼ିବାର ସୁଯୋଗ ରହିଛି। ପ୍ରଶ୍ନ ଉଠେ ଯେ, ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷା ପରେ ଛାତ୍ରୀଛାତ୍ରମାନେ କରିବେ କ'ଣ ? କେବଳ ଇଂଲିଶ ଭାଷାରେ ପଢୁଥିବା ଛାତ୍ରୀଛାତ୍ରମାନେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ପଢ଼ିପାରିବେ ଏବଂ ସାମ୍ବାଦିକତାକୁ ବୃତ୍ତି କରିପାରିବେ ; ତାହା ନୁହେଁ। ସାମ୍ବାଦିକତା ପାଠ୍ୟକ୍ରମ ପଢ଼ିଥିବା ଶିକ୍ଷାର୍ଥୀଟିଏ ପାଇଁ ମଧ୍ୟ ଏହା ସହଜ ହୋଇଥାଏ। ଏହା ସଙ୍ଗେ ସଙ୍ଗେ ଟେକ୍ନୋଲୋଜି ଓ ବିଜ୍ଞାନର ଆଧୁନିକୀକରଣ ଯୋଗୁ ଓଡ଼ିଆ ଭାଷାରେ ମଧ୍ୟ ସାମ୍ବାଦିକତା ପଛରେ ନାହିଁ। ଇଂଲିଶ ଖବରକାଗଜ ହେଉ କିମ୍ବା ଟିଭି ଚାନେଲ ମାଧ୍ୟମରେ ଜାତୀୟ ଗଣମାଧ୍ୟମ ତୁଳନାରେ ଓଡ଼ିଆ ଭାଷାର ଗଣମାଧ୍ୟମ ଆଗେଇ ଚାଲିଛି।

ଡିଜିଟାଲ ଟେକ୍ନୋଲୋଜିର ଦ୍ରୁତ ଗତି ଦେଖି ଓଡ଼ିଆ ଭାଷାରେ ସାମ୍ବାଦିକତାର ଗୁରୁତ୍ୱ ଓ ଆବଶ୍ୟକତା ରହିବା ସଙ୍ଗେସଙ୍ଗେ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଯେକୌଣସି ଛାତ୍ରୀଛାତ୍ର ଇଂଲିଶରେ ପଢ଼ିଥିବା ଛାତ୍ରୀଛାତ୍ରଙ୍କ ସହ ସମକକ୍ଷ ହୋଇପାରୁଛନ୍ତି। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଆଇଆଇଏମ୍‌ସିର ଛାତ୍ରୀଛାତ୍ରମାନେ ମଧ୍ୟ ଇଂଲିଶ ଜାତୀୟ ଖବରକାଗଜ ଓ ନ୍ୟୁଜ ଏଜେନ୍ସିରେ ସଫଳତାର ସହ ବହୁବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଇଂଲିଶ ଭାଷା ସହ ମାତୃଭାଷାରେ ଦକ୍ଷତା ରହିଲେ ସାମ୍ବାଦିକତା କ୍ଷେତ୍ରରେ ସଫଳତା ଶୀଘ୍ର ଆସେ। ଓଡ଼ିଆ ଭାଷାରେ ସାମ୍ବାଦିକତା ଶିକ୍ଷା ଲାଭ କରି ଛାତ୍ରୀଛାତ୍ରମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଚାକିରିର ସୁଯୋଗ ରହିଛି ; ଯଥା ଟିଭି ଦୂରଦର୍ଶନ ସହ ଅନ୍ୟାନ୍ୟ ଚାନେଲ, ଛାପା ଗଣମାଧ୍ୟମ, ଅଲ୍ ଇଣ୍ଡିଆ ରେଡିଓ, ଘରୋଇ ରେଡିଓ ସେଣ୍ଟର, କମ୍ୟୁନିଟି ରେଡିଓ, ଜନସମ୍ପର୍କ, ବିଜ୍ଞାପନ ସଂସ୍ଥା, ଶିଳ୍ପ କାରଖାନାରେ କର୍ପୋରେଟ କମ୍ୟୁନିକେଶନ, ନ୍ୟୁଜ ଏଜେନ୍ସି, ଡିଜିଟାଲ ମିଡିଆ, ୟୁଟ୍ୟୁବ ଚାନେଲରେ ସ୍ୱାବଲମ୍ବୀ ହେବା, ସାମାଜିକ ଗଣମାଧ୍ୟମ, ନ୍ୟୁଜ ପୋର୍ଟାଲ, ସରକାରୀ ସଂସ୍ଥାରେ ଓପିଏସ୍‌ସି ମାଧ୍ୟମରେ(ଓଡ଼ିଆ ସୂଚନା ସେବା) କୃତିତ୍ୱ ଅର୍ଜନ କରିବା ପରେ ଜିଲାସ୍ତରରେ ଓ ଉପଖଣ୍ଡସ୍ତରରେ ଜନସମ୍ପର୍କ ଅଧିକାରୀ, କେନ୍ଦ୍ରୀୟ ସ୍ତରରେ ଆଇଆଇଏସ୍ (ଭାରତୀୟ ସୂଚନା ସେବା) ଅଧିକାରୀ ହୋଇ କେନ୍ଦ୍ର ସରକାର ଅଧୀନରେ କାମ କରିପାରିବେ। ଏହି ପାଠ ଆଧାରରେ ସାମ୍ବାଦିକତାରେ ଉଚ୍ଚଶିକ୍ଷା ଲାଭ କରି ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟାପନା ପାଇଁ ଯେଉଁମାନେ ଆଗ୍ରହୀ ସେମାନେ ମଧ୍ୟ ଶିକ୍ଷକତା କ୍ଷେତ୍ରକୁ ଆସିପାରିବେ।

ଗଣତନ୍ତ୍ରକୁ ମଜଭୁତ କରିବା ପାଇଁ ଜନସାଧାରଣଙ୍କୁ ଠିକ୍ ଖବର ଦେବାକୁ ହୁଏ। ସବୁବେଳେ କିପରି ବିଶ୍ୱସ୍ତ ସୂତ୍ରରୁ ଖବର ସଂଗ୍ରହ କରିହେବ ଏବଂ ତା'ର ଉପଯୁକ୍ତ ପ୍ରସାର କରିବା ପାଇଁ ତାଲିମ ଓ ଶିକ୍ଷାର ଆବଶ୍ୟକତା ରହିଛି। ଦକ୍ଷ ତାଲିମ ଦେବା ଓ ଠିକ୍ ଭାବେ ଶିକ୍ଷାଦାନ କରାଇବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦକ୍ଷ ଶିକ୍ଷକଙ୍କ ସଂଖ୍ୟା, ଭିତ୍ତିଭୂମି, ଟେକ୍ନୋଲୋଜିର ସୁବିଧା ଆଦି ଆନୁଷଙ୍ଗିକ ସୁବିଧା ରହିବା ଆବଶ୍ୟକ। ଭାଷାଭିତ୍ତିକ ସାମ୍ବାଦିକତା ପଢ଼ିବା ପାଇଁ ସିଲାବସ୍ ଚାହିଦା ଅନୁଯାୟୀ ଶିକ୍ଷାଦାନ ଓ ତାଲିମ ନେବା ଆବଶ୍ୟକ। ଆମ ରାଜ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ ଟେକ୍ନୋଲୋଜି ଥିଲେ ମଧ୍ୟ ଅନୁଭବୀ ଶିକ୍ଷକ, ତାଲିମଦାତାଙ୍କ ସଂଖ୍ୟା କମ୍। ପୁଣି ଅନୁଭବୀ ଓ ଦକ୍ଷ ଶିକ୍ଷୟିତ୍ରୀଶିକ୍ଷକ ଥିଲେ ହେଁ ଭିତ୍ତିଭୂମିର ଅଭାବ ରହିଛି। ସାମ୍ବାଦିକତାରେ ସ୍ନାତକୋତ୍ତର ଡିଗ୍ରୀ କୋର୍ସରେ ପିଲାମାନଙ୍କୁ ପ୍ରାକ୍ଟିକାଲ ଦେବାରେ ଊଣା ରହୁଥିବା ଦେଖାଯାଉଛି। ତେବେ ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷା ପାଇଁ ଆଇଆଇଏମ୍‌ସି ଓଡ଼ିଆ, ମରାଠୀ, ମାଲୟାଲମ, ଉର୍ଦ୍ଦୁ ଭାଷାରେ ଶିକ୍ଷା ଓ ତାଲିମ ଦେବା ସହ ଡିପ୍ଲୋମା ପ୍ରମାଣପତ୍ର ପ୍ରଦାନ କରୁଛି। ଏହା ମଧ୍ୟ ଦେଖାଦେଇଛି ବିଭିନ୍ନ ମାତୃଭାଷାରେ ବିଭିନ୍ନ ରାଜ୍ୟରେ ଟିଭି ଚାନେଲ ଓ ଖବରକାଗଜର ଆଦୃତି ବଢ଼ିବଢ଼ି ଚାଲିଛି।

ଭାଷାଭିତ୍ତିକ ସାମ୍ବାଦିକତା ଶିକ୍ଷାରେ ଅଧ୍ୟୟନ ଓ ତାଲିମ ନେଲେ ମଧ୍ୟ ଇଂଲିଶ ଭାଷାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜ୍ଞାନର ପରିପକ୍ୱତା ରହିବା ଆବଶ୍ୟକ। ଓଡ଼ିଶାର ଢେଙ୍କାନାଳ ଜିଲାରେ ଥିବା ଭାରତୀୟ ଜନ ସଞ୍ଚାର ସଂସ୍ଥାନରେ ବହୁ ଛାତ୍ରୀଛାତ୍ର ଓଡ଼ିଆ ଭାଷାରେ ସାମ୍ବାଦିକତା ପିଜି ଡିପ୍ଲୋମା ଶିକ୍ଷା ଲାଭ କରି ବିଭିନ୍ନ ସରକାରୀ ଓ ବେସରକାରୀ ମିଡିଆ ହାଉସ ଓ ଜନ ସମ୍ପର୍କ ବିଭାଗରେ କାର୍ଯ୍ୟରତ। ସେହିପରି ଭାରତ ସରକାର, ଡିଜିଟାଲ ମିଡିଆ ୟୁନିଟ, ଜନ ସମ୍ପର୍କ ସଂସ୍ଥାନରେ ସମ୍ମାନଜନକ ପଦବୀରେ ରହି ଦେଶର ଉନ୍ନତିରେ କାର୍ଯ୍ୟ କରୁଛନ୍ତି। ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଢେଙ୍କାନାଳରେ ୨୦୦୧ ମସିହାରୁ ଓଡ଼ିଆ ଭାଷାରେ ପିଜି ଡିପ୍ଲୋମା କୋର୍ସ ସଫଳତାର ସହ ଚାଲିଛି। ତେଣୁ ଓଡ଼ିଆ ଭାଷାରେ ସାମ୍ବାଦିକତା କରି ଅନ୍ୟ ପାଠ ଭଳି ନିଯୁକ୍ତିର ସୁଯୋଗ ପାଇପାରିବେ। ଟେକ୍ନୋଲୋଜି ଓ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଦକ୍ଷ ଓ ଶିକ୍ଷିତ କରିପାରିଲେ କର୍ମନିଯୁକ୍ତି ପାଇବା କିଛି ଅସମ୍ଭବ ନୁହେଁ।

-ସହକାରୀ ପ୍ରଫେସର,
ଆଇଆଇଏମ୍‌ସି, ଢେଙ୍କାନାଳ

## ଅପରାଧ ଖବର

## ୧୭ ପିସ୍ତଲ, ୬୬ ଗୁଳି ଜବତ, ୧୮ ଗିରଫ



ଦକ୍ଷିଣାଞ୍ଚଳ ଆଇଜି ସୂଚନା ଦେଉଛନ୍ତି।



ଜବତ ହୋଇଥିବା ପିସ୍ତଲ ଓ ଗୁଳି।

**ଛତ୍ରପୁର,୪।୫ (ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)**

### ବାହାର ରାଜ୍ୟକୁ ସପ୍ଲାଇ କରୁଥିଲେ

ବେଆଇନ ଭାବେ ପିସ୍ତଲ, ଗୁଳି ଆଦି ରଖି ବିଭିନ୍ନ ଆପରାଧିକ କାର୍ଯ୍ୟରେ ଲିପ୍ତ ରହିବା ଅଭିଯୋଗରେ ୧୮ ଜଣଙ୍କୁ ଗଞ୍ଜାମ ପୋଲିସ ଜିଲା ଅଧୀନ ବିଭିନ୍ନ ଥାନା ପୋଲିସ ଗିରଫ କରିଛି। ଏମାନଙ୍କଠାରୁ ୧୭ଟି ପିସ୍ତଲ, ୬୬ଟି ଗୁଳି, ୧୬ଟି ମୋବାଇଲ ଫୋନ୍ ଓ ୪ଟି ଖୋକା ଜବତ କରାଯାଇଛି। ରବିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଛତ୍ରପୁରସ୍ଥିତ ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟରେ ହୋଇଥିବା ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ଏହି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଉକ୍ତ ପିସ୍ତଲ ଓ ଗୁଳି ବାହାର ରାଜ୍ୟକୁ ସପ୍ଲାଇ କରୁଥିଲେ। ବାହାର ରାଜ୍ୟର ରାକେଟ୍‌କୁ ଧରିବାକୁ ପୋଲିସର ଏକ ସ୍ପେଶାଲ ଟିମ୍ ଗଠନ ହୋଇଥିବା ଦକ୍ଷିଣାଞ୍ଚଳ ଆଇଜି କହିଛନ୍ତି। ଗଞ୍ଜାମ ପୋଲିସ ଜିଲାରେ ପ୍ରଥମ କରି ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ସେକ୍ସନ ୧୧୧ ଓ ଏହି ଆଇନର ଅନ୍ୟାନ୍ୟ ଧାରା, ଆର୍ମ ଆକ୍ଟ ଲଗାଇ ମାମଲା ରୁଜୁ ହୋଇଛି। ଆସିକା, କୋଦିନଡ଼ା, ପୋଲସରା, ଶେରଗଡ଼, ଚମାଖଣ୍ଡି ଓ ଭଞ୍ଜନଗର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ଏସବୁ ଜବତ କରିଛି।

ସୂଚନା ଅନୁସାରେ ଶେରଗଡ଼ ଥାନା ପୋଲିସ ପକ୍ଷରୁ ବଡ଼ଗଡ଼ ଗାଁର ରିଣ୍ଟୁ ଓରଫ ପ୍ରଶାନ୍ତ ପ୍ରଧାନ, କବିସୂର୍ଯ୍ୟନଗର ଥାନା ସୁନାପଲ୍ଲୀ ଗାଁର ମାଣିଆ ଓରଫ କୁନା ନାହାକ, ଛତ୍ରପୁର ଥାନା ସୁନ୍ଦରପୁର ଗାଁର ପିଙ୍କୁ ସାହୁ, ଶେରଗଡ଼ ଥାନା ସଡ଼ଙ୍ଗିପଲ୍ଲୀ ଗାଁର ଅଜିତ ଗୌଡ଼, ସୋରଡ଼ା ଥାନା ଏସ.ଗୁଣ୍ଡୁରିବାଡ଼ି ଗାଁର ସୁରଜ ସୁପ୍ରିୟ ନାୟକ ଓ ଚମାଖଣ୍ଡି ଥାନା ଟାଙ୍ଗଣାପଲ୍ଲୀ ଗାଁର ଶିଶିର ପଣ୍ଡାଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ୫ ପିସ୍ତଲ, ୨୨ ଗୁଳି ଓ ୪ଟି ମୋବାଇଲ ଜବତ ହୋଇଛି। ସେହିପରି ଆସିକା ଥାନା ପୋଲିସ ତୁମ୍ପଠେଙ୍ଗାପଲ୍ଲୀ ଗାଁର ଏ.ଶ୍ରୀକାନ୍ତ, ମାମୁଡ଼ିଆ ଗାଁର ଶଙ୍କର ଗୌଡ଼, ଗାଙ୍ଗପୁର ଥାନା ବଡସଦର ଗାଁର ପବନା ଓରଫ ଶିବ ଗୌଡ଼ ଓ ଭଞ୍ଜନଗର ଥାନା କାଇଣ୍ଡି ଗାଁର ଶିବ ପ୍ରସାଦ ଜେନାଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୩ ପିସ୍ତଲ, ୧୨ ଗୁଳି ଓ ୪ଟି ମୋବାଇଲ ଜବତ ହୋଇଛି। କୋଦିନଡ଼ା ପୋଲିସ କବିସୂର୍ଯ୍ୟନଗର ଥାନା ବାଲିଆପଲ୍ଲୀ ଗାଁର କମଳ ଲୋଚନ ଗୌଡ଼, କୋଦିନଡ଼ା ଥାନା ହୁମୁକି ଗାଁର ଧର୍ମରାଜ ଜେନା, ପୋଲସରା ଥାନା ତୋଟାସାହି ଗାଁର ଶୁଭମ ଭୁୟାଁ, ଭଞ୍ଜନଗର ଥାନା ଜିଲୁଣ୍ଡି ଗାଁର ଜଗନ୍ନାଥ ପ୍ରଧାନ ଓ ପବିତ୍ର ପ୍ରଧାନଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୪ ପିସ୍ତଲ,୧୬ ଗୁଳି ଜବତ ହୋଇଛି। ପୋଲସରା ପୋଲିସ କବିସୂର୍ଯ୍ୟନଗର ଥାନା ପାଇକ ଜମୁନା ଗାଁର ରାକେଶ ଦାଶଙ୍କୁ ଗିରଫ କରିଛି। ତାଙ୍କଠାରୁ ଗୋଟିଏ ପିସ୍ତଲ, ବାଇକ୍ ଓ ମୋବାଇଲ ଜବତ ହୋଇଛି। ଚମାଖଣ୍ଡି ପୋଲିସ ନଗରଡିଅ ଟାଙ୍ଗଣାପଲ୍ଲୀ ଗାଁର ପିଣ୍ଟୁ ଓରଫ ବାଳକୃଷ୍ଣ ଶତପଥୀଙ୍କୁ ଗିରଫ କରିବା ସହ ଗୋଟିଏ ପିସ୍ତଲ, ୯ ଗୁଳି ଜବତ କରିଛି। ଭଞ୍ଜନଗର ପୋଲିସ ଚାକୁଣ୍ଡାପଲ୍ଲୀ ଗାଁର କାହ୍ନୁ ଗୌଡ଼ଙ୍କୁ ଗିରଫ କରିଛି। ତାଙ୍କଠାରୁ ପିସ୍ତଲ, ମାଗାଜିନ, ଗୁଳି ଜବତ ହୋଇଛି। ତାଙ୍କ ନାଁରେ ୧୧ଟି ମାମଲା ରହିଥିବା ଖବରଦାତା ସମ୍ମିଳନୀରେ ଆଇଜି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଅତିରିକ୍ତ ଏସ୍‌ପି (ଡିଆଇଜି) ରବିକାନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

## ଟଙ୍କା ଚୋରି: ଶାଶୁ ଦେହରେ ନିଆଁ ଲଗାଇଲେ ବୋହୂ



ବୋହୂ ଜୟା



ଶାଶୁ ରେଣୁକା ବୈଦ୍ୟ

**ମାଲକାନଗିରି,୪।୫(ଦୁର୍ଯ୍ୟୋଧନ ପାତ୍ର)**

### ଗୁରୁତର ଅବସ୍ଥାରେ ଶାଶୁ ରାୟପୁର ସ୍ଥାନାନ୍ତର

ବୋହୂ ଟଙ୍କା ଚୋରି କରୁଥିବା ଶାଶୁ ଜାଣିପାରିଥିଲେ। ତେଣୁ ବୋହୂ ଶାଶୁଙ୍କ ଦେହରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଶାଶୁ ଗୁରୁତର ହୋଇପଡ଼ିଛନ୍ତି। ଏପରି ଘଟଣା ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି ୧୮ ଗ୍ରାମରେ ଗତ ୨୭ ତାରିଖରେ ଘଟିଛି। ଏ ସମ୍ପର୍କରେ ରେଣୁକା ବୈଦ୍ୟଙ୍କ ପୁଅ ଅବିନାଶ ମାଲକାନଗିରି ଥାନାରେ ସ୍ତ୍ରୀ ଜୟାଙ୍କ ନାମରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୨୨୫/୨୫ରେ ମାମଲା ରୁଜୁ ହୋଇଛି।

ଏମ୍‌ଭି ୧୮ ଗ୍ରାମର ଅବିନାଶ ବୈଦ୍ୟ ଛତିଶଗଡ଼ କୋଣ୍ଟା ଗ୍ରାମର ଜୟାଙ୍କୁ ୨ ବର୍ଷ ପୂର୍ବେ ବିବାହ କରିଥିଲେ। ଅବିନାଶ ବାହାର ରାଜ୍ୟରେ କାମ କରୁଥିବା ବେଳେ ତାଙ୍କ ମା'ରେଣୁକା ବୈଦ୍ୟ ଓ ବୋହୂ ଜୟା ଦୁହେଁ ଘରେ ରହୁଥିଲେ। ଏମ୍‌ଭି ୧୮ ଗ୍ରାମରେ ଅବିନାଶଙ୍କ ଏକ ଛୋଟ ତେଜରାତି ଦୋକାନ ରହିଛି। ତେବେ ବୋହୂ ଜୟା ପ୍ରାୟ ସମୟରେ ଘରୁ ଟଙ୍କା ଓ ସୁନା ଆଦି ଚୋରି କରୁଥିବା ବେଳେ ଏ ବିଷୟରେ ଶାଶୁ ରେଣୁକା ଜାଣିପାରି ପୁଅ ଅବିନାଶଙ୍କୁ କହିବା ସହ ଘରେ ସିସି କ୍ୟାମେରା ଲଗାଇବା ପାଇଁ କହିଥିଲେ। ଟଙ୍କା ଚୋରି କରୁଥିବା ବିଷୟରେ ଶାଶୁ ରେଣୁକା ଜାଣିବା ପରେ ବୋହୂ ତାଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ରେଣୁକା ଘରେ ଶୋଇଥିବା ବେଳେ ବୋହୂ ଜୟା ତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଘର କବାଟ ବନ୍ଦକରି ୪ ମାସର ପୁଅ ସହ ନିଜ ଗ୍ରାମ ଛତିଶଗଡ଼ କୋଣ୍ଟାକୁ ଚାଲି ଯାଇଥିଲେ। ଏହା ଦେଖି ଗ୍ରାମବାସୀ ରେଣୁକାଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ରେଣୁକାଙ୍କ ଶରୀରର ପ୍ରାୟ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିବାରୁ ତାଙ୍କୁ ରାୟପୁରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଜୟାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ପେଟ୍ରୋଲ ପକାଇ ନିଆଁ ଲଗାଇବା ବେଳେ ବୋହୂ ଜୟାଙ୍କ ଦୁଇ ହାତ ପୋଡ଼ିଯାଇଥିବା ଜଣାପଡ଼ିଛି।




## ଡେରାବିଶରେ ଦିନଦ୍ୱିପ୍ରହରରେ ଗୁଳିମାଡ଼: ଯୁବକ ଗୁରୁତର

**ଡେରାବିଶ, ୪।୫ (ଦେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଇନ୍ଦାଳ ପଞ୍ଚାୟତର ବାଲିସାହି ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ଦୁର୍ବୃତ୍ତମାନଙ୍କ ଗୁଳିମାଡ଼ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। କରାଣ୍ଡିଆ ନଦୀବନ୍ଧରେ କୁଦାନଗରୀ ଥାନା ଅନ୍ତର୍ଗତ ବଡ଼ବେତରା ପଞ୍ଚାୟତ ବିନ୍ଧାଳୋ ଗ୍ରାମର ଗୌତମ ମଲ୍ଲିକ ଓରଫ ବାବୁ (୨୨) ସ୍କୁଟି ଯୋଗେ ଯାଉଥିଲେ। ତାଙ୍କୁ ପିଛା କରିଥିବା ୨ଟି ବାଇକ୍‌ରେ ୪ ଦୁର୍ବୃତ୍ତ ହଠାତ୍ ଗୌତମଙ୍କ ଉପରକୁ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଗୌତମଙ୍କ ବାମପଟ ଜଙ୍ଘରେ ଗୁଳି ବାଜିଛି। ଗ୍ରାମବାସୀଙ୍କ ସହାୟତାରେ ଗୌତମଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଗୁଳିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ପୂର୍ବ ଶତ୍ରୁତା କିମ୍ବା ବାଲିଘାଟକୁ କେନ୍ଦ୍ରକରି ଏହି ଘଟଣା ଘଟି ଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଖବର ଲେଖାହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଆନ୍ତଃରାଜ୍ୟ ର‍୍ୟାକେଟର ଗୁମର ଖୋଲୁଛି

**ଭୁବନେଶ୍ୱର,୪।୫ (ସତ୍ୟଜିତ୍ ରାଉତ)**

### ମେଡିକାଲ ସିଟ୍ ଡିଲ୍ ମାମଲା

### ଏନ୍‌ଇଇଟି ପରୀକ୍ଷା କେନ୍ଦ୍ରରେ ପୋଲିସର ତଦାରଖ

ମେଡିକାଲ କଲେଜରେ ନାମଲେଖା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷା 'ଏନ୍‌ଇଇଟି'ରେ ଚଞ୍ଚକତା କରି ଉତ୍ତୀର୍ଣ୍ଣ କରାଇବା ଆଳରେ ଠକୁଥିବା ଆନ୍ତଃରାଜ୍ୟ ର‍୍ୟାକେଟର ୪ଜଣଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ଶନିବାର ଗିରଫ କରିଥିବା ବେଳେ ସେମାନେ ଏବେ ଜେଲରେ ଅଛନ୍ତି। ପୋଲିସ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଜବତ ହୋଇଥିବା ବିଭିନ୍ନ ପରୀକ୍ଷାର୍ଥୀଙ୍କ କାଗଜପତ୍ରକୁ ଯାଞ୍ଚ କରୁଛି। ଅଭିଯୁକ୍ତମାନେ ଠକେଇ ଟଙ୍କାରେ ସୌଖୀନ ଜୀବନ ବିତାଉଥିଲେ। ବାର୍‌ରେ ମଉଜ କରିବା ସହ ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟରେ ଫ୍ଲାଟ୍ ଓ ଉପକଣ୍ଠରେ ଜମି କିଣିଥିବା ପୋଲିସ ଜାଣିବାକୁ ପାଇଛି। ର‍୍ୟାକେଟର ଯେଉଁ ସଦସ୍ୟ ଭଲ କାମ କରି ଅଧିକ ଟଙ୍କା ଡିଲ୍ କରିବେ, ସେମାନଙ୍କୁ ବିଦେଶ ଯାତ୍ରା ଅଫର୍ ଦିଆଯାଉଥିଲା। ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାକୁ ପୋଲିସ ଯୋଜନା କରୁଛି।

ଅନ୍ୟପକ୍ଷରେ ସର୍ବଭାରତୀୟ ସ୍ତରରେ ରବିବାର ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି-ୟୁଜି) ଅନୁଷ୍ଠିତ ହୋଇଥିବା ବେଳେ ଭୁବନେଶ୍ୱରର ୩୨ଟି କେନ୍ଦ୍ରରେ ପୋଲିସ ପକ୍ଷରୁ କଡ଼ାକଡ଼ି ଯାଞ୍ଚ କରାଯାଇଛି। ୟୁନିଟ-୩ କ୍ୟାପିଟାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଓ ଡିସିପି ପ୍ରତୀକ ସିଂ ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ। ପୋଲିସ କମିଶନର କହିଛନ୍ତି, ସବୁ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଥିବା ବେଳେ ପରୀକ୍ଷାର୍ଥୀଙ୍କ ବାୟୋମେଟ୍ରିକ ଯାଞ୍ଚ ହୋଇଛି। ସବୁ ଠିକ୍ ଥିବା ବେଳେ ନକଲି ପରୀକ୍ଷାର୍ଥୀ ଆସିବା ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ମେଡିକାଲ ଆଶାୟୀମାନଙ୍କୁ ଦୁଇ ଉପାୟରେ ଠକୁଥିଲେ। ଏନ୍‌ଇଇଟିରେ ଉତ୍ତୀର୍ଣ୍ଣ କରାଇଦେବେ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଟଙ୍କା ଦେଲେ ଅନ୍ୟଜଣେ ପରୀକ୍ଷାର୍ଥୀ ତାଙ୍କ ସ୍ଥାନରେ ପରୀକ୍ଷା ଦେବେ ବୋଲି କହୁଥିଲେ। ସେହିପରି ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆର୍‌ଆଇଙ୍କ ପାଇଁ ସିଟ୍ ସଂରକ୍ଷଣ ଥିବାବେଳେ ଏହି କ୍ଷେତ୍ରରେ ବ୍ୟାପକ ଜାଲିଆତି କରି ଠକେଇ କରୁଥିଲେ। ଓସିଆଇ କୋଟାରେ ମଧ୍ୟ ନାମ ଲେଖାଇବା ପାଇଁ କହି ଠକୁଥିଲେ।



ଜଣେ ଯାହା କିଛି କାର୍ଯ୍ୟ କରୁ- ସବୁଥିରୁ ଆନନ୍ଦ ପାଇବା ଉଚିତ। ଏପରି କି ଯେଉଁ କାର୍ଯ୍ୟ ଭୁଲ ମନେ ହୁଏ, ତା'ପଛରେ ମଧ୍ୟ ଗଭୀର ରହସ୍ୟ ନିହିତ ଥାଏ। -ଶ୍ରୀମା

-ନୀଳାଦ୍ରି ମହୋଦୟଷ୍ଟମୀ, ସୀତା ନବମୀ



# ଫାଟ କରିବ ଜାତିଗଣନା

ଓଡ଼ିଆରେ ଲୋକେ କହିଥାଆନ୍ତି-'ବାର ଜାତି ତେର ଗୋଲା, ବୈଷ୍ଣବ ହେଲେ ସବୁ ଗଲା'। ଏଠାରେ କେଉଁ ନିର୍ଦ୍ଦିଷ୍ଟ ଜାତିକୁ ଉପଲକ୍ଷ୍ୟ କରି କଟାକ୍ଷ କରିବା ଉଦ୍ଦେଶ୍ୟ ନୁହେଁ। ପ୍ରସଙ୍ଗ ହେଲା ଏପ୍ରିଲ ୩୦ରେ ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି (ସିସିପିଏ) ୨୦୨୬ରେ ହେବାକୁ ଥିବା ଜନଗଣନା ସହ ଜାତିଗଣନାକୁ ଅନ୍ତର୍ଭୁକ୍ତ କରିବା ନେଇ ନିଷ୍ପତ୍ତି ନେଇଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଯୋଗୁ ସମଗ୍ର ଦେଶରେ ନିରାପତ୍ତାକୁ ନେଇ ଗୁଞ୍ଜରଣ ଚାଲିଥିବା ବେଳେ କେନ୍ଦ୍ରର ଭାଜପା ସରକାର ହଠାତ୍ ଏଭଳି କାହିଁକି ପଦକ୍ଷେପ ନେଲେ ତାହା ବୁଝିବା କଷ୍ଟକର ନୁହେଁ। କାରଣ ୨୦୨୪ ନିର୍ବାଚନରେ ଦଳ ଆଶାନୁରୂପ ସଫଳତା ନ ପାଇବା ଓ ଆଗକୁ ବିହାର ବିଧାନସଭା ନିର୍ବାଚନ ଥିବାରୁ ବିରୋଧୀଙ୍କୁ ଝଟକା ଦେବା ଲାଗି ଏଭଳି ନିଷ୍ପତ୍ତି ନେଇଥିବା ସ୍ପଷ୍ଟ ଦେଖାଯାଉଛି। ସାମାଜିକ ନ୍ୟାୟ ପାଇଁ ଲଢ଼େଇ କରୁଥିବା ଦଳଗୁଡ଼ିକ ଢେର ସମୟ ଧରି ଜାତିଭିତ୍ତିକ ଜନଗଣନା ନେଇ ଦାବି କରୁ ଆସୁଥିଲେ। ପରେ କଂଗ୍ରେସ ସେହି ସ୍ରୋତରେ ଭାସିଗଲା। ହିନ୍ଦୁଙ୍କୁ ଏକତ୍ର କରିବାରେ ବିଶ୍ୱାସ କରୁଥିବା ଭାଜପା ଜାତିକୁ ନେଇ ରାଜନୀତି ଅପେକ୍ଷା ଧର୍ମ ଏକ ବ୍ୟାପକ ପରିସର ହୋଇଥିବାରୁ ସେଥିରୁ ସଫଳତା ନେବାକୁ ସର୍ବଦା ଚାହିଁ ଆସିଛି ଏବଂ ଦୀର୍ଘମିଆଦୀ ଫଳ ମଧ୍ୟ ପାଇଛି। ପରିବର୍ତ୍ତିତ ସ୍ଥିତିରେ ଯେତେବେଳେ ଅଲଗା ପରୀକ୍ଷଣ ସଫଳ ହେଉ ନ ଥିବା ଅନୁଭବ ହେଲା, ସେତେବେଳେ ଭାଜପା ବିରୋଧୀଙ୍କୁ ଜାତିଭିତ୍ତିକ ଜନଗଣନା ଅସ୍ତ୍ରରେ ପାଲଟା ଜବାବ ଦେବାକୁ ଆଗେଇ ଆସିଥିବା ଭଳି ଦିଶୁଛି।

**ବିଭିନ୍ନ ଜାତି ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘାତ ଦେଖାଦେଉଛି। ଜାତିକୁ ନେଇ ସଂରକ୍ଷଣ କେଉଁ ସ୍ତରରେ ପହଞ୍ଚିଛି ତାହା ବିତର୍କର ବିଷୟ ହୋଇ ରହିଛି। କୁହାଯାଉଛି, ଜାତିଭିତ୍ତିକ ଜନଗଣନା କରାଗଲେ ତାହା ସାମାଜିକ ନ୍ୟାୟ ଦିଗକୁ ପରିପୁଷ୍ଟ କରିବ। କିନ୍ତୁ ବାସ୍ତବତାକୁ ଦେଖିଲେ ଏହାକୁ ନେଇ ରାଜନୀତି ସର୍ବାଗ୍ରେ ରହୁଥିବାରୁ ଏହାର ଉଦ୍ଦେଶ୍ୟ କେତେ ମାତ୍ରାରେ ସାଧିତ ହେଉଛି ତାହା ଭବିଷ୍ୟତ କହିବ।**

୨୦୨୦ କୋଭିଡ୍ ମହାମାରୀ ଯୋଗୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖାଯାଇଥିଲା। ଆଗାମୀ ଜନଗଣନାରେ ଗଣନାକାରୀମାନେ ଘରକୁ ଘର ଯାଇ ଲୋକଙ୍କ ଜାତି ପଚାରିବେ। ଏଠାରେ ସୂଚାଇ ଦିଆଯାଇପାରେ ଯେ, ୧୯୩୧ରେ ଉପନିବେଶୀୟ ସରକାର ଜାତିଭିତ୍ତିକ ଜନଗଣନା କରିଥିଲେ। ହେଲେ ସ୍ୱାଧୀନତା ପରେ ୧୯୫୧ରେ ଜବାହର ଲାଲ ନେହେରୁ ସରକାର ଜନଗଣନାରେ ଜାତିଗଣନାକୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଥିଲେ। ଦେଶରେ ଏକତା ବଜାୟ ରଖିବା ଓ ଜାତିବିହୀନ ସମାଜ ଗଠନ ଥିଲା ମୂଳ ଲକ୍ଷ୍ୟ। ସେବେଠାରୁ ୨୦୧୧ ଯାଏ କେବଳ ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଗଣନା କରାଯାଉଥିଲା ବେଳେ ଜାତିଭିତ୍ତିକ ହିସାବ କରାଯାଇ ନ ଥିଲା। ୨୦୧୧ ଜନଗଣନାରେ ଉପା-୨ର ମନମୋହନ ସିଂଙ୍କ ସରକାର ସମୟରେ ସାମାଜିକ ଓ ଅର୍ଥନୈତିକ ଜନଗଣନା କରାଯାଇଥିଲେ ମଧ୍ୟ ଜାତି ବିଷୟକୁ ଇଚ୍ଛାକୃତ ରଖାଯାଇଥିଲା। ସେତେବେଳେ ତଥ୍ୟରେ ତାଳମେଳ ନ ରହିବାରୁ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଆସିପାରି ନ ଥିଲା। ଆଗାମୀ ଜନଗଣନାରେ ଜାତିଭିତ୍ତିକ ଗଣନା ଆସିଲେ ତାହା ସମାଜରେ ନୂଆ ବିତର୍କ ସୃଷ୍ଟି କରିବାର ଆଶଙ୍କା ଦେଖାଦେଲାଣି। ତଥାପି ରାଜନୈତିକ ଦଳଗୁଡ଼ିକ ସେଥିପ୍ରତି ଆଗ୍ରହ ଦେଖାଉଛନ୍ତି। ମୁଖ୍ୟ ଲକ୍ଷ୍ୟ ରହୁଛି ରାଜନୈତିକ ଫାଇଦା ଓ ତାହା ତୁଳନାରେ ଦେଶ ମଙ୍ଗଳ ଏମାନଙ୍କ ପାଇଁ ସର୍ବଦା ଗୌଣ ରହିଆସିଛି। ଭାଜପା ଏହି ଚରିତ୍ରଠାରୁ ଯଥେଷ୍ଟ ଦୂରରେ ରହିଆସିଥିଲା। ଏପରିକି ଜନଗଣନାରେ ଜାତିଭିତ୍ତିକ ଗଣନାକୁ ଏହା ପସନ୍ଦ କରୁ ନ ଥିଲା। ସମ୍ଭବତଃ ତା' ପାଇଁ ଏଭଳି ଚିନ୍ତାଧାରା ଆଦର୍ଶ ଭାବେ ବିବେଚିତ ହୋଇଥାଆନ୍ତା। କିନ୍ତୁ ନିର୍ବାଚନୀ ସଫଳତା ପାଇଁ ଏହା ସବୁକିଛି ଜଳାଞ୍ଜଳି ଦେବାକୁ ଚାହିଁଲା ଓ ଶେଷ ନିଷ୍ପତ୍ତି ଶୁଣାଇ ଦେଲା। ଏଭଳି ସ୍ଥଳେ ବିରୋଧୀ ଦଳଗୁଡ଼ିକ ଭାଜପାକୁ ସମାଲୋଚନା କରି ଘୋଷଣାର ସମୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ତଥାପି ସେମାନଙ୍କ ଦାବିକୁ ସରକାର ଡେରିରେ ଗ୍ରହଣ କରିଥିବାରୁ ଆଶ୍ୱସ୍ତ ହୋଇଛନ୍ତି।

ସବୁ ମଣିଷ ଜନ୍ମରୁ ସମାନ ହୋଇଥାଆନ୍ତି। ସଭ୍ୟତା ଅସମାନତା ସୃଷ୍ଟି କରିଛି। ସିନ୍ଧୁ ସଭ୍ୟତା ଜାତିବିହୀନ ଥିଲେ ମଧ୍ୟ ଶ୍ରେଣୀବିହୀନ ନ ଥିଲା। ସେତେବେଳେ ଉଚ୍ଚ ବର୍ଗ ଓ ଶ୍ରମିକ ଶ୍ରେଣୀ ଦେଖାଦେଇଥିଲା। ବୈଦିକ ଯୁଗକୁ ଦେଖିଲେ କାର୍ଯ୍ୟ ଅନୁଯାୟୀ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଆଦି ବର୍ଣ୍ଣ ସୃଷ୍ଟି ହୋଇଥିଲେ। ପରବର୍ତ୍ତୀ ସମୟରେ ଅନେକ ଜାତି ଓ ଉପଜାତି ହୋଇଛି। ସବୁ ଜାତି ମଣିଷ ଦ୍ୱାରା ସୃଷ୍ଟି କରାଯାଇଛି। ବିଭିନ୍ନ ଜାତି ମଧ୍ୟରେ ଦ୍ୱନ୍ଦ୍ୱ ଓ ସଂଘାତ ଦେଖାଦେଉଛି। ଜାତିକୁ ନେଇ ସଂରକ୍ଷଣ କେଉଁ ସ୍ତରରେ ପହଞ୍ଚିଛି ତାହା ବିତର୍କର ବିଷୟ ହୋଇ ରହିଛି। କୁହାଯାଉଛି ଜାତିଭିତ୍ତିକ ଜନଗଣନା କରାଗଲେ ତାହା ସାମାଜିକ ନ୍ୟାୟ ଦିଗକୁ ପରିପୁଷ୍ଟ କରିବ। କିନ୍ତୁ ବାସ୍ତବତାକୁ ଦେଖିଲେ ଏହାକୁ ନେଇ ରାଜନୀତି ସର୍ବାଗ୍ରେ ରହୁଥିବାରୁ ଏହାର ଉଦ୍ଦେଶ୍ୟ କେତେ ମାତ୍ରାରେ ସାଧିତ ହେଉଛି ତାହା ଭବିଷ୍ୟତ କହିବ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 3 | | 5 | | 2 |
| | | | | | 2 | | 9 | 6 |
| | | | 5 | | | | 3 | |
| | | | | | | 1 | 2 | 5 |
| | | | 3 | | | | | |
| 8 | | | | | 7 | 4 | | |
| 2 | 9 | | 6 | | | | | |
| | 5 | 7 | 4 | 8 | | | | |
| | | | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 1 | 8 | 6 | 9 | 7 | 4 | 2 |
| 9 | 8 | 4 | 1 | 2 | 7 | 6 | 3 | 5 |
| 7 | 6 | 2 | 4 | 5 | 3 | 9 | 8 | 1 |
| 2 | 7 | 5 | 9 | 8 | 6 | 4 | 1 | 3 |
| 8 | 3 | 9 | 2 | 4 | 1 | 5 | 7 | 6 |
| 4 | 1 | 6 | 3 | 7 | 5 | 2 | 9 | 8 |
| 5 | 9 | 8 | 6 | 1 | 4 | 3 | 2 | 7 |
| 6 | 2 | 3 | 7 | 9 | 8 | 1 | 5 | 4 |
| 1 | 4 | 7 | 5 | 3 | 2 | 8 | 6 | 9 |

ଗତକାଲିର ଉତ୍ତର

# ସମବାୟରେ ନିର୍ବାଚିତ ପ୍ରତିନିଧି ପଦର ମହତ୍ତ୍ୱ



ପ୍ରତାପ ଚନ୍ଦ୍ର ସାମଲ

ଯେତେବେଳେ ଜଣେ ବ୍ୟକ୍ତି ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେତେବେଳେ ସେ ତାଙ୍କର ଇଚ୍ଛାକୁ ପ୍ରତିନିଧିତ୍ୱ କରନ୍ତି ନାହିଁ। ସେ ପ୍ରକୃତରେ ନିଜକୁ ନିର୍ବାଚିତ କରିଥିବା ଜନତାଙ୍କର ଆଶା, ଆକାଂକ୍ଷା, ଅଭାବ ଅସୁବିଧା ଓ ଅଧିକାରକୁ ହିଁ ପ୍ରତିନିଧିତ୍ୱ କରିଥାନ୍ତି। ଯେଉଁ ସମୟରେ ଜଣେ ସ୍ୱୟଂଶାସିତ ଗଣତାନ୍ତ୍ରିକ ସଂସ୍ଥା କିମ୍ବା ଅନ୍ୟ ସମସ୍ତ ସ୍ଥାନୀୟ ଗଣତାନ୍ତ୍ରିକ ସଂସ୍ଥା ଏପରିକି ବିଧାନ ପରିଷଦ ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେହି ସମୟଠାରୁ ସେ ନିଜର ଅହଂ ବା ସ୍ୱୟଂର ଚାହିଦାକୁ ସମ୍ପୂର୍ଣ୍ଣ ରୂପେ ବିଲୀନ କରିବା ଆବଶ୍ୟକ। ଏହି ପ୍ରତିନିଧିମାନଙ୍କର ଅଧିକାର ପ୍ରାପ୍ତି ଲାଗି ନିରବଚ୍ଛିନ୍ନ ଭାବେ ସଂଗ୍ରାମ କରିବାର ଆବଶ୍ୟକ ରହିଛି। ଏହିଠାରୁ ହିଁ ସ୍ୱୟଂଶାସନ ସଂସ୍ଥାରେ ଆତ୍ମଶାସନ ପ୍ରକ୍ରିୟାର ଆରମ୍ଭ ହୁଏ। ଯେତେବେଳେ ଜଣେ ବ୍ୟକ୍ତି ପ୍ରତିନିଧି ପଦରେ ନିର୍ବାଚିତ ହୁଅନ୍ତି, ସେତେବେଳେ ସେ ନିଜକୁ ନିୟନ୍ତ୍ରଣ କରିବା ଦରକାର। ସେ ନିଜେ ପ୍ରକାଶ କରିବା ଉଚିତ୍ ଯେ ତାଙ୍କର ଇଚ୍ଛା ବା ଅଭିଳାଷ ବୋଲି କିଛି ନାହିଁ। ତାଙ୍କ ପାଇଁ ଯାହା ନିହାତି ଆବଶ୍ୟକ ତାକୁ ସ୍ଥଗିତ ରଖାଯାଇ ତାଙ୍କୁ ନିର୍ବାଚିତ କରିଥିବା ବ୍ୟକ୍ତିଙ୍କୁ ପ୍ରାପ୍ତ ହେଉ ବୋଲି ସ୍ୱୀକାର କରିବା ଆବଶ୍ୟକ। ନିର୍ବାଚିତ ପ୍ରତିନିଧିଙ୍କ ଅଧିକାର ତାଙ୍କୁ ନିର୍ବାଚିତ କରିଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ବିନିଯୁକ୍ତ ହୋଇ ସେହିମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବା ଉଚିତ୍।

ପ୍ରତିନିଧି ପଦରେ ନିହିତ ଥିବା ଏହି ସମସ୍ତ ଅବଧାରିତ ତାତ୍ପର୍ଯ୍ୟ ଓ ମହତ୍ତ୍ୱର ମୂଲ୍ୟବୋଧକୁ ଉପଲବ୍ଧି କରିବା ଏକାନ୍ତ ପ୍ରୟୋଜନ। ମାତ୍ର ଏହା ନ କରିବା ଯୋଗୁ, ଆମେମାନେ ବହୁ ସମୟରେ ଦେଖୁ ଯେ, ଅନେକ ବ୍ୟକ୍ତି ପ୍ରଭାବଶାଳୀ ସ୍ଥାନରେ ଅବସ୍ଥାପିତ ରହି ଅଥବା ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପଦ ପଦବୀରେ ଅବସ୍ଥାପିତ ହୋଇ ସେମାନଙ୍କର ଅଭିଳାଷକୁ ପ୍ରୟୋଗ କରନ୍ତି କିମ୍ବା ସମାଜ ବା ସଂସ୍ଥା ଉପରେ ଲଦି ଦିଅନ୍ତି। ଆଉ ମଧ୍ୟ ଭାବନ୍ତି ଯେ, ସେମାନେ ଯାହାକୁ ଠିକ୍‌ରୂପେ ନିର୍ଦ୍ଧାରଣ କରିଛନ୍ତି, ତାହାହିଁ ଯଥାର୍ଥ କରଣୀୟ। ଏହି ଭ୍ରାନ୍ତ ଧାରଣାରୁ ସେମାନେ ମୁକ୍ତ ହୋଇ ପ୍ରତିନିଧି ପଦର ତାତ୍ପର୍ଯ୍ୟକୁ ଅବଧାରଣା କରିବା ଉଚିତ୍। ପ୍ରକୃତରେ ଏହିସବୁ କ୍ଷେତ୍ରରେ ଯେତେବେଳେ ଏହି ପଦବୀରେ ଅଧିଷ୍ଠିତ ପ୍ରତିନିଧି ଅହଂର ଅଧିକାରକୁ ପ୍ରୟୋଗ କରିଥାନ୍ତି ସେତେବେଳେ କେବଳ ଏହା ସମାପ୍ତ ହୋଇ ନଥାଏ, ବରଂ ସେହି ମସୟରେ ଜନମତର ଆଶା ଆକାଂକ୍ଷା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ପରିପ୍ରକାଶ ଲାଭ କରି ନିଜକୁ ବଳିଷ୍ଠ ଭାବେ ଉପସ୍ଥାପିତ ବା ସାବ୍ୟସ୍ତ କରିପାରେ।




ମନେରଖିବା ଉଚିତ୍ , ସମସ୍ତ ଗଣତାନ୍ତ୍ରିକ ସଂସ୍ଥା ଓ ସ୍ୱୟଂଶାସିତ ଅନୁଷ୍ଠାନ ପ୍ରକୃତରେ ବିଧାନ ବା ଆଇନରୁ ହିଁ ସୃଷ୍ଟି ହୋଇଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକ ବିଧାନରୁ ଉତ୍ପତ୍ତି ଲାଭ କରିଥିବାରୁ ସେଗୁଡ଼ିକର ପରିଚାଳନା ଦାୟିତ୍ୱରେ ଅଧିଷ୍ଠିତ ପଦବୀଧାରୀଙ୍କର କର୍ତ୍ତବ୍ୟ, ଦାୟିତ୍ୱ ଓ ଅଧିକାର ସମ୍ପର୍କରେ ବିଶଦଭାବେ ଆଇନରେ ରହିଛି। ଏଣୁ ସେମାନେ ଯଦି ଏହି ଅଧିକାର ପ୍ରୟୋଗ କ୍ଷେତ୍ରରେ ଆଇନର ଉଲ୍ଲଂଘନ କରନ୍ତି, ତେବେ ନକାରାତ୍ମକ ପରିଣାମ ସମ୍ମୁଖକୁ ଆସିଥାଏ। ମାତ୍ର ସେମାନଙ୍କର କାର୍ଯ୍ୟର ଏହି ପରିସୀମା ମଧ୍ୟରେ ସେମାନେ ଯେପରି ଆଇନର ଉଲ୍ଲଂଘନ ନ କରନ୍ତି ସେଥିପାଇଁ ଯତ୍ନବାନ୍ ହେବା ଦରକାର। ମୁଁ ବିଶ୍ୱାସ କରେ ଯେ, ଆଇନର ସଂରକ୍ଷଣ ନ ହେଲେ ପ୍ରକୃତ ମୁକ୍ତି ପ୍ରଦାନ କରେନାହିଁ। ଏହି କ୍ଷେତ୍ରରେ ପ୍ରଖ୍ୟାତ ଇଂଲିଶ୍ କବି 'ମିଲ୍‌ଟନ୍'ଙ୍କର ଗଣିତ ଆସ୍ଥା ବଚନିକାରୁ ଗୋଟିଏ ପଦ ଉଦ୍ଧୃତ ହେଲା 'ଯେତେବେଳେ ସେମାନେ ମୁକ୍ତିକୁ ଅସ୍ୱୀକାର ସହ ଅବ୍ୟାହତ କରନ୍ତି, ସେତେବେଳେ ସେମାନେ ନିଜକୁ ନିୟନ୍ତ୍ରିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି।'

ଉତ୍କଳ ଗୌରବ ମଧୁସୂଦନ ଦାସ ସମଗ୍ର ଭାରତରେ ମଣ୍ଟଫୋର୍ଡ ସାମ୍ବିଧାନିକ ସଂସ୍କାରର ବ୍ୟବସ୍ଥା ଅନୁସାରେ ୧୯୨୧ରେ ଏହାର ପ୍ରାରମ୍ଭିକ ପ୍ରୟୋଗ ହେବା ଅବସ୍ଥାରେ ବିହାର ଓ ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ, ପୂର୍ତ୍ତ ଓ ସ୍ୱାସ୍ଥ୍ୟ ବିଭାଗରେ ମନ୍ତ୍ରୀ ପଦରେ ଅଧିଷ୍ଠିତ ରହି ବିହାର ଓ ଓଡ଼ିଶାର ବିଧାନ ପରିଷଦରେ ତା୨୯.୦୭.୧୯୨୧ ସାଲରେ ଗଣତାନ୍ତ୍ରିକ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ସମ୍ପର୍କରେ ଯେଉଁ ବକ୍ତବ୍ୟ ରଖିଥିଲେ, ତହା ସମସ୍ତ ଗଣତାନ୍ତ୍ରିକ ସଂସ୍ଥା, ସମବାୟ ସଂସ୍ଥା ସହିତ ସ୍ୱାୟତ୍ତ ଶାସନ ସଂସ୍ଥାମାନଙ୍କ ପ୍ରତି ପ୍ରଯୁଜ୍ୟ। ଯାହା ମଧୁସୂଦନ ଦାସଙ୍କ ମୂଳଲକ୍ଷ୍ୟ ଥିଲା ତାହା ହେଲା କୃଷି, କୃଷକ ଓ ସମବାୟ ସମିତି (ସମବାୟ ଋଣ ଆଇନ ୧୯୦୪) ପ୍ରଣୟନ ପରିପ୍ରେକ୍ଷୀରେ।

କୃଷିର ଉନ୍ନତି ବିଷୟରେ ଆମ୍ଭମାନଙ୍କୁ ଅନେକ କଥା ଚିନ୍ତା କରିବାକୁ ପଡ଼ିବ। ବର୍ତ୍ତମାନ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବିଷୟରେ ଆମ୍ଭମାନଙ୍କ ଦ୍ୱାରା ଏପରି ଚେଷ୍ଟା କରିବା ଆବଶ୍ୟକ, ଯାହା ଦ୍ୱାରା ଆମ ଦେଶର ଆଭ୍ୟନ୍ତରୀଣ ଅଭାବ ପୂର୍ଣ୍ଣ ହେବ ଓ ଦେଶଜାତ ଦ୍ରବ୍ୟ ବିଦେଶକୁ ପ୍ରେରିତ ହେବ। ଏ ବିଷୟରେ ବିହିତ ଉପାୟମାନ ଅବଲମ୍ବନ କରିବାକୁ ପଡ଼ିବ। ସର୍ବପ୍ରଥମେ ଓଡ଼ିଶାର ବିଭିନ୍ନ ସ୍ଥାନର ମୃତ୍ତିକାର ବିଭିନ୍ନ ଶସ୍ୟ ଉତ୍ପାଦିକା ଶକ୍ତି ଜାଣି କେଉଁ ଅଞ୍ଚଳ ମୃତ୍ତିକା କେଉଁ ଫସଲ ପାଇଁ ଅନୁକୂଳ ତାହା ରାସାୟନିକ ଓ ବାସ୍ତବ କଣିକା ଦ୍ୱାରା ସ୍ଥିର କରିବାକୁ ପଡ଼ିବ। କେଉଁ ଖତ ପ୍ରୟୋଗ କଲେ ମୃତ୍ତିକାର ଉର୍ବରତା ବଢ଼ିବ, କି ପ୍ରଣାଳୀରେ ଚାଷକଲେ ପ୍ରଚୁର ଖାଦ୍ୟଶସ୍ୟ ଉତ୍ପନ୍ନ ହେବ, ଏଗୁଡ଼ିକ ସ୍ଥିର କରି କାର୍ଯ୍ୟରେ ପରିଣତ କରିବାକୁ ହେବ। କୃଷି କାର୍ଯ୍ୟରେ ମଧ୍ୟ ସମ୍ମିଳିତ ଚେଷ୍ଟା ଆବଶ୍ୟକ। ସମ୍ମିଳିତ ଚେଷ୍ଟା ଦ୍ୱାରା କୃଷିଜୀବୀମାନଙ୍କର କି ପ୍ରକାର ଉନ୍ନତି ସାଧିତ ହେବ ତହିଁର ଉଦାହରଣ ଭାରତବର୍ଷର ଚା', କୃଷି ଇତ୍ୟାଦି ବ୍ୟବସାୟ ଉପରୋକ୍ତ କୃଷି ଦ୍ୱାରା ଇଉରୋପୀୟ ରାଷ୍ଟ୍ରର ଅନେକ କୃଷିଜୀବୀ ଲାଭବାନ୍ ହେଉଛନ୍ତି। ସମ୍ମିଳିତ ଚେଷ୍ଟା, ମୂଳଧନ, ଉପଯୁକ୍ତ ପରିଚାଳନା ଓ ଉତ୍କୃଷ୍ଟ ଯନ୍ତ୍ର ସାହାଯ୍ୟରେ ଆମ ଦେଶରେ କୃଷିର ଉନ୍ନତି ସାଧିତ ହୋଇପାରେ ଏହା ଆମର ବିଶ୍ୱାସ। ଭାରତବର୍ଷ ତଥା ଓଡ଼ିଶାର କୃଷକମାନେ କୃଷି ଉପରେ ନିର୍ଭର କରନ୍ତି। ଏଥିପାଇଁ ଗୋ ମହିଷାଦିଙ୍କ ସଂଖ୍ୟା ଯେପରି ବୃଦ୍ଧି ହେବ ଓ ଗରିବ କୃଷକମାନେ ଯେପରି ସାହୁକାରମାନଙ୍କର ହସ୍ତଗତ ନ ହୋଇ ସ୍ୱ ସ୍ୱ କୃଷିକାର୍ଯ୍ୟ କରିପାରିବେ ତାହା ବନ୍ଦୋବସ୍ତ କରିବା ଉଚିତ୍। ବର୍ତ୍ତମାନ ଭାରତ ସରକାରଙ୍କର ପ୍ରଚଳିତ ବ୍ୟବସ୍ଥା ଅନୁସାରେ କେତେକ ସମବାୟ ଭଣ୍ଡାର ସଂସ୍ଥାପନା କରାଇବା ନିମନ୍ତେ ପ୍ରାଦେଶିକ ସରକାରମାନେ ଯତ୍ନବାନ ଅଛନ୍ତି। ଗରିବ କୃଷକମାନେ ନିତାନ୍ତ ଲୋଭୀ ସାହୁକାରଙ୍କ ଶୋଷଣରୁ ଯେପରି ମୁକ୍ତ ହେବେ, ସେଥିପାଇଁ ଚେଷ୍ଟା କରିବା ଉଚିତ୍। କୃଷକମାନଙ୍କୁ ଓ କୃଷି ସେବା ସମବାୟ ସମିତିମାନଙ୍କର ପରିଚାଳନା ପରିଷଦର ସଦସ୍ୟଙ୍କୁ କୃଷି ଶିକ୍ଷା ପ୍ରଦାନ କରିବା ସର୍ବମତରେ ବାଞ୍ଛନୀୟ ଏବଂ ନାନା ବିଧି କୃଷିକାର୍ଯ୍ୟ ସେମାନଙ୍କ ଦ୍ୱାରା ଯେପରି ସାଧିତ ହୋଇପାରିବ ସେ ବିଷୟରେ ଅବଲମ୍ବନ ବିଧେୟ। ମଧୁସୂଦନ ଦାସଙ୍କର ଏହା ଥିଲା ମୂଳଲକ୍ଷ୍ୟ ଓ ଯେହେତୁ ସେ ଥିଲେ ନିର୍ବାଚିତ ପ୍ରତିନିଧି ବିହାର-ଓଡ଼ିଶା ମିଳିତ ସରକାରରେ। ମଧୁସୂଦନ ଦାସଙ୍କ ଦ୍ୱାରା ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ତା୨୮.୧୨.୧୯୦୪ରିଖରେ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ସମବାୟ ଋଣ ଆଇନ ପ୍ରଣୟନକୁ ସ୍ୱାଗତ କରି କଟକଠାରେ ପ୍ରଜାମାନଙ୍କ ଗହଣରେ ଭାଷଣର ଏହାଥିଲା କିଛି ଅଂଶ। ଏସବୁକୁ ତର୍ଜମା କଲେ ପ୍ରକୃତ ନିର୍ବାଚିତ ପ୍ରତିନିଧି ପଦର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସହଜରେ ଜନସାଧାରଣଙ୍କ ଦ୍ୱାରା ଆଦୃତ ହେବା ଜଣାପଡ଼େ।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଶିକ୍ଷାନୁଷ୍ଠାନରେ ବନ୍ଧୁମିଳନ



ଭଗବାନ ଦାଶ

ଏବେ ପ୍ରାୟ ଶିକ୍ଷାନୁଷ୍ଠାନରେ ପୁରୁଣା ସହପାଠୀମାନେ ଏକତ୍ରିତ ହେବାକୁ ଆଗ୍ରହୀ। ସେମାନେ ସମସ୍ତେ ବର୍ତ୍ତମାନର ବରିଷ୍ଠ ନାଗରିକ। କାରଣ ଏ ପ୍ରକାର ବନ୍ଧୁ ମିଳନର ଆୟୋଜନ ସାଧାରଣତଃ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ କିମ୍ବା ହୀରକ ଜୟନ୍ତୀରେ କରାଯାଇଥାଏ। ଉପସ୍ଥିତ ବନ୍ଧୁମାନେ ଦୀର୍ଘାୟୁ ନତୁବା ଅବସରପ୍ରାପ୍ତ। ଏକାଠିହେଲେ ବୟସ ଭୁଲିଯାଇ ପିଲାଦିନ ଦିଶିଯାଏ। ଅନୁଷ୍ଠାନକୁ ଦେଖି ସ୍ମୃତି ରୋମନ୍ଥନର ଅବକାଶ ମିଳେ। ଆମ ଶିକ୍ଷାୟତନ, ଯାହା ଏବେ ଦେଖୁଛେ ତାକୁ ତୁଳନା କରିହୁଏନି। ପ୍ରାୟ ସବୁ ଶିକ୍ଷାନୁଷ୍ଠାନ ଘର କୋଠା, ଚଟାଣ ମାର୍ବଲ ବା ଟାଇଲ। ପରିବେଶ ଚକାଚକ। କିନ୍ତୁ ଆମ ସମୟର ଗଛ ଛାଇ ଭରା ସ୍କୁଲ ପରିସର ବିରଳ। ପିଲାମାନଙ୍କରି ଆଗଭଳି ବ୍ୟାଗ ବସ୍ତାନି ନାହିଁ। ଶିକ୍ଷକ ହେଉ କି ଶିକ୍ଷାର୍ଥୀ ହୁଅନ୍ତୁ ସମସ୍ତଙ୍କର ହାବଭାବ ସମ୍ପୂର୍ଣ୍ଣ ଭିନ୍ନ ଓ ସ୍ୱତନ୍ତ୍ର। ସେତେବେଳର ଛାଟ ଆଉ ନାହିଁ। ମୋଟାମୋଟି କହିବାକୁ ଗଲେ ଶିକ୍ଷାନୁଷ୍ଠାନଗୁଡିକ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ପରଠାରୁ ପିଲାମାନେ ସ୍ୱାଧୀନ। ଆମ ସମୟର ପାଠର ଆଲୋଚନା ଅପେକ୍ଷା ଏବକାର ପାଠର ଆଲୋଚନା ସମ୍ପୂର୍ଣ୍ଣ ଭିନ୍ନ ଓ ବିଦ୍ୟାଳୟ ବହୁମୁଖୀ ଶିକ୍ଷା ବ୍ୟବସ୍ଥାର ଚଳଣିରେ ବନ୍ଧା। ସେତେବେଳର ଖେଳ ବି ବଦଳିଗଲାଣି। ଛାତ୍ରୀଛାତ୍ର ପଢନ୍ତୁ ବା ନ ପଢନ୍ତୁ ମାଡ଼ ଧମକ ଦେବାର ତ ନାହିଁ। ପରୀକ୍ଷାରେ ଆଉ ଫେଲ୍ କେହି ହେବେନି। ପଢ଼ିବେ ଶ୍ରେଣୀ ଡେଇଁବେ। ପଢ଼ା ପିଲା ତ ପଢ଼ିବେ, ନ ପଢ଼ା ପିଲା ଆଉ ପଢ଼ିବାରେ ମନ ଦେବେ ବା କାହିଁକି!

ଉପସ୍ଥିତ ପୂର୍ବତନ ଛାତ୍ରମାନେ ବହୁ ବୟସ୍କ ହେତୁ ବିଦ୍ୟାଳୟର ଶିକ୍ଷକଙ୍କଠାରୁ ମଧ୍ୟ ବହୁତ ବଡ଼ ଏପରିକି ସେମାନଙ୍କର ପିତୃତୁଲ୍ୟ। କେତେକ କ୍ଷେତ୍ରରେ ଛାତ୍ରଟିଏ ଉଚ୍ଚ ପଦ ପଦବୀରେ ଅଧିଷ୍ଠିତ ହୋଇଥିଲେ, ତାହା ପୁଣି ଯଦି ଶିକ୍ଷା ବିଭାଗରେ ହୋଇଥାଏ, ସେତେବେଳେ ସେ ଛାତ୍ରଟି ଶିକ୍ଷକଙ୍କଠାରୁ ବେଶ୍ କିଛି ଅଧିକ ସମ୍ମାନ ପାଇଥାଏ। ଉପସ୍ଥିତ ବନ୍ଧୁଙ୍କ ଭିତରେ ଥାଇପାରନ୍ତି ବହୁ ଉଚ୍ଚ ପଦ ପଦବୀଧାରୀ ଅବସରପ୍ରାପ୍ତ ସରକାରୀ ଓ ବେସରକାରୀ କର୍ମଚାରୀ। ଥାଆନ୍ତି ଡାକ୍ତର, ଇଞ୍ଜିନିୟର, ଆଡଭୋକେଟ, ବିଭିନ୍ନ ନାମୀଦାମୀ କମ୍ପାନୀର ମ୍ୟାନେଜର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଏବଂ ବଡ଼ ବଡ଼ ଶିକ୍ଷାବିତ୍, ରାଜନେତା ଓ ପ୍ରଶାସନିକ ଅଧିକାରୀ। ମିଳନ, କଥୋପକଥନରୁ ମିଳେ ସେ ସବୁର ପରିଚୟ।

ସମସ୍ତଙ୍କର ପିଲାଙ୍କୁ ଚେତାବନି, ଆମେ କାଲି ତୁମପରି ଛୋଟ ପିଲା ଥିଲୁ। ଆଜି କିଏ କ'ଣ ? ଆଗକୁ ତୁମେ ସବୁ ଏପରି ହେବ। ତୁମ ହାତରେ ତୁମ ଭବିଷ୍ୟତ। ଏଣିକି ଦେଖିବାକୁ ରହୁଛି ଆମ ସ୍କୁଲ ପିଲାମାନେ ତହୁଁ ବଡା ତହୁଁ ବଡା ହୋଇ ଆମ୍ଭଠାରୁ ବଡ଼ ବଡ଼ ଚାକିରି କରିବେ। କିଏ ପ୍ରଶାସକ, କିଏ ରାଜନେତା, କିଏ ଶିଳ୍ପପତି ଇତ୍ୟାଦି ବହୁତ କିଛି। ଆମେ ଆଜି ଯେପରି ଏଠି ଆମ ନାତି ନାତୁଣୀଙ୍କୁ ଦେଖୁଛୁ, ତୁମେ ସେପରି ସୁଯୋଗ ମିଳିଲେ ଏଠି ଆସି ତୁମ୍ଭ ଦାୟାଦଙ୍କୁ ଦେଖିପାରିବ। ବିଦ୍ୟାଳୟର ସୁଖ୍ୟାତି ବ୍ୟାପିବ।

ଆମ ବିଦ୍ୟାଳୟକୁ ଗୋଟିଏ ପରିବାର ଭାବିଲେ, ଜାଣିପାରିବା ଯେ ସମସ୍ତେ ସମସ୍ତଙ୍କର ନିଜର। ବାହାରେ କେହି ଦେଖାହୋଇ ଯେବେ ଜଣାଯାଏ ସେ




ଆମ ସ୍କୁଲର ସେତେବେଳେ ଛାତି କିପରି ଫୁଲି ଉଠେ, ତାହା କେବଳ ଅନୁଭବୀ ହିଁ କେବଳ ଜାଣି ପାରିବେ। ଜଣେ ବ୍ୟକ୍ତି ତାଙ୍କ ଭାଷଣରେ କହୁଥାନ୍ତି ସେହିପରି ଏକ କଥା। ସେ ଜେଏନ୍‌ୟୁ, ଦିଲ୍ଲୀରେ ପ୍ରଫେସର ଥାଆନ୍ତି। ହଠାତ ଜଣେ ଓଡ଼ିଆ ଦେଖାହେଲେ। ଖୁସି ଲାଗିଲା। କଥାବାର୍ତ୍ତାରୁ ସେ ଯେତେବେଳେ ଜାଣିଲେ ପିଲାଟି ଆମ ଏଇ ସ୍କୁଲର ଛାତ୍ର ସେତେବେଳେ ଆଉ ବ୍ୟବଧାନ ରହିଲା ନାହିଁ। ଦ୍ୱିଧା ନ ରଖି କୁଣ୍ଢାଇ ପକାଇଲେ ଆଉ ଘରକୁ ଯିବାକୁ ବାଧ କଲେ। ଏଇ ତ ଆତ୍ମୀୟତା। କହିଲେ ପିଲେ ତୁମେ ଆମେ ଆଉ ଯିଏ ବି ଏ ସ୍କୁଲର ଛାତ୍ର ସମସ୍ତେ ଆମେ ଭାଇ ଭାଇ ପରି। ଏହାଠୁ ଆନନ୍ଦ ଆଉ କ'ଣ ଥାଇପାରେ।

ଏହିପରି ବହୁ ଅନୁଭୂତିସମ୍ପନ୍ନ ଭାଷଣ ଶୁଣି ଶୁଣି ବିଦ୍ୟାଳୟର ଉତ୍ସବ ସରି ସରି ଆସେ। ପ୍ରାୟ ସମସ୍ତଙ୍କ ହାତରେ ବାଡ଼ି। ଅନ୍ଧର ଲଉଡ଼ି ଚାଲିବାର ସାହାରା ସେ। ପରେ ବହୁ ଆଲୋଚନା। ପିଲାମାନେ କାହାର କିଏ କେଉଁଠି ଅଛନ୍ତି, କିପରି ଜୀବନ ଚାଲିଛି, କାହାର ଜୀବନସାଥୀ ଲୁଚିଗଲେଣି ତ କାହାର ଶଯ୍ୟାଶାୟୀ। ଏସବୁ ଆଲୋଚନା ମଧ୍ୟରେ ଥାଏ, ଅମୁକ କାହିଁକି ଆସିଲାନି। ସେ ଭଲ ଅଛି ତ ? ସେ କ'ଣ ଅଛି, ଚାରି ପାଞ୍ଚ ବର୍ଷ ଆଗରୁ ପରା ଚାଲିଗଲାଣି ଇତ୍ୟାଦିର ମନ ଖୋଲା କଥୋପକଥନ, ଆଲୋଚନା ଶିଥିଳ ପ୍ରାଣରେ କାତରତା ଭରିଦିଏ। ସେ ସ୍କୁଲ ଜୀବନରେ କେତେ ଆମୋଦ ପ୍ରମୋଦ ଦେଇପାରୁଥିଲା ତାହା ସ୍ମୃତିରେ ଆସେ। ଏସବୁ ସତ୍ତ୍ୱେ, ଯେତେବେଳେ ସଭା ସରି ସରି ଆସେ, ଝିଅ ବିଦାୟ ସମୟ ପରି ଲାଗେ। ସତେଯେପରି ଆଖି ସେ ସବୁର ସାକ୍ଷୀ। କେହି ଲୁହ ଗଡାନ୍ତିନି ସତ ହେଲେ ଚାହାଣି କଥା କହେ। ଆଉ ଦେଖା ହବ କି ନାହିଁ ତା' ଭଗବାନଙ୍କୁ ଜଣା। ବିଦାୟକୁ ସ୍ୱାଗତ ନ ଜଣାଇ କୋଳେଇ ନେଉଥିବା ବା ଯିବାକୁ ବାଧ ହେଉଥିବାର ଉପଲବ୍ଧି ଆସେ। ଘରକୁ ଗଲେ ମଧ୍ୟ ସେ ଦିନର ଅନୁଭୂତି, ଆଲୋଚନା ମନରେ ବେଶ୍ କିଛିଦିନ ଗୁଞ୍ଜରିତ ହୁଏ। ଆରେ ସେ ତ ଭଲ ପଢୁଥିଲା, କାହିଁକି ଗାଁରେ ଶିକ୍ଷକ ଚାକିରିଟିଏ କଲା। ପଢ଼ିବା ପଢ଼େଇବାରେ ଯାହାର ଆନନ୍ଦ ସେ ବା ଅନ୍ୟ ଚାକିରି କରନ୍ତା କାହିଁକି? ଅର୍ଥ ପଛରେ ନ ଧାଇଁ ନିଜ ମନର ଶାନ୍ତି ପାଇଁ ସେ ଧାଇଁଛି। ସବୁବେଳେ ପଢୁଥାଏ, ଆଉ ପିଲାଙ୍କ ଗହଣରେ ଦିନ କାଟିଦିଏ। ଅବଶ୍ୟ ଯେତେବେଳେ ପିଲାଟିଏ ଆସି ତା'ର ପାଦଧୂଳି ନେଲା, ତା'ର କି ଆନନ୍ଦ। ପିଲାଟିପରା ଜିଲାପାଳ। ଛାତି ତା'ର କୁଣ୍ଢେମୋଟ ହୋଇଯାଉଥାଏ। ସତରେ ଭଲ ଶିକ୍ଷକର ଆଦର କାହିଁ କେତେ ଉପରେ।

ଭଲ ଶିକ୍ଷକର ଆନନ୍ଦ ଛାତ୍ରର ପ୍ରଗତିରେ। ମୋ ଛାତ୍ର ଜଣେ ଜିଲାପାଳ କହିଲା ବେଳକୁ ନିଜେ ରାଜ୍ୟବିହୀନ ରାଜା ସାଜିଯାଏ। ଶିକ୍ଷା ବିକାଶର ବାଟ ଦେଖାଏ। ଭବିଷ୍ୟତ ଗଢ଼ିଦିଏ। ଏ ସବୁର ଆସ୍ଥାନ ହେଉଛି ଏହି ବିଦ୍ୟାଳୟ। ଅନ୍ୟ ଅନୁଷ୍ଠାନଠାରୁ ଏହା ସ୍ୱତନ୍ତ୍ର, ଭିନ୍ନ। କାରଣ ପୃଥିବୀରେ ଯେତେ ଅନୁଷ୍ଠାନ ଅଛି ସେ ସବୁର ପରିଚାଳକଙ୍କର ପ୍ରଥମ ଶିକ୍ଷାଦାତା ହେଉଛି ଏହିପରି ଗୋଟିଏ ଗୋଟିଏ ସ୍କୁଲ। ସର୍ବଶେଷରେ ପୁରୁଣା ସ୍ମୃତି କିଛିଦିନ ପ୍ରତ୍ୟେକଙ୍କର ମନକୁ ଆନ୍ଦୋଳିତ କରେ। ଅତୀତ ଓ ବର୍ତ୍ତମାନକୁ ମନ ଆପେ ଆପେ ଆଗକୁ ଆଣେ। ସମୟ ଯେହେତୁ ସବୁଠାରୁ ବଳବାନ୍, ପ୍ରତ୍ୟେକ ମନୁଷ୍ୟ ତା'ର ସାମାଜିକ ଓ ସାଂସାରିକ ଚଳଣି ଭିତରେ ମନକୁ ମନ ନିଜକୁ ହଜାଇଦିଏ ଓ ବୁଝିଯାଏ।

**ଗୁଣ୍ଡିଚା ବିହାର, ପୁରୀ,**
**ମୋ: ୮୨୪୯୦୮୨୪୦୦**

## ଏଇ ଭାରତରେ

କିଛି ଲୋକ ଥାଆନ୍ତି, ଯେଉଁମାନେ ନିଜ ସ୍ୱପ୍ନକୁ ପୂରା କରିବାର ସୁଯୋଗ ପାଆନ୍ତି ନାହିଁ। ହେଲେ ଅନ୍ୟମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ପୂରା ଦମ୍‌ରେ ଲାଗିପଡ଼ନ୍ତି। ଆଉ ଏହି ମାଧ୍ୟମରେ ସେମାନେ ପାଆନ୍ତି କେବଳ ଆତ୍ମସନ୍ତୋଷ। ଠିକ୍ ଏମିତି ଜଣେ ଭିନ୍ନ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍ତରପ୍ରଦେଶ ମେରଟର ଅବସରପ୍ରାପ୍ତ ଜଜ୍ ଡକ୍ଟର ଜ୍ଞାନେନ୍ଦ୍ର କୁମାର ଶର୍ମା। ଅବସର ପରେ ଏବେ ସେ ଏକ ଟ୍ରେନିଂ ସେଣ୍ଟର ଖୋଲି ଗରିବ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ ସହିତ ଅନ୍ୟାନ୍ୟ ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି। ଏହି ମାଧ୍ୟମରେ ସେ ଗରିବ ଶ୍ରେଣୀର ଯୁବପିଢ଼ିଙ୍କୁ ସେମାନଙ୍କ ମନ ମୁତାବକ ଶୀର୍ଘ ସ୍ଥାନରେ ପହଞ୍ଚାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ଟ୍ରେନିଂ ସେଣ୍ଟରର ନାଁ ରଖିଛନ୍ତି ପ୍ରଣବ ଜୁଡିସିଆଲ ଏକାଡେମୀ। ତେବେ ଏଭଳି ଏକ ମହତ୍ କାମ କରିବା ପଛରେ ତାଙ୍କର ପ୍ରେରଣା ହେଉଛି ତାଙ୍କର ଏକମାତ୍ର ପୁତ୍ର ପ୍ରଣବ, ଯିଏ କି ୨୦୨୨ରୁ ଏକ ଦୁର୍ଘଟଣାରେ ପ୍ରାଣ ହରାଇ ସାରିଛନ୍ତି। ପ୍ରଣବ ଜଣେ ନାଁକରା ଓକିଲ ଥିଲେ ଓ ସେ ସୁପ୍ରିମକୋର୍ଟରେ ଜଜ୍ ହେବାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ମୃତ୍ୟୁ ପରେ ତାଙ୍କର ସବୁ ସ୍ୱପ୍ନ ଅଧା ରହି ଯାଇଥିଲା। ଫଳରେ ଏକ ବିରାଟ ମାନସିକ ଆଘାତ ପାଇ ଜ୍ଞାନେନ୍ଦ୍ର ଜୀବନର ସବୁ ଆଶା ହରାଇ ଦେଇଥିଲେ। କିନ୍ତୁ ପୁଅର ସ୍ୱପ୍ନକୁ ନେଇ ସେ ବଞ୍ଚିବାର ଏକ ନୂଆ ସାହାରା ପାଇଥିଲେ। ତେଣୁ ଗରିବ ପିଲାଙ୍କୁ ପାଠ ପଢ଼ାଇବା ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

୫ ମେ ୧୯୭୬

- ହୀରାକୁଦ, ସାଲନ୍ଦୀ ଓ ମହାନଦୀର ତ୍ରିକୋଣଭୂମି ଜଳସେଚିତ ଅଞ୍ଚଳର ବିକାଶ ପାଇଁ ତିନୋଟି ଜଳସେଚିତ ଅଞ୍ଚଳ ଉନ୍ନୟନ ସଂସ୍ଥା ଗଠନ କରାଯିବା ନେଇ ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ନିଷ୍ପତ୍ତି ଗ୍ରହଣ।
- ହେବିୟସ୍ କର୍ପସ ଆବେଦନ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ରାୟ ଦେବା ପରେ ଦିଲ୍ଲୀ ହାଇକୋର୍ଟରେ ଥିବା ଏ ସଂକ୍ରାନ୍ତ ସମସ୍ତ ଆବେଦନ ଖାରଜ କରିଦିଆଯାଇଛି।

## ଚିରନ୍ତନୀ

ଜୀବନ-ବେଳା ପରେ ଖେଳିଲା
କେତେ ବୀଚି
ଲାଗିଲା ନବ ନବ ଆଘାତ
ପାରିବି ନାହିଁ କହି ସକଳ ଆଜି ଫେଇ
ଗୋପନ କଥା ଆରେ ସଙ୍ଗାତ !
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କିଛି କାର୍ଯ୍ୟାନୁଷ୍ଠାନ ହେଉନାହିଁ

ମହାଶୟ,

ଖବରରୁ ଜାଣିଲୁ ଯେ, ଶ୍ରୀମନ୍ଦିର ଭିତରୁ ନବକଳେବର ବେଳର ବଳକା ଦାରୁ ଯାଇ ଦୀଘା ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ ହୋଇଛି। ଏହା ଏକ ସ୍ପର୍ଶକାତର ପ୍ରଶ୍ନ। ଶ୍ରୀମନ୍ଦିରର କେହି ବରିଷ୍ଠ ସେବାୟତ ଏ କାର୍ଯ୍ୟ ସହ ସଂଶ୍ଳିଷ୍ଟ। ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ଏହା ଅଡୁଆରେ ପକାଇବା ସ୍ୱାଭାବିକ। ତେଣୁ ସରକାର ଅବିଳମ୍ବେ ଏକ ତଦନ୍ତ ଘୋଷଣା କରିଦେଲେ। ତଦନ୍ତ ହେବ, ଫଳାଫଳ ଆସିବ, ଦୋଷୀଙ୍କୁ ଦଣ୍ଡ ଦିଆଯିବ। ସେଇ ପୁରୁଣା କଥା, କାଳକ୍ଷେପଣ ନୀତି, ଜନମତକୁ ବିଭ୍ରାନ୍ତ କରିବାର ଉପାୟ। ଆଗରୁ ବହୁ ସ୍ପର୍ଶକାତର ପ୍ରସଙ୍ଗରେ ତଦନ୍ତ କମିଶନ ବସିଛି ଓ ରିପୋର୍ଟ ଆସିଛି, କିନ୍ତୁ କିଛି କାର୍ଯାନୁଷ୍ଠାନ ହୋଇଛି କି? କ'ଣ ରିପୋର୍ଟ ଆସିଛି ତାହା ଲୋକ ଲୋଚନକୁ ଆସୁଛି କି? ? କେବଳ ଲୋକ ଭୁଲିଯିବା ପର୍ଯ୍ୟନ୍ତ ଖବର ଗଡେଇ ଦିଆଯାଇଛି, କିଛି ଅର୍ଥ ଶ୍ରାଦ୍ଧ ହୋଇଛି। କିଛି ଉଚ୍ଚ ମାନର ଲୋକଙ୍କୁ ପୋଷା ଯାଇଛି। ଏଥର ବି ଅନୁରୂପ ନ ହେବ ସେକଥା କିଏ କହିବ ? କେତେଥର ତଦନ୍ତ ସମୟ ବଢ଼ିବ ସେକଥା କେହି ଜାଣନ୍ତି ନାହିଁ। ସରକାରଙ୍କ ପାଇଁ ଜଗନ୍ନାଥ ଧର୍ମ, ଜଗନ୍ନାଥ ସଂସ୍କୃତି, ଜଗନ୍ନାଥଙ୍କ ଐତିହ୍ୟ ବଡ଼ ନୁହେଁ, କ୍ଷମତାର ସିଂହାସନ ତାଙ୍କ ପାଇଁ ବଡ଼। ସେମାନଙ୍କ ଭିତରେ ଗଜପତି କପିଳେନ୍ଦ୍ର ଦେବଙ୍କ ମନ ନାହିଁ କି ସାହସ ନାହିଁ। ତେଣୁ ସେମାନେ କିଛି ବି କରିବେ ନାହିଁ। ଯଦି ରାଜ୍ୟବାସୀ ଜଗନ୍ନାଥ ଧର୍ମ ସଂସ୍କୃତିକୁ ରକ୍ଷା କରିବାକୁ ଚାହାନ୍ତି ତେବେ ସେମାନଙ୍କୁ କିଛି କରିବାକୁ ହେବ।

**-ପ୍ରଭାତ କୁମାର ଦାସ, ସ୍ୱର୍ଣ୍ଣପୁରୀ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅମଲା ସଂଘର କଲମଛାଡ଼ ଆନ୍ଦୋଳନ ନିଷ୍ପତ୍ତି


ଅମଲା ସଂଘର ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

**ଯାଜପୁର ଟାଉନ,୪।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

## ଆଜିଠୁ କଳାବ୍ୟାଜ୍ ପିନ୍ଧିବେ, ୬ରୁ କଲମ ଛାଡ଼

ଗତ ୨୮ ତାରିଖରେ ବରୀ ବ୍ଲକରେ କାର୍ଯ୍ୟରତ କନିଷ୍ଠ ସହାୟକ ଅମର ରଞ୍ଜନ ନାୟକଙ୍କୁ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକ ଜାତିଆଣ ଆକ୍ଷେପ କରି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ । ଏପରି କି ତାଙ୍କ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ରବିବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଯାଜପୁର ଜିଲା ଶାଖାର ଜିଲା ସଭାପତି ନିଗମାନନ୍ଦ ମାନ୍ଧାତା ଓ ସାଧାରଣ ସମ୍ପାଦକ ମଦନ ମୋହନ ପତିଙ୍କ ଆହ୍ୱାନରେ ଜରୁରୀକାଳୀନ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲାର ସମସ୍ତ ରାଜସ୍ୱ ସଭ୍ୟାସଭ୍ୟ ସହ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମି ରଞ୍ଜନ ମହାନ୍ତି, ମୁଖ୍ୟ ପରାମର୍ଶଦାତା କୈଳାଶ ଚନ୍ଦ୍ର ମଲିକ, ମିଳିତ ଅମଲା ମଞ୍ଚର ସଭାପତି କମଳାକାନ୍ତ ନନ୍ଦ, ସବ୍‌ରେଜିଷ୍ଟ୍ରାର ସଂଘ ଓ ଟ୍ରେଜେରୀ ସଂଘର ସଭାପତି ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ବରୀ ବିଧାୟକ ମଲିକ ଓ ତାଙ୍କ କର୍ମୀଙ୍କ ଦ୍ୱାରା ହୋଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରାଯିବା ସହ ଆସନ୍ତା ୫ ଅର୍ଥାତ୍ ସୋମବାର ଯାଜପୁର ଜିଲାର ସମସ୍ତ ରାଜସ୍ୱ ଅମଲା କଳାବ୍ୟାଚ୍ ପରିଧାନ କରି ଅଫିସ କାର୍ଯ୍ୟ ସମ୍ପାଦନ କରିବେ । ୬ ତାରିଖଠାରୁ ଯେ ପର୍ଯ୍ୟନ୍ତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ସେ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସ୍ୱରୂପ ଜିଲାର ସମସ୍ତ ରାଜସ୍ୱ ଅମଲା କଲମ ଛାଡ଼ ଆନ୍ଦୋଳନ କରିବେ ବୋଲି ଘୋଷଣା କରାଯାଇଛି ।

## ମୁହଁ ଖୋଲିଲେ ବିଧାୟକ

**ବରୀ,୪।୫(ମହେନ୍ଦ୍ର ସ୍ୱାଇଁ):**

ଯାଜପୁର ଜିଲା ବରୀ ବ୍ଲକ କନିଷ୍ଠ କିରାଣୀ ଅମର ନାୟକଙ୍କୁ ବିଧାୟକ ବିଶ୍ୱରଞ୍ଜନ ମଲିକ ମାଡ଼ ମାରିବା ସହିତ ଜାତିଆଣ ଆକ୍ଷେପ କରିଥିବା ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏହାକୁ ନେଇ ବିବାଦ ବଢ଼ିବା ପରେ ରବିବାର ବିଧାୟକ ମଲିକ ମୁହଁ ଖୋଲିଛନ୍ତି । ତାଙ୍କ କହିବା ଅନୁଯାୟୀ, ଘଟଣା ଦିନ ମଧୁବାବୁଙ୍କ ଜୟନ୍ତୀ ଥିବାରୁ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ସାରି ମୁଁ ଫେରିଥିଲି । ପରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲି । ପ୍ରଥମେ ଅତିରିକ୍ତ ବିଡିଓଙ୍କ ପ୍ରକୋଷ୍ଠରେ କିଛି କାର୍ଯ୍ୟ ସାରି ଅଧ୍ୟକ୍ଷଙ୍କ ପ୍ରକୋଷ୍ଠକୁ ଯାଇଥିଲି । ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକଙ୍କୁ ବ୍ଲକର ପ୍ରଗତି ସହାୟକ ଅମର ରଞ୍ଜନ ନାୟକ ଏବଂ ଅନ୍ୟ ଜଣେ କିରାଣୀ ଖରାପ ବ୍ୟବହାର କରିବା ଘଟଣା ମୋ ନଜରକୁ ଆସିଥିଲା ।


ଖବରଦାତା ସମ୍ମିଳନୀରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ।

ମୁଁ ସମ୍ପୃକ୍ତ କର୍ମଚାରୀଙ୍କୁ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଡ଼ାକି ଜନପ୍ରତିନିଧିମାନଙ୍କ ସହିତ ସମନ୍ୱୟ ରକ୍ଷାକରି କାମ କରିବାକୁ ପରାମର୍ଶ ଦେଇଥିଲି । ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପରାମର୍ଶରେ ସେ ମୋ ଉପରେ ମିଥ୍ୟା ଆରୋପ ଲଗାଯାଇ ବଦନାମ କରିବା ଏବଂ ବ୍ଲକ କାର୍ଯ୍ୟକ୍ରମରେ ଅସହଯୋଗ କରିବା ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ବରୀବାସୀ କୁଚକ୍ରୀ ଗୋଷ୍ଠୀଙ୍କ ରାଜନୈତିକ ଚରିତ୍ର ବିଷୟରେ ଭଲଭାବେ ଜାଣନ୍ତି । ଏଣୁ ମିଥ୍ୟା ଆରୋପରୁ ଦୂରେଇ ରହି ବରୀର ବିକାଶ ମୂଳକ କାର୍ଯ୍ୟ କରିବା କ୍ଷେତ୍ରରେ ସମସ୍ତେ ସହଯୋଗ କରିବା ଉଚିତ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ଇନର ହୁଇଲ୍ କ୍ଲବ ପକ୍ଷରୁ ଜନସେବା କାର୍ଯ୍ୟକ୍ରମ

**ଧର୍ମଶାଳା,୪।୫(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଜାରକା ଇନରହୁଇଲ କ୍ଲବ ପକ୍ଷରୁ ଜାରକା ପଞ୍ଚାୟତର ଉତ୍ତର ଶାସନ ଗ୍ରାମରେ ଥିବା ମା'ଅମରେଶ୍ୱରୀ ମନ୍ଦିର ପରିସରରେ ଶନିଶ୍ଚର ପୂଜା ଉପଲକ୍ଷେ ଏକ ଜଳସେବା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଇନରହୁଇଲ କ୍ଲବ ସଭାପତି ରଶ୍ମିତା ନାୟକ ଓ ସମ୍ପାଦକ ଲୋପାମୁଦ୍ରା ଷେଣ୍ଢଙ୍କ ନେତୃତ୍ୱରେ ଏହି ଜଳସେବା କାର୍ଯ୍ୟକ୍ରମ କରାଯାଇଥିଲା । କ୍ଲବର ସଦସ୍ୟମାନେ ଦିନତମାମ ଶ୍ରଦ୍ଧାଳୁମାନଙ୍କୁ ଶୁଦ୍ଧ ପାନୀୟ ଜଳ ସହିତ ଦହି ସର୍ବତ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବ ପକ୍ଷରୁ ଶୁଭଲକ୍ଷ୍ମୀ କର, କଳ୍ପନା ଖୁଣ୍ଟିଆ, ଶକୁନ୍ତଳା ମହାନ୍ତି, କାଦମ୍ବିନୀ ମିଶ୍ର, ଉପାସନା ଶତପଥୀ, ଅର୍ଚ୍ଚନା ସ୍ୱାଇଁ, ପ୍ରଭାତ ନଳିନୀ ସାହୁ ଏବଂ ରୋଟାରୀ କ୍ଲବ ପକ୍ଷରୁ ସଭାପତି ରାଜେନ୍ଦ୍ର କୁମାର ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ପ୍ରମୋଦ କୁମାର ସାମଲ, ସୁକାନ୍ତ କୁମାର ସ୍ୱାଇଁ, ଚକ୍ରଧର ଲେଙ୍କା ଓ ସତ୍ୟାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

### ଆଦର୍ଶ ଶିକ୍ଷକଙ୍କ ସ୍ମୃତିସଭା

**ବାଲିଚନ୍ଦ୍ରପୁର,୪।୫(ଗିରିଜା ପ୍ରସାଦ ସାହୁ):** ବଡ଼ଚଣା ବ୍ଲକ ବାହାଦୁରନଗର ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ନୀଳମଣି ସାମଲଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଡ.ଭାଗ୍ୟଧର ସାହୁଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାକୁ ବର୍ଷିୟାନ ଶିକ୍ଷକ ଉମାକାନ୍ତ ବଳ ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନୀଳମଣି ଜଣେ ନମ୍ର ଓ ଭଦ୍ର ବ୍ୟକ୍ତି ଭାବେ ଜଗତସିଂହପୁର ଓ ବଡ଼ଚଣା ବ୍ଲକ ଅଞ୍ଚଳରେ ପରିଚିତ ଥିଲେ ବୋଲି କହିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ବଡ଼ଚଣା ବିଧାୟକ ଅମର ନାୟକ, ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ, ଯାଜପୁର ଜିଲା ଭାଜପା ସଭାପତି ଦେବଜାନି ପ୍ରଧାନ, ଯୁବକଂଗ୍ରେସ ନେତା ସନ୍ତୋଷ କୁମାର ବଳ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ସଡ଼କ ଦୁର୍ଘଟଣା, ବାଇକ ଚାଳକ ଗୁରୁତର

**ପାଣିକୋଇଲି,୪।୫(ବିକାଶ ମଲିକ):** ୧୬ନଂ.ଜାତୀୟ ରାଜପଥର ପୁରୁଣା ଟୋଲ ଗେଟ୍ ନିକଟରେ ରବିବାର ଏକ କାର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ସେ ହେଲେ ଗୋଲେଇପୁର ପଞ୍ଚାୟତ ସାନ ବିରୁହାଁ (ଟିକର) ଗ୍ରାମର ବିକାଶ ମଲିକ । ସେ କୌଣସି କାମରେ ନିଜ ବାଇକ (ନଂ.ଓଡ଼ି୦୪ଜି୪୧୨୬)ରେ ପାଣିକୋଇଲି ଆଡ଼କୁ ଆସୁଥିବା ବେଳେ ପାଣିକୋଇଲି ପଟୁ ଦ୍ରୁତଗତିରେ ଯାଉଥିବା ଏକ କାର(ନଂ.୨୪ ବିଏଚ୪୧୮୦ପି) ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା । ଏଥିରେ ବିକାଶ ଗୁରୁତର ହୋଇଛନ୍ତି । ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି ।

## ୧୦ ହାଇସ୍କୁଲ୍ ଛାତ୍ରୀଛାତ୍ରଙ୍କ ଶତ ପ୍ରତିଶତ ସଫଳତା

**ଧର୍ମଶାଳା,୪।୫(ବଟକୃଷ୍ଣ ପରିଡ଼ା):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ରାଜ୍ୟରେ ମାଟ୍ରିକ୍ ପାସ୍ ହାର ୯୪.୯୩ ହୋଇଥିବା ବେଳେ ଯାଜପୁର ଜିଲାରେ ୯୫.୦୪ ହାରରେ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ସେହିପରି ଧର୍ମଶାଳା ବ୍ଲକ୍‌ର ୧୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ୨୮୩୫ଜଣଙ୍କ ମଧ୍ୟରୁ ୯୫.୧୦ ହାରରେ ୨୬୯୬ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ଜିଲାରେ ଏ-୧ରେ ୮୪ ଜଣ ପାସ୍ କରିଥିବା ବେଳେ ଧର୍ମଶାଳା ବ୍ଲକର୍ ୨୧ଟି ସ୍କୁଲ୍‌ର ଏ-୧ରେ ୪ଜଣ ଓ ଜିଲାରେ ଏ-୨ରେ ୪୯୧ଜଣ ପାସ୍ କରିଥିବା ବେଳେ ଧର୍ମଶାଳା ବ୍ଲକରେ ଏ-୨ରେ ୩୯ ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ଧର୍ମଶାଳା ବ୍ଲକର ୧୦ଟି ସ୍କୁଲର ଶତ ପ୍ରତିଶତ ପରୀକ୍ଷାର୍ଥୀ ପାସ୍ କରିଛନ୍ତି । ସେଗୁଡ଼ିକ ହେଲା ପତିତପାବନ ହାଇସ୍କୁଲ ଗଙ୍ଗାଧରପୁର, ଆରୁହା ହାଇସ୍କୁଲ, ଆରୁହା, ପଞ୍ଚାୟତ ହାଇସ୍କୁଲ ସାଥୁଆପାଟଣା, ବଳରାମପୁର ହାଇସ୍କୁଲ ବଳରାମପୁର, ଭୁବନେଶ୍ୱରୀ ହାଇସ୍କୁଲ ଭୁବନ, ଗୋପାଳଜୀଉ ହାଇସ୍କୁଲ ମୁରାରୀପୁର, ବୁଢ଼ୀଜାଗୁଳାଇ ହାଇସ୍କୁଲ କଦମପାଳ, ଅରାବଳ ପଞ୍ଚାୟତ ହାଇସ୍କୁଲ ଅରାବଳ,ମା ସୁନ୍ଦରାଇ ହାଇସ୍କୁଲ କୁରୀକଣା, ହିଙ୍ଗୁଳା ହାଇସ୍କୁଲ୍ ଦୈଳତ୍‌ପୁର ଓ ବେସରକାରୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଜାରକା ବୋଲି ଜଣାପଡ଼ିଛି ।

# ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ


ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି ।

**ବରୀ,୪।୫(ମହେନ୍ଦ୍ର ସ୍ୱାଇଁ):**

ବିପ୍ଳବୀ ରାମକୃଷ୍ଣ ସାମନ୍ତସିଂହାର ସ୍ମୃତି ସଂସଦ ସଭାପତି ବସନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କ୍ରାନ୍ତିବୀର ରାମକୃଷ୍ଣ ସାମନ୍ତସିଂହାରଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ସମାରୋହ ରବିବାର ଶେଷ ହୋଇଛି । ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ଅଭିମନ୍ୟୁ ବାଲିଆସ୍ଥିତ ମା'ଜାଗୁଳାଇଙ୍କ ପୀଠରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଆଳି ରାଜା ତଥା ବିଧାୟକ ପ୍ରତାପ କେଶରୀ ଦେବ ଯୋଗଦେଇ ଓଡ଼ିଶାର ସଂଗ୍ରାମୀ ଇତିହାସ ସମ୍ପର୍କରେ ବିସ୍ତୃତ ଆଲୋଚନା କରି କହିଲେ ଇତିହାସକୁ ଆଇନା କରି ନିଜକୁ ପରଖିଲେ ଆମେ ଅତୀତର କଥା ଅତ୍ୟନ୍ତ ସ୍ୱଚ୍ଛ ଭାବେ ଦେଖିପାରିବା । ଏ ମାଟି ଦେଶଦ୍ରୋହୀଙ୍କ ବିରୋଧରେ ସଂଗ୍ରାମ କରିଥିଲା, ଯାହା ଏହି ଅଞ୍ଚଳର ପ୍ରତିଟି ମଣିଷର ରକ୍ତବିନ୍ଦୁରେ ଅଛି । ସମ୍ମାନିତ ଅତିଥିଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ ଯୋଗଦେଇ ବରୀ ଭଳି ସଂଗ୍ରାମୀ ମାଟିର ଦାୟାଦ ହିସାବରେ ମୁଁ ଗର୍ବିତ । ଏ ମାଟିର ବିକାଶ ପାଇଁ ମୋତେ ଯେତେବେଳେ ଯେଉଁଠି ବି ସହଯୋଗ କରିବାକୁ ପଡିବ ସେଠାରେ ପ୍ରଥମେ ମୁଁ ରହିବି ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷକ ସଂଘ ସଭାପତି ବିଶିଷ୍ଟ ଐତିହାସିକ ଅମୀୟ କୁମାର ମହାନ୍ତି ଭାରତ ଇତିହାସ ସହ ବରୀର ସଂଗ୍ରାମୀ ଇତିହାସକୁ ଆଲୋଚନା କରିଥିଲେ । ସମ୍ମାନୀତ ବକ୍ତା ଡ.ରବିନ୍ଦ୍ର ବିହାରୀ ଯୋଗଦେଇ ଜମିଦାରୀ ପ୍ରଥା ଓ ପ୍ରଗଣା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥିଭାବେ ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲା ପରିଷଦ ସଭ୍ୟ ଦିଲୀପ ମହାନ୍ତି, ଅଶୋକ କୁମାର ସାମଲ, ସୁମିତ୍ରା ଯାଦବ, ସାମାଜିକ କର୍ମୀ କେଦାର ସାମଲ, ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଦେବପ୍ରସାଦ ସାମଲ, ବାଲିଆ ସରପଞ୍ଚ ରେବତୀ ଜେନା ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ଶରତ କୁମାର ଜେନା ପ୍ରଦାନ କରିଥିବାବେଳେ ମନ୍ମଥ ରାୟ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସୌମ୍ୟ ତ୍ରିପାଠୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବାବେଳେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ବିପ୍ଳବୀ ରାମକୃଷ୍ଣଙ୍କ ତୈଳଚିତ୍ର ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା ।

## ପୋଷଣ ଅଭିଯାନ, ପ୍ରୋଟିନ ବଣ୍ଟନ କାର୍ଯ୍ୟକ୍ରମ

**ଦଶରଥପୁର,୪।୫(ସୁଶାନ୍ତ କୁମାର ବେହୁରିଆ):** ଯାଜପୁର ଜିଲା ଦଶରଥପୁର ବ୍ଲକ ଚଷାଖଣ୍ଡ ଗ୍ରାମରେ ରବିବାର ପୋଷଣ ଅଭିଯାନ ଓ ପ୍ରୋଟିନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଞ୍ଜୁମର ୱେଲଫେୟାର ଆଣ୍ଡ ଲିଗାଲ କାମ୍ପ୍ଲେନ୍ସ କମିଶନ ଅଫ୍ ଇଣ୍ଡିଆର ରାଜ୍ୟ ନିର୍ଦ୍ଦେଶିକା ନିଳିମା ପାତ୍ରଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ମହେନ୍ଦ୍ର ଧଳ, ମାନସ ଦାସ, ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ପୋଷଣ କାର୍ଯ୍ୟକ୍ରମ ଦ୍ୱାରା ସମାଜରୁ କୁପୋଷଣ ଦୂର କରାଯାଇ ସୁସ୍ଥ ଓ ରୋଗ ମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ୍‌ବିକେ ସସ୍ମିତା ସାହୁ,ଗୋଷ୍ଠୀ ସହାୟିକା ସଂଯୁକ୍ତା ରାଉତ, ଅରୁନ୍ଧତି ରାଉତ, ପୁଷ୍ପଲତା ମହଲ, ଗୌରୀବାଳା ସାମଲ, ସସ୍ମିତା ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଗାଡ଼ି ଧକ୍କାରେ ସାଇକେଲ ଆରୋହୀ ମୃତ

**ପାଣିକୋଇଲି,୪।୫(ବିକାଶ ମଲିକ):** ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ବଡ ତ୍ରିଲୋଚନପୁର (ମକୁନ୍ଦିବିନ୍ଧ) ଗ୍ରାମର ଜଣେ ସାଇକେଲ ଆରୋହୀ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଛନ୍ତି । ମୃତକ ହେଲେ ଲକ୍ଷ୍ମୀଧର ମାଝୀ (୫୦) । ସେ ରବିବାର ଅପରାହ୍ଣରେ ୧୬ନଂ.ଜାତୀୟ ରାଜପଥରେ ଯାଉବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଯାଇଥିଲା ।

# ଭିଡିଓ ଭାଇରାଲ ଧମକ ଦେଇ ମହିଳାଙ୍କୁ ବାରମ୍ବାର ବଳାତ୍କାର

## ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**ପାଣିକୋଇଲି,୪।୫(ବିକାଶ ମଲିକ):** ଅଶ୍ଳୀଳ ଭିଡିଓ ଭାଇରାଲ ଧମକ ଦେଇ ଜଣେ ମହିଳାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା । ଅଭିଯୋଗ ପରେ ଭରଣପୋଷଣର ଦାୟିତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇ ଅଭିଯୁକ୍ତ ଫେରାର ହେବା ପରେ ପୀଡ଼ିତା ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି କରିଛନ୍ତି ।

ସୂଚନା ଅନୁଯାୟୀ, ଯାଜପୁରରୋଡ଼ ଥାନା ଦାନଗଦି ଫାଣ୍ଡି ଅଧୀନ ଜଣେ ମହିଳାଙ୍କ ଅଭିଯୋଗ ମୁତାବକ ସର୍ବେଶ୍ୱର ବାରିକଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା । ପ୍ରେମରୁ ଶାରୀରିକ ସମ୍ପର୍କ ସୃଷ୍ଟି ହୋଇଥିଲା । ଏହି ସୁଯୋଗରେ ସର୍ବେଶ୍ୱର ତାଙ୍କ ଅଜାଣତରେ ଅଶ୍ଳୀଳ ଭିଡିଓ ତିଆରି କରିଥିଲେ । ସେହି ଭିଡିଓକୁ ଭାଇରାଲ କରିଦେବାର ଧମକ ଦେଇ ତାଙ୍କ ସହିତ ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ସର୍ବେଶ୍ୱର ବାଧ୍ୟ କରୁଥିଲେ । ଶେଷରେ ସମ୍ପୃକ୍ତ ମହିଳା ଦାନଗଦି ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ । ଫାଣ୍ଡି ପୋଲିସ ଉପସ୍ଥିତିରେ ଉଭୟଙ୍କ ମଧ୍ୟରେ ବିବାଦର ସମାଧାନ ହୋଇଥିଲା । ସର୍ବେଶ୍ୱର ପୀଡ଼ିତାଙ୍କୁ ନିଜ ପାଖରେ ରଖି ତାଙ୍କର ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏହାର ଗୋଟେ ଦିନ ପରେ ସର୍ବେଶ୍ୱର ପୀଡ଼ିତାଙ୍କୁ ଛାଡି ଫେରାର ହୋଇଯାଇଥିଲେ । ଏନେଇ ଫାଣ୍ଡି ଓ ଥାନାକୁ ଦୌଡି ନିରାଶ ହେବା ପରେ ପୀଡ଼ିତା ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

## ପହଲଗାମ୍ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି

**ବ୍ରହ୍ମବରଦା,୪।୫ (ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ଅଲଉମା ସଖ୍ୟାଲଘୁ ସଙ୍ଗଠନ ପକ୍ଷରୁ ଜମ୍ମୁ-କଶ୍ମୀରସ୍ଥିତ ପହଲଗାମଠାରେ ଆତଙ୍କବାଦୀମାନଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିବା ଲୋକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଘଟଣାକୁ ସଙ୍ଗଠନର କର୍ମକର୍ତ୍ତାମାନେ ନିନ୍ଦା କରିଛନ୍ତି । ଏହି ଅବସରରେ ସଙ୍ଗଠନ ପକ୍ଷରୁ ପାକିସ୍ଥାନକୁ ସମାଲୋଚନା କରିଥିଲେ । ଭାରତ ସରକାର ଆତଙ୍କବାଦୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା । ଏହି ଅବସରରେ ମୃତକଙ୍କ ଆତ୍ମାର ସଦଗତି ନିମନ୍ତେ ମହମବତୀ ଜଳାଇ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ସେକ ଅୟୁବ ଅଲ୍ଲୀ, ସମ୍ପାଦକ ଅକ୍ତର ହୋସେନ, ସେକ୍ ତଜମୁଲ ହୋସେନ, ମୁକ୍ତାର ଆଲାମ ଖାଁ, ସେକ୍ ସାବିର ଖାଁ, ସେକ୍ ଆସାରୁଲ ହକ, ସେକ୍ ଇସାକ ଖାଁ, ମୁକ୍ତାର ଖାଁ ପ୍ରମୁଖ ଯୋଗଦେଇଥିଲେ ।

# ପୁଣି ମନସ୍ୱିନୀଙ୍କୁ ମିଳିଲା ସୁଯୋଗ

## ଖେଲୋ ଇଣ୍ଡିଆ-୨୦୨୫ରେ ଅଫିସିଆଲ ଭାବେ ନିଯୁକ୍ତ

**ରସୁଲପୁର,୪।୫(ରଞ୍ଜିତ ରାଉତ)**



ସର୍ବଭାରତୀୟ କବାଡି ଖେଳ ପରିଚାଳକ ଭାବେ ପରିଚିତ ଯାଜପୁର ଜିଲା ରସୁଲପୁର ବ୍ଲକ ମଧୁବନ ଅଞ୍ଚଳର କ୍ରୀଡାବିତ୍ ମନସ୍ୱିନୀ ସାହୁଙ୍କୁ ପୁଣି ସୁଯୋଗ ମିଳିଛି । ଏଥର ସେ ଖେଲୋ ଇଣ୍ଡିଆ କବାଡି ପ୍ରତିଯୋଗିତାରେ ଅଫିସିଆଲ ଭାବେ ନିଯୁକ୍ତି ପାଇଛନ୍ତି । ଏଥି ପୂର୍ବରୁ ସେ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା, ମହିଳା କ୍ରୀଡା ଫେଷ୍ଟିଭାଲ, ପ୍ରୋ-କବାଡି ଭଳି ଅନ୍ତର୍ଜାତୀୟ କବାଡି ପ୍ରତିଯୋଗିତାରେ ଅଫିସିଆଲ ଭାବେ ଦାୟିତ୍ୱ ତୁଲାଇଥିଲେ । ତାଙ୍କର ଖେଳ ପରିଚାଳନା ଦକ୍ଷତା ଓ ଶୃଙ୍ଖଳିତ ଆଚରଣ ପାଇଁ ଚୟନକର୍ତ୍ତାମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ବିହାର ରାଜ୍ୟର ରାଜଗିରିଠାରେ ଆୟୋଜିତ ୭ମ ଖେଲୋ ଇଣ୍ଡିଆ ୟୁଥ ଗେମ୍ସ-୨୦୨୫ରେ ଖେଳ ପରିଚାଳନା ପାଇଁ ଓଡିଶାରୁ ୨ଜଣ ମହିଳା କ୍ରୀଡାବିତ୍‌ଙ୍କୁ ଚୟନ କରାଯାଇଛି । ସେଥି ମଧ୍ୟରେ ମନସ୍ୱିନୀଙ୍କ ନାମ ସ୍ଥାନ ପାଇଛନ୍ତି । ଏହି ପ୍ରତିଯୋଗିତା ଚଳିତ ମାସ ୪ରୁ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ । ଉକ୍ତ କବାଡି ପ୍ରତିଯୋଗିତା ଉତ୍ସବରେ ଆମେଚର କବାଡି ଫେଡେରେଶନ ଅଫ ଇଣ୍ଡିଆ (ଏକେଏଫଆଇ) ଦ୍ୱାରା ବୈଷୟିକ ଅଧିକାରୀ ଭାବେ ମନୋନୀତ ହୋଇ ସେ ବିହାର ଯାତ୍ରା କରିଛନ୍ତି । ମନସ୍ୱିନୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ରୀଡା ଶିକ୍ଷୟିତ୍ରୀ ଭାବେ କାମ କରୁଛନ୍ତି । ତାଙ୍କୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଅନୁମତି ପ୍ରଦାନ କରାଯାଇଥିବାରୁ ଜିଲା ଶିକ୍ଷାଧିକାରୀ ସୁଦର୍ଶନ ମଲିକ, ଓଡିଶା କବାଡି ଆସୋସିଏଶନର ସମ୍ପାଦକ ଅଜୟ କୁମାର ବେହେରା, ଯାଜପୁର ଜିଲା ଆଥେଲେଟିକ୍ ଆସୋସିଏଶନର ସମ୍ପାଦକ ସମ୍ବିତ୍ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ଜେନାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।


# ଲୁଟ୍,ଚୋରି ଘଟଣାରେ ୭ ଅଭିଯୁକ୍ତ ଗିରଫ

## ଘରେ ପଶି ବନ୍ଧୁକ ଦେଖାଇ ସୁନା,ରୁପା ଅଳଙ୍କାର ଲୁଟି ନେଇଥିଲେ

**ଦଶରଥପୁର,୪।୫(ସୁଶାନ୍ତ କୁମାର ବେହୁରିଆ)**

ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଚଷାଖଣ୍ଡ ପଞ୍ଚାୟତ ବୋତଲଟାଙ୍ଗ ଗ୍ରାମରେ ଗତ ଫେବୃଆରୀ ୨୦ ରାତିରେ ମନ୍ଦୋଦରୀ ଦାସଙ୍କ ଘରେ ଲୁଟ୍ ହୋଇଥିଲା । କେତେଜଣ ଯୁବକ ମନ୍ଦୋଦରୀଙ୍କ ଘରେ ପଶି ବନ୍ଧୁକ ଦେଖାଇ ସୁନା ଓ ରୁପା ଅଳଙ୍କାର ସହିତ ମୋବାଇଲ ଫୋନ ଆଦି ଲୁଟି ନେଇ ଫେରାର ହୋଇଯାଇଥିଲେ । ଏ ସମ୍ପର୍କରେ ମଙ୍ଗଳପୁର ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା (ନଂ.୪୭/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା । ଗତ କିଛିଦିନ ତଳେ ଉକ୍ତ ଲୁଟ୍ ମୋବାଇଲ କେନ୍ଦୁଝର ଜିଲାରୁ ଜବତ ହେବା ପରେ ଯାଜପୁର ପୋଲିସ ୨ଟି ଟିମ୍ ଗଠନ କରି ସେହି ଯୁବକମାନଙ୍କୁ ଗିରଫ ପାଇଁ ତନାଘନା ଚଳାଇଥିଲା । ଏହି ଘଟଣାରେ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଞ୍ଚହରା ଗ୍ରାମର ରଜନୀକାନ୍ତ ପାତ୍ର ଓରଫ ପପିଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ପରେ କୋରେଇ ଥାନା ଅନ୍ତର୍ଗତ ରଣସପୁର ଗ୍ରାମର ରାକେଶ ତରାଇ, ଖଣ୍ଡଗିରି ଥାନା ରଘୁନାଥନଗର ଅଞ୍ଚଳର ମିର ଜଲାନଙ୍କ ସମେତ ମଙ୍ଗଳପୁର ଥାନା ଶ୍ରୀରାମପୁର ଗ୍ରାମର ରୁଦ୍ରନାରାୟଣ ପାଢ଼ୀ, ହୁସେନପୁର ଗ୍ରାମର ସନ୍ଦୀପ ଭୂୟାଁ, ଧୋବକୋଇଲି (ସାଟିବାଟି) ଗ୍ରାମର ପ୍ରଭାକର ସାହୁ, ବୋତଲଟାଙ୍ଗ ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସ ଓରଫ ବାବୁଲିଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ, ୨ ବାଇକ୍, ୩ ମୋବାଇଲ, ୨ ସୁନା ମୁଦି, ୨ ସୁନା ଲକେଟ୍,ଏକ ହଳ ସୁନା ଚୁଡ଼ି , ୨ ହଳ ପାଉଁଜି, ଗୋଟିଏ ଷ୍ଟାଣ୍ଡ ଫ୍ୟାନ ଓ କିଛି ପରିମାଣରେ ପିତ୍ତଳ ବାସନକୁସନ ଆଦି ଜବତ କରାଯାଇଛି ।

ରବିବାର ମଙ୍ଗଳପୁର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଗିରଫ ଯୁବକମାନେ ଏକାଧିକ ଚୋରି ଘଟଣାରେ ଜଡିତ ଥିବା ସ୍ୱୀକାର କରିଛନ୍ତି । ଖବରଦାତା ସମ୍ମିଳନୀରେ ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କର, ଏସ୍‌ଆଇ ବିଭୂତି ଭୂଷଣ ମହାପାତ୍ର, ଏଏସ୍‌ଆଇ ବିକ୍ରମ ରାଉତ, ଚନ୍ଦନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।


ପୋଲିସ ଗହଣରେ ଗିରଫ ୭ ଯୁବକ ।

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 566/PIM(J)/KLD/2025 Date: 02.05.2025
TENDER CALL NOTICE
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

ODISHA HYDRO POWER CORPORATION LTD.
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
NOTICE INVITING TENDER No. HHEP-22/2025
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

# ହେନ୍ତାଳ ବଣକୁ ଚିଙ୍ଗୁଡ଼ି ଚାଷ ବିପଦ

କେନ୍ଦ୍ରାପଡ଼ା, ୪।୫ (ଜଗନ୍ନାଥ ଧଳ)


ରାଜନଗର ଚିଙ୍ଗୁଡ଼ି ଘେରି।

- ଘେରିରୁ ନିର୍ଗତ ବର୍ଜ୍ୟ ପାଇଁ ଜଳ, ସ୍ଥଳ ପ୍ରଭାବିତ
- ଭିତରକନିକା, ଚାଷୀଙ୍କ ପାଇଁ ବଢ଼ୁଛି ବିପଦ
- ଜୀବନ ଜୀବିକା ଲାଗି ଚିଙ୍ଗୁଡ଼ି ଘେରି ଆବଶ୍ୟକ

କେନ୍ଦ୍ରାପଡ଼ା ଜିଲାରେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ୨୦ ହଜାରରୁ ଊର୍ଦ୍ଧ୍ୱ ଏକର ଅଞ୍ଚଳରେ ହେଉଥିବା ଏହି ଚାଷ ଜିଲା ଉପାନ୍ତ ଅଞ୍ଚଳର ଜଳ ଓ ଭୂଗର୍ଭଜଳକୁ ପ୍ରଭାବିତ କରୁଛି। ଜାତୀୟ ଉଦ୍ୟାନ ଭିତରକନିକା ଜୈବ ବିବିଧତାକୁ ନଷ୍ଟ କରୁଛି। ସେହିପରି ଚିଙ୍ଗୁଡ଼ି ଘେରିକୁ ନାଳ ଦ୍ୱାରା ଆସୁଥିବା ଲୁଣାପାଣି ଏହି ଅଞ୍ଚଳର ଚାଷୀଙ୍କ ପାଇଁ ଉଦ୍‌ବେଗ ସୃଷ୍ଟି କରିଛି। ସମସ୍ୟାର ସମାଧାନ ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିଜ ଆଡ଼ୁ ମାମଲା ହୋଇ ଏହାର ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲଙ୍କୁ ନିଯୁକ୍ତି ଦିଆଯାଇ ନିରୀକ୍ଷଣ ପାଇଁ ଦାୟିତ୍ୱ ଦିଆଯାଇଛି। ଏହା ସତ୍ତ୍ୱେ ପ୍ରଶାସନିକ ଅବହେଳା ସମସ୍ୟାର ସମାଧାନକୁ ବିଳମ୍ବିତ କରୁଛି। ଏ ସମ୍ପର୍କରେ ସାମାଜିକକର୍ମୀ ଜ୍ୟୋତି ରଞ୍ଜନ ପ୍ରଧାନ କହିଛନ୍ତି, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ଚିଙ୍ଗୁଡ଼ିଘେରି ଉଚ୍ଛେଦ କାର୍ଯ୍ୟ ଜିଲା ପ୍ରଶାସନ ପକ୍ଷରୁ ଲିଖିତମାତ୍ରରେ ତ୍ୱରାନ୍ୱିତ ହୋଇଥିଲା। ମାତ୍ର କେତେକ ମାଲିକ ଘେରି ବେଆଇନ ହୋଇ ନ ଥିବା ଦର୍ଶାଇ ଉଚ୍ଚ ନ୍ୟାୟାଳୟରେ ୪ଟି ମାମଲା ଦାଏର କରିଥିଲେ। ପ୍ରଥମ ମାମଲାର ୯ ଅଭିଯୋଗକାରୀ ଦର୍ଶାଇଛନ୍ତି, ଜୀବନ ଜୀବିକା ପାଇଁ ନିଜ ଜମିରେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ଏଥିରେ ପ୍ରଦୂଷଣଜନିତ ସମସ୍ୟା ନାହିଁ। ଦ୍ୱିତୀୟ ମାମଲାର ୧୭ ଜଣ ଆବେଦନକାରୀ ଦର୍ଶାଇଛନ୍ତି, ଅତ୍ୟାଧୁନିକ ପ୍ରଣାଳୀରେ ନିଜ ଜମିରେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ସେହିପରି ତୃତୀୟ ଆବେଦନପତ୍ରରେ ଆଇନ ଅନୁଯାୟୀ ଚିଙ୍ଗୁଡ଼ିଘେରି କରୁଥିବା ୧୭ ଜଣ ଆବେଦନକାରୀ ଚାଷୀ ଦର୍ଶାଇଛନ୍ତି। ଫଳରେ ବୈଧ ଓ ଅବୈଧ ଘେରିକୁ ନେଇ ପ୍ରଶ୍ନ ଉଠିବାରୁ ଚିହ୍ନଟ ପାଇଁ ଜିଲା ପ୍ରଶାସନକୁ ଦାୟିତ୍ୱ ଦିଆଯାଇଛି। ସାମାଜିକକର୍ମୀ ବୀରେନ କୁମାର ଦାସ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଚିଙ୍ଗୁଡ଼ିଘେରି ଜାତୀୟ ଉଦ୍ୟାନ ଭିତରକନିକା ଓ ଘେରି ନିକଟ ଚାଷୀଙ୍କ ପାଇଁ ବିପଦ ସାଜିଛି। ଏହା ଭିତରକନିକାର ଜୈବ ବିବିଧତାକୁ ନଷ୍ଟ କରୁଥିବା ବେଳେ ଘେରି ନିକଟ ଚାଷଜମି ଲୁଣା କରୁଛନ୍ତି। ଫଳରେ ଚାଷୀ ଓ ଘେରି ମାଲିକଙ୍କ ମଧ୍ୟରେ ବିଭିନ୍ନ ସମୟରେ ମୁହାଁମୁହିଁ ହେଉଛି। ମହାକାଳପଡ଼ା, ରାଜନଗର, ରାଜକନିକା ବ୍ଲକ ଅଞ୍ଚଳରେ ଏଥିପାଇଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତରେ ଚିଙ୍ଗୁଡ଼ି ଘେରି କାରଣରୁ ଗୁଳିମାଡ଼ ଘଟଣା ହୋଇଥିଲା। ସେହିପରି ମହାକାଳପଡ଼ା ତହସିଲ ପେଟଛେଲା ରାଜସ୍ୱ ଗ୍ରାମ ଅଞ୍ଚଳରେ ୩୯ ଏକର ଗ୍ରାମ୍ୟ ଜଙ୍ଗଲ ଓ ଗୋଚରରେ ଚିଙ୍ଗୁଡ଼ି ଘେରି ନିର୍ମାଣକୁ ନେଇ ଘେରି ମାଲିକ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ରାଜକନିକା ଅଞ୍ଚଳରେ ଘେରି ପାଇଁ ନିର୍ମିତ ନାଳରେ ଲୁଣା ପାଣି ଆସୁଥିବା ନେଇ ବାଦ ବିବାଦ ଲାଗିଛି। ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଭିତରକନିକାର ଜୈବ ବିବିଧତା ନଷ୍ଟ ହେଉଥିବା ନେଇ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଚିଙ୍ଗୁଡ଼ିଘେରି ଉଚ୍ଛେଦ ହେଉଛି। ଘେରିରୁ ଉତ୍ପନ୍ନ ପ୍ରଦୂଷିତ ଜଳ ଓ ବାୟୁ ସ୍ଥାନୀୟ ଭିତରକନିକାକୁ ନଷ୍ଟ କରୁଛି। ଏହାର ସଦ୍ୟତମ ଉଦାହରଣ ଭିତରକନିକାର ଜଗତଯୋଡ଼ ଅଞ୍ଚଳରେ ଦେଖିବାକୁ ପାଉଛେ। ଘେରିରୁ ଉତ୍ପନ୍ନ ବର୍ଜ୍ୟ ବିଷାକ୍ତ ଜଳ ସାମୁଦ୍ରିକ ପ୍ରାଣୀଙ୍କ କ୍ଷତି କରୁଥିବା ବେଳେ ନିକଟରେ ଥିବା ହେନ୍ତାଳବଣକୁ ନଷ୍ଟ କରୁଛି। ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇ ନ ପାରିବାର ଅନ୍ୟତମ କାରଣ ଚିଙ୍ଗୁଡ଼ିଘେରି। ୨୦୧୬ରେ ୟୁନେସ୍କୋ ପକ୍ଷରୁ ଆସିଥିବା ଟିମ୍ ଭିତରକନିକାରେ ଚିଙ୍ଗୁଡ଼ିଘେରିକୁ ଅନୁଧ୍ୟାନ କରି କ୍ଷୋଭ ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ତୁରନ୍ତ ଜଙ୍ଗଲ ଜମିରୁ ଚିଙ୍ଗୁଡ଼ିଘେରି ଉଚ୍ଛେଦ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ଚିଙ୍ଗୁଡ଼ିଘେରି ମାଲିକ ସନ୍ତୋଷ ଦାସ କହିଛନ୍ତି, ଜିଲାରେ କର୍ମନିଯୁକ୍ତି ପାଇଁ କୌଣସି ସଫଳ ଯୋଜନା ନାହିଁ। କରୋନା ପରେ ବହୁ ପ୍ରବାସୀ ଚାକିରି ହରାଇ ଘରକୁ ଆସିଛନ୍ତି। ଚିଙ୍ଗୁଡ଼ି ଚାଷକୁ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। କୋଷ୍ଟାଲ ଆକ୍ୱାକଲଚର ଆକ୍ଟ (ସିଏଏ) ଅନୁଯାୟୀ ଚାଷ ହେଉଥିବାରୁ ଜିଲାରେ ଏ ନେଇ ସମ୍ଭାବ୍ୟ ଅଞ୍ଚଳ ଚିହ୍ନଟ କରାଯାଇ ଉପାନ୍ତ ଅଞ୍ଚଳ ଜୀବନ ଜୀବିକାକୁ ସୁନିଶ୍ଚିତ କରାଯାଉ ବୋଲି ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଏଡିଏମ୍ ରବୀନ୍ଦ୍ର ମଲ୍ଲିକ କହିଛନ୍ତି, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଚିଙ୍ଗୁଡ଼ିଘେରି ଉଚ୍ଛେଦ କାର୍ଯ୍ୟ ଚାଲିଛି। କେତେକଣ ଚିଙ୍ଗୁଡ଼ି ଘେରି ମାଲିକ ଏହାକୁ ନେଇ ଉଚ୍ଚ ନ୍ୟାୟାଳୟରେ ମାମଲା କରିଛନ୍ତି। ମାମଲାର ଆବେଦନକାରୀଙ୍କ ଘେରି ସମ୍ପର୍କରେ ତଦନ୍ତ କରାଯାଇଛି। ବେଆଇନ ଘେରି ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ରାଧାମାଳିପୁରରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

ରାଜନଗର, ୪।୫ (ଭାସ୍କର ରାଉତରାୟ)



ରାଜନଗର ବ୍ଲକ ବାଘମାରି ପଞ୍ଚାୟତ ରାଧାମାଳିପୁର ଗାଁରେ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି। ଏପ୍ରିଲ ୨୯ରେ ଅଧିବାସ, ୩୦ରେ ପବିତ୍ର ଅକ୍ଷୟ ତୃତୀୟାରେ କଳସ ଶୋଭାଯାତ୍ରା ପରେ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା, ଯଜ୍ଞ ଅଗ୍ନି ସଂସ୍କାର କରାଯାଇଥିଲା। ମେ ୧ରେ ଦେବ ସ୍ନାନ ନୀତି, ୨ ତାରିଖରେ ମନ୍ଦିର ପ୍ରତିଷ୍ଠା, ନୀଳଚକ୍ର, ଧ୍ୱଜା ସ୍ଥାପନ ସହିତ ମନ୍ଦିର ପ୍ରବେଶ ନୀତି ସମାପନ ହୋଇଥିଲା। ୩ ତାରିଖରେ ଦେବତାଙ୍କ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା, ନବଗ୍ରହ ଯଜ୍ଞ, ଚଣ୍ଡୀପାଠ କରାଯାଇଥିଲା। ରବିବାର ବିଧିମତେ ମନ୍ଦିର ପ୍ରବେଶ, ଶ୍ରୀଜଗନ୍ନାଥ ସହସ୍ରନାମ ପାଠ ସହିତ ସନ୍ଧ୍ୟାରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ଶ୍ରୀଜଗନ୍ନାଥ କାହାଣୀ ଉପରେ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଏ ଅଞ୍ଚଳର ପର୍ଯ୍ୟଟନ ଶିଳ୍ପଠାରୁ ଆରମ୍ଭ କରି ଖଣିଜ ସମ୍ପଦର ବିନିଯୋଗ ଏବଂ ଜଳସମ୍ପଦ, କୃଷି ଉପରେ ଗୁରୁତ୍ୱ ଦେବା ଓ କୃଷି କାର୍ଯ୍ୟକୁ ଆଗକୁ ନେବାକୁ କହିଥିଲେ। ସମସ୍ତେ ସଂକଳ୍ପ ନେବା ଏ ଅଞ୍ଚଳର ବିକାଶ ହେଉ, ଏ ଅଞ୍ଚଳ ଆଗକୁ ଯାଉ ନିଶ୍ଚିତ ଭାବେ ଆମ ସରକାରଙ୍କ ପକ୍ଷରୁ ବିକାଶ ଦିଗରେ ସବୁ କାମ ଆମେ ପୂରଣ କରିବୁ। ଆପଣମାନଙ୍କ ଦୀର୍ଘଦିନର ସ୍ୱପ୍ନ ଅଛି ତାହାକୁ ପୂରା କରିବା ପାଇଁ କାମ କରିବୁ। ଏ ଅଞ୍ଚଳ ବିକଶିତ ଅଞ୍ଚଳ ହେବ ବୋଲି ସେ କହିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର କମିଟିର ସଭାପତି ବାଦଲ କୁମାର ପରିଡ଼ା, ସମ୍ପାଦକ ବାବୁଲାଲ ମଣ୍ଡଳଙ୍କ ସହିତ କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱ ସମୁଦାୟ ପାଇଁ ଭାରତୀୟ ଗୁରୁକୁଳ ଆଦର୍ଶ

କୁଜଙ୍ଗ, ୪।୫ (ମନୋଜ ପ୍ରଧାନ)

ପ୍ରାଚୀନ ଭାରତର ଗୁରୁ ଶିଷ୍ୟର ସମ୍ପର୍କ ଅତୁଳନୀୟ। ଏଥିସହ ଯୁଗଯୁଗ ଧରି ଭାରତୀୟ ଗୁରୁକୁଳ ସମଗ୍ର ବିଶ୍ୱ ପାଇଁ ଆଦର୍ଶ ହୋଇ ମଣିଷ ନିର୍ମାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି ବୋଲି ମହାପ୍ରକାଶ ପାଇଛି। କୁଜଙ୍ଗ କରୁଣାଠାରେ ସ୍ଥାପିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଓ ଦେବଦତ୍ତ ସାମରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଇଫକୋ ସାର କାରଖାନାର ମୁଖ୍ୟ ଲୋକ ସମ୍ପର୍କଅଧିକାରୀ ପ୍ରସନ୍ନ କୁମାର ବେହେରା ପ୍ରାଚୀନ ଭାରତର ଶିକ୍ଷା ବ୍ୟବସ୍ଥା ଆଜି ବି ପ୍ରାସଙ୍ଗିକତା ହରାଇ ନାହିଁ। ମାନବ ସମାଜ ପାଇଁ ଭାରତୀୟ ଗୁରୁକୁଳର ଯେଉଁ ଅବଦାନ ରହିଛି ତାହା ଅତୁଳନୀୟ। ଏହାକୁ ପ୍ରଭାବୀ ଢଙ୍ଗରେ ପରିବେଷଣ କରାଯାଇ ପାରିଲେ ଆଧୁନିକ ଶିକ୍ଷାର ଯଥେଷ୍ଟ ବିକାଶ ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ଦେବାଳୟ ଅପେକ୍ଷା ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ହେମନ୍ତ କୁମାର ଦାସ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ଡ. କେଶବ ଚନ୍ଦ୍ର ଦଳାଇ ଅତିଥି ପରିଚୟ ଦେବା ସହ ସ୍ୱାଗତ ଭାଷଣ ଦେଇଥିଲାବେଳେ ସଭାର ଅଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ଅଧକ୍ଷା ମନମୋହିନୀ ପାତ୍ର। ଏସବିଲି ମେଡିକାଲ ଛାତ୍ର ଏସ୍.ଏସ୍. ଭାମରାଜ ଓ ଗତବର୍ଷ ମେଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥିନୀ ଦାସ ପୁରାତନ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ଉତ୍ତରୀୟ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକମାନଙ୍କ ସମ୍ପାଦକ କୈଳାସ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ। ଶେଷରେ ଶିକ୍ଷାକେନ୍ଦ୍ରର ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ତଦନ୍ତ ଦାବିରେ ଜଗନ୍ନାଥପ୍ରେମୀଙ୍କ ରାସ୍ତାରୋକୋ



ଜଗନ୍ନାଥପ୍ରେମୀ ଚାନ୍ଦୋଳ ବଜାରର ଖରିଦାସାହି ଛକଠାରେ ରାସ୍ତାରୋକୋ କରିଛନ୍ତି।

ଡେରାବିଶ, ୪।୫ (ବେବର୍ତ୍ତା ଅଜୟ ଦାସ)

**ଡେରାବିଶରେ ପହଞ୍ଚିଲା ଦୀଘା ଜଗନ୍ନାଥ ମନ୍ଦିର ନିର୍ମାଣ ବିବାଦ**

ଡେରାବିଶ ରବିବାର ଦୀଘାଠାରେ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି। ଏପରିକି ଏହାର ପ୍ରଭାବ ଡେରାବିଶରେ ମଧ୍ୟ ଅନୁଭୂତ ହୋଇଥିବା ଦେଖିବାକୁ ମିଳିଛି। ଫଳ ସ୍ୱରୂପ ବ୍ଲକ ଅଧୀନ ମୁଖ୍ୟ ବ୍ୟବସାୟ ସ୍ଥଳ ଚାନ୍ଦୋଳ ବଜାରରେ ଅପରାହ୍ନରେ ବହୁ ଜଗନ୍ନାଥପ୍ରେମୀ ରାସ୍ତାରୋକୋ କରିବା ସହ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଥିଲେ। ଦୀଘାଠାରେ ପୁରୀ ଶ୍ରୀମନ୍ଦିର ଅନୁକୃତି ଭାବରେ ଏକ ମନ୍ଦିର ନିର୍ମାଣ ହୋଇଥିବାବେଳେ ଅକ୍ଷୟ ତୃତୀୟାରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଛି। ତେବେ ଏହି ମନ୍ଦିର ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜଗନ୍ନାଥଙ୍କ ସେବକ ରାମକୃଷ୍ଣ ଦାସମହାପାତ୍ରଙ୍କ ଗଣମାଧ୍ୟମରେ ଦେଇଥିବା ବୟାନକୁ ନେଇ ସର୍ବତ୍ର ନିନ୍ଦା କରାଯାଉଛି। ଏହି ପରିପ୍ରେକ୍ଷୀରେ ଅପରାହ୍ନରେ ଚାନ୍ଦୋଳ ବଜାରର ଖରିଦାସାହି ଛକଠାରେ ରାସ୍ତାରୋକ କରାଯାଇ ସେବକ ଦାସମହାପାତ୍ରଙ୍କ ବୟାନକୁ ନେଇ ତୀବ୍ର ନିନ୍ଦା କରାଯିବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ବିଭ୍ରାନ୍ତିକର ମତ ନ ଦେବାକୁ ଚେତାବନୀ ଦିଆଯାଇଥିଲା। ଖରିଦାସାହି ଛକ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରାୟ ଏକ ଘଣ୍ଟା ଧରି ରାଜ୍ୟ ରାଜପଥ ଅବରୋଧ କରିବା ସହିତ ପ୍ରଥମେ ରାମକୃଷ୍ଣ ଦାସମହାପାତ୍ରଙ୍କୁ ଗିରଫ କରାଯିବାକୁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ଦୀପକ ସାହୁଙ୍କ ନେତୃତ୍ୱରେ ଧବଳେଶ୍ୱର ପଣ୍ଡା, ସନ୍ତୋଷ ସିଂ, ଲଲାଟେନ୍ଦୁ ନାୟକ, ପ୍ରଶାନ୍ତ ପ୍ରସାଦ ଦାସ, ସୁବ୍ରତ ଦାସ, ସୁମନ୍ତ ନାୟକ ଓ ରବୀନ୍ଦ୍ର ନାଥଙ୍କ ସମେତ ଶତାଧିକ ଜଗନ୍ନାଥପ୍ରେମୀ ରାସ୍ତାରୋକୋରେ ସାମିଲ ହୋଇଥିଲେ। ହାତରେ ପ୍ଲାକାର୍ଡ ଧରି ରାସ୍ତାରୋକୋ ଯୋଗୁ ପ୍ରାୟ ଏକ ଘଣ୍ଟା ଧରି ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ରାଜ୍ୟ ଆଇନ ମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶକୁ ସ୍ୱାଗତ କରାଯିବା ସହ ସେବକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା।

# ଜଗତ୍‌ସିଂହପୁର ପ୍ରଧାନ ଡାକଘରେ ଜ୍ଞାନ ପୋଷ୍ଟ ପ୍ରଚଳନ

ଜଗତ୍‌ସିଂହପୁର, ୪।୫ (ପ୍ରମୋଦ କୁମାର ନାୟକ)

ଶିକ୍ଷାକୁ ପ୍ରୋତ୍ସାହିତ କରିବା ଓ ଶିକ୍ଷାର୍ଥୀଙ୍କ ନିକଟତର ହେବା ପାଇଁ ଭାରତୀୟ ଡାକ ବିଭାଗ ନୂଆ ପଦକ୍ଷେପ ନେଇଛି। ଦେଶର ପ୍ରତ୍ୟେକ କୋଣରେ ଥିବା ଶିକ୍ଷାର୍ଥୀଙ୍କ ପାଇଁ ଜ୍ଞାନ ପୋଷ୍ଟ କାର୍ଯ୍ୟକାରୀ କରିଛି। ଏହାଦ୍ୱାରା ବିଭିନ୍ନ କ୍ଷେତ୍ରରେ ଜ୍ଞାନଭିତ୍ତିକ ସାମଗ୍ରୀର ସୁଗମ ପ୍ରସାରଣକୁ ସହଜ କରିହେବ। ଏହା ପ୍ରେରକଙ୍କୁ ଡାକଘର ମାଧ୍ୟମରେ ରିହାତି ଦରରେ କିଛି ପୁସ୍ତକ ଓ ଅଧ୍ୟୟନ ସାମଗ୍ରୀ ପୋଷ୍ଟ କରିବାକୁ ଅନୁମତି ଦେବ। ଏହା ଡାକଘର କାଉଣ୍ଟରରେ ଖୁଚୁରା ବୁକିଂ ପାଇଁ ଉପଲବ୍ଧ। ଜ୍ଞାନ ପୋଷ୍ଟ ମାଧ୍ୟମରେ ପଠାଯାଉଥିବା ପୁସ୍ତକ ଏବଂ ଶିକ୍ଷଣୀୟ ସାମଗ୍ରୀଗୁଡ଼ିକ ବିନା କଭରରେ ଅର୍ଥାତ୍ ଖୋଲା ଲଫାପାରେ ପୋଷ୍ଟ କରାଯିବ। ଏହା ଟ୍ରାକ କରାଯାଇପାରିବ। ପାର୍ସଲ ପୋଷ୍ଟ ଭାବରେ ଭୂଭାଗ ମାଧ୍ୟମରେ ପରିବହନ କରାଯାଇପାରିବ। ୩୦୦ ଗ୍ରାମ ପର୍ଯ୍ୟନ୍ତ ପ୍ୟାକେଜଗୁଡ଼ିକର ପ୍ୟାକେଟ ପାଇଁ କେବଳ ୨୦ ଟଙ୍କା ଦେବାକୁ ପଡ଼ିବ। ସେହିପରି ୫୦୦୦ ଗ୍ରାମ ପର୍ଯ୍ୟନ୍ତ ପ୍ୟାକେଟ ପିଛା ସର୍ବାଧିକ ୧୦୦ ଟଙ୍କା (ପ୍ରଯୁଜ୍ୟ ଟିକସ ଏବଂ ମୂଲ୍ୟଯୁକ୍ତ ସେବା ଶୁଳ୍କ ବାଦ୍) ଧାର୍ଯ୍ୟ କରାଯାଇଛି। ଏହି ସେବା ଦ୍ୱାରା ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ପାଠକପାଠକ ବହୁମାତ୍ରାରେ ଉପକୃତ ହେବେ। ସ୍ପିଡ୍ ପୋଷ୍ଟ ଓ ରେଜିଷ୍ଟି ପୋଷ୍ଟ ଭଳି ଜ୍ଞାନ ପୋଷ୍ଟ ବିଦ୍ୟାର୍ଥୀ ଓ ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଆଦୃତି ଲାଭ କରିବ ବୋଲି ଆଶା କରାଯାଉଛି। ଜଗତ୍‌ସିଂହପୁର ପ୍ରଧାନ ଡାକଘରେ ଜ୍ଞାନ ପୋଷ୍ଟର ନୂତନ ପ୍ରଚଳନ ନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହା କୁହାଯାଇଥିଲା। ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଦକ୍ଷିଣ ଡାକମଣ୍ଡଳର ବହିରବିଭାଗର ସହକାରୀ ଡାକ ଅଧୀକ୍ଷକ ପରମାନନ୍ଦ ସାହୁ, ଜଗତ୍‌ସିଂହପୁର ଉପ ମଣ୍ଡଳ ସହକାରୀ ଡାକ ଅଧୀକ୍ଷକ ମୋନାଲିସା ଦାସ ଓ ପ୍ରଧାନ ଡାକପାଳ ମିହିର କୁମାର ରାମ ପ୍ରମୁଖ ଉପସ୍ଥିତ ଥିଲେ।


ଜଗତ୍‌ସିଂହପୁର ପ୍ରଧାନ ଡାକଘରେ ଜ୍ଞାନ ପୋଷ୍ଟର ପ୍ରଚଳନ ଅବସରରେ ଡାକ ଅଧିକାରୀମାନେ।

# ଆଜିଠୁ ଆନେକ୍ସ କପ୍ ରାତ୍ରି ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଜଗତ୍‌ସିଂହପୁର, ୪।୫ (ପ୍ରମୋଦ କୁମାର ନାୟକ)

**ଭାଗନେବେ ୮ ଦଳ**

ଜଗତ୍‌ସିଂହପୁର ଜିଲାରେ ସର୍ବଭାରତୀୟ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅର୍ଥାତ୍ ଆନେକ୍ସ କପ୍ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟ ମେ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ମୋଟ ୮ ସୁନାମଧନ୍ୟ କ୍ରିକେଟ ଦଳ ଭାଗ ନେବେ। ସ୍ଥାନୀୟ ହିନ୍ଦୁସ୍ତାନ ସ୍ପୋର୍ଟିଂ ସ୍ପୋର୍ଟ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟ ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ହିନ୍ଦୁସ୍ତାନ ସ୍ପୋର୍ଟିଂ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟରେ ଭୁବନେଶ୍ୱରସ୍ଥିତ ବାପୁଜୀ କ୍ରିକେଟ କ୍ଲବ, କଟକର ସୋଲାର କ୍ରିକେଟ କ୍ଲବ, ରାଉର୍କେଲା ଷ୍ଟାର୍ସ, ବାଲେଶ୍ୱରର ଆଦର୍ଶ କ୍ରିକେଟ କ୍ଲବ, କୋଲକାତାର ସାଉଥ ଇଷ୍ଟର୍ନ ରେଲୱେ, ଆୟୋଜକ ହିନ୍ଦୁସ୍ତାନ ସ୍ପୋର୍ଟିଂ, ରାଉରକେଲା ସ୍ପୋର୍ଟସ ଆସୋସିଏସନ୍ ଓ ଝାଡ଼ଖଣ୍ଡର ସ୍ପୋର୍ଟିଂ ୟୁନିଅନ କ୍ରିକେଟ କ୍ଲବ ଭାଗନେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହାବାଦ୍ ୯ ତାରିଖରେ ମହିଳାମାନଙ୍କ ପାଇଁ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ ଭୁବନେଶ୍ୱରର କିଡ୍ ବିଶ୍ୱବିଦ୍ୟାଳୟ ଓ ଜଗତ୍‌ସିଂହପୁର ଜିଲା ମହିଳା କ୍ରିକେଟ୍ ଦଳ ମଧ୍ୟରେ ଖେଳାଯିବ। ୫ରୁ ୮ ତାରିଖ ପର୍ଯ୍ୟନ୍ତ କ୍ୱାର୍ଟର ଫାଇନାଲ, ୯ ଓ ୧୦ରେ ସେମି ଫାଇନାଲ, ୧୧ ତାରିଖରେ ଗ୍ରାଣ୍ଡ ଫାଇନାଲ୍ ଅନୁଷ୍ଠିତ ହେବ। ପ୍ରଥମ କ୍ୱାର୍ଟର ପାଉନାଲ ମ୍ୟାଚ ବାପୁଜୀ କ୍ରିକେଟ୍ କ୍ଲବ ଓ ସୋଲାର କ୍ରିକେଟ୍ କ୍ଲବ ମଧ୍ୟରେ ଖେଳାଯିବ ବୋଲି ଆୟୋଜକ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ମା'ମାନଙ୍କ ବିକାଶ ବିନା ଦେଶର ପ୍ରଗତି ଅସମ୍ଭବ

କୁଜଙ୍ଗ, ୪।୫ (ମନୋଜ ପ୍ରଧାନ)

**ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ମହିଳା ସମାବେଶ**

ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ରବିବାର ସନ୍ଧ୍ୟାରେ କୁଜଙ୍ଗ ବ୍ଲକର ଅଗପାଳ ଓ ପଙ୍କପାଳ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ମନ୍ତ୍ରୀ ସ୍ୱାଇଁ ଅଗପାଳ ପଞ୍ଚାୟତର ବଡ଼ପାଳ ଠାରେ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ପାଇଁ ଶିଳାନ୍ୟାସ କରିଥିବାବେଳେ ପଥୁରିଆଶିତ ଅଣାକାର ମଠର ସୀମା ପ୍ରାଚୀର ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହିଳା ସମାବେଶରେ ଯୋଗଦେଇ ମନ୍ତ୍ରୀ ସମ୍ପଦ କହିଥିଲେ, ମା'ମାନଙ୍କ ବିକାଶ ବିନା ଦେଶର ପ୍ରଗତି ଅସମ୍ଭବ। ମା'ମାନେ କିପରି ଅଧିକ ସ୍ୱାବଲମ୍ବୀ ହେବେ ସେଥିପାଇଁ ତାଙ୍କ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ଆଗକୁ ଏହି ପ୍ରକ୍ରିୟା ଜାରି ରହିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସେ ଆହୁରି କହିଥିଲେ, କୁଜଙ୍ଗ ବ୍ଲକର ସମସ୍ତ ଗାଁକୁ ବିକଶିତ ଗାଁରେ ପରିଣତ କରିବା ହେଉଛି ତାଙ୍କର ଲକ୍ଷ୍ୟ। ଏଥିରେ ମା'ମାନଙ୍କ ଆଶୀର୍ବାଦ ଓ ସହଯୋଗ ଜରୁରୀ। ସେହିପରି ପଙ୍କପାଳଠାରେ ଥିବା ରାମମନ୍ଦିରର ପୁନରୁଦ୍ଧାର ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ଶିଳାନ୍ୟାସ ଉତ୍ସବରେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ସମିତିସଭ୍ୟ ପ୍ରଶାନ୍ତ ମହାନ୍ତି, ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଦିଲୀପ ବେହେରା, ଜିଲା ଭାଜପା ସମ୍ପାଦକ ତପନ କୁମାର ତ୍ରିପାଠୀ, ଗୋପିନାଥପୁର ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ସୁଦାମ ଚରଣ ମଲ୍ଲ ଓ ପ୍ରଦୀପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ମହିଳା ସମାବେଶରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟମାନେ।

# ନାରାୟଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ


ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଉଛି।

ରଘୁନାଥପୁର, ୪।୫ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ଗ୍ରାମର ମହାନଦୀ କୂଳରେ ଅବସ୍ଥିତ ମା'ନାରାୟଣୀଙ୍କ ପୀଠରେ ଗତ ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ୪୪ତମ ବିଶ୍ୱଶାନ୍ତି ମହାଯଜ୍ଞର ରବିବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଗ୍ରାମବାସୀ ଓ ନାରାୟଣୀ ପରିଚାଳନା କମିଟି ସଦସ୍ୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ପରିଚାଳିତ ହୋଇଥିଲା। ଏହି ଅବସରରେ କଳସ ଯାତ୍ରା, ଘଟ ସ୍ଥାପନ, ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ, ସୂର୍ଯ୍ୟ ପୂଜା, ଗୋ ପୂଜା, ରୁଦ୍ରାଭିଷେକ, ଚଣ୍ଡୀପାଠ ଓ ଆହୁତି ପ୍ରଦାନ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭଜନ ସନ୍ଧ୍ୟା, ପ୍ରବଚନ ଓ ସହ ଲଉଡ଼ି ଖେଳ ଅନୁଷ୍ଠିତ ହୋଇଥିଲା। ଏହାବ୍ୟତୀତ ଅଷ୍ଟପ୍ରହର ନାମଯଜ୍ଞ ମଧ୍ୟ ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା'ଙ୍କ ପୀଠରେ ପହଞ୍ଚି ତାଙ୍କ ଦର୍ଶନ କରିବା ସହ ସେଠାରେ ବସିଥିବା ଦୋକାନ ବଜାର ବୁଲି ଦେଖିଥିଲେ। ପୀଠ କମିଟି ପକ୍ଷରୁ ସମସ୍ତ ଆଗନ୍ତୁକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ରଘୁନାଥପୁର ପୋଲିସ ଟ୍ରାଫିକ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା କାର୍ଯ୍ୟରେ ନିୟୋଜିତ ଥିଲା।

**OFFICE OF THE PRINCIPAL**
**P.I. DEGREE COLLEGE, JUNAGARH, DIST.: KALAHANDI**
Adv. No. 566/PIM(J)/KLD/2025 Date: 02.05.2025
**TENDER CALL NOTICE**
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: **www.pidcjunagarh.co.in.**
Sd./- Principal
P.I. Degree College, Junagarh

**ODISHA HYDRO POWER CORPORATION LTD.**
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
**NOTICE INVITING TENDER No. HHEP-22/2025**
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

# ଜଙ୍ଗଲରେ ପଡୁଛି ବିଦ୍ୟୁତ୍ ଫାଶ

- ୩ ମଣିଷ, ଗୋଟିଏ ହାତୀର ମୃତ୍ୟୁ ହେଲାଣି
- ବନ୍ୟପ୍ରାଣୀ ବି ଫାଶରେ ପଡ଼ି ଜୀବନ ଯାଉଛି
- ଅଘଟଣ ପରେ ବି ବନ୍ଦ ହେଉନି

**ନୟାଗଡ଼,୪।୫(ଲୋକନାଥ ମିଶ୍ର)**

ନୟାଗଡ଼ ବନଖଣ୍ଡ ଓ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ, ଖୋର୍ଦ୍ଧା ବନଖଣ୍ଡର ରଣପୁର ରେଞ୍ଜର ବିଭିନ୍ନ ଜଙ୍ଗଲିଆ ଅଞ୍ଚଳର ପାଦଚଲା ଜଙ୍ଗଲ ରାସ୍ତାରେ ବିଦ୍ୟୁତ୍ ଫାଶ ଚିନ୍ତାର କାରଣ ପାଲଟିଛି। ଗତ ୮ ବର୍ଷ ମଧ୍ୟରେ ୩ ଜଣ ବ୍ୟକ୍ତି, ଗୋଟିଏ ହାତୀ ଓ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ବାର୍‌ହା ଫାଶରେ ପଡ଼ ପ୍ରାଣ ହରାଇ ସାରିଲେଣି ବୋଲି ଅଭିଯୋଗ ହୋଇଆସୁଛି। ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ଫାସ ବସୁଥିଲେ ମଧ୍ୟ ଏଥିରେ ବନ୍ୟପ୍ରାଣୀ ଶିକାର ହେଉଛନ୍ତି। ଏ ଭଳିଆ ଶିକାର ନୟାଗଡ଼ ଜିଲାର ବିଭିନ୍ନ ଜଙ୍ଗଲରେ ସବୁ ସମୟରେ ହୋଇ ଆସୁଥିଲେ ମଧ୍ୟ ଏହାର ନିରାକରଣ ପାଇଁ ପଦକ୍ଷେପ ନାହିଁ। ଶିକାରୀଙ୍କ ଫାଶରେ ବନ୍ୟପ୍ରାଣୀ ଶିକାର ହୋଇ ଚାଲିଥିବାବେଳେ ଖଜୁରିଆ ଜଙ୍ଗଲ, ଦତ ପୋଖରୀ ଜଙ୍ଗଲ ଓ ଓଡ଼ଗାଁ ରେଞ୍ଜର ବାହାଡାଖୋଲା ଅଞ୍ଚଳରେ ୩ଜଣ ଲୋକ ଫାସରେ ପଡି ପ୍ରାଣ ହରାଇଥିବା ନଜୀର ରହିଛି। ସେହିଭଳି ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳ ଢ଼ିପିସାହିରେ ମଧ୍ୟ ଗୋଟିଏ ଦନ୍ତାହାତୀର ମୃତ୍ୟୁ ହୋଇଥିଲା।

ଅଭିଯୋଗ ଅନୁସାରେ, ନୟାଗଡ଼ ଜଙ୍ଗଲର ବିଭିନ୍ନ ଜଙ୍ଗଲରେ ବାର୍‌ହା ବଂଶ ବଢ଼ି ଚାଲିଛି। ଜଙ୍ଗଲରେ ଖାଦ୍ୟ ନ ଥିବାରୁ ବିଭିନ୍ନ ସମୟରେ ବନ୍ୟପ୍ରାଣୀ ଗାଁ ଓ ସହର ମୁହାଁ ହେଉଛନ୍ତି। ତେବେ ଗାଁ ଓ ସହର ଆଖପାଖରେ ଥିବା ବିଲ୍‌ଗୁଡିକରେ ଫସଲ ହେଲେ ନିକଟସ୍ଥ ଜଙ୍ଗଲରୁ ବାର୍‌ହା ଆସି ଫସଲ ଖାଇଥାନ୍ତି। ଏହାର ସୁଯୋଗରେ ଶିକାରମାନେ ବାର୍‌ହାକୁ ଶିକାର ପାଇଁ ବିଦ୍ୟୁତ୍ ଫାଶ ପକାଉଛନ୍ତି। ଜଙ୍ଗଲର ପାଦଚଲା ରାସ୍ତାରେ ବଦ୍ୟୁତ୍ ପାସ ପକା ଯାଉଛି। ବିଦ୍ୟୁତ୍ ଖୁଣ୍ଟ ପାଖରୁ ହୁକିଂ କରାଯାଇ ବିଦ୍ୟୁତ୍ ଫାଶ ପଡୁଛି। ରଡ ବାଇଡିଂ ଲୁହା ତାର, କାଠ ଖୁଣ୍ଟ ବ୍ୟବହାର କରାଯାଇ ଫାଶ ପଡୁଛି। ଗଣିଆ ବନାଞ୍ଚଳର ମଣିଭଦ୍ରା ଜଙ୍ଗଲ, ସାତପୁରୀ ପାହାଡ, ଓସ୍ତପଟା ଓ ପାଟିକଟା ଜଙ୍ଗଲ, ଛାମୁଣ୍ଡିଆ ବନ୍ୟପ୍ରାଣୀ ରେଞ୍ଜର ରାଇଗାଡିଆ ଜଙ୍ଗଲ, ଚିରିଣି ପାହାଡ, ବେଠିଆସାହି ପାହାଡ, କିଆଝର ପଞ୍ଚାୟତର ଭଅଁରପଲ୍ଲୀ ଗାଁ ନିକଟସ୍ଥ ସାପୁଆ ସଂରକ୍ଷିତ ଜଙ୍ଗଲ, ଶୁଳିଆ ଜଙ୍ଗଲ, ରତ୍ନମାଳା ଜଙ୍ଗଲ, ଗଡିଆସାହି, ସିଂଘାପଡା, କିଆଝର ଓ ଖଳିସାହି ପଞ୍ଚାୟତରେ କୋଟପୋଖରୀ ଜଙ୍ଗଲିଆ ଅଞ୍ଚଳରେ ରଣପୁରର ବିଭିନ୍ନ ଜଙ୍ଗଲ ପରି ଜିଲାର ବିଭିନ୍ନ ଜଙ୍ଗଲରେ ବିଦ୍ୟୁତ୍ ଫାଶ ପଡୁଛି ବୋଲି ଅଭିଯୋଗ ହୋଇ ଆସୁଛି। ଶିକାରର ସୁରାକ୍ ଦିଏ ବିଦ୍ୟୁତ୍ କାଟ ବିଦ୍ୟୁତ୍ ଫାଶରେ ବନ୍ୟଜନ୍ତୁ ଅଥବା ଯେ କେହି ପଡ଼ିଲେ ବିଦ୍ୟୁତ୍ କାଟ ହୁଏ। ଶିକାରୀ ହୁକିଂ କାଟି ଶିକାର ନେଇ ଚାଲିଯାଏ। ବିଦ୍ୟୁତ୍ କାଟକୁ ଶିକାରୀ ଅପେକ୍ଷା କରି ରହିଥାଏ। ତେବେ ଯେଉଁ ଅଞ୍ଚଳରେ ବିଦ୍ୟୁତ୍ ଫାସ ପଡିଥାଏ ସେଠାକାର ଅଞ୍ଚଳ ରାତି ତମାମ ଅନ୍ଧାରରେ ରୁହେ। କାରଣ ରାତିରେ ଶିକାର ବେଶୀ ହୁଏ। ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ଫାଶରୁ ଲାଇନ କାଟିବା ପରେ ପୁଣି ଲାଇନ ରହିଥାଏ। ଖଣ୍ଡପଡ଼ା ବ୍ଲକର ଗଡିଆସାହି, ସିଂଘାପଡ଼ା, କିଆଝର ଓ ଖଳିସାହି ପଞ୍ଚାୟତରେ କୋଟପୋଖରୀ ଜଙ୍ଗଲିଆ ଅଞ୍ଚଳରେ ଅଧିକାଂଶ ସମୟରେ ବିଦ୍ୟୁତ୍ ଫାଶ ପଡୁଥିବାରୁ ଏଠାକାର ଗାଁଗୁଡିକ ଅନ୍ଧାରରେ ରହୁଛି। ଏ ନେଇ ଡିଏଫ୍‌ଓ କ୍ଷମା ଷଡଙ୍ଗୀଙ୍କୁ ପଚାରିବାରେ ଜଙ୍ଗଲରେ ଫାଶ ପଡିବାର ଅଭିଯୋଗ ମିଳିଲେ ଧରପଗଡ ହୁଏ। କାର୍ଯ୍ୟାନୁଷ୍ଠାନ ବି ହୁଏ। ହାତୀ ମୃତ୍ୟୁ ପରେ ବି କାର୍ଯ୍ୟାନୁଷ୍ଠାନ ହୋଇଛି। ବନ ବିଭାଗ ପକ୍ଷରୁ ବିଦ୍ୟୁତ୍ ଫାସକୁ ରୋକଯିବାକୁ ସଚେତନତା କରାଯାଉଛି ବୋଲି ସେ କହିଛନ୍ତି।

# ଜାତିର ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହୁଅ

## ନିଖିଳ ଉତ୍କଳ ବାରିକ ସମିତିର ରାଜ୍ୟ ଶାଖା ବାର୍ଷିକ ସମ୍ମିଳନୀ

**ଖଣ୍ଡପଡ଼ା,୪।୫(ଅଜୟ କୁମାର ମହାରଣା)**



ସମ୍ମିଳନୀରେ ଉପସ୍ଥିତ ନିଖିଳ ଉତ୍କଳ ବାରିକ ସମିତିର ସଦସ୍ୟମାନେ।

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମା' ଉମାଦେବୀ ପୀଠ ପରିସରରେ ନିଖିଳ ଉତ୍କଳ ବାରିକ ସମିତି ଖଣ୍ଡପଡ଼ା ରାଜ୍ୟ ଶାଖାର ବାର୍ଷିକ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ବଡ଼ ବେହେରା କାଶୀନାଥ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨ ଦିନିଆ ସମ୍ମିଳନୀରେ ସଭାପତି ବୀର କିଶୋର ସାମଲ, ଉପ ସଭାପତି ହରିହର ବାରିକ, ସମ୍ପାଦକ ପ୍ରସନ୍ନ କୁମାର ରତ୍ନ, ୧୨ଟି ଥାନାର ବେହେରାଙ୍କ ସମେତ ଗୁଆଭାଇମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା (କ), ଖଣ୍ଡପଡ଼ା (ଖ), ଖଳିସାହି, କଣ୍ଟିଲୋ, ବାଇଗୁଣିଆ, ଚିଙ୍ଗୁଡିଗାଡିଆ, ବୋଦସା, ବାଇଶପଲ୍ଲୀ, ଅଁଳାପଟା ଓ ମଙ୍ଗଳପୁର ଅଞ୍ଚଳର ଜାତିଭାଇ ଓ ଥାନ ଭାଇମାନେ ଉପସ୍ଥିତରେ ବାରିକ ସମିତିର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ସମିତିର ସଭାପତି ବାରିକ ଜାତିର ସମ୍ମାନ ରକ୍ଷା କରିବା ଦିଗରେ ସମସ୍ତ ଜାତି ଭାଇ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍ପତି ନିଆଯାଇଥିବା ଜାତି ଭିତିକ ଜନଗଣନାକୁ ଆଜିର ବୈଠକରେ ସ୍ୱାଗତ କରାଯିବା ସହ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତିକୁ ଏକ ଯୁଗା'କାରୀ ନିଷ୍ପତି ବୋଲି ସଭାରେ ମତ ପାଇଥିଲା। ଏହାଛଡ଼ା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗାମୀ ଭବିଷ୍ୟତ ପାଇଁ ନିଜ ନିଜ ଅଞ୍ଚଳରେ ବୃକ୍ଷରୋପଣ କରିବାକୁ ନିବେଦନ କରିଥିଲେ। ଉଦ୍‌ଯାପନୀ ଦିବସର ଶେଷ ପର୍ଯ୍ୟାରେ ଜାତି ଭାଇଙ୍କ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ସମ୍ପର୍କୀତ ଦରଖାସ୍ତର ବିଚାର କରାଯାଇଥିଲା। ରେକାର୍ଯ୍ୟକ୍ରମ ଶେଷରେ ସମ୍ପାଦକ ଶ୍ରୀରତ୍ନ ଧନ୍ୟବାଦ ପ୍ରଦାନ କରିଥିଲେ।

# ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ



ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ଖଣ୍ଡପଡ଼ା,୪।୫(ଅଜୟ କୁମାର ହାରଣା)**

ଖଣ୍ଡପଡା ବ୍ଲକ ଅଧୀନ ବେଣାଗାଡିଆ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ୨ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଶିକ୍ଷୟତ୍ରୀ ବନିତା ସେଠୀ ଓ ଖେଳ ଶିକ୍ଷକ ପୃଥୀ ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅନୁଷ୍ଠାନର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଆୟୋଜିତ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରୟଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।ଏହି ଅବସରରେ ପ୍ରଧାନ ଶିକ୍ଷକ ହରିହର ଗୋଛିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ମୁଖ୍ୟ ବକ୍ତା ଭାବେ ଜିଲା ଶାରୀରିକ କ୍ରୀଡାଧିକାରୀ ଅନୀଲ କୁମାର ଦାଶ, ସମ୍ମାନୀତି ଅତିଥି ଭାବେ ଖଣ୍ଡପଡ଼ା ଏବିଇଓ କଳିଙ୍ଗ କିଶୋର ନାୟକ, ପୂର୍ବତନ ଶିକ୍ଷକ ପୀତାମ୍ବର ମଲ୍ଲ, ପରିଚାଳନା କମିଟି ସଭାପତି ଗଙ୍ଗାଧର ବେହେରା, ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ ସଭାପତି ସଦାଶିବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସରପୋଖରୀ ୟୁପି ସ୍କୁଲର ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଉକ୍ତ ଶିକ୍ଷାନୁଷ୍ଠାନଟି ପିଏମଶ୍ରୀ ଯାଜନାରେ ଅନ୍ତର୍ଭୁକ୍ତ ହେବା ପରେ ପ୍ରଥମ କରି ପିଏମ୍‌ଶ୍ରୀ ଯୋଜନା ଅନୁଦାନ ଅର୍ଥରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଥିବା ପ୍ରଧାନ ଶିକ୍ଷକ ଗୋଛିଙ୍କଠାରୁ ପ୍ରକାଶ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ପରିଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କର ଅସୁଲକାରୀଙ୍କ ବଦଳିକୁ ନେଇ ଚର୍ଚ୍ଚା

## ଓଡ଼ଗାଁ ଏନ୍‌ଏସି

**ଓଡ଼ଗାଁ ୪।୫ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ଏନ୍‌ଏସିରେ କାର୍ଯ୍ୟରତ କର ଆସୁଲକାରୀଙ୍କ ଅନ୍ୟତ୍ର ବଦଳି ପାଇଁ ଆଦେଶ ପତ୍ର ବାହାରିବା ବେଳେ ଏହାକୁ ନେଇ ନନା ଚର୍ଚ୍ଚା ଜୋର ଧରିଛି। ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କ ୩।୫।୨୫ରିଖ ପତ୍ର ସଂଖ୍ୟା ୧୦୦୮୫ ଅନୁସାରେ ୧୧ଜଣ ଆର୍‌ଆଇ ଏବଂ କର ଓ ପାଉଣା ଅସୁଲକାରୀଙ୍କ ବଦଳି ନିମନ୍ତେ ଆଦେଶ ପ୍ରକାଶ ପାଇଛି। ତଦନୁଯାୟୀ ଓଡ଼ଗାଁ ଏନ୍‌ଏସିରେ କାର୍ଯ୍ୟରତ କର ଓ ପାଉଣା ଅସୁଲକାରୀ ଦାୟିତ୍ୱରେ ଥିବା ସ୍ୱପ୍ନେଶ୍ୱର ସ୍ୱାଇଁଙ୍କ ଖୋର୍ଦ୍ଧା ପୌର ପରିଷଦ (ମ୍ୟୁନିସିପାଲିଟି)କୁ ବଦଳି ହୋଇଛି। ତେବେ ସ୍ୱପ୍ନେଶ୍ୱର ଓଡ଼ଗାଁରେ କାର୍ଯ୍ୟରତ ରହିବା ଦିନରୁ ପ୍ରତି କାର୍ଯ୍ୟ ଦିବସରେ ଖୋର୍ଦ୍ଧାରୁ ଓଡ଼ଗାଁ ଯିବା ଆସିବା କରିଥାନ୍ତି। ତେଣୁ କାର୍ଯ୍ୟାଳୟକୁ ସେ ବିଳମ୍ବରେ ଆସି ଶୀଘ୍ର ଫେରିବା ଯୋଗୁ ଏନ୍‌ଏସିର ଦୈନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହୋଇଥିବା ବେଳେ ଏ ନେଇ ନିର୍ବାହୀ ଅଧିକାରୀଙ୍କ ନିକଟରର ଏକାଧିକ ଅଭିଯୋଗ ହୋଇଥିଲା। ଏପରିକି ଆଶାନୁରୂପ କର ଆଦାୟ ହେଉ ନ ଥିବା ନେଇ ଅଭିଯୋଗ ହୋଇଥିଲା। ପ୍ରତିଦିନ ଖୋର୍ଦ୍ଧାରୁ ଯିବା ଆସିବା କରୁଥିବା କର୍ମଚାରୀଙ୍କ ଖୋର୍ଦ୍ଧା ବଦଳି ହୋଇଥିବା ବେଳେ ସେ ଯିବାକୁ ଅନିଚ୍ଛୁକ ପଛରେ କ'ଣ କାରଣ ରହିଛି ତାହା ଅନୁସନ୍ଧାନ ସାପେକ୍ଷ।

ସୂଚନାଯୋଗ୍ୟ, କେବଳ ସ୍ୱପ୍ନେଶ୍ୱର ନୁହନ୍ତି ଅନ୍ୟ ଜଣେ ମହିଳା କର୍ମଚାରୀ ମଧ୍ୟ ଅନୁରୂପ ଭାବେ ବିଳମ୍ବରେ ଖୋର୍ଦ୍ଧାରୁ ଆସୁଥିବା ଏବଂ କାର୍ଯ୍ୟାଳୟ କାମ ସରିବା ପୂର୍ବରୁ ଫେରୁଥିବା ନେଇ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ଏପରିକି ବିଭିନ୍ନ ଗଣମାଧ୍ୟମରେ ଖବର ବାହାରିବା ସତ୍ତ୍ୱେ ଅନିୟମିତତାକୁ ନିୟମିତ କରାଯାଇ ନ ଥିଲା। ତେଣୁ ଏଭଳି କର୍ମଚାରୀମାନଙ୍କୁ ଏଠାରୁ ତୁରନ୍ତ ବଦଳି କରିବା ପାଇଁ ବଜରଙ୍ଗ ଦଳ ପକ୍ଷରୁ ସନ୍ତୋଷ କୁମାର ପ୍ରଧାନ ଦାବି କରିଛନ୍ତି। ଅନ୍ୟପକ୍ଷେ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କୁ ପଚାରିବାରେ ବିଭାଗୀୟ ନିର୍ଦ୍ଦେଶ ଅନୁଯାୟୀ କର ଅସୁଲକାରୀଙ୍କ ସ୍ଥାନରେ ଅନ୍ୟ କାହାକୁ ହେଲେ ଦିଆଯାଇନାହିଁ, ଏଣୁ ଜଣେ ମାତ୍ର କର ଅସୁଲକାରୀଙ୍କୁ ବିନା ରିଲିଭରରେ ରିଲିଭ କରିବା କଷ୍ଟ ସାପେକ୍ଷ। ରିଲିଭର ଆସିବା ମାତ୍ରକେ ସମ୍ପୃକ୍ତ କର୍ମଚାରୀଙ୍କୁ ତୁରନ୍ତ ରିଲିଭ କରାଯିବବୋଲି ସେ କହିଛନ୍ତି।

# ନୀଳମାଧବ ଜୀଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ଆରମ୍ଭ



ନୀଳମାଧବ ଜୀଉଙ୍କ ଚନ୍ଦନ ଲାଗି ବେଶ।

**ଖଣ୍ଡପଡ଼ା,୪।୫(ଅଜୟ କୁମାର ହାରଣା)**

ପବିତ୍ର ଅକ୍ଷୟ ତୃତୀୟାଠାରୁ ଜଗନ୍ନାଥ ସଂସ୍କୃତିର ଆଦି ଦେବତା ରୁପେ ପୂଜା ପାଉଥିବା କଣ୍ଟିଲୋରେ ବିରାଜିତ ପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ବେଶ ଆରମ୍ଭ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମହରେ ଠାକୁର ଜଳକ୍ରୀଡା କରିବାକୁ ପ୍ରତ୍ୟେହ ଗୋଧୂଳି ବେଳାରେ ନିକଟସ୍ଥ ଚନ୍ଦନ ପୋଖରୀକୁ ବିଜେ ହେଉଥିବା ବେଳେ ଠାକୁରଙ୍କ ସର୍ବାଙ୍ଗରେ ଚନ୍ଦନ ପ୍ରଲେପ କରାଯାଇଥିବା ପରମ୍ପରା ରହିଛି। ଏହି ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ରବିବାର ସର୍ବାଙ୍ଗ ଚନ୍ଦନ ଲାଗି ଅନୁଷ୍ଠିତ ହୋଇଯାଇଛି।

# ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରମାନେ।

**ଖଣ୍ଡପଡ଼ା,୪।୫(ଅଜୟ କୁମାର ମହାରଣା)**

ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ନିମନ୍ତେ ପାଠ ଅପେକ୍ଷା ସାଂସ୍କୃତିକ, ବୌଦ୍ଧିକ, ଶାରୀରିକ ଜ୍ଞାନ ପ୍ରତି ଦୃଷ୍ଟି ଦେଲେ ଜଣେ ଉତ୍ତମ ପିଲା ହୋଇପାରିବେ। କେବଳ ଶିକ୍ଷାକୁ ଗୁରୁତ୍ୱ ନ ଦେଇ ବୌଦ୍ଧିକ ଗୁଣର ବିକାଶକୁ ଅଧିକ ଧ୍ୟାନ ଦେବା ଦରକାର ବୋଲି ଶନିବାର ସନ୍ଧ୍ୟାରେ ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡ଼ ସାତଗାଁ ବିଦ୍ୟାଧର ନୋଡାଲ ଉଚ୍ଚ ବିଦ୍ୟାଳୟର ପିଏମ୍ ଶ୍ରୀ ଯୋଜନାରେ ଆୟୋଜିତ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ମତ ରଖିଥିଲେ। ବିଶେଷ କରି ମାତୃକା ସେବାରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ମୁଖ୍ୟ ଅତିଥି ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କହିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ହରିହର ଗୋଛିଙ୍କ ଅଧକ୍ଷତାରେ ଅନୁଷ୍ଠାନ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୁପେ ବିଧାୟକ ସ୍ୱାଇଁ, ମୁଖ୍ୟବକ୍ତା ରୁପେ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଓ ସମ୍ମାନିତ ଅତିଥି ରୁପେ ଜିଲା ପରିଷଦ ସଭ୍ୟା ଉଜଳ ମହାରଣା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗଙ୍ଗାଧର ବେହେରା ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟର ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ, ବେଣାଗାଡିଆ ସରପଞ୍ଚ ବଳରାମ ମଲ୍ଲିକ, ଖଣ୍ଡପଡା ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା, ପ୍ରାକ୍ତ ଶିକ୍ଷକ ପିତାମ୍ବର ମଲ୍ଲ, ପଂଚସଖା ଶିକ୍ଷାସେତୁ ସଭାପତି ସଦାଶିବ ମିଶ୍ର, ପୂର୍ବତନ ସରପଞ୍ଚ ଭଗବାନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବସରୁ ନିଖୋଜ ହୋଇଗଲେ ଶ୍ରମିକ

## ୭ଦିନ ହେଲା ଖୋଜାଖୋଜି ପରେ ମିଳୁନାହାନ୍ତି

**ନୟାଗଡ଼,୪।୫(ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଓଡଗାଁ ବ୍ଲକ ବଡବାଙ୍କତରା ଗାଁର ରମେଶ ବରାଡ(୫୫) ନାମକ ଶ୍ରମିକ ବସ ଯୋଗେ ଘରକୁ ଫେରୁଥିବାବେଳେ ନିଖୋଜ ହୋଇଯାଇଛନ୍ତି। ନିଖୋଜ ଖବର ପରେ ପରିବାରରେ ଚୁଲି ଜଳୁନି। ପରିବାର ଲୋକେ ୭ ଦିନ ହେଲା ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ଟେର ମିଳୁନି। ରମେଶ ବରାଡ ବାହାରକୁ ଦାଦନ କଟିବାକୁ ଯାଇଥିଲେ। ଗତ ୨୮ ତାରିଖରେ ଅମ୍ବାଦୋଳାଠାରୁ ବସ ଯୋଗେ ଘରକୁ ଫେରୁଥିଲେ। ମୁନିଗୁଡା ଦେଇ ବସ ଆସୁଥିଲା। ହେଲେ ବସରୁ ରମେଶ କେଉଁଆଡେ ଗଲେ ସନ୍ଧାନ ମିଳୁନି। ତାଙ୍କୁ କିଏ ଅପହରଣ କରିଛି ନାଁ ଆଉ କିଛି ଘଟଣା ଘଟିଛି ତାହା ରହସ୍ୟାବୃତ୍ତ ହୋଇ ରହିଛି।

# ଜ୍ଞାନ ହୋତା ପାଇଲେ ଉତ୍କଳ ଘଣ୍ଟ ହାସ୍ୟରସିକ ଉପାୟନ

## ନୟାଗଡରେ ବିଶ୍ୱ ହାସ୍ୟ ଦିବସ

**ନୟାଗଡ଼,୪।୫ (ଲୋକନାଥ ମିଶ୍ର)**




ଜ୍ଞାନ ହୋତାଙ୍କୁ ଉତ୍କଳ ଘଣ୍ଟ ହାସ୍ୟରସିକ ଉପାୟନ ପ୍ରଦାନ କରାଯାଉଛି।

ମେ ମାସର ପ୍ରଥମ ରବିବାରରେ ପାଳିତ ହେଉଥିବା ବିଶ୍ୱ ହାସ୍ୟ ଦିବସରେ ନୟାଗଡ଼ ଜିଲା ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ବ୍ୟଙ୍ଗବାଗୀଶ ଜ୍ଞାନ ହୋତାଙ୍କୁ ଉତ୍କଳ ଘଣ୍ଟ ହାସ୍ୟରସିକ ଉପାୟନ ପ୍ରଦାନ କରାଯାଇଛି। ଏହି ଅବସରରେ ନୟାଗଡ଼ ପୁରୁଣାସହର ଜଗନ୍ନାଥ ମନ୍ଦିର ସାମନା ଯଦୁମଣି ମଣ୍ଡପଠାରେ ଅନୁଷ୍ଠିତ ହସି ହସାଅ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା ସୁର ରାଉତରାୟ ଏବଂ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବୋଲଗଡ଼ ଏକ୍ସପ୍ରେସ ବ୍ରଜ ସୁବୁଦ୍ଧି, ଡ.କୁଳାଙ୍ଗାର, ସତ୍ୟାନାଶ, ଡ. ରମାକାନ୍ତ ମହାପାତ୍ର, ରବୀନ୍ଦ୍ର ରାଉତ, ମିଷ୍ଟର କାଳିଆ, ଆର୍ତ୍ତତ୍ରାଣ, ବାଳକୃଷ୍ଣ, ବିଭୁ, ମନ ମାଷ୍ଟ୍ରେ, ସତ୍ୟବ୍ରତଙ୍କ ସମେତ ବହୁ ବ୍ୟଙ୍ଗ କବି ଯୋଗଦେଇଥିଲେ। ବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତବର୍ଷ ଉତ୍କଳ ଘଣ୍ଟ ହାସ୍ୟ ରସିକ ଉପାୟନ-୨୦୨୫ ବ୍ୟଙ୍ଗବାଗୀଶ ଜ୍ଞାନଙ୍କୁ ପ୍ରଦାନ ସହିତ ନଗଦ ୨୧ହଜାର ଟଙ୍କା ପୁରସ୍କାର ରାଶି, ଉପଢୌକନ ଏବଂ ମାନପତ୍ର ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁରୂପ ଭାବେ ଅନ୍ୟ ହାସ୍ୟ କଳାକାରମାନଙ୍କୁ ମଧ୍ୟ ଉପଢୌକନ ଏବଂ ମାନପତ୍ର ପ୍ରଦାନ ସହିତ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠାନର ସମ୍ପାଦକ ନିର୍ମଳ ଶୁରଦେଓ ଅତିଥି ପରିଚୟ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ।

କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, କବି ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହସିବା ଦ୍ୱାରା ଦେହ ଓ ମନ ସୁସ୍ଥ ରହେ। ପ୍ରତ୍ୟେକ ମନୁଷ୍ୟ ନିଜେ ହସିବା ସହିତ ଅନ୍ୟମାନଙ୍କୁ ହସେଇବା ଆବଶ୍ୟକ। ନୟାଗଡ଼ ମାଟି ବ୍ୟଙ୍ଗ ସାହିତ୍ୟର ମାଟି ଏବଂ ଏଠାରେ ବ୍ୟଙ୍ଗକବି ତଥା ଉତ୍କଳଘଣ୍ଟ ଯଦୁମଣୀ ସମଗ୍ର ରାଜ୍ୟ ତଥା ଦେଶରେ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କର କୃତି ନୟାଗଡ଼ ପାଇଁ ଗୌରବ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବ୍ୟଙ୍ଗ କବି, ହାସ୍ୟ ଅଭିନେତାମାନେ ଦର୍ଶକଙ୍କୁ ବିଭିନ୍ନ ବ୍ୟଙ୍ଗ ଓ ଅଭିନୟ ଦ୍ୱାରା ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ, ସାହିତ୍ୟିକ, ଖବରଦାତା ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳତା

**ଦଶପଲ୍ଲା,୪।୫ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପାସ ହାର ଶତପ୍ରତିଶତ ହୋଇଥିବା ଜଣାପଡିଛି। ଉକ୍ତ ବିଦ୍ୟାଳୟରୁ ୨ଜଣ ଏ-୧ରେ ପାସ କରିଛନ୍ତି। ପ୍ରାଚୀ ମହାପାତ୍ର ୫୬୧ ନମ୍ବର ରଖି ଦଶପଲ୍ଲା ବ୍ଲକସ୍ତରରେ ପ୍ରଥମ ଓ ନୟାଗଡ଼ ଜିଲାସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁରୂପ ଭାବେ ଆଉ ଜଣେ ଛାତ୍ର ମନମୋହନ ମଲ୍ଲିକ ୫୫୦ ନମ୍ବର ରଖି ବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି। ତାଙ୍କର ଏ ସଫଳତାରେ ପ୍ରଧାନ ଶିକ୍ଷକ ଦିଲୀପ କୁମାର ନାୟକ ଅଭିନନ୍ଦନ ଜଣାଇଛନ୍ତି। ଉକ୍ତ ବିଦ୍ୟାଳୟରେ ଏ-୧ରେ ୨ଜଣ, ଏ-୨ରେ ୪, ବି-୧ରେ ୩, ବି-୨ରେ ୧୪, ସି ଗ୍ରେଡରେ ୨୭, ଡି ଗ୍ରେଡରେ ୩୨ ଓ ଇ ଗ୍ରେଡରେ ୧୭ ଜଣ ପାସ କରିଥିବା ଜଣାଯାଇଛି।

OFFICE OF THE PRINCIPAL
P.I. DEGREE COLLEGE, JUNAGARH, DIST.: KALAHANDI
Adv. No. 566/PIM(J)/KLD/2025 Date: 02.05.2025
TENDER CALL NOTICE
Tenders are invited for procurement of Desktop Computers, UPS, Multifunction Printer, LED TV (65-Inch), Wireless Mic & Camera for Virtual Meeting under upgrading of IT Infrastructure Fund, Higher Education Department, Government of Odisha. The firms having GST/PAN/TAN registration can send their tenders for supply of items. The tender documents will be opened according to schedule of RFP. The undersigned reserve the right to accept or reject any or all the tenders without assigning any reason thereof.
For details of the RFP visit: www.pidcjunagarh.co.in.
Sd./- Principal
P.I. Degree College, Junagarh

ODISHA HYDRO POWER CORPORATION LTD.
O/o. Sr. GENERAL MANAGER
HIRAKUD HYDRO ELECTRIC PROJECT
POST BOX NO. 5, BURLA - 768017, DISTRICT: SAMBALPUR (ODISHA), INDIA
Phone: 0663-2950721(O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963
No. HHEP/WK-52/7, Vol-II/2516 Date: 03.05.2025
NOTICE INVITING TENDER No. HHEP-22/2025
No. CAD-283: Sealed tenders are invited in single part in sealed envelopes from Govt. registered Contractors/Agencies having similar type of work experience during the last three years for the following works as mentioned below.

| Description of Work | Cost of tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of sale/ download of tender document | Last date & time of receipt of tender | Date & time of Opening of Techno Commercial Bid |
|---|---|---|---|---|---|
| Replacement of seals of Intake Gate Servo Cylinder of Unit # 4 of HHEP, Burla | 4,720/- (Rs.4000/- + GST @ 18%) | 7,500/- | From 06.05.2025 (09.00A.M.) to 20.05.2025 upto 11.00 A.M. | 20.05.2025 upto 11.30 A.M. | 20.05.2025 at 12.00 Noon |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday(s), or the office is closed due to any other reason the next working day will be treated as the effective date.
OIPR-04007/11/0042/2526 Sd./- C&P Head, HHEP, Burla

## ଅଗ୍ନିବିପନ୍ନଙ୍କୁ ସହାୟତା

ପାଣିକୋଇଲି,୪ା୫(ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ମୁଳାପାଳ ପଞ୍ଚାୟତର ବରପଦା ଗ୍ରାମରେ ଅନାମ ଖଣ୍ଡୁଆଙ୍କ ଘରେ ଅଗ୍ନିକାଣ୍ଡ ଘଟି ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଜୀବନ୍ତଦଗ୍ଧ ହୋଇଥିଲେ । ତା'ପରଦିନ ଆହତ ଅନାମଙ୍କର ବିଜକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ନାତି ଅଶୋକ ବି ଗୁରୁତର ହୋଇଥିଲେ । ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଅଗ୍ନିକାଣ୍ଡରେ ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି । ଏପରି ପରିସ୍ଥିତିରେ ଅଗ୍ନିପୀଡ଼ିତଙ୍କ ପରିବାରକୁ ସହାୟତାର ହାତ ବଢାଇଛନ୍ତି ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି । ସେ ପରିବାର ସଦସ୍ୟଙ୍କୁ ଭେଟିଚାଉଳ, ଡାଲି, ଚିନି, ବିସ୍କୁଟ, ଆଳୁ ପ୍ରଦାନ କରିଛନ୍ତି । ସମିତିସଭ୍ୟ ମଧୁସୂଦନ ନନ୍ଦୀ, ପୂର୍ବତନ ସରପଞ୍ଚ ନିରଞ୍ଜନ ନାୟକ, ଗୋଲକ ମାଝୀ ସମେତ ଅଗ୍ନିପିଡ଼ିତ ପରିବାରକୁ ସମବେଦନା ଜଣାଇଛନ୍ତି ।

# ଲୁଟ୍ ଘଟଣାରେ ଅଭିଯୋଗକାରୀ ସାଜିଲେ ଅଭିଯୁକ୍ତ

### ୨ ଗିରଫ, ଖରସ୍ରୋତା ନଦୀରୁ ଲୁଟ୍ ଲକର ଜବତ

ସିଂହପୁର/ବିଞ୍ଝାରପୁର,୪ା୫(ଅନନ୍ତ ଉଦୟ ବେହେରିଆ/ ରାମକୃଷ୍ଣ ଦାସ):


ଗିରଫ ୨ ଅଭିଯୁକ୍ତ ।

ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ପୋଲିସ ଏକ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି । ଏକ ଲୁଟ୍ ଘଟଣାର ଅଭିଯୋଗକାରୀ ଅଭିଯୁକ୍ତ ପ୍ରମାଣିତ ହେବା ପରେ ପୋଲିସ ତାଙ୍କୁ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ, ଗତ ୧ ତାରିଖରେ ଲର୍ଡଶ୍ରୀ ନେଟୱର୍କ ପ୍ରାଇଭେଟ ଲିମିଟେଡ୍ କୋରିୟର କମ୍ପାନୀର କର୍ମଚାରୀ ତଥା କେନ୍ଦୁଝର ଜିଲା ଆଗିରିଆ ଅଞ୍ଚଳର ଗଣେଶ ଚନ୍ଦ୍ର ଜେନା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ ଯେ, ସେ ରହୁଥିବା ଆଳାପୁରସ୍ଥିତ କୋରିୟର ଅଫିସରୁ ସେଦିନ ରାତିରେ ଲୁଟେରାମାନେ ପଶି ତାଙ୍କୁ ଆକ୍ରମଣ କରି କମ୍ପାନୀର ଲକର ସମେତ ୨ଲକ୍ଷ ୮୮ହଜାର ୬୭୩ ଟଙ୍କା ଓ ସିସିଟିଭି ହାର୍ଡଡିସ୍କକୁ ଲୁଟି ନେଇଛନ୍ତି । ଗଣେଶଙ୍କ ଅଭିଯୋଗ ପାଇ ବିଞ୍ଝାରପୁର ଥାନା ଅଧିକାରୀ ବାମଦେବ ନନ୍ଦଙ୍କ ନେତୃତ୍ୱରେ ଏସ୍ଆଇ ବିଶ୍ୱଜିତ ବିଶ୍ୱାଳ, ଏଏସ୍ଆଇ ରାଜକିଶୋର ଲାହା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ହେଲେ ପୋଲିସର ସନ୍ଦେହ ଅଭିଯୋଗକାରୀ ଗଣେଶଙ୍କ ଉପରେ ଘନୀଭୂତ ହୋଇଥିଲା । ପରେ ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା ଗଣେଶ ଓ ତାଙ୍କ ସହଯୋଗୀ ଯାଜପୁର ସଦର ଥାନା ଅଞ୍ଚଳର ଲିକୁ ବେହେରା ମିଳିତ ଭାବେ ଏହି ଲୁଟ୍ ନାଟକ ରଚିଛନ୍ତି । ପୋଲିସ ଉଭୟଙ୍କୁ ଅଧିକ ପଚାରଉଚରା ପରେ ଗଣେଶ ସବୁ ସତ ମାନିଥିଲେ । ଲୁଟ୍ ଲକରକୁ ଏକ ସ୍କୁଟିରେ ଅଭିଯୁକ୍ତମାନେ ନେଇ କଣ୍ଟିଆପୁଟ ଖରସ୍ରୋତା ନଦୀରେ ଫିଙ୍ଗି ଦେଇଥିଲେ । ପୋଲିସ ଖରସ୍ରୋତା ନଦୀରୁ ସେହି ଲକର ଜବତ କରିଥିବା ବେଳେ ଅଭିଯୁକ୍ତଙ୍କଠାରୁ ଏକ ସ୍କୁଟି, ୩୦ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ ଜବତ କରିଛି । ଗିରଫ ଅଭିଯୁକ୍ତଙ୍କୁ ନେଇ ପୋଲିସ ଆଳାପୁରଠାରେ କ୍ରାଇମ୍ ରିକ୍ରିଏଟ୍ କରିଛି । ଘଟଣାରେ ବିଞ୍ଝାରପୁର ଥାନା ପୋଲିସ ଏକ ମାମଲା(ନଂ. ୧୮୪/୨୫) ରୁଜୁ କରି ଗଣେଶ ଓ ଲିକୁଙ୍କୁ ରବିବାର କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ନନ୍ଦ ସୂଚନା ଦେଇଛନ୍ତି ।

## ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ର ବିଜେଡିରୁ ବହିଷ୍କୃତ

ଦଶରଥପୁର,୪ା୫ (ସୁଶାନ୍ତ କୁମାର ବେହୁରିଆ):



ଦଶରଥପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ତଥା ଗ୍ରାମ ନନ୍ଦିପୁର ପଞ୍ଚାୟତର ବରିଷ୍ଠ ବିଜେଡି ନେତା ବିଷ୍ଣୁ ଚରଣ ମହାପାତ୍ର ବିଜେଡିରୁ ବହିଷ୍କୃତ ହୋଇଛନ୍ତି । ତାଙ୍କ ସହିତ ଗ୍ରାମ ନନ୍ଦିପୁର ସମିତି ସଭ୍ୟ ରଶ୍ମିତା ଦାସ, ବରିଷ୍ଠ ନେତା ମନୋରଞ୍ଜନ ପଣ୍ଡାଙ୍କୁ ଦଳ ବିରୋଧୀ ଓ ବିଶୃଙ୍ଖଳା ଆଚରଣ ଅଭିଯୋଗ ନେଇ ଦଳରୁ ବହିଷ୍କାର କରାଯାଇଛି । ଏନେଇ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ବିଷ୍ଣୁ ଚରଣ ମହାପାତ୍ର ପୂର୍ବରୁ ଗ୍ରାମ ନନ୍ଦିପୁର ପଞ୍ଚାୟତର ସରପଞ୍ଚ ଓ ଦଶରଥପୁର ବ୍ଲକ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ । ବର୍ତ୍ତମାନ ସେ ଗ୍ରାମ ନନ୍ଦିପୁର କୃଷି ସମବାୟ ସମିତିର ସଭାପତି ଅଛନ୍ତି । ଗତ ବିଧାନସଭା ନିର୍ବାଚନରେ ଗ୍ରାମ ନନ୍ଦିପୁର ଓ ବିରୁହାଁ ପଞ୍ଚାୟତରେ ପ୍ରମିଳା ମଲ୍ଲିକ ଭାଜପା ପ୍ରାର୍ଥୀଙ୍କଠାରୁ କମ ଭୋଟ ପାଇଥିବାରୁ ବିଷ୍ଣୁଙ୍କ ସହିତ ବିଧାୟିକା ପ୍ରମିଳାଙ୍କ ମତାନ୍ତର ସୃଷ୍ଟି ହୋଇଥିଲା । ଅପରପକ୍ଷେ ବିଷ୍ଣୁ ଗତ କିଛିଦିନ ହେବ ଭାଜପାରେ ମିଶିବା ନେଇ ଚର୍ଚ୍ଚା ଜୋର ଧରିଥିଲା ।

# ବଡ଼ଚଣା ବିଜେଡିର ୪୦ ପଞ୍ଚାୟତ ସଭାପତିଙ୍କ ନାମ ଘୋଷଣା

ଚଣ୍ଡିଖୋଲ,୪ା୫ (ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ସଭାପତି ଭାବେ ତାପସ ଚନ୍ଦ୍ର ରାୟଙ୍କ ନାମ ଘୋଷଣା ହେବା ପରେ ରବିବାର ଚଣ୍ଡିଖୋଲସ୍ଥିତ ଏକ ହୋଟେଲଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ୪୩ ପଞ୍ଚାୟତରୁ ୪୦ ପଞ୍ଚାୟତ ସଭାପତିଙ୍କ ନାମ ଘୋଷଣା କରାଯାଇଛି । ଏହି ଖବରଦାତା ସମ୍ମିଳନୀରେ ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ଉପ ସଭାପତି ଗଣେଶ୍ୱର ବରାଳ, ଜ୍ଞାନ ରଞ୍ଜନ ସାହୁ, ଧନେଶ୍ୱର ବେହେରା, ଦେବେନ୍ଦ୍ର ଜେନା, ନିରଞ୍ଜନ ବିଶ୍ୱାଳ, ଅମର ମହାନ୍ତି, ପ୍ରଦୀପ୍ତ କୁମାର ମହାନ୍ତି, ସଞ୍ଜୀବ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶରେ ବଡ଼ଚଣା ବ୍ଲକ ସଭାପତି ସମସ୍ତ ପଞ୍ଚାୟତର ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଛତିଆ ପଞ୍ଚାୟତ ସଭାପତି ଭାବେ ପୁଷ୍କରକାନ୍ତ ପଣ୍ଡା, ନଳିପୁର ସଭାପତି ସେକ ଇମାମୁଦ୍ଦିନ, ଚରିଗଙ୍ଗଳ ସଭାପତି ଗୁଲାମ କିବିରିଆ ଖାଁ, ଅଣକା ସଭାପତି ତପନ ଚରଣ ସିଂହ, କୋଲାଣଗିରି ସଭାପତି ଶ୍ରୀକାନ୍ତ ମହାନ୍ତି, ଧାନମଣ୍ଡଳ ସଭାପତି ରବୀନ୍ଦ୍ର କୁମାର ନାୟକ, ସୋଲର ସଭାପତି ମାଧବାନନ୍ଦ ମହାପାତ୍ର, ବେଁରି ସଭାପତି ବିଶ୍ୱଜିତ ମହାନ୍ତି, ପାରିଆ ସଭାପତି ସତ୍ୟବ୍ରତ ବିଶ୍ୱାଳ, ସମିଆ ସଭାପତି ରତ୍ନାକର ପ୍ରଧାନ, ଶାଳପଡା ରମେଶ ଚନ୍ଦ୍ର ଶତପଥୀ, ସିହା ପିତାମ୍ବର ବଳ, ଭୁଶଣ୍ଡପୁର ପ୍ରଭାକର ସାମଲ, ବଡଚଣା ବିଜୟ କୁମାର ପ୍ରଧାନ, ଖଇରା ବୈକୁଣ୍ଠନାଥ ବରାଳ, ଚଣ୍ଡିତଳ ରବିନ୍ଦ୍ର କୁମାର ବେହେରା, ବନ୍ଧାଳ ଅଜୟ କୁମାର ବିଶ୍ୱାଳ, ସୁଙ୍ଗୁଡା ପ୍ରିୟବ୍ରତ ଖିଲାର, ସାନ୍ତିପୁର ଅକ୍ଷୟ କୁମାର ଦଳେଇ, ନେଳିଆ ଧୀରେନ୍ଦ୍ର କୁମାର ନାଥ, ଚମ୍ପାପୁର କୈଳାସ ଚନ୍ଦ୍ର ରାଉତ, ବଡ଼ଗୁମୁରି ମିହିର କୁମାର ଖୁଣ୍ଟିଆ, ରାଧାଦେଇପୁର ସୁଶାନ୍ତ ନାୟକ, ଅରଖପୁର ରବିନ୍ଦ୍ର ସାମଲ, କୁନ୍ଦଳ କୃପାସିନ୍ଧୁ ମହାରଣା, ପତରାଜପୁର ପ୍ରତାପ ସେନାପତି, ବାଲିଚନ୍ଦ୍ରପୁର ଅନନ୍ତ ମହାରଣା, ବରପଦା ନାରାୟଣ ମଲ୍ଲିକ, ମହିତଡ଼ା ଅନିରୁଦ୍ଧ ପାଢ଼ୀ, ଅଚ୍ୟୁତବସନ୍ତ ସୁବୁଦ୍ଧ ବଳସାମନ୍ତ, ବିକ୍ରମପିତରଣ ଯୋଗେଶ ଚନ୍ଦ୍ର ପ୍ରଧାନ, ପଲେଇ ଦେବଦତ୍ତ ସାମଲ, ବରଦା ନିରଞ୍ଜନ ସାମଲ, ଗୋପାଳପୁର ବିକ୍ରମ ରାଉତ, ଭରତପୁର ବ୍ରଜ କିଶୋର ବସନ୍ତିଆ, ବାଲିପଡିଆ ପ୍ରଭାସ ଚନ୍ଦ୍ର ଦାଶ, ସାଉଡିଆ କ୍ଷେତ୍ରବାସୀ ପଣ୍ଡା, ରଇପୁର ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ୪୦ ପଞ୍ଚାୟତ ସଭାପତି ଘୋଷଣା କରାଯାଇଛି ।

# କଂଗ୍ରେସ ନେତା ରବି ନାରାୟଣ ରଣାଙ୍କ ସ୍ମୃତିସଭା


ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ଅନ୍ୟମାନେ ।

ଯାଜପୁର ଟାଉନ,୪ା୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ବରିଷ୍ଠ ଖବରଦାତା ତଥା କଂଗ୍ରେସ ନେତା ରବି ନାରାୟଣ ରଣାଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ତାଙ୍କ ବାସଭବନ ବାବଲପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟିର ନେତୃମଣ୍ଡଳୀ ଏବଂ କର୍ମୀମାନେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ପୂର୍ବତନ ମନ୍ତ୍ରୀ ଶରତ ରାଉତ ଯୋଗଦେଇ ସ୍ୱର୍ଗତ ରଣା ଜଣେ ନିଷ୍ଠାପର କର୍ମୀ ଥିଲେ । ସେ ଦୀର୍ଘ ବର୍ଷଧରି କଂଗ୍ରେସରେ ନିଃସ୍ୱାର୍ଥପର ଭାବେ କାମ କରିବା ସହିତ ଓଡ଼ିଆ ଖବର କାଗଜ 'ମନ୍ଥନ'ରେ ସାମ୍ବାଦିକ ଭାବେ ସୁପରିଚିତ ଥିଲେ ବୋଲି କହିଥିଲେ । ବରିଷ୍ଠ ନେତା ବିଷ୍ଣୁ ରାଉତ, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ସୁଦିପ କୁମାର କର, ବରିଷ୍ଠ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ, ସମରଜିତ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ।

# ମା'ବିରଜା ବିଶ୍ୱଜ୍ୟୋତି ମହାଯଜ୍ଞ ଉଦ୍‌ଯାପିତ

ରସୁଲପୁର,୪ା୫ (ରଞ୍ଜିତ ରାଉତ):


ମହାଯଜ୍ଞରେ ସାମିଲ ହୋଇଥିବା ପୂଜକ ଓ ଶ୍ରଦ୍ଧାଳୁ ।

ରସୁଲପୁର ବ୍ଲକ ବରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମରେ ବିଷ୍ଣୁପୀଠ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ତ୍ରିଦିବସୀୟ ମା'ବିରଜା ବିଶ୍ୱଜ୍ୟୋତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରରୋପଣ, କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଯଜ୍ଞରେ ପ୍ରତିଦିନ ସୂର୍ଯ୍ୟପୂଜା, ଗୋପୂଜା, ଗୁରୁ ପୂଜା, ଷୋଡ଼ଶପଚାର ପୂଜା, ଗୀତା ପାଠ, ସପ୍ତସତୀ ଚଣ୍ଡୀ ମନ୍ତ୍ରରେ ଆହୁତି ଦିଆଯାଇଥିଲା । ସନ୍ଧ୍ୟାରେ ଆଳତି ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। କର୍ତ୍ତା ଭାବେ ପ୍ରଶାନ୍ତ ନାୟକ କର୍ତ୍ତୀ ସବିତା ରାଣୀ ନାୟକ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଆଲୋକ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀନିବାସ ପଣ୍ଡା, ତ୍ରିଲୋଚନ ପଣ୍ଡା, ଚକ୍ରଧର ପଣ୍ଡା, ପବିତ୍ର ଦାଶ, ଅଭିଜିତ ପଣ୍ଡା, ବୁବୁନା ପଣ୍ଡା, କାହ୍ନୁ ଦାଶ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। ଜିତେନ୍ଦ୍ର ନାୟକ, ରାଜାରାମ ରାଉତ, ଭୈରବ ରାଉତ, ପ୍ରଶାନ୍ତ ରାଉତ, ବିକ୍ରମ ରାଉତ, ଗିରିଧାରୀ ନାୟକ, ତରୁଣ ବେହେରା, ମନୁଆ ରାଉତ, ରାମଚନ୍ଦ୍ର ଦାଶ, ବାଇଧର ରାଉତ, ଦୁଃଶାସନ ନାୟକ, ମଦନ ଦାଶ, ଚିଲା ମହାନ୍ତି, ବାବା ପାତ୍ରଙ୍କ ସମେତ ବେତଣ୍ଡା ଗ୍ରାମବାସୀ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲେ ।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଳିମେଳା

### ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା 2297 ତାରିଖ 30.04.25

No.i-62: ଏତଦ୍ୱାରା କାଳିମେଳା ପଞ୍ଚାୟତ ସମିତି ଅନ୍ତର୍ଗତ 23 ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିରାସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡ଼ି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍କୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

### ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Badili | 01.05.2025 | 15.05.2025 | 16.05.2025 | 20.08.2025 | AEE |
| 2 | Chitrangpali | 01.05.2025 | 15.05.2025 | 16.05.2025 | | GPDO |
| 3 | Kalimela | 01.05.2025 | 15.05.2025 | 16.05.2025 | | AEE |
| 4 | Mandapalli | 01.05.2025 | 15.05.2025 | 16.05.2025 | | APO |
| 5 | Kangurkonda | 01.05.2025 | 15.05.2025 | 16.05.2025 | | APO |
| 6 | Venkatapalam | 17.05.2025 | 31.05.2025 | 02.06.2025 | | GPDO |
| 7 | Bejangiwada | 17.05.2025 | 31.05.2025 | 02.06.2025 | | APO |
| 8 | Chintalwada | 17.05.2025 | 31.05.2025 | 02.06.2025 | | APO |
| 9 | Gampakonda | 17.05.2025 | 31.05.2025 | 02.06.2025 | | AEE |
| 10 | Koimetla | 17.05.2025 | 31.05.2025 | 02.06.2025 | | GPDO |
| 11 | Gumka | 03.06.2025 | 17.06.2025 | 18.06.2025 | | AEE |
| 12 | Badigeta | 03.06.2025 | 17.06.2025 | 18.06.2025 | | APO |
| 13 | Telerai | 03.06.2025 | 17.06.2025 | 18.06.2025 | | APO |
| 14 | Nalagunthi | 03.06.2025 | 17.06.2025 | 18.06.2025 | | GPDO |
| 15 | Tigal | 03.06.2025 | 17.06.2025 | 18.06.2025 | | APO |
| 16 | Bhubanpalli | 09.06.2025 | 03.07.2025 | 04.07.2025 | | AEE |
| 17 | Manamkonda | 09.06.2025 | 03.07.2025 | 04.07.2025 | | GPDO |
| 18 | Tandabai | 09.06.2025 | 03.07.2025 | 04.07.2025 | | AEE |
| 19 | Maharajpalli | 09.06.2025 | 03.07.2025 | 04.07.2025 | | APO |
| 20 | Motu | 09.06.2025 | 03.07.2025 | 04.07.2025 | | APO |
| 21 | Pusuguda | 05.07.2025 | 18.07.2025 | 19.07.2025 | | GPDO |
| 22 | Malavaram | 05.07.2025 | 18.07.2025 | 19.07.2025 | | AEE |
| 23 | Lugel | 05.07.2025 | 18.07.2025 | 19.07.2025 | | APO |

ଯାଞ୍ଚ ହେବାକୁ ଥିବା : (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ? (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ୍ ଅଛି କି ନାହିଁ ?

OIPR-19252/11/0006/2526 ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, କାଳିମେଳା



## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ ୬୪୧ / (Exam. Conf.-I)/ ତା ୩।୫।୨୫ ରିଖ

No. N-39

ଏତଦ୍ୱାରା ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ ପାଇଁ SUBJECTIVE ଏବଂ OBJECTIVE ବିଷୟର ପୁନଃ ଯାଂଚ (Checking of Addition of Marks) ଏବଂ ସେହି ଖାତା ଗୁଡ଼ିକର ଅବିକଳ ନକଲ (Scanned copy of answer books) ପାଇଁ ଦରଖାସ୍ତ ଓ ଫିସ୍ ଦାଖଲ ପ୍ରକ୍ରିୟା ତା05/05/2025ରିଖ ଠାରୁ ଆରମ୍ଭ ହୋଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଶେଷ ହେବ ।

୧. ON-LINEରେ ଆବେଦନ କରିବାର ନିୟମାବଳୀ www.bseodisha.ac.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

୨. ଉଭୟ ଫିସ୍ ଓ ଫର୍ମ କେବଳ ON-LINE ମାଧ୍ୟମରେ ତା16/05/2025ରିଖ ମଧ୍ୟରାତ୍ର ସୁଦ୍ଧା ଦାଖଲ କରିବାକୁ ହେବ । ଏହି ON-LINE ଆବେଦନ ପ୍ରକ୍ରିୟା ଅନବରତ (24 × 7) ଚାଲୁ ରହିବ ।

୩. ବୋର୍ଡ କର୍ତୃପକ୍ଷ ଏହି ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ Marks Statement ପ୍ରଦାନ କରିବେ ଏବଂ ଖାତାର ଅବିକଳ ନକଲ, ଆବେଦନକାରୀମାନେ ବୋର୍ଡର ଉପରୋକ୍ତ website ରୁ download କରି ନେଇପାରିବେ । ଏହି ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ ।

୪. ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୫ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ (SOSC Examination), 2025 (1st)ରେ ଦେଇଥିବା ପରୀକ୍ଷାର୍ଥୀ ତା05/05/2025ରିଖ ଠାରୁ ତା16/05/2025ରିଖ ମଧ୍ୟରେ Off-Line ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ ଏବଂ ଶାଖା କାର୍ଯ୍ୟାଳୟରେ କେବଳ କାର୍ଯ୍ୟ ଦିବସ ମାନଙ୍କରେ ଆବେଦନ କରିପାରିବେ ।

୬. ଅନ୍ୟକୌଣସି ପ୍ରକାରେ ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅତୁବା ପରେ ଗ୍ରହଣ କରାଯିବ ନାହିଁ ।

OIPR-27004/11/0078/2526 ସ୍ୱା./- ସମ୍ପାଦକ



## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, RAYAGADA

No.O-114

Email ID : ccerwcrayagada@gmail.com

Letter No. 809/W.E./ Date : 01.05.2025

### NATIONAL COMPETITIVE BIDDING
### E-Procurement Notice for PM-JANMAN Batch-II PMGSY works

1. Name of the work : Construction & Maintenance of road works for the year 2024-25. (1 No.)
2. Class of contractor : "B" & "A" (Odisha PWD) or relevant class of other licensing authority
3. Estimated Cost : Varies from Rs.129.35 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-10/ RWCRGDA/ /2025-26 | Dt.08.05.2025 at 11.00 A.M. | Dt.06.06.2025 Up to 5.00 P.M. | Dt.05.06.2025 Up to 5.00 P.M. | Dt.09.06.2025 at 11.00 A.M. | Will be intimated later |

5. The details of works can be seen from the website www.pmgsytenders.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, Rural Works Circle, Rayagada

OIPR-25196/11/0011/2526



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଣ୍ଡପଡ଼ା

ବିଜ୍ଞାପନ ସଂଖ୍ୟା-୧୫୩୬, ତାରିଖ-୨୫.୦୪.୨୦୨୫

No.i-57:ଏତଦ୍ୱାରା ପଞ୍ଚାୟତ ସମିତି, ଖଣ୍ଡପଡା ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ୧୯.୦୫.୨୦୨୫ରୁ ୧୨.୦୯.୨୦୨୫ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ, ରେସନ କାର୍ଡଧାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ/ ଏ.ଡି.ଇ.ଓ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ | | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|---|
| | | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | | |
| ୧ | ବନମାଳୀପୁର,ବେଣାଗାଡିଆ,ବଳଭଦ୍ରପ୍ରସାଦ | ୧୯.୦୫.୨୦୨୫ | ୨୨.୦୫.୨୦୨୫ | ୨୩.୦୫.୨୦୨୫ | ୩୦.୦୫.୨୦୨୫ | ୩୧.୦୫.୨୦୨୫ | ୦୮.୧୦.୨୦୨୫ |
| ୨ | କିଆଝର,ବୋଦସା,ଯୋଗିଆପଲ୍ଲୀ | ୦୨.୦୬.୨୦୨୫ | ୦୫.୦୬.୨୦୨୫ | ୦୬.୦୬.୨୦୨୫ | ୧୬.୦୬.୨୦୨୫ | ୧୭.୦୬.୨୦୨୫ | |
| ୩ | ମର୍ଦ୍ଦରାଜପୁର,କୋସ୍କା,ରାଣୀଛେଲୀ | ୧୮.୦୬.୨୦୨୫ | ୨୧.୦୬.୨୦୨୫ | ୨୩.୦୬.୨୦୨୫ | ୦୨.୦୭.୨୦୨୫ | ୦୩.୦୭.୨୦୨୫ | |
| ୪ | ର.ଡୋଲମରା,ଗଡିଆସାହି,କଣ୍ଟିଲୋ | ୦୪.୦୭.୨୦୨୫ | ୦୮.୦୭.୨୦୨୫ | ୦୯.୦୭.୨୦୨୫ | ୧୭.୦୭.୨୦୨୫ | ୧୮.୦୭.୨୦୨୫ | |
| ୫ | ଶାଳଝରିଆ, ସିଂଘାପଡା, ଖଳିସାହି | ୨୧.୦୭.୨୦୨୫ | ୨୪.୦୭.୨୦୨୫ | ୨୮.୦୭.୨୦୨୫ | ୦୪.୦୮.୨୦୨୫ | ୦୫.୦୮.୨୦୨୫ | |
| ୬ | କୁସ୍ପାରପଡା,ଜଗନ୍ନାଥପ୍ରସାଦ,ବଡବାଣପୁର,ରାଣୀପଡା | ୦୬.୦୮.୨୦୨୫ | ୧୧.୦୮.୨୦୨୫ | ୧୨.୦୮.୨୦୨୫ | ୨୦.୦୮.୨୦୨୫ | ୨୧.୦୮.୨୦୨୫ | |
| ୭ | ସିଧାମୁଳା,ଗୁଂଠୁଣୀ, ଶିଖରପୁର | ୨୯.୦୮.୨୦୨୫ | ୦୨.୦୯.୨୦୨୫ | ୦୩.୦୯.୨୦୨୫ | ୧୧.୦୯.୨୦୨୫ | ୧୨.୦୯.୨୦୨୫ | |

OIPR-19151/11/0005/2526 ସ୍ୱା./-ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଣ୍ଡପଡ଼ା



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼

ବିଜ୍ଞାପନ ସଂଖ୍ୟା-୧୩୬୩, ତାରିଖ-୦୧.୦୫.୨୦୨୫

No.i-59:ଏତଦ୍ୱାରା ପଞ୍ଚାୟତ ସମିତି, ନୟାଗଡ ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ୦୧ ଅକ୍ଟୋବର ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ମସିହା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ୦୧ ଏପ୍ରିଲ ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ଆର୍ଥିକ ବର୍ଷର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବକାର୍ଡଧାରୀ ଶ୍ରମିକ, ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ଜାତୀୟ ଖାଦ୍ୟ ସୁରକ୍ଷା ଆଇନ | | ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସା.ସ ଗ୍ରାମ ସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|---|---|
| | | ସା.ସ. ଆରମ୍ଭ ତାରିଖ | ସା.ସ. ଶେଷ ତାରିଖ | ସା.ସ. ଆରମ୍ଭ ତାରିଖ | ସା.ସ. ଶେଷ ତାରିଖ | | |
| ୧ | ବଡପଣ୍ଡୁସର, ବାଲୁଗାଁ, ବାଉଁସିଆପଡା,ଭାଟସାହି | ୧୯.୦୫.୨୦୨୫ | ୨୨.୦୫.୨୦୨୫ | ୨୩.୦୫.୨୦୨୫ | ୩୦.୦୫.୨୦୨୫ | ୩୧.୦୫.୨୦୨୫ | ୧୦.୧୦.୨୦୨୫ |
| ୨ | ବିରୁଡା, ଚମ୍ପତିପୁର, ଚଣ୍ଡିବସ୍ତ, ଗଦାଧର ପ୍ରସାଦ | ୦୨.୦୬.୨୦୨୫ | ୦୫.୦୬.୨୦୨୫ | ୦୬.୦୬.୨୦୨୫ | ୧୬.୦୬.୨୦୨୫ | ୧୭.୦୬.୨୦୨୫ | |
| ୩ | ଗମ୍ଭାରିଡିହି, ଘଡୁଆଳ, ଇକିରି, ଇଟାମାଟି | ୧୮.୦୬.୨୦୨୫ | ୨୧.୦୬.୨୦୨୫ | ୨୩.୦୬.୨୦୨୫ | ୦୨.୦୭.୨୦୨୫ | ୦୩.୦୭.୨୦୨୫ | |
| ୪ | ଜେମାଦେଇପୁରପାଟଣା, କଳିକାପ୍ରସାଦ, କେନ୍ଦୁଡିପି, ଖୁଟୁବନ୍ଧ | ୦୪.୦୭.୨୦୨୫ | ୦୮.୦୭.୨୦୨୫ | ୦୯.୦୭.୨୦୨୫ | ୧୭.୦୭.୨୦୨୫ | ୧୮.୦୭.୨୦୨୫ | |
| ୫ | କ୍ରୀଦାସପୁର,ଲାଠିପଡା, ଲକ୍ଷ୍ମୀପ୍ରସାଦ, ଲେଙ୍କୁଡିପଡା, ମାଛିପଡା | ୨୧.୦୭.୨୦୨୫ | ୨୪.୦୭.୨୦୨୫ | ୨୮.୦୭.୨୦୨୫ | ୦୪.୦୮.୨୦୨୫ | ୦୫.୦୮.୨୦୨୫ | |
| ୬ | ମୁଥାଗାଡିଆ, ନବଘନପୁର, ନଡିଆଳି, ନାଟୁଗାଁ | ୦୬.୦୮.୨୦୨୫ | ୧୧.୦୮.୨୦୨୫ | ୧୨.୦୮.୨୦୨୫ | ୨୦.୦୮.୨୦୨୫ | ୨୧.୦୮.୨୦୨୫ | |
| ୭ | ନୋଟର, ଶରଧାପୁର, ଶରଣକୁଳ, ସିନ୍ଧୁରିଆ | ୨୯.୦୮.୨୦୨୫ | ୦୨.୦୯.୨୦୨୫ | ୦୩.୦୯.୨୦୨୫ | ୧୧.୦୯.୨୦୨୫ | ୧୨.୦୯.୨୦୨୫ | |

OIPR-19297/11/0009/2526 ସ୍ୱା./-ମଣ୍ଡଳ ଉନ୍ନୟନ ଅଧିକାରୀ, ନୟାଗଡ଼



## OFFICE OF THE EXECUTIVE OFFICER
## MUNICIPAL COUNCIL, DHENKANAL

DHENKANAL (ODISHA), PIN-759001

E-mail: dhenkanalm.hud@gmail.com

No.1612 Date:02.05.25

### QUOTATION CALL NOTICE

**No.C-229:**Sealed quotations in plain paper are invited from intending reputed Suppliers/Firms/Agency having valid GST in certificate, Aadhar Card & PAN Card for supply of Cooking Materials like table, AC, steel table, ect (copy enclosed) for MULTIPURPOSE COMMUNITY HALL at Caltax, Kantanali Chhak & Mahisapat of Dhenkanal Municipality. The quotationers should quote their rates for the following each items including cost, conveyance, delivery charges with all taxes etc. and the quotationer should mention on the envelop. The quotation must be submitted by Speed Post or through Regd. Post on before dtd 12.05.2025 at 9.00 AM and will be opened on same date at 12.30 PM in the office of the undersigned in presence of the quotationers or their authorised agent. In absence of both, the quotation can be opened.

The authority reserves the right to accept or reject any or all quotations without assigning any reason thereof and the Tender Committee may go for quality product over quoted price.

### MULTIPURPOSE COMMUNITY HALL

| କ୍ରମିକ ସଂଖ୍ୟା | ରୋଷେଇ ସାମଗ୍ରୀର ବିବରଣୀ | ପରିମାଣ | ମୂଲ୍ୟ ଟଙ୍କାରେ |
|---|---|---|---|
| ୧ | AC 1.5 ton | ୧ ଗୋଟି | |
| ୨ | ଷ୍ଟିଲ ବେଦୀ (ବାହାଘର/ବ୍ରତଘର ନିମନ୍ତେ) | ୧ ଗୋଟି | |
| ୩ | ଟେବୁଲ୍ (ଷ୍ଟିଲ) | ୧ ଗୋଟି | |
| ୪ | ଷ୍ଟିଲ ଗାଙ୍ଗୁଲା ବଡ଼ | ୧ ଗୋଟି | |
| ୫ | ବଫେ ସେଟ୍ | ୧ ଗୋଟି | |
| ୬ | ଦସ୍ତା ବଡ଼ ଟେ୍ | ୧ ଗୋଟି | |
| ୭ | ଦହିବରା ଟେ୍ | ୧ ଗୋଟି | |
| ୮ | ପନିକି ବଡ଼ | ୧ ଗୋଟି | |
| ୯ | ପରାତ | ୧ ଗୋଟି | |
| ୧୦ | ଜିଲାପି ତଇ | ୧ ଗୋଟି | |
| ୧୧ | ସିଲଭର ଚାଷିଣି ବଡ | ୧ ଗୋଟି | |
| ୧୨ | ବାଲଟି | ୧ ଗୋଟି | |
| ୧୩ | ଡାବ | ୧ ଗୋଟି | |
| ୧୪ | ଚାମଚ | ୧ ଗୋଟି | |
| ୧୫ | ପଞ୍ଝା | ୧ ଗୋଟି | |
| ୧୬ | ସିଲଭର ନା | ୧ ଗୋଟି | |
| ୧୭ | ଜାଲି ଟପ | ୧ ଗୋଟି | |
| ୧୮ | ଷ୍ଟିଲ ଚେୟାର | ୧ ଗୋଟି | |
| ୧୯ | ଗ୍ୟାସ ଚୁଲା (ଡବଲ ବଡ ସାଇଜ୍) | ୧ ଗୋଟି | |
| ୨୦ | ପାଇପ୍ ୧/୨ ଇଞ୍ଚ | ୧୦୦ ଫୁଟ (ଏକ କଏଲ) | |
| ୨୧ | ଡେକେଚି ୨୦ ଇଞ୍ଚ ଠାରୁ ୩୦ ଇଞ୍ଚ | ୧ ଗୋଟି | |
| ୨୨ | ଡେକେଚି ୫୮ ଇଞ୍ଚ ଠାରୁ ୬୦ ଇଞ୍ଚ | ୧ ଗୋଟି | |
| ୨୩ | ସିଲଭର କଡେଇ | ୧ ଗୋଟି | |
| ୨୪ | ଟୀପିନ | ୧ ଗୋଟି | |
| ୨୫ | କୋରୋଣ | ୧ ଗୋଟି | |
| ୨୬ | Salad Tray | ୧ ଗୋଟି | |
| ୨୭ | ହେମଦସ୍ତା | ୧ ଗୋଟି | |
| ୨୮ | ବେଲଣା ପଟା | ୧ ଗୋଟି | |
| ୨୯ | ସସପେନ୍ | ୧ ଗୋଟି | |
| ୩୦ | ଜଗ | ୧ ଗୋଟି | |
| ୩୧ | ତନ୍ଦୁରି ଭାଟି | ୧ ଗୋଟି | |
| ୩୨ | ଦୋସା/ଚକୁଳି ତାୱା | ୧ ଗୋଟି | |
| ୩୩ | Steel dustbin-୮୦ ଲିଟର | ୧ ଗୋଟି | |
| ୩୪ | ପାଲ ୧୪ ଫୁଟ×୧୪ ଫୁଟ | ୧ ଗୋଟି | |

Sd./- Executive Officer Dhenkanal Municipality

OIPR-13146/11/0030/2526

# ଖୋଲିଲା ରାଜ୍ୟର ପ୍ରଥମ ସରକାରୀ ୱାଟର ପାର୍କ

ଭଞ୍ଜନଗର,୪।୫(ବାବୁଲା ପ୍ରଧାନ)



ୱାଟର ପାର୍କକୁ ବିଧାୟକ ପ୍ରଦ୍ୟୁମ୍ନ ନାୟକ ଉଦ୍‌ଘାଟନ କରୁଛନ୍ତି।

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ହୋଇଥିବା ରାଜ୍ୟର ପ୍ରଥମ ସରକାରୀ ସମ୍ପ୍ରସାରିତ ୱାଟର ପାର୍କ ରବିବାର ଉଦ୍‌ଘାଟିତ ହୋଇଛି। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ୱାଟର ପାର୍କକୁ ଉଦ୍‌ଘାଟନ କରିଥିଲେ। ଏଥିସହ ନବ ନିର୍ମିତ ଫୁଡ କୋର୍ଟକୁ ମଧ୍ୟ ବିଧାୟକ ଉଦଘାଟନ କରିଛନ୍ତି। ଏହି ଅବସରରେ ବିଧାୟକ ନାୟକ କହିଥିଲେ, ଉକ୍ତ ପାର୍କକୁ ରାଜ୍ୟର ଏକ ନମ୍ବର ପାର୍କ କରାଯିବ। ୱାଟର ପାର୍କ ଖୋଲିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସି ଏହାର ମଜା ନେବେ। ଆଗାମୀ ଦିନରେ ଭଞ୍ଜନଗର ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେବ । ଏଥିସହ ଆମ ଅଞ୍ଚଳର ଅନେକ ପରିବାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ବିଧାୟକ ନାୟକ କହିଥିଲେ। ଏହି ଅବସରରେ ଉପ ଜିଲାପାଳ ଉମା ଶଙ୍କର ବେହେରା, ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରି ସଭା ନାୟକ, ଭାଜପା ଘୁମୁସର ସାଂଗଠନିକ ଜିଲା ସଭାପତି ନୀଳ ମାଧବ ପାତ୍ର,ଏମପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ସନ୍ତୋଷ ତିଆଡି, ରବିନ୍ଦ୍ର ଗୌଡ, ଧୋବା ଗୌଡ, ଶିବ ଶଙ୍କର ମହାପାତ୍ର, ମାନସ ଜେନା, ସୁବାଷ ବରାଡ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜଳସମ୍ପଦ ବିଭାଗ ଯନ୍ତ୍ରୀ, କର୍ମଚାରୀ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ ଯେ, ୨୦୨୪ ଜାନୁୟାରୀ ୨୬ରେ ଏହି ୱାଟର ପାର୍କ ଖୋଲିଥିଲା। ଏହା ୬ ମାସ ଚାଲିବା ପରେ ପରିଚାଳନାଗତ ତ୍ରୁଟି ଯୋଗୁ ବନ୍ଦ ହୋଇଯାଇଥିଲା। କିଛି ମାସ ତଳେ ବିଧାୟକ ନାୟକ ଏନେଇ ଜାଣିବା ପରେ ତାହା ପୁଣି କିଭଳି ଚାଲିବ ସେଥିପାଇଁ ବ୍ୟବସ୍ଥା କରିଥିଲେ। କାର୍ଯ୍ୟ ପରେ ପାର୍କ ଆଜିଠୁ ଖୋଲିଛି।

## ବାର୍‌ହା ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ବାଲିଗୁଡ଼ା,୪।୫(ସଞ୍ଜୟ ପାଣିଗ୍ରାହୀ)

ପାଟାଙ୍ଗସୁଗା ଗ୍ରାମର ଜଣେ ଯୁବକଙ୍କ ବାରହା ଆକ୍ରମଣରେ ମୃତ୍ୟୁ ଘଟିଛି। ସେହେଲେ ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ବ୍ଲକ ପକାରୀ ପଞ୍ଚାୟତର ପାଟାଙ୍ଗସୁଗା ଗ୍ରାମର ମାସିୟ ଦିଗାଳ (୨୮)।ମାସିୟ ସକାଳ ସମୟରେ କୌଣସି କାମ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ବାରହା ତାଙ୍କୁ ଆକ୍ରମଣ କରି ମୁଣ୍ଡକୁ କାମୁଡି ଦେଇଥିଲା। ଲୋକେ ଆସି ମାସିୟଙ୍କୁ ଉଦ୍ଧାର କରି ସଙ୍ଗେସଙ୍ଗେ ବାଲିଗୁଡାସ୍ଥିତ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜୁନ ୧୧ରେ ଠାକୁରମୁଣ୍ଡା ସରପଞ୍ଚ ଉପନିର୍ବାଚନ

ଠାକୁରମୁଣ୍ଡା,୪।୫(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ପଦବୀ ନିମନ୍ତେ ଉପ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ଆସନ୍ତା ଜୁନ ୧୧ ତାରିଖରେ ଭୋଟ ଗ୍ରହଣ କରାଯିବ। ମେ ୧୪ରୁ ୧୭ ତାରିଖ ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ କରାଯିବ। ୧୯ ତାରିଖରେ ଯାଞ୍ଚ ହୋଇ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜୁନ ୧୧ ତାରିଖ ସକାଳ ୭ରୁ ଦିନ ୧ଟା ମଧ୍ୟରେ ଭୋଟ ଦାନ କରାଯିବ। ୧୨ ତାରିଖ ଦିନ ଭୋଟ ଗଣତି ଓ ଫଳାଫଳ ଘୋଷଣା କରାଯିବ । ଗତ ୨୦୨୩ ଡିସେମ୍ବରରୁ ଠାକୁରମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ପଦବୀ ଶୂନ୍ୟ ପଡ଼ିଥିବା ବେଳେ ଏପ୍ରିଲ ୩୦ ତାରିଖରେ ନିର୍ବାଚନ କମିଶନ ବିଜ୍ଞପ୍ତି ଜାରି କରିଥିଲେ। ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆଚରଣ ବିଧି ଲାଗୁ ହୋଇଛି। ପୂର୍ବରୁ ସରପଞ୍ଚ ଥିବା ଆଲୋକ ଦଙ୍ଗ ଶିକ୍ଷକ ଭାବେ ନିଯୁକ୍ତି ପାଇବାରୁ ୨୦୨୩ ଡିସେମ୍ବର ୨୦ ତାରିଖରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ଉପଜିଲାପାଳଙ୍କ ଚିଠି ନଂ. ୯୧୫ ତା୧।୨।୨୦୨୪ ବଳରେ ନାଏବ ସରପଞ୍ଚ ପ୍ରମିଳା ଲୁଗୁନ ସରପଞ୍ଚ ଦାୟିତ୍ୱ ନିର୍ବାହ କରି ଆସୁଥିଲେ।

# ଆଲୋକରେ ଝଲସୁଛି ସହର, ମା'ଙ୍କ ଘଟ ପରିକ୍ରମା



ପଞ୍ଚ ଠାକୁରାଣୀଙ୍କ ଘଟକୁ ପରିକ୍ରମା କରାଯାଉଛି।


ବୁଗୁଡ଼ା,୪।୫(କାଳିଚରଣଦାଶ)

### ଦଶମ ଦିନରେ ପଞ୍ଚ ଠାକୁରାଣୀ ଯାତ୍ରା

ସପ୍ତଦଶ ଦିବସୀୟ ବୁଗୁଡ଼ା ଠାକୁରାଣୀ ଯାତ୍ରା ରବିବାର ଦଶମ ଦିନରେ ପହଞ୍ଚିଥିବା ବେଳେ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧଖୋଲ ଛକଠାରୁ ମଦନ ମୋହନ ଛକ ଓ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଏବଂ ଟୁଣ୍ଡୁଟୁଣିଆ ସାହି, ପଥୁରିଆ ସାହି ଆଦିର ଆଲୋକ ସଜ୍ଜିକରଣରେ ଲୋକଙ୍କ ଆଖି ଝଲସି ଯାଉଛି। ଦୋଳି ଖେଳ, ମୀନା ବଜାର ଏବଂ ବିଭିନ୍ନ ପ୍ରକାର ଖେଳର ମଜା ଲୋକେ ଉଠାଉଛନ୍ତି। ଅନ୍ୟପକ୍ଷରେ ବଡଦାଣ୍ଡର ହନୁମାନ ମେଢ ମଧ୍ୟ ଲୋକଙ୍କ ଭିଡ ଜମାଉଛି। ଅନ୍ୟପକ୍ଷରେ ଆଜି ପୂର୍ବାହ୍ନରେ ବଡ଼ଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ପାରମ୍ପରିକ ରୀତିନୀତରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ସମ୍ପନ୍ନ ହେବା ସହ ସନ୍ଧ୍ୟାରେ ଆଳତି ପରେ ଘଟ ପରିକ୍ରମା ଆରମ୍ଭ ହୋଇଥିଲା। ମାନସିକଧାରୀ ମହିଳା ସନ୍ଧ୍ୟାରାଣୀ ଦଳେଇ, ସଞ୍ଜୁ ସାହୁ, କେ.ସୁଜାତା ପାତ୍ର, ଗିତାଞ୍ଜଳୀ ପ୍ରଧାନ, କେ.ଯୋଶଦା ପାତ୍ର ପ୍ରମୁଖ ମା'ଙ୍କ ଘଟ ଧାରଣ କରି ବାଲିପିଣ୍ଡି ସାହି, ଆମ୍ବେଦକର ସାହି, ସାହୁ କଲୋନୀ, ସନ୍ତୋଷୀ ମନ୍ଦିର ସାହି ଓ ମୁଖ୍ୟ ସଡ଼କ ଆଦି ପରିକ୍ରମା କରିଥିଲେ। ପରିକ୍ରମା କାଳରେ ବିଭିନ୍ନ ବାଦ୍ୟ ବାଜଣା ଓ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହେବା ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ଗହଳି ଜମିଥିଲା। ଜନ ଗହଳିକୁ ନିୟନ୍ତ୍ରଣ କରିବାରେ ପୋଲିସ ସେବା ଦେଖିବାକୁ ମିଳିଥିଲା।

# ମା'ଖମ୍ଭେଶ୍ୱରୀଙ୍କ ବୈଶାଖୀ ଯାତ୍ରା

ଆସିକା,୪।୫ (ସୁରେନ୍ଦ୍ର ନାଥ ସାହୁ)



ଅସ୍ଥାୟୀ ମଣ୍ଡପରେ ମା' ଖମ୍ଭେଶ୍ୱରୀ।

ଆସିକାର ଆରାଧ୍ୟ ଦେବୀ ମା'ଖମ୍ଭେଶ୍ୱରୀଙ୍କ ବୈଶାଖୀ ଯାତ୍ରା ରବିବାର ଦିନ ସ୍ଥାନୀୟ ଖମ୍ଭେଶ୍ୱରୀପାଟଣାଠାରେ ଅନୁଷ୍ଠିତ ହୋଇଛି। ଶନିବାର ମଧ୍ୟ ରାତ୍ରରୁ ଠାକୁରାଣୀଙ୍କ ବିଜେ ପ୍ରତିମାକୁ ବିମାନରେ ବସାଇ ବାଦ୍ୟ ବଜଣା ପଟୁଆର ସହ ନଗର ପରିକ୍ରମା କରାଯାଇ ଏନ୍‌ଏସି ଅଫିସ୍ ସମ୍ମୁଖରେ ନିର୍ମିତ ଏକ ଅସ୍ଥାୟୀ ମଣ୍ଡପରେ ବିଜେ କରାଯାଇଥିଲା। ରବିବାର ଭୋରରୁ ଦିନ ତମାମ ଶ୍ରଦ୍ଧାଳୁମାନେ ମା'ଙ୍କ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସୋମବାର ଦିନ ଦେବୀଙ୍କୁ ବିଧିବଦ୍ଧ ପୂଜାର୍ଚ୍ଚନା ପରେ ପୁଣି ପଟୁଆରରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଯାତ୍ରା ଉପଲକ୍ଷେ ଖମ୍ଭେଶ୍ୱରୀପାଟଣା, କୁମ୍ଭାର ସାହି, ଅଶୋକା ସିନେମା ରୋଡ଼ ଆଦି ଅଞ୍ଚଳରେ ବିଭିନ୍ନ ପୌରାଣି ଓ ସାମାଜିକ ନୃତ୍ୟ ନାଟିକା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଚୈତ୍ର ପୂର୍ଣ୍ଣିମାଠାରୁ ପ୍ରତ୍ୟହ ସନ୍ଧ୍ୟାରେ ଦେବୀଙ୍କ ବିଜେ ପ୍ରତିମାକୁ ବାଦ୍ୟ ବାଜଣା ପଟୁଆର ସହ ବିଭିନ୍ନ ସାହିବସ୍ତି ପରିକ୍ରମା ଚାଲି ରହିଥିଲା। ମନ୍ଦିର ପରିଚାଳନା କମିଟିର ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମାଇ ଚରଣ ପାଣିଗ୍ରାହୀ, ସଚ୍ଚିଦାନନ୍ଦ ଖଟାଇ, ମନୋଜ ମୁନି ପ୍ରମୁଖଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଯାତ୍ରା ଉତ୍ସବ ପାଳିତ ହୋଇଥିଲା ।

# ଲକ୍ଷାଧିକ ଟଙ୍କା, ଅଳଙ୍କାର ଚୋରି

ଗୋପାଳପୁର,୪।୫ (ନବୀନ ରାଜ ଆଚାରୀ)

କିଛି ଦିନ ଗୋପାଳପୁର ଥାନା ଅଞ୍ଚଳ ଚୋରି ବୃଦ୍ଧି ପାଇଛି । ବହାଦୁରପେଟା ଗ୍ରାମରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ୨ଟି ଘରୁ ଲକ୍ଷାଧିକ ଟଙ୍କା ଓ ଅଳଙ୍କାର ଲୁଟି ନେଇ ଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ବହାଦୁରପେଟାରେ ଥିବା ପ୍ରତିମା ବେହେରା ୨ଟି ତାଲା ଭାଙ୍ଗି ଦୁର୍ବୃତ୍ତ ମାନେ ଆଲମିରାରେ ଥିବା ଜିନିଷ ପତ୍ର ଫିଙ୍ଗା ଫିଙ୍ଗି କରିବା ସହ ଏକ ସୁଟିକେଶ ଭାଙ୍ଗି ସେଥିରେ ଥିବା ୪ ରୁ ୫ ଲକ୍ଷ ଟଙ୍କା ଚୋରି କରି ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି । ସେହିପରି ପଡ଼ୋଶୀରେ ରହୁଥିବା ରାମକୃଷ୍ଣ ସାହୁଙ୍କ ଘରର ୩ଟି ତାଲା ଭାଙ୍ଗିବା ସହ ଆଲମିରା ଭାଙ୍ଗି ସେଥିରେ ଥିବା ସୁନା ଖାସୁ ଗୋଟିଏ,୩ ଯୋଡ଼ି ସୁନା କାନ ଫୁଲ,୩ ଗୋଟି ରୂପା ପାଉଁଚି, ଗୋଟିଏ ରୂପା ଚେନ, ଗୋଟିଏ ରୂପା ଲକେଟ, ସୁନା ଅଳଙ୍କାର ଚୋରି ହୋଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଥାନା କେଶ୍ ନଂ. ୧୩୧/୨୫ ମାମଲା ରୁଜୁ କରି ପୋଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଳିମେଳା

### ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା 2297 — ତାରିଖ 30.04.25

No.i–62: ଏତଦ୍ୱାରା କାଳିମେଳା ପଞ୍ଚାୟତ ସମିତି ଅନ୍ତର୍ଗତ 23 ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୫–୨୬ ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ–୨୦୧୩) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିରାସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପରୋକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

#### ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Badili | 01.05.2025 | 15.05.2025 | 16.05.2025 | 20.08.2025 | AEE |
| 2 | Chitrangpali | 01.05.2025 | 15.05.2025 | 16.05.2025 | | GPDO |
| 3 | Kalimela | 01.05.2025 | 15.05.2025 | 16.05.2025 | | AEE |
| 4 | Mandapalli | 01.05.2025 | 15.05.2025 | 16.05.2025 | | APO |
| 5 | Kangurkonda | 01.05.2025 | 15.05.2025 | 16.05.2025 | | APO |
| 6 | Venkatapalam | 17.05.2025 | 31.05.2025 | 02.06.2025 | | GPDO |
| 7 | Bejangiwada | 17.05.2025 | 31.05.2025 | 02.06.2025 | | APO |
| 8 | Chintalwada | 17.05.2025 | 31.05.2025 | 02.06.2025 | | APO |
| 9 | Gampakonda | 17.05.2025 | 31.05.2025 | 02.06.2025 | | AEE |
| 10 | Koimetla | 17.05.2025 | 31.05.2025 | 02.06.2025 | | GPDO |
| 11 | Gumka | 03.06.2025 | 17.06.2025 | 18.06.2025 | | AEE |
| 12 | Badigeta | 03.06.2025 | 17.06.2025 | 18.06.2025 | | APO |
| 13 | Telerai | 03.06.2025 | 17.06.2025 | 18.06.2025 | | APO |
| 14 | Nalagunthi | 03.06.2025 | 17.06.2025 | 18.06.2025 | | GPDO |
| 15 | Tigal | 03.06.2025 | 17.06.2025 | 18.06.2025 | | APO |
| 16 | Bhubanpalli | 09.06.2025 | 03.07.2025 | 04.07.2025 | | AEE |
| 17 | Manamkonda | 09.06.2025 | 03.07.2025 | 04.07.2025 | | GPDO |
| 18 | Tandabai | 09.06.2025 | 03.07.2025 | 04.07.2025 | | AEE |
| 19 | Maharajpalli | 09.06.2025 | 03.07.2025 | 04.07.2025 | | APO |
| 20 | Motu | 09.06.2025 | 03.07.2025 | 04.07.2025 | | APO |
| 21 | Pusuguda | 05.07.2025 | 18.07.2025 | 19.07.2025 | | GPDO |
| 22 | Malavaram | 05.07.2025 | 18.07.2025 | 19.07.2025 | | AEE |
| 23 | Lugel | 05.07.2025 | 18.07.2025 | 19.07.2025 | | APO |

ଯାଞ୍ଚ ହେବାକୁ ଥିବା : (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ? (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ୍ ଅଛି କି ନାହିଁ ?

OIPR-19252/11/0006/2526 — ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, କାଳିମେଳା

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ ୬୪୧ / (Exam. Conf.-I)/ ତା ୩।୫।୨୫ ରିଖ

No. N-39

ଏତଦ୍ୱାରା ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ ପାଇଁ SUBJECTIVE ଏବଂ OBJECTIVE ବିଷୟର ପୁନଃ ଯାଂଚ (Checking of Addition of Marks) ଏବଂ ସେହି ଖାତା ଗୁଡ଼ିକର ଅବିକଳ ନକଲ (Scanned copy of answer books) ପାଇଁ ଦରଖାସ୍ତ ଓ ଫିସ୍ ଦାଖଲ ପ୍ରକ୍ରିୟା ତା05/05/2025ରିଖ ଠାରୁ ଆରମ୍ଭ ହୋଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଶେଷ ହେବ ।

୧. ON-LINEରେ ଆବେଦନ କରିବାର ନିୟମାବଳୀ www.bseodisha.ac.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

୨. ଉଭୟ ଫିସ୍ ଓ ଫର୍ମ କେବଳ ON-LINE ମାଧ୍ୟମରେ ତା16/05/2025ରିଖ ମଧ୍ୟରାତ୍ର ସୁଦ୍ଧା ଦାଖଲ କରିବାକୁ ହେବ । ଏହି ON-LINE ଆବେଦନ ପ୍ରକ୍ରିୟା ଅନବରତ (24 × 7) ଚାଲୁ ରହିବ ।

୩. ବୋର୍ଡ କର୍ତ୍ତୃପକ୍ଷ ଏହି ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ Marks Statement ପ୍ରଦାନ କରିବେ ଏବଂ ଖାତାର ଅବିକଳ ନକଲ, ଆବେଦନକାରୀମାନେ ବୋର୍ଡର ଉପରୋକ୍ତ website ରୁ download କରି ନେଇପାରିବେ । ଏହି ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ ।

୪. ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୫ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ (SOSC Examination), 2025 (1st)ରେ ଦେଇଥିବା ପରୀକ୍ଷାର୍ଥୀ ତା05/05/2025ରିଖ ଠାରୁ ତା16/05/2025ରିଖ ମଧ୍ୟରେ Off-Line ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ ଏବଂ ଶାଖା କାର୍ଯ୍ୟାଳୟରେ କେବଳ କାର୍ଯ୍ୟ ଦିବସ ମାନଙ୍କରେ ଆବେଦନ କରିପାରିବେ ।

୬. ଅନ୍ୟକୌଣସି ପ୍ରକାରେ ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅଥବା ପରେ ଗ୍ରହଣ କରାଯିବ ନାହିଁ ।

ସ୍ୱା./– ସମ୍ପାଦକ

OIPR-27004/11/0078/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, RAYAGADA

No.O-114

Email ID : ccerwcrayagada@gmail.com

Letter No. 809/W.E./ — Date : 01.05.2025

### NATIONAL COMPETITIVE BIDDING
### E-Procurement Notice for PM-JANMAN Batch-II PMGSY works

1. Name of the work : Construction & Maintenance of road works for the year 2024-25. (1 No.)
2. Class of contractor : "B" & "A" (Odisha PWD) or relevant class of other licensing authority
3. Estimated Cost : Varies from Rs.129.35 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-10/ RWCRGDA/ /2025-26 | Dt.08.05.2025 at 11.00 A.M. | Dt.06.06.2025 Up to 5.00 P.M. | Dt.05.06.2025 Up to 5.00 P.M. | Dt.09.06.2025 at 11.00 A.M. | Will be intimated later |

5. The details of works can be seen from the website www.pmgsytenders.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, Rural Works Circle, Rayagada

OIPR-25196/11/0011/2526

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଣ୍ଡପଡ଼ା

ବିଜ୍ଞାପନ ସଂଖ୍ୟା–୧୫୩୬, ତାରିଖ–୨୫.୦୪.୨୦୨୫

No.i–57:ଏତଦ୍ୱାରା ପଞ୍ଚାୟତ ସମିତି, ଖଣ୍ଡପଡା ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫–୨୬ ଆର୍ଥିକ ବର୍ଷର ୧୯.୦୫.୨୦୨୫ରୁ ୧୨.୦୯.୨୦୨୫ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ, ରେସନ କାର୍ଡଧାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ/ ଏ.ଡି.ଇ.ଓ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ | | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|---|
| | | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | | |
| ୧ | ବନମାଳୀପୁର,ବେଣାଗାଡିଆ,ବଳଭଦ୍ରପ୍ରସାଦ | ୧୯.୦୫.୨୦୨୫ | ୨୨.୦୫.୨୦୨୫ | ୨୩.୦୫.୨୦୨୫ | ୩୦.୦୫.୨୦୨୫ | ୩୧.୦୫.୨୦୨୫ | ୦୮.୧୦.୨୦୨୫ |
| ୨ | କିଆଝର,ବୋଦସା,ଯୋଗିଆପଲ୍ଲୀ | ୦୨.୦୬.୨୦୨୫ | ୦୫.୦୬.୨୦୨୫ | ୦୬.୦୬.୨୦୨୫ | ୧୬.୦୬.୨୦୨୫ | ୧୭.୦୬.୨୦୨୫ | |
| ୩ | ମର୍ଦ୍ଦରାଜପୁର,କୋସ୍କା,ରାଣୀଛେଲୀ | ୧୮.୦୬.୨୦୨୫ | ୨୧.୦୬.୨୦୨୫ | ୨୩.୦୬.୨୦୨୫ | ୦୨.୦୭.୨୦୨୫ | ୦୩.୦୭.୨୦୨୫ | |
| ୪ | ର.ଡୋଳମରା,ଗଡିଆସାହି,କଣ୍ଢିଲୋ | ୦୪.୦୭.୨୦୨୫ | ୦୮.୦୭.୨୦୨୫ | ୦୯.୦୭.୨୦୨୫ | ୧୭.୦୭.୨୦୨୫ | ୧୮.୦୭.୨୦୨୫ | |
| ୫ | ଶାଳଝରିଆ, ସିଂଘାପଡା, ଖଳିସାହି | ୨୧.୦୭.୨୦୨୫ | ୨୪.୦୭.୨୦୨୫ | ୨୮.୦୭.୨୦୨୫ | ୦୪.୦୮.୨୦୨୫ | ୦୫.୦୮.୨୦୨୫ | |
| ୬ | କୁମ୍ଭାରପଡା,ଜଗନ୍ନାଥପ୍ରସାଦ,ବଡବାଣପୁର,ରାଣୀପଡା | ୦୬.୦୮.୨୦୨୫ | ୧୧.୦୮.୨୦୨୫ | ୧୨.୦୮.୨୦୨୫ | ୨୦.୦୮.୨୦୨୫ | ୨୧.୦୮.୨୦୨୫ | |
| ୭ | ସିଧାମୁଳା,ଗୁଂଠୁଣୀ, ଶିଖରପୁର | ୨୯.୦୮.୨୦୨୫ | ୦୨.୦୯.୨୦୨୫ | ୦୩.୦୯.୨୦୨୫ | ୧୧.୦୯.୨୦୨୫ | ୧୨.୦୯.୨୦୨୫ | |

OIPR-19151/11/0005/2526 — ସ୍ୱା./–ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଣ୍ଡପଡ଼ା

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼

ବିଜ୍ଞାପନ ସଂଖ୍ୟା–୧୩୬୩, ତାରିଖ–୦୧.୦୫.୨୦୨୫

No.i–59:ଏତଦ୍ୱାରା ପଞ୍ଚାୟତ ସମିତି, ନୟାଗଡ ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫–୨୬ ଆର୍ଥିକ ବର୍ଷର ୦୧ ଅକ୍ଟୋବର ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ମସିହା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ୦୧ ଏପ୍ରିଲ ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ଆର୍ଥିକ ବର୍ଷର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବକାର୍ଡଧାରୀ ଶ୍ରମିକ, ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ଜାତୀୟ ଖାଦ୍ୟ ସୁରକ୍ଷା ଆଇନ | | ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | | ସା.ସ ଗ୍ରାମ ସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|---|---|
| | | ସା.ସ. ଆରମ୍ଭ ତାରିଖ | ସା.ସ. ଶେଷ ତାରିଖ | ସା.ସ. ଆରମ୍ଭ ତାରିଖ | ସା.ସ. ଶେଷ ତାରିଖ | | |
| ୧ | ବଡପଣ୍ଡୁସର, ବାଲୁଗାଁ, ବାଉଁସିଆପଡା,ଭାଟସାହି | ୧୯.୦୫.୨୦୨୫ | ୨୨.୦୫.୨୦୨୫ | ୨୩.୦୫.୨୦୨୫ | ୩୦.୦୫.୨୦୨୫ | ୩୧.୦୫.୨୦୨୫ | ୧୦.୧୦.୨୦୨୫ |
| ୨ | ବିରୁଡା, ଚମ୍ପତିପୁର, ଚଣ୍ଡିବସ୍ତ, ଗଦାଧର ପ୍ରସାଦ | ୦୨.୦୬.୨୦୨୫ | ୦୫.୦୬.୨୦୨୫ | ୦୬.୦୬.୨୦୨୫ | ୧୬.୦୬.୨୦୨୫ | ୧୭.୦୬.୨୦୨୫ | |
| ୩ | ଗମ୍ଭାରିଡିହି, ଘଡୁଆଳ, ଇକିରି, ଇଟାମାଟି | ୧୮.୦୬.୨୦୨୫ | ୨୧.୦୬.୨୦୨୫ | ୨୩.୦୬.୨୦୨୫ | ୦୨.୦୭.୨୦୨୫ | ୦୩.୦୭.୨୦୨୫ | |
| ୪ | ଜେମାଦେଇପୁରପାଟଣା, କଳିକାପ୍ରସାଦ, କେନ୍ଦୁଡିପି, ଖୁଣ୍ଟୁବନ୍ଧ | ୦୪.୦୭.୨୦୨୫ | ୦୮.୦୭.୨୦୨୫ | ୦୯.୦୭.୨୦୨୫ | ୧୭.୦୭.୨୦୨୫ | ୧୮.୦୭.୨୦୨୫ | |
| ୫ | କ୍ରୀଡାସପୁର,ଲାଠିପଡା, ଲକ୍ଷ୍ମୀପ୍ରସାଦ, ଲେଙ୍କୁଡିପଡା, ମାଛିପଡା | ୨୧.୦୭.୨୦୨୫ | ୨୪.୦୭.୨୦୨୫ | ୨୮.୦୭.୨୦୨୫ | ୦୪.୦୮.୨୦୨୫ | ୦୫.୦୮.୨୦୨୫ | |
| ୬ | ମୁଥାଗାଡିଆ, ନବଘନପୁର, ନଡିଆଳି, ନାଟୁଗାଁ | ୦୬.୦୮.୨୦୨୫ | ୧୧.୦୮.୨୦୨୫ | ୧୨.୦୮.୨୦୨୫ | ୨୦.୦୮.୨୦୨୫ | ୨୧.୦୮.୨୦୨୫ | |
| ୭ | ନୋଟର, ଶରଧାପୁର, ଶରଣକୁଳ, ସିନ୍ଧୁରିଆ | ୨୯.୦୮.୨୦୨୫ | ୦୨.୦୯.୨୦୨୫ | ୦୩.୦୯.୨୦୨୫ | ୧୧.୦୯.୨୦୨୫ | ୧୨.୦୯.୨୦୨୫ | |

OIPR-19297/11/0009/2526 — ସ୍ୱା./–ମଣ୍ଡଳ ଉନ୍ନୟନ ଅଧିକାରୀ, ନୟାଗଡ଼

## OFFICE OF THE EXECUTIVE OFFICER MUNICIPAL COUNCIL, DHENKANAL
DHENKANAL (ODISHA), PIN-759001

E-mail: dhenkanalm.hud@gmail.com

No.1612 — Date:02.05.25

### QUOTATION CALL NOTICE

**No.C-229:**Sealed quotations in plain paper are invited from intending reputed Suppliers/Firms/Agency having valid GST in certificate, Aadhar Card & PAN Card for supply of Cooking Materials like table, AC, steel table, ect (copy enclosed) for MULTIPURPOSE COMMUNITY HALL at Caltax, Kantanali Chhak & Mahisapat of Dhenkanal Municipality. The quotationers should quote their rates for the following each items including cost, conveyance, delivery charges with all taxes etc. and the quotationer should mention on the envelop. The quotation must be submitted by Speed Post or through Regd. Post on before dtd 12.05.2025 at 9.00 AM and will be opened on same date at 12.30 PM in the office of the undersigned in presence of the quotationers or their authorised agent. In absence of both, the quotation can be opened.

The authority reserves the right to accept or reject any or all quotations without assigning any reason thereof and the Tender Committee may go for quality product over quoted price.

### MULTIPURPOSE COMMUNITY HALL

| କ୍ରମିକ ସଂଖ୍ୟା | ରୋଷେଇ ସାମଗ୍ରୀର ବିବରଣୀ | ପରିମାଣ | ମୂଲ୍ୟ ଟଙ୍କାରେ |
|---|---|---|---|
| ୧ | AC 1.5 ton | ୧ ଗୋଟି | |
| ୨ | ଷ୍ଟିଲ ବେଦୀ (ବାହାଘର/ବ୍ରତଘର ନିମନ୍ତେ) | ୧ ଗୋଟି | |
| ୩ | ଟେବୁଲ୍ (ଷ୍ଟିଲ) | ୧ ଗୋଟି | |
| ୪ | ଷ୍ଟିଲ ଗାଙ୍ଗୁଲା ବଡ଼ | ୧ ଗୋଟି | |
| ୫ | ବଫେ ସେଟ୍ | ୧ ଗୋଟି | |
| ୬ | ଦସ୍ତା ବଡ଼ ଟେ୍ | ୧ ଗୋଟି | |
| ୭ | ଦହିବରା ଟେ୍ | ୧ ଗୋଟି | |
| ୮ | ପନିକି ବଡ଼ | ୧ ଗୋଟି | |
| ୯ | ପରାତ | ୧ ଗୋଟି | |
| ୧୦ | ଜିଲାପି ତଇ | ୧ ଗୋଟି | |
| ୧୧ | ସିଲଭର ଚାଷିଣି ବଡ | ୧ ଗୋଟି | |
| ୧୨ | ବାଲ୍‌ଟି | ୧ ଗୋଟି | |
| ୧୩ | ଡାବ | ୧ ଗୋଟି | |
| ୧୪ | ଚାମଚ | ୧ ଗୋଟି | |
| ୧୫ | ପଞ୍ଝା | ୧ ଗୋଟି | |
| ୧୬ | ସିଲଭର ନା | ୧ ଗୋଟି | |
| ୧୭ | ଜାଲି ଟପ | ୧ ଗୋଟି | |
| ୧୮ | ଷ୍ଟିଲ ଚେୟାର | ୧ ଗୋଟି | |
| ୧୯ | ଗ୍ୟାସ ଚୁଲା (ଡବଲ ବଡ ସାଇଜ୍) | ୧ ଗୋଟି | |
| ୨୦ | ପାଇପ୍ ୧/୨ ଇଞ୍ଚ | ୧୦୦ ଫୁଟ (ଏକ କଏଲ) | |
| ୨୧ | ଡେକେଚି ୨୦ ଇଞ୍ଚ ଠାରୁ ୩୦ ଇଞ୍ଚ | ୧ ଗୋଟି | |
| ୨୨ | ଡେକେଚି ୫୮ ଇଞ୍ଚ ଠାରୁ ୬୦ ଇଞ୍ଚ | ୧ ଗୋଟି | |
| ୨୩ | ସିଲଭର କଡେଇ | ୧ ଗୋଟି | |
| ୨୪ | ଟିପିନ | ୧ ଗୋଟି | |
| ୨୫ | କୋରୋଣ | ୧ ଗୋଟି | |
| ୨୬ | Salad Tray | ୧ ଗୋଟି | |
| ୨୭ | ହେମଦସ୍ତା | ୧ ଗୋଟି | |
| ୨୮ | ବେଲଣା ପଟା | ୧ ଗୋଟି | |
| ୨୯ | ସସପେନ୍ | ୧ ଗୋଟି | |
| ୩୦ | ଜଗ | ୧ ଗୋଟି | |
| ୩୧ | ତନ୍ଦୁରି ଭାଟି | ୧ ଗୋଟି | |
| ୩୨ | ଦୋସା/ଚକୁଳି ତାୱା | ୧ ଗୋଟି | |
| ୩୩ | Steel dustbin–୮୦ ଲିଟର | ୧ ଗୋଟି | |
| ୩୪ | ପାଲ ୧୪ ଫୁଟx୧୪ ଫୁଟ | ୧ ଗୋଟି | |

Sd./- Executive Officer Dhenkanal Municipality

OIPR-13146/11/0030/2526

# ମିଳିତ ନିର୍ମାଣର ସଫଳ ସ୍ମୃତିଚିହ୍ନକୁ ଶହେଜଣ ସାଇତି ରଖିଥିଲେ


ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଗୁମୁଟରେ ଥିବା ନବଗ୍ରହ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

■ ଏକ ସମୟରେ ୧୦୦ଟି ନଡ଼ିଆ ମଙ୍ଗଳ କାମନା ପାଇଁ ଭଙ୍ଗାଯାଇଥିଲା
■ ପଦ୍ମଦଣ୍ଡ ଉପରେ ମାଣିକ୍ୟ ଖଞ୍ଜା ଯାଇଥିଲା

ଐତିହ୍ୟର ଓଡ଼ିଶା

ଡ. ସୁରେନ୍ଦ୍ର କୁମାର ମିଶ୍ର

କଳସ ସ୍ଥାପନ ପୂର୍ବରୁ ଶାସ୍ତ୍ରୀୟ ବିଧିରେ ଶାନ୍ତିହୋମ ହୋଇଥିଲା। ପଞ୍ଚାମୃତ ପ୍ରସ୍ତୁତ ହୋଇ ସଂସ୍କାର କରାଯାଇଥିଲା। କଳସ ସହିତ 'ପଦ୍ମଦଣ୍ଡ' ମଧ୍ୟ ସମାନ ଭାବରେ ଏକାଠି ସଂସ୍କାରିତ ହେବାପରେ ଶିଳ୍ପୀମାନେ ସବା ଉପରକୁ ଉଠାଇଥିଲେ। ଧ୍ୱଜପଦ୍ମ ନିର୍ମିତ ହୋଇଥିଲା ପଥରରେ। ଧ୍ୱଜପଦ୍ମ ସଂସ୍କାର ହେବାପରେ ରାଜଗୁରୁ ଆପଣେ ବସ୍ତ୍ର ଆଚ୍ଛାଦନ କରି ପ୍ରଣାମ ହୋଇଥିଲେ। ପୋଥିରେ ବର୍ଣ୍ଣନା ଅନୁସାରେ ଏହି କାର୍ଯ୍ୟ କରୁଥିଲେ ଭୋବନି ରାଜଗୁରୁ (ଭୁବନେଶ୍ୱର ରାଜଗୁରୁ)। ସେ ପଞ୍ଚାମୃତରେ ସ୍ନାନ କରିବା ପରେ ଯେତେବେଳେ ମନ୍ତ୍ର ଉଚ୍ଚାରଣ କଲେ, ସେତେବେଳେ ଏକ ଅଭିନବ ପରମ୍ପରା ସୃଷ୍ଟି ହୋଇଥିଲା। ଚାରିପଟେ ଶହେଜଣ କାରିଗର ୧୦୦ଟି ନଡ଼ିଆ ଧରି ଠିଆ ହୋଇଥିଲେ। ପ୍ରଥମେ ମନ୍ତ୍ର ଉଚ୍ଚାରଣର ଶେଷ ପାଦରେ ଶିଳ୍ପୀ ଗଙ୍ଗା ମହାପାତ୍ର ନଡ଼ିଆ ବାଡ଼େଇ ଶୁଭ କାମନା କରିଥିଲେ। ତା'ପରେ ପରେ ଶହେ କାରିଗର ଏକ ସମୟରେ ନଡ଼ିଆ ବାଡ଼େଇ ମୁଣ୍ଡିଆ ମାରିଥିଲେ। ସମସ୍ତେ କଳସ ଏବଂ ଧ୍ୱଜ ପଦ୍ମକୁ ପରିକ୍ରମା କରି ପ୍ରଣାମ ମୁଦ୍ରାରେ କିଛି ସମୟ ରହିବା ପରେ ମୁଖଶାଳାରେ ଲାଗିଥିବା ଫାସିକାଠରୁ ଖଣ୍ଡେ ଖଣ୍ଡେ 'ସାରକୀ' ସ୍ୱରୂପ ନେଇଥିଲେ।

ଅକ୍ଲାନ୍ତ ପରିଶ୍ରମ, ଅମାପ ନିଷ୍ଠା ଓ ଆତ୍ମିକ ଏକାଗ୍ରତାରେ ସେମାନେ ନିର୍ମାଣ କରିଥିବା ସ୍ମୃତିର ଚିହ୍ନ ସ୍ୱରୂପ ସେ କାଠ ଘରକୁ ନେଇଥିଲେ, ମିଳିତ ନିର୍ମାଣର ସଫଳ ସ୍ମୃତି। ନିର୍ବାଚିତ ଭାବରେ କାର୍ଯ୍ୟ ଆବଶ୍ୟ ଚାଲୁ ରଖିଥିଲେ ଶିଳ୍ପୀମାନେ। ଗଦାଧର ମହାପାତ୍ର ସିଂହାସନ ନିର୍ମାଣର ଶେଷସ୍ପର୍ଶ ଦେଉଥିବାବେଳେ, ରାମ ମହାପାତ୍ର ତିନିଜଣ ବରିଷ୍ଠ ଶିଳ୍ପୀଙ୍କୁ ନେଇ କଳାହାଟ ଦୁଆରର ଦ୍ୱାରବନ୍ଧ ଖୋଦେଇରେ ବ୍ୟସ୍ତ ଥିଲେ। ସହଯୋଗ ପଥୁରିଆ ଥିଲେ ବାରଜଣ। ସପ୍ତ ଅଶ୍ୱ ନିର୍ମାଣ ପରିବାହୁ ନାରାୟଣ ମହାପାତ୍ର ଖଞ୍ଜିବା କାମ ଆରମ୍ଭ କରିସାରିଥିଲେ।

ମୁଖଶାଳାର ଦକ୍ଷିଣ ପାର୍ଶ୍ୱରେ ନବଗ୍ରହ ବିଗ୍ରହ ଲାଗିବାର ନିଷ୍ପତ୍ତି ହୋଇଥିଲା। ଦେଢ଼ହାତ ଉଚ୍ଚତାର ନବଗ୍ରହ ବିଗ୍ରହ ହେବେ ଗୋଟିଏ ପଥରରେ। ଠିକ୍ ସେହି ମାପରେ ଉତ୍ତର ପାର୍ଶ୍ୱରେ ଲାଗିବା ପାଇଁ ଗଙ୍ଗା ମହାପାତ୍ର ବାରଜଣ ଶିଳ୍ପୀଙ୍କୁ ନେଇ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଅନୁସନ୍ଧାନରୁ ଜଣାଯାଉଛି ପାଞ୍ଚଟି ନବଗ୍ରହ ଶିଳା କୋଣାର୍କଠାରେ ଲାଗିଥିଲା। ଗୋଟିଏ ମାତ୍ର ଖଣ୍ଡିତ ଶିଳା ଏବେ ଅଛି, ଯାହା ପୂଜା କରାଯାଉଛି। ଆଉ ଚାରୋଟି ଓଡ଼ିଶା ସ୍ଥାନାନ୍ତର କରାଯାଇଛି। ଗୋଟିଏ ଖଣ୍ଡ ଖଣ୍ଡ ହୋଇ ବ୍ରିଟିଶ ସଂଗ୍ରହାଳୟରେ ରହିଛି। ଗୋଟିଏ ପୁରୀକୁ ସ୍ଥାନାନ୍ତର ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରର ପ୍ରବେଶ ଦ୍ୱାର ଉପରେ ଲାଗିଛି। ବୋଷ୍ଟନ ସଂଗ୍ରହାଳୟରେ ନବଗ୍ରହ ଶିଳାଙ୍କୁ ଖଣ୍ଡିତ କରିଯିବା ପରେ କେବଳ 'ଶୁକ୍ର'ଙ୍କର ଏକକ ବିଗ୍ରହ ସ୍ଥାନ ପାଇଛି। ଅନ୍ୟ ଆଠ ଗ୍ରହଙ୍କ ବିଗ୍ରହ କେଉଁଠି କେଉଁଠି ରହିଛି ଆମକୁ ଠାବ କରିବାକୁ ହେବ।

ସେହିପରି 'ପଦ୍ମଦଣ୍ଡ'ର କୌଣସି ସନ୍ଧାନ ଆମେ ପାଇ ନାହୁଁ। ପୂର୍ବ ସଂଖ୍ୟାରେ ପଦ୍ମଦଣ୍ଡ ସମ୍ବନ୍ଧରେ ଆମେ ସୂଚନା ମାତ୍ର ଦେଇଥିଲୁ। ପଦ୍ମଦଣ୍ଡ ଥିଲା ଆଠହାତ ଉଚ୍ଚତାବିଶିଷ୍ଟ। ସୂତ୍ରଧର ଶିବେଇ ସାମନ୍ତରା ନିଜେ ଏହି ଦଣ୍ଡ ନିର୍ମାଣ କରିଥିଲେ। ଦଣ୍ଡ ଉପରେ ପଦ୍ମଫୁଲର ଚିହ୍ନ ରହି, ଫୁଲ ମଝିରେ ଏକ ରନ୍ଧ୍ର ସୃଷ୍ଟି କରାଯାଇ 'ମାଣିକ୍ୟ' ଖଞ୍ଜାଯାଇଥିଲା।

ମୁଖଶାଳାର ଚଟାଣ ପଥର ପକାଇ ସଜେଇବା କାର୍ଯ୍ୟ ସୂତ୍ରଧର ଦାୟିତ୍ୱ ଦେଇଥିଲେ ବୀର ମହାପାତ୍ର ଓ କ୍ଷେତ୍ରବାସୀ ମହାରଣାଙ୍କୁ। ସେମାନେ ୪୦ଜଣ ପଥୁରିଆଙ୍କର ସହଯୋଗ ନେଇଥିଲେ। ରାଜଗୁରୁଙ୍କ ପରାମର୍ଶରେ ସୂତ୍ରଧର ସୂତା ପକେଇ ମାପ ଦେଇଥିଲେ। ସୂତ୍ରଧର ଶିବେଇ ସାମନ୍ତରା ପ୍ରତ୍ୟେକ କାମ ପ୍ରତି ନଜର ରଖିବା ତାଙ୍କର ନିର୍ମାଣ କାର୍ଯ୍ୟପଦ୍ଧତି ସଚେତନ ଭାବାବେଗକୁ ସ୍ପର୍ଶ କରେ। ବେଙ୍କଟେଶିବର ନିର୍ମାଣ ଆଦେଶ ଦେଲା ବେଳକୁ ଦେଖିଥିଲେ କିଛି ରାଜକର୍ମଚାରୀ କେତେକ ଉପହାର ନେଇ ସୂତ୍ରଧରଙ୍କ ଶିବିର ପାଖରେ ପହଞ୍ଚିଲେ। ଜଣାପଡ଼ିଲା ମହାଶିଳ୍ପୀଙ୍କ 'ଜେଜମାନି'ଙ୍କ ଜନ୍ମଦିନ ଅବସରରେ ରାଜଭେଟି ଆସିଛି। ଅନେକ ଉପହାର ଶିବିରଗୁଡ଼ିକୁ ଯାଇ ଶିଳ୍ପୀଙ୍କୁ ବଣ୍ଟିବା ପାଇଁ ସୂତ୍ରଧର ଆଦେଶ ଦେଲେ। ଜନ୍ମଦିନ ଅବସରରେ ବିଭିନ୍ନ ଶିଳ୍ପୀ ଶିବିର ପାଇଁ ଭିନ୍ନ ଭିନ୍ନ ଦିନରେ ଭୋଜି କରିବାକୁ ସୂତ୍ରଧର ସମ୍ମତି ଦେଲେ। ଚାରି ଶିବିର ପାଇଁ ଚାରିଦିନ। ପଥୁରିଆ, ପାଇଟିଆଙ୍କ ପାଇଁ ଗୋଟିଏ ଦିନ। ନାରୀ କାମିକା, ଗାଈଆଳ, ପାନ, ପାଣି, ଯୋଗାଉଥିବା ବଣ୍ଡି, ଘୋଡ଼ସବାର, ଭାରିଆଳ, ଶଗଡ଼ିଆ ଓ ସୁରକ୍ଷାକର୍ମୀଙ୍କ ପାଇଁ ଗୋଟିଏ ଦିନ। ଏହିପରି ଛଅଦିନ ଭୋଜି ହୋଇଥିଲା। ଦୁଇଜଣ ରୋଷେୟା ନାରୁ ପଣ୍ଡା ଓ ବିଶି ପଣ୍ଡାଙ୍କୁ ଦଶଜଣ ଯୋଗାଣିଆ ସହଯୋଗ କରିଥିଲେ। ନିର୍ମାଣ କାର୍ଯ୍ୟ ଚାଲିଥିଲା, ଭୋଜିଭାତ ବି। ଖୁସିବାସିରେ ସବୁକିଛି ସହଜ ଭାବରେ ହେଉଥିଲା। ଗଜପତି ନିର୍ଯାତନା ଦେଇ କାର୍ଯ୍ୟ କରାଉଥିଲେ ବୋଲି ଯେଉଁମାନେ ଲେଖିଲେ... ସେମାନଙ୍କୁ ଆମେ ଆଉ କ'ଣ କହିବା!

# ଚାହିଦାରେ ହାଲୁକା ଓଜନର ଗହଣା

ଭୁବନେଶ୍ୱର,୪।୫(ଅଭୟ ଦାଶ)

**ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍‌ର ଅବଧି ବୃଦ୍ଧି**

**ସୁନା ଓ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ ୫୦% ରିହାତି**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଖିମଜୀ ଜୁଏଲର୍ସରେ ଅକ୍ଷୟ ତୃତୀୟା କାରବାର ବେଶ୍ ଉତ୍ସାହଜନକ ରହିଥିଲା। ଏପରିକି ଖିମଜୀର ଆକର୍ଷଣୀୟ ଅଫର ଓ ଚାହିଦା ମୁତାବକ କଲେକ୍ସନ ସବୁ ବର୍ଗର ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସେହିଭଳି ଖିମଜୀର ଆକର୍ଷଣୀୟ କଲେକ୍ସନ ଓ ହାଲୁକା ଓଜନର ଗହଣା ଉଭୟ ପୁରୁଷ ଓ ମହିଳା ଗ୍ରାହକଙ୍କ ପସନ୍ଦର ଅଳଙ୍କାର ପାଲଟିଥିଲାବେଳେ ଚଳିତ ଅକ୍ଷୟ ତୃତୀୟା ଅଫରର ଏକ ଜବରଦସ୍ତ ପ୍ରତିକ୍ରିୟା ସବୁସ୍ତରରେ ଦେଖିବାକୁ ମିଳିଥିଲା। ଫଳରେ ଖିମଜୀର ବ୍ଲକ ବଷ୍ଟର ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍‌ର ଅବଧିକୁ ୨୦୨୫ ମେ ୧୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅପରପକ୍ଷରେ ଗ୍ରାହକମାନେ ସୁନା ଓ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ ୫୦% ରିହାତି ସହିତ ମାଗଣା ହୀରା ବୀମା ଏବଂ ଆଜୀବନ ବାଏ ବ୍ୟାକ୍ ଗ୍ୟାରେଣ୍ଟି ପାଇପାରିବେ ବୋଲି ଖିମଜୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଖିମଜୀ ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା କହିଛନ୍ତି, ଆମେ ଆମର ବ୍ଲକ ବଷ୍ଟର ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍'ର ଅବଧିକୁ ବୃଦ୍ଧି କରି ବେଶ୍ ଉତ୍ସାହିତ ଅଛୁ। ଓଡ଼ିଶା ବଜାରରେ ସବୁଠାରୁ ବଡ଼ ଏବଂ ସ୍ୱତନ୍ତ୍ର ଅଫର ସହିତ ଆମେ ଆକର୍ଷଣୀୟ ଡିଜାଇନ୍, କାରିଗରି ଏବଂ ଗୁଣବତ୍ତା ଦୃଷ୍ଟିରୁ ଉତ୍କୃଷ୍ଟ ପ୍ରିମିୟମ୍ ଗହଣାକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇଛୁ। ଆମେ ପାରମ୍ପରିକ ଅଳଙ୍କାରକୁ ହାଲୁକା, ସହଜରେ ମାଲିକାନା ହାସଲ ଏବଂ ସୁନ୍ଦର ଭାବେ ଷ୍ଟାଇଲିସ୍ କରି ପୁନଃ ବ୍ୟାଖ୍ୟା କରୁଛୁ, ଯାହାଦ୍ୱାରା ଗ୍ରାହକ ବିଳାସପୂର୍ଣ୍ଣ ଲୁକ୍‌କୁ ଉପଭୋଗ କରିପାରିବେ ଏବଂ ଏହାକୁ ବଜେଟ ଅନୁକୂଳ ରଖିପାରିବେ। ସେହିପରି ଗ୍ରାହକଙ୍କ ଅବିଶ୍ୱସନୀୟ ଭଲପାଇବା ଏବଂ ପ୍ରତିକ୍ରିୟା ଅତୁଳନୀୟ ଏବଂ ଏହା ଆମକୁ ଉଭୟ ପରମ୍ପରା ଏବଂ ଆଧୁନିକ ସୌନ୍ଦର୍ଯ୍ୟକୁ ପାଳନ କରୁଥିବା ସୁନ୍ଦର ଅଳଙ୍କାର ତିଆରି କରିବାକୁ ପ୍ରେରଣା ଦେଉଛି।

ଉଲ୍ଲେଖଯୋଗ୍ୟ, ଖିମଜୀ ଜୁଏଲର୍ସର ସମସ୍ତ ୯ଟି (ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା ଏବଂ ରାଉରକେଲା) ଷ୍ଟୋରରେ 'ଦ ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍' ର ଅବଧି ୨୦୨୫ ମେ ୧୧ ପର୍ଯ୍ୟନ୍ତ ଉପଲବ୍ଧ ରହିଛି।



ସେଲ୍‌ର ଅବଧି ବୃଦ୍ଧି ସମ୍ପର୍କରେ ଖିମଜୀ ଜୁଏଲର୍ସର ସିଇଓ ରୁତେଶ ଶାହା ଘୋଷଣା କରୁଛନ୍ତି।


## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୭୬ **ବିଜ୍ଞାପନ** ତା:୨୫।୦୪।୨୫

No. CAD-292: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୰ଲକ୍ଷ୍ମଣ କୁମାର କର<br>ପିତା: ୰ନାରାୟଣ କର<br>ସା: ସୁଆମ ଶାସନ<br>ପୋ.:ସୁଆମ ପାଟଣା<br>ଥାନା: ପାଟଣା<br>ଜିଲ୍ଲା: କେନ୍ଦୁଝର | ଘର ନଂ. ଏଚ.ଆଇ.ଜି. (ଡି)–୧୦୩, (HIG-D-103) ଧର୍ମ ବିହାର, ଜାଗମରା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ବାସନ୍ତୀ ପ୍ରଧାନ (ସ୍ତ୍ରୀ)<br>୨. ମହେଶ୍ୱେତା କର (ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0593/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୦ **ବିଜ୍ଞାପନ** ତା:୧୭।୦୪।୨୦୨୫

No. CAD-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ (୧) ଗୀତାରାଣୀ ମିଶ୍ର, (୨) ବ୍ରହ୍ମତ୍ରୀ ମିଶ୍ର, (୩) ବିଭୂକଲ୍ୟାଣ ମିଶ୍ର, (୪) ବ୍ରତତୀ ମିଶ୍ରଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ରେକର୍ଡଭୁକ୍ତ ଆବଣ୍ଟନଗ୍ରହୀତାମାନଙ୍କ ମଧ୍ୟରୁ ଗୀତାରାଣୀ ମିଶ୍ର ଏବଂ ବ୍ରହ୍ମତ୍ରୀ ମିଶ୍ରଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀମାନେ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ଉକ୍ତ ସମ୍ପତ୍ତିରେ ଥିବା ତାଙ୍କ ସ୍ୱତ୍ୱ ଅଂଶରେ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ନାମ: ୰ବ୍ରହ୍ମତ୍ରୀ ମିଶ୍ର<br>ମାତା: ୰ଗୀତାରାଣୀ ମିଶ୍ର<br>ସ୍ୱାମୀ: ଶ୍ରୀ ନିତ୍ୟାନନ୍ଦ ମହାନ୍ତି<br>ସା: ଭୂଦାନ କଲୋନୀ<br>ପୋ: କୋରାପୁଟ ଟାଉନ<br>ଥାନା/ଜିଲ୍ଲା: କୋରାପୁଟ | ଏମ୍‌ଆଇଜି–୧–୪୨, (MIG-1-42) କୁମ୍ଭା, ଫେଜ୍–୨ କୋରାପୁଟ | ୧. ଶ୍ରୀ ନିତ୍ୟାନନ୍ଦ ମହାନ୍ତି (ସ୍ୱାମୀ)<br>୨. ପ୍ରିୟଦର୍ଶିନୀ ମହାନ୍ତି (ଅ.ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0601/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER MARKONA CANAL DIVISION, MARKONA

DIST : BALASORE, ODISHA, PIN-756126
E-Mail : eemcdmarkona@gmail.com

**e-Procurement Notice No. SE-MCD-04 of 2025-26**

**No.A-112** : The Superintending Engineer, Markona Canal Division, Markona on behalf of the Governor of Odisha, invites Request for Proposal through online mode in single cover system from eligible bidder for the work as detailed below :

| Sl. No. | BID ID No | Form of contract | Name of the work |
|---|---|---|---|
| 01 | SE-MCD-01 of 2025-26 | Request for Proposal | Supply of site supervisors (semi-skilled) preferably ITI/Experienced for supervision of worksites of Salandi Left Main Canal (SLMC) from RD 30.547 Km to 45.570 Km & from RD 49.810 Km to 59.970 Km under Markona Canal Division, Markona for the period from 1st May 2025 to 31st March 2026 (11 month) |

a. Cost of Tender Paper (in online) : Rs.4000.00
b. Earnest Money Deposit (EMD) (in offline) : Rs.7500.00
c. Period of completion :
d. Period of availability of bid document in the portal : 05.05.2025 10.30 A.M. to 14.05.2025 up to 5.00 P.M.
e. Last Date / Time for receipt of Bid : 14.05.2025 up to 5.00 P.M.
f. Date and time of opening of technical Bid : 15.05.2025 at 11.00 A.M.
g. Name & address of the officer inviting Bid : Superintending Engineer, Markona Canal Division Markona
h. Further details can be seen from e-procurement portal https://www.tendersodisha.gov.in. Any addendum/cancellation/corrigendum will be hoisted in website only.

Sd./- Superintending Engineer
Markona Canal Division, Markona
OIPR-32397/11/0009/2526

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: 8110/ଭୁ.ଉ.କ., ଭୁବନେଶ୍ୱର ତା: 25.04.25ରିଖ
CPM-II-37/90 (Part)

**ସୂଚନା**

No. CAD-280: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍–୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-II-G-9/2କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୫୩୩୦ ତା୨୦।୧୨।୨୦୨୪ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ଶ୍ରୀ ରମାକାନ୍ତ ପଟ୍ଟନାୟକ, ପିତା: ସ୍ୱର୍ଗତ ଟି. ସୁରେଶ କୁମାର, ବାସସ୍ଥାନ: ଏମ୍.ଆଇ.ଜି.–୧୩୧, ବିଡିଏ, ଅନନ୍ତ ବିହାର ଫେଜ୍–୨, ପୋଖରୀପୁଟ, ଭୁବନେଶ୍ୱର – ୭୫୧୦୨୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରବର୍ତ୍ତନ କରାଯାଇଅଛି। ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀ ରମାକାନ୍ତ ପଟ୍ଟନାୟକ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସବିତା ସାମନ୍ତରାୟ, ସ୍ୱାମୀ: କ୍ରିଷ୍ଣ ସାମନ୍ତରାୟ, ବାସସ୍ଥାନ: MIG-II-18/26, ବିଡିଏ କଲୋନୀ, ପୋଷ୍ଟ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0286/2526

## OFFICE OF THE NOTIFIED AREA COUNCIL, KUCHINDA

**E-PROCUREMENT NOTICE**
**Bid Identification No. KCDA/NAC-1/2025-26**
**No. 1309/NAC Date.01.05.2025**

**No.C-230** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the work : Construction of Civil Works
2. No. of works : 11 (eleven) nos
3. Estimated Cost : As per work list
4. Period of Completion : 1 (one) Calendar Month
5. Date & time of availability of bid documents in the portal : From 10.00 hours of 06.05.2025
6. Last date/Time of received of Bids in portal : 17:30 Hours of 15.05.2025
7. Date & time of opening of Bid : 10.00 hours of 16.05.2025
8. Name & Address of the office Inviting bid : Executive Officer, NAC, Kuchinda

Further details can be seen from the e-procurement portal - www.tendersorissa.gov.in.

Sd./- Executive Officer
Notified Area Council, Kuchinda
OIPR-13121/11/0012/2526

## OFFICE OF THE CDM & PHO CUM DMD, NHM, NUAPADA

District Programme Management Unit, NHM
NUAPADA, ODISHA - 766105
E-mail : nhmnuapada@gmail.com

**TENDER CALL NOTICE**

**No. 1171/DPMU/NHM/2025** **Date. 02.05.2025**

**No.E-65** : Sealed tenders are invited from the reputed supplier of stationery items or private individuals and reputed travel agencies/Tour Operators/Private individuals for supply of stationery items and Vehicle on hiring basis as per details below :

**Tender-A-Empanelment of vehicles on monthly hiring basis.**
**Tender-B-Empanelment for providing stationery items and computer consumables.**

The sealed quotation/tender documents should reach at O/o - CDM&PHO, Nuapada, DHH, Nuapada, Pin-766105 in any working day by **19.05.2025 till 1 P.M.** along with all required documents as mentioned in tender documents by **speed post/regd post/reputed courier** only. The tender will be opened on 20.05.2025 at 11.00 A.M. in the office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from www.nuapada.odisha.gov.in from 03.05.2025. The undersigned reserves the right to accept or reject any or all the quotations without assigning any reason thereof.

Sd./- CDM & PHO cum DMD
Nuapada
OIPR-10055/11/0017/2526

No.CAD-286

## idco | ODISHA NEW OPPORTUNITIES
## OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR

Tender Call Notice No. BBSR/ELECT/E-4402/2022-23/1127 Dated : 25.04.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : **Construction of Street Light at Mantira, R&R colony, KNIC, Jajpur, Under IDCO division Jajpur**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | | |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ Elect/e-139/2024-25 | 05.05.2025 at 17.00 Hrs. | 15.05.2025 at 17.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen in the e-procurement portal as well as in IDCO website.

Sd./- Divisional Head (Elect)
IDCO, Bhubaneswar
OIPR-14003/11/0143/2526

## Office of the Principal
## Govt. College of Art and Crafts

Khallikote, Ganjam, Odisha - 761030, Ph. - 06810 291352
Department of Odia Language, Literature & Culture, Govt. of Odisha
Affiliated to Utkal University of Culture, Odisha
Mail : govtcollegeofartandcrafts@gmail.com
Web : http://gcacodisha.nic.in

**No. 439/GCAC, Khalikote** **Date. 03.05.2025**

**ADVERTISEMENT FOR GUEST FACULTIES, 2025-26**

**No.RR-02** : Applications are invited from the eligible candidates for engagement of the Guest Faculties in the Govt. College of Art and Crafts, Khallikote for the academic year 2025-26 functioning under the Odia Language Literature and Culture Department, Govt of Odisha as mentioned below :

Guest Lecturer (Department Wise) :
**Commercial Art -1, Crafts & Ceramics -1, Indian Painting-1**
Guest Instructor( Department Wise) :
**Oil Painting -1, Modelling & Sculpture-1, Graphic Art -1, Indian Painting-1**

Interested Candidates are advised to apply in the plain paper application along with Complete Bio-Data, all photo copies of educational Certificate and Mark sheets, latest by **31st May 2025** positively to the office of the Principal, Govt College of Art and Crafts, Khallikote, Ganjam-761030. The applications received after due date shall not be taken into consideration.

The minimum qualification for the post of Guest Lecturer shall be Master's Degree (MVA/MFA) and for Guest Instructor is Bachelor's Degree (BVA / BFA) in the concerned subject and preference will be given to the candidates having any higher qualification. The remuneration shall be paid to the above Guest faculties as per the Govt. approved rate.

The undersigned have reserved every right to reject any or all applications without assigning any reason.

Sd./- (Sri Subrat Kumar Mullik)
Principal
Govt. College of Art and Crafts
OIPR-03012/11/0005/2526

Annexure-I

## TENDER NOTICE

(For award of contract for outsourcing of Light vehicle Driving Services of Drivers for Directorate of Economics and Statistics, Bhubaneswar)

**No.X-01** : Sealed tenders are invited from intending service providing agencies for the outsourcing of Light vehicle Driving Services of Drivers in the Directorate of Economics & Statistics, Odisha, Bhubaneswar.

The detail information for outsourcing the services of aforesaid work has been given in the tender document which may either be downloaded from the website of DE&S - www.desorissa.nic.in or can be obtained from office on any working day from 02.05.2025, 10.30 A.M. to 20.05.2025, 5.30 P.M. The downloaded Tender document from the website should be submitted along with a Bank Draft / Bankers Cheque of Rs. 500/- (Non-Refundable) in favour of Establishment Officer_cum_DDO, Directorate of Economics and Statistics, Odisha, Bhubaneswar.

The tender document will be received only through Speed Post / Registered Post during office hours only. The last date and time for receipt of filled-in Tender documents are 21.05.2025 by 5.00 P.M. The office shall not be responsible for any kind of postal delay. The authority reserves the right to cancel any or all the tender without assigning any reason thereof.

OIPR-21002/11/0009/2526 Sd./- Director

## ODISHA PUBLIC SERVICE COMMISSION, CUTTACK

**NOTICE**
**No.2943/PSC, Dt.03.05.2025**
**(1R-27-2023/24) (DR-V)**

No.D-:It is for information of all concerned that, pursuant to the Advertisement No.32 of 2023-2024, 07 (Seven) candidates, bearing following PPSAN have been allowed to face the interview to determine their eligibility for recruitment to the post of Associate Professor in "Chemical Engineering". The interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack- 753001 on 16.05.2025 as per the programme mentioned below.

| DATE | Time of Interview | PPSAN |
|---|---|---|
| 16.05.2025 | 10.30 A.M. | P240306410, P240293984, P240301382, P240295600, P240302554, P240301649 & P240297093 = **7 Candidates** |

**The candidates are advised to produce following documents at the time of interview.**
1. **All original Research Publications/ Books.**
2. **Photocopy of front and back cover pages of published Books-08 sets**
3. **Photocopies of 10 best Research Publications- 08 sets**
4. **List of all publications mentioned at SL.No.1-08 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE:- THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE REALTING TO CHEMICAL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/ DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0203/2526 **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**
**No.2948/PSC, Dt.03.05.2025**
**(1R-37-2023/24) (DR-V)**

No.D-:It is for information of all concerned that, pursuant to the Advertisement No.32 of 2023-2024, **04 (Four)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor** in **"Physics"**. The interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack- 753001 on **16.05.2025 at 3.00 P.M.** as per the programme mentioned below.

| DATE | Time of Interview | PPSAN |
|---|---|---|
| 16.05.2025 | 3.00 P.M. | P240309652, P240303135, P240304213, P240301012 = **4 Candidates** |

**The candidates are advised to produce following documents at the time of interview.**
1. **All original Research Publications/ Books.**
2. **Photocopy of front and back cover pages of published Books-08 sets**
3. **Photocopies of 10 best Research Publications- 08 sets**
4. **List of all publications mentioned at SL.No.1-08 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE:- THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE REALTING TO PHYSICS WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/ DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0204/2526 **Sd./- Secretary**

## Government of Odisha
## Office of the Chief Construction Engineer Rural Works Circle, Bhawanipatna

**NOTICE**

**PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**

**Bid identification No. BPT/Online-02/2025-26**

**No.O-108 : The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage rate** bids in electronic tendering system for construction of roads & bridges under PM-JANMAN in the districts of **Kalahandi for 10 (Ten)** number of package with estimated cost totaling to **Rs.21.93 Cr** including their maintenance for five years from the eligible contractors registered with **State PWD/ CPWD/MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement.dtd. **08.05.2025**.

**Availability of Bid Documents and mode of submission :** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format (c) original affidavit regarding correctness of information furnished with bid document as per provisions of Clause 4.4B(a)(ii) of ITB with **C.C.E., R. W. Circle, Bhawanipatna**/ Concerned Superintending Engineers / Executive Engineers, R.W.Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/Time for receipt of bids through e-procurement: 26.05.2025 upto 5.00 PM**

For further details please log on to www.pmgsytenders.gov.in

Sd./- CHIEF CONSTRUCTION ENGINEER
Rural Works Circle, Bhawanipatna
OIPR-25102/11/0016/2526

# ଆଉ କମିବନି ସୁନା ଦର

ବିବାହ, ବ୍ରତଘର, ଜନ୍ମଦିନ ଭଳି ଉତ୍ସବରେ ସୁନା ଅଳଙ୍କାର ଉପହାର ଦେବା ଓଡ଼ିଶାବାସୀ ଉଚିତ୍ ମଣନ୍ତି। ମହିଳା ହୁଅନ୍ତୁ କି ପୁରୁଷ ସ୍ୱର୍ଣ୍ଣାଳଙ୍କାରରେ ସଜେଇହେବାକୁ ପସନ୍ଦ କରନ୍ତି। ସୁନା ପରିଧାନର ଉପକାରିତା ଉଭୟ ବିଜ୍ଞାନ ଓ ବାସ୍ତୁଶାସ୍ତ୍ରରେ ରହିଛି। ତେବେ ଦିନକୁ ଦିନ ବଢ଼ୁଥିବା ଦର ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ବିଶେଷଜ୍ଞ ଓ ବ୍ୟବସାୟୀଙ୍କ ଆକଳନ ଅନୁସାରେ ଆଗାମୀ ଦିନରେ ସୁନାଦରରେ ବଡ଼ ହ୍ରାସ ନ ହୋଇପାରେ।



ଭାରତରେ ସୁନା ମୂଲ୍ୟ ଅନେକ କାରଣରୁ ପ୍ରଭାବିତ ହୋଇଥାଏ। ଅନ୍ତର୍ଜାତୀୟ ସୁନା ମୂଲ୍ୟ, ଭାରତୀୟ ଟଙ୍କା ଓ ଆମେରିକୀୟ ଡଲାର ମଧ୍ୟରେ ବିନିମୟ ହାର, ସ୍ଥାନୀୟ ଚାହିଦା, ଭୂରାଜନୈତିକ ଅସ୍ଥିରତା କାରଣରୁ ବିଶେଷକରି ଅକ୍ଷୟତୃତୀୟା, ଦୀପାବଳି ଓ ଧନ୍ତେରସ୍ ଭଳି ପ୍ରମୁଖ ପର୍ବ ସମୟରେ ସୁନା ଦର ସର୍ବାଧିକ କମ୍ ବେଶି ହୋଇଥାଏ। ଦେଶରେ ଏପର୍ଯ୍ୟନ୍ତ ସୁନାର ଏକକ ହାର ସ୍ଥିର ହୋଇ ନ ଥିବାରୁ ଦେଶର ବିଭିନ୍ନ ସହରରେ ସୁନାର ମୂଲ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଓଡ଼ିଶା ଭଳି ଅନ୍ୟାନ୍ୟ ରାଜ୍ୟ ଓ ସହରଗୁଡ଼ିକରେ ସ୍ଥାନୀୟ ଟିକସ ଏବଂ ଅଳଙ୍କାର ତିଆରି ଚାର୍ଜ ବ୍ୟତୀତ ଅନ୍ୟ କେତେକ କାରଣ ମଧ୍ୟ ସୁନାର ମୂଲ୍ୟକୁ ପ୍ରଭାବିତ କରୁଛି। ଜାତୀୟସ୍ତରରେ ଲଗାତର ସୁନା ଦର ବୃଦ୍ଧି ପାଉଥିବାବେଳେ ଓଡ଼ିଶାରେ ମଧ୍ୟ ସୁନା ଦର ୧୦ ଗ୍ରାମ ପ୍ରତି ୧ଲକ୍ଷ ଟଙ୍କା ନିକଟବର୍ତ୍ତୀ ରହିଛି। ଟ୍ରମ୍ପଙ୍କ ଟାରିଫ୍ ରାଜ ଆରମ୍ଭ ହେବା ପରେ ବିଶ୍ୱ ବଜାରରେ ସବୁ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇଛି। ତେଣୁ ସୁନା ଦର କମିବା ଆଶା ମଧ୍ୟ କ୍ଷୀଣ ହୋଇଛି। ବିଶେଷଜ୍ଞଙ୍କ ଆକଳନ ଅନୁସାରେ, ସୋଭେରିନ୍ ଗୋଲ୍ଡ ବଣ୍ଡ ବନ୍ଦ ହେବା ପରେ ବାସ୍ତବ ସୁନାରେ ପୁଞ୍ଜିନିବେଶ ପାଇଁ ନିବେଶକମାନେ ଚାହିଁବସିଛନ୍ତି। କାରଣ ବାସ୍ତବ ସୁନା ସେମାନଙ୍କୁ ଅଧିକ ରିଟର୍ନ ଦେଉଛି। ଏଭଳିସ୍ଥଳେ କେନ୍ଦ୍ରୀୟ ବ୍ୟାଙ୍କ ଯଦି ଷ୍ଟକ୍ ବଜାରକୁ ଛାଡ଼ିବେ ତେବେ ସୁନାଦର କମିବ। ମାତ୍ର ସେଭଳି ସମ୍ଭାବନା ଆଗାମୀ ଦିନରେ ଦେଖାଯାଉନାହିଁ। ସେପଟେ ଅଳଙ୍କାର ବ୍ୟବସାୟୀଙ୍କ କାରବାର ମଧ୍ୟ ମାନ୍ଦା ପଡ଼ିଛି। ସୁନାର ବର୍ଦ୍ଧିତ ମୂଲ୍ୟ ନିବେଶକଙ୍କୁ ସୁହାଉଥିବାବେଳେ ସାଧାରଣ ଲୋକ ବିବାହ, ଜନ୍ମଦିନ ଆଦିରେ ସୁନା କିଣିବାକୁ ଡରିଲେଣି।

## ରାଜ୍ୟରେ ୪୮୬୨ ସ୍ୱୀକୃତିପ୍ରାପ୍ତ ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ

ଆଇଏସ୍ ୧୪୧୭ ଏବଂ ଆଇଏସ୍ ୨୧୧୨ ହେଉଛି ଭାରତ ସରକାରଙ୍କ ଖାଉଟି ବ୍ୟାପାର ମନ୍ତ୍ରଣାଳୟ, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅଧୀନ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଦ୍ୱାରା ସୁନା ଓ ରୁପା ଅଳଙ୍କାରର ହଲ୍‌ମାର୍କିଂ ପାଇଁ ଜାରି କରାଯାଇଥିବା ଭାରତୀୟ ମାନକ। ଆଇଏସ୍ ୧୪୧୭:୨୦୧୬ ସୁନା ଅଳଙ୍କାରର ଶୁଦ୍ଧତା ନିର୍ଦ୍ଧାରଣ କରିଥିବା ବେଳେ ଆଇଏସ୍ ୨୧୧୨:୨୦୧୪ ରୁପା ଅଳଙ୍କାରର ଶୁଦ୍ଧତା ନିର୍ଦ୍ଧାରଣ କରିଥାଏ। ତେବେ ରାଜ୍ୟରେ ବିଆଇଏସ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୪୮୬୨ଟି ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ ରହିଛି। କଟକ ଜିଲାରେ ସର୍ବାଧିକ ୮୦୯ ସ୍ୱୀକୃତିପ୍ରାପ୍ତ ସ୍ୱର୍ଣ୍ଣାଳଙ୍କାର ପ୍ରତିଷ୍ଠାନ ରହିଥିବାବେଳେ ବାଲେଶ୍ୱରରେ ୫୪୦, ଖୋର୍ଦ୍ଧା ୫୩୫, ଗଞ୍ଜାମ ୩୩୬, ଯାଜପୁର୨୪୪, ପୁରୀ ୨୧୦, କେନ୍ଦ୍ରାପଡ଼ା ୨୦୪, ସୁନ୍ଦରଗଡ଼ ୧୯୧, ମୟୂରଭଞ୍ଜରେ ୧୯୦ ପ୍ରତିଷ୍ଠାନ ରହିଛି।

### ସୁନା ଦରରେ ବଡ଼ ହ୍ରାସ ସମ୍ଭାବନା ନାହିଁ



"ଗତ ବର୍ଷ ତୁଳନାରେ ସୁନା ଦର ପ୍ରାୟ ୩୨% ବୃଦ୍ଧି ପାଇଛି । ବିକ୍ରି ହୋଇଥିବା ସୁନାର ପରିମାଣରୁ ଜଣାପଡ଼ୁଛି ଲୋକମାନେ ସୁନା ଦର ହ୍ରାସକୁ ଅପେକ୍ଷା କରିଛନ୍ତି। ଭାରତରେ ମୁଖ୍ୟତଃ ବିବାହ ଏବଂ ନିବେଶ ପାଇଁ ସୁନା କିଣାଯାଏ। ଯେଉଁ ପରିବାରଗୁଡ଼ିକରେ ବିବାହ ଏବଂ ଉତ୍ସବରେ ସୁନାକିଣା ବାଧ୍ୟତାମୂଳକ, ସେହି ଗ୍ରାହକମାନେ ସେମାନଙ୍କ ବଜେଟ ମୁତାବକ କମ୍ ଓଜନର ଅଳଙ୍କାର ବାଛୁଛନ୍ତି। ତେବେ କିଛି ଗଣମାଧ୍ୟମ ବା ପ୍ରତିଷ୍ଠାନ ପକ୍ଷରୁ ଆଗାମୀ ଦିନରେ ସୁନା ଦର ହ୍ରାସ ନେଇ ଆକଳନ କରାଯାଉଥିବାରୁ ଅନେକ ଗ୍ରାହକ ସୁନା ଦର କମିବ ବୋଲି ଆଶା ରଖିଛନ୍ତି। ବାସ୍ତବ କଥା ହେଉଛି, ସୁନା ଦରରେ ଆଗାମୀ ଦିନରେ ବଡ଼ ହ୍ରାସ ହେବାର ସମ୍ଭାବନା ନାହିଁ। ଯେହେତୁ ସୁନା ମୂଲ୍ୟକୁ ନିୟନ୍ତ୍ରଣ କରାଯାଇପାରିବ ନାହିଁ ବ୍ରାଣ୍ଡଗୁଡ଼ିକୁ ଅଧିକ ଗ୍ରାହକଙ୍କୁ ବାନ୍ଧି ରଖିବା ପାଇଁ ସ୍ମାର୍ଟ ରଣନୀତି ଆପଣେଇବାକୁ ପଡ଼ିବ। ମେକିଂ ଚାର୍ଜ ହ୍ରାସ କିମ୍ବା ଗ୍ରାହକମାନେ ଆମର ଅଫର ଏବଂ ଆମର ୫ ତାରକା ମୂଲ୍ୟଯୁକ୍ତ ଅନନ୍ୟ ସେବା ଯେପରିକି ଜୀବନବ୍ୟାପୀ ନିଃଶୁଳ୍କ ମରାମତି ସେବା, ପ୍ରତ୍ୟେକ ଅଳଙ୍କାର ସହିତ ବୀମା, ପୁରୁଣା ସୁନା ଉପରେ ଶୂନ୍ୟ ରିହାତି, ପ୍ରତ୍ୟେକ କ୍ରୟରେ ଉପହାର ଏବଂ ପୁରସ୍କାର, ଅନନ୍ୟ ଡିଜାଇନ୍ ଗ୍ରାହକଙ୍କୁ ଆକୃଷ୍ଟ କରୁଛନ୍ତି।

–ବ୍ରହ୍ମାନନ୍ଦ ମେହେର, ପରିଚାଳନା ନିର୍ଦ୍ଦେଶକ, ଅରୁନ୍ଧତୀ ଗ୍ରୁପ

### ଗ୍ରାହକ ବିକଳ୍ପ ଅଳଙ୍କାର ବାଛୁଛନ୍ତି



"ଓଡ଼ିଶାରେ ସୁନା ଅଳଙ୍କାର ବିକ୍ରୟ ସମ୍ପର୍କିତ ତଥ୍ୟ ସୀମିତ। ମାତ୍ର ସାରା ଭାରତର ତଥ୍ୟକୁ ଦେଖିଲେ ଓଡ଼ିଶାରେ ମଧ୍ୟ ସୁନା ଚାହିଦା ହ୍ରାସ ପାଇଥିବା କୁହାଯାଇପାରେ। ୱାର୍ଲ୍ଡ ଗୋଲ୍ଡ କାଉନସିଲ୍ ରିପୋର୍ଟ ଅନୁସାରେ ୨୦୨୩ ମସିହାରେ ଭାରତର ସୁନା ଅଳଙ୍କାର ଚାହିଦାରେ ବାର୍ଷିକ ୬% ହ୍ରାସ ଘଟିଛି, ଯାହା ୫୬୨ ଟନ୍‌କୁ ହ୍ରାସ ପାଇଛି। ୨୦୨୪ ଜୁନ୍ ସୁଦ୍ଧା ସୁନା ମୂଲ୍ୟ ବର୍ଷ ସାରା ୧୮% ବୃଦ୍ଧି ପାଇଛି। ଫଳରେ ଗ୍ରାହକମାନେ କିଣୁଥିବା ସୁନାର ମୂଲ୍ୟ କମାଇଦେଇଛନ୍ତି। ଯୁବ ଗ୍ରାହକମାନେ ପାରମ୍ପରିକ ସୁନା ଅଳଙ୍କାର ଅପେକ୍ଷା ବିକଳ୍ପ ହାଲୁକା ଉତ୍ପାଦ ତଥା ରୁପା ଏବଂ ପ୍ଲାଟିନମ ଅଳଙ୍କାର କିଣୁଛନ୍ତି। ୨୦୨୪ ମସିହାର ଦ୍ୱିତୀୟ ତ୍ରୈମାସିକରେ ଭାରତରେ ସୁନା ଅଳଙ୍କାର ବ୍ୟବହାର ବାର୍ଷିକ ତୁଳନାରେ ୮% ଅର୍ଥାତ୍ ୧୨୯ ଟନ୍‌କୁ ହ୍ରାସ ପାଇଛି। ବିଶେଷକରି ଗ୍ରାମାଞ୍ଚଳର ଗ୍ରାହକମାନେ ୫–୧୦ ଗ୍ରାମ, ସହରାଞ୍ଚଳରେ ୨୦–୫୦ ଗ୍ରାମରେ ସୁନା କିଣା ସୀମିତ ରଖିଛନ୍ତି। ଖିମ୍‌ଜୀ ଜୁଏଲର୍ସ ସମଗ୍ର ଭାରତରୁ ହାଲୁକା ଅଳଙ୍କାରର ସର୍ବବୃହତ୍ କଲେକ୍ସନ ଉପଲବ୍ଧ କରୁଛି। ଅକ୍ଷୟ ତୃତୀୟାରେ ଖିମ୍‌ଜୀ ଜୁଏଲର୍ସ ସମସ୍ତ ସୁନା ଏବଂ ହୀରା ଅଳଙ୍କାର ଉପରେ ମେକିଂ ଚାର୍ଜ ଉପରେ ୫୦% ଛାଡ଼ ଦେଉଛି।

– ମିତେଶ ଖିମ୍‌ଜୀ, ନିର୍ଦ୍ଦେଶକ, ଖିମ୍‌ଜୀ ଜୁଏଲର୍ସ

### ଗ୍ରାହକ କମ୍ ପରିମାଣର ସୁନା କିଣୁଛନ୍ତି, କମ୍ ଟଙ୍କାର ନୁହେଁ



"ଓଡ଼ିଶାରେ ସୁନାର ଚାହିଦା ସବୁବେଳେ ରହିଛି। ମାତ୍ର ବିଭିନ୍ନ କାରଣରୁ ସୁନା କ୍ରୟର ପରିମାଣ କମିଥିଲେ ମଧ୍ୟ କମ୍ ଟଙ୍କାର ସୁନା କିଣୁଛନ୍ତି ତାହା ନୁହେଁ। ସମଗ୍ର ବିଶ୍ୱରେ ଭାରତର ସ୍ଥାନ ଆଗରେ ରହିଛି। ସେହିପରି ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସୁନା ଚାହିଦା ମଧ୍ୟ ରହିଛି। ଭାରତୀୟ ମହିଳାଙ୍କ ପାଖରେ ପ୍ରାୟ ୨୫ ହଜାର ଟନ୍ ସୁନା ଗଚ୍ଛିତ ରହିଛି। ଯାହା ସମଗ୍ର ବିଶ୍ୱର ଶ୍ରେଷ୍ଠ ୫ ଦେଶରେ ଗଚ୍ଛିତ ସୁନାର ପରିମାଣଠାରୁ ମଧ୍ୟ ଅଧିକ। ସୁନାର ଚାହିଦା ଅନୁସାରେ ସୁନା ଉତ୍ପାଦନ ହେଉ ନ ଥିବାରୁ ଦର ବଢ଼ୁଛି। ମାତ୍ର ଗ୍ରାମାଞ୍ଚଳରୁ ସହରାଞ୍ଚଳ ପ୍ରତ୍ୟେକ ବର୍ଗର ଲୋକ ସୁନାରେ ନିବେଶ କରିବାକୁ ଚାହୁଁଛନ୍ତି। ବିମୁଦ୍ରୀକରଣ ପରଠାରୁ ଲୋକେ ଟଙ୍କା ସଞ୍ଚୟ କରିବା ପରିବର୍ତ୍ତେ ସୁନାରେ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।

– ସଞ୍ଜୀବ କୁମାର ସାହୁ, ମ୍ୟାନେଜିଂ ପାର୍ଟନର ଜାଭେରି ଗୋଲ୍ଡ ଆଣ୍ଡ ଡାଇମଣ୍ଡ

### ବଜେଟ୍ ଅନୁସାରେ ଗ୍ରାହକ ସୁନା କିଣୁଛନ୍ତି



"ସୁନାଦର ବୃଦ୍ଧି ସତ୍ତ୍ୱେ ଓଡ଼ିଶା ସୁନାବଜାରରେ ବିଶେଷ ପ୍ରଭାବ ପରିଲକ୍ଷିତ ହୋଇନାହିଁ। ଆମ ଷ୍ଟୋର କଥା କହିବାକୁ ଗଲେ ଯଦିଓ ଅକ୍ଷୟ ତୃତୀୟାରେ ବ୍ୟବସାୟ ସାମାନ୍ୟ କମ୍ ରହିଥିଲା। ମାତ୍ର ଏହାର ପୂର୍ବ ଓ ପରଦିନ ବ୍ୟବସାୟ ସ୍ୱାଭାବିକ ରହିଥିଲା। ଏବେ ମଧ୍ୟ ସବୁ ବର୍ଗର ଲୋକଙ୍କ ମଧ୍ୟରେ ସୁନାଅଳଙ୍କାର ପ୍ରତି ପୂର୍ବପରି ଆଗ୍ରହ ରହିଛି। ସୁନା ଅଳଙ୍କାର କିଣିବାରେ ଯଦିଓ ସହରାଞ୍ଚଳ ଗ୍ରାହକଙ୍କ ସହ ଅଧିକ ମାତ୍ର ଗ୍ରାମାଞ୍ଚଳ ଗ୍ରାହକଙ୍କୁ ମଧ୍ୟ ଦରବୃଦ୍ଧି ପ୍ରଭାବିତ କରିଥିବା ପରି ମନେ ହେଉନାହିଁ। ଆୟ ଅନୁସାରେ ଲୋକ ସୁନାରେ ବ୍ୟୟ କରୁଛନ୍ତି। ଦର କମିବ ବୋଲି ତ କହିହେବନି। ୧ ହଜାର ଟଙ୍କା କମିଲେ ୨ହଜାରରୁ ୧୦ ହଜାର ଟଙ୍କା ବଢ଼ୁଛି। ତେଣୁ ଲୋକମାନେ ଆବଶ୍ୟକ ସମୟରେ ନିଶ୍ଚିତ ଭାବେ ସୁନା କିଣୁଛନ୍ତି।

– ସିଦ୍ଧେଶ୍ୱର ରଥ, ମାର୍କେଟିଂ ମ୍ୟାନେଜର
ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍

### ବ୍ୟବସାୟୀ କ୍ଷତି ସହୁଛନ୍ତି



"ଯେହେତୁ ସୁନା ଦର ହଠାତ୍ ଏତେ ପରିମାଣରେ ବଢ଼ିଯାଇଛି, ଯାହାଫଳରେ ଲୋକମାନେ ସୁନା କିଣିବା ଏକଦମ୍ କମ୍ କରିଦେଇଛନ୍ତି। ଗତବର୍ଷ ତୁଳନାରେ ଯଦି ଏବର୍ଷର ବିକ୍ରିକୁ ଦେଖିବା ପ୍ରାୟ ୫୦ ପ୍ରତିଶତ କମ୍ ବିକ୍ରି ହୋଇଛି। ଗ୍ରାହକଙ୍କୁ ବାନ୍ଧି ରଖିବା ପାଇଁ ବର୍ତ୍ତମାନ ଅଳଙ୍କାର ବ୍ୟବସାୟୀ କ୍ଷତି ସହୁଛନ୍ତି। ସୁନା ଦରରେ ଆମେ କମ୍ ବେଶି କରିପାରିବୁନି, ତେଣୁ ମେକିଂ ଚାର୍ଜରେ ରିହାତି ହେଉ ବା ନିଶ୍ଚିତ ଉପହାର ଘୋଷଣା କରାଯାଉଛି। ସେଥିପାଇଁ ବ୍ୟବସାୟୀ ବିଶେଷ ଲାଭବାନ ହେଉନାହାନ୍ତି। ଯେହେତୁ ଅତ୍ୟଧିକ ଦର ବୃଦ୍ଧି ହୋଇଛି, ଆଗାମୀ ଦିନରେ ବେଶି ନ ହେଲେ ମଧ୍ୟ ଦାମ୍ ସାମାନ୍ୟ କମ୍ ହୋଇପାରେ।

– ଦିଲୀପ କୁମାର ପାତ୍ର, ପରିଚାଳନା ନିର୍ଦ୍ଦେଶକ, ନାରାୟଣ ଜୁଏଲର୍ସ

## ଓଡ଼ିଶାରେ ସୁନାଖଣି



ରାଜ୍ୟର ସୁନ୍ଦରଗଡ଼, ନବରଙ୍ଗପୁର, କେନ୍ଦୁଝର ଏବଂ ଦେବଗଡ଼ ଜିଲାରେ ସୁନା ଖଣିର ସନ୍ଧାନ ମିଳିଛି। ସେହିପରି ମାଲକାନଗିରି, ସମ୍ବଲପୁର ଏବଂ ବୌଦ୍ଧ ଆଦି ଜିଲାରେ ଖଣିର ଅନୁସନ୍ଧାନ ଜାରି ରହିଛି। ମୟୂରଭଞ୍ଜର ଯଶିପୁର, ସୁରିଆଗୁଡ଼ା, ରୁଆଁଶି, ଇଡେଲକୁଚା, ମରେଡ଼ିହି, ସୁଲେଇପାଟ ଏବଂ ବାଦାମପାହାଡ଼ ଆଦି ଅଞ୍ଚଳରେ ମଧ୍ୟ ସୁନାଖଣି ଥିବା ଆଶା କରାଯାଉଛି। ଦେବଗଡ଼ ଜିଲାର ଅଡସ–ରାମପଲ୍ଲୀ ଅଞ୍ଚଳରେ ସୁନାଖଣିର ସନ୍ଧାନ ମିଳିଥିବାବେଳେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍‌ଆଇ) ଜି–୨ ସ୍ତରୀୟ ଅନୁସନ୍ଧାନ ଜାରି ରଖିଛି। କେନ୍ଦୁଝର ଜିଲାର ଗୋପୁର–ଗାଜିପୁର, ମାଙ୍କଡ଼ଚୁଆଁ, ସଳେଇକଣା, ଡିମିରିମୁଣ୍ଡାରେ ମଧ୍ୟ ଖଣି ସମ୍ଭାବନା ରହିଛି। ଦେବଗଡ଼ର ଆର୍ଥିକ ବିକାଶ ପାଇଁ ଏହି ସାଧନଗୁଡିକର ବ୍ୟବହାର କରିବାରେ ପ୍ରତିବଦ୍ଧତା ଆଗାମୀ ଦିନରେ ସୁନାଖଣି ବ୍ଲକ୍ ନିଲାମରେ ଦେଖିବାକୁ ମିଳିବ। ଏହ ରାଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।

ଇଣ୍ଡିଆ ବୁଲିଅନ୍ ତଥ୍ୟ ଅନୁସାରେ ୨୦୧୫ରୁ ୨୦୨୫ ମଧ୍ୟରେ କେବଳ ୨୦୧୭ ଏବଂ ୨୦୨୧କୁ ବାଦ୍‌ଦେଲେ କ୍ରମାଗତ ଭାବେ ସୁନା ଦର ବୃଦ୍ଧି ପାଇଛି। ପ୍ରତ୍ୟେକ ବର୍ଷ ରେକର୍ଡ ହୋଇଥିବା ସର୍ବାଧିକ ସୁନା ଦର ନିମ୍ନରେ ପ୍ରଦାନ କରାଯାଇଛି।

| ବର୍ଷ | ସର୍ବାଧିକ ସୁନା ଦର (୧୦ ଗ୍ରାମ୍ ପ୍ରତି) |
|---|---|
| ୨୦୧୫ | ୨୬,୪୨୨ ଟଙ୍କା |
| ୨୦୧୬ | ୩୨,୮୩୪ ଟଙ୍କା |
| ୨୦୧୭ | ୩୧,୦୬୦ ଟଙ୍କା |
| ୨୦୧୮ | ୩୩,୨୬୨ ଟଙ୍କା |
| ୨୦୧୯ | ୪୦,୪୧୦ ଟଙ୍କା |
| ୨୦୨୦ | ୫୭,୫୨୦ ଟଙ୍କା |
| ୨୦୨୧ | ୫୨,୯୫୦ ଟଙ୍କା |
| ୨୦୨୨ | ୫୪,୧୧୦ ଟଙ୍କା |
| ୨୦୨୩ | ୬୩,୪୯୦ ଟଙ୍କା |
| ୨୦୨୪ | ୭୯,୮୪୦ ଟଙ୍କା |
| ୨୦୨୫ | ୯୭,୪୧୦(ଏପ୍ରିଲ ୨୧) ଟଙ୍କା |

## ନିବେଶକଙ୍କୁ ସୁହାଉଛି



ସୁନାରେ ନିବେଶ ମୁଦ୍ରାସ୍ଫୀତିବିରୁଦ୍ଧରେ ଏକ ସୁରକ୍ଷା ଭାବରେ କାର୍ଯ୍ୟ କରେ, ମୁଦ୍ରା ଅବମୂଲ୍ୟାୟନ କିମ୍ବା ବଜାର ଅସ୍ଥିରତା ସମୟରେ କ୍ରୟ ଶକ୍ତି ସଂରକ୍ଷଣ କରେ। ଏହା ଏକ ନିବେଶ ପୋର୍ଟଫୋଲିଓ ମଧ୍ୟରେ ବିବିଧତା ପ୍ରଦାନ କରେ, ଷ୍ଟକ ପରି ପାରମ୍ପରିକ ସମ୍ପତ୍ତିର ବିକଳ୍ପ ପ୍ରଦାନ କରି ବିପଦ ହ୍ରାସ କରେ। ଇତିହାସ ଦେଖିଲେ ସମୟାନୁସାରେ ସୁନାଦର କ୍ରମାଗତ ଭାବେ ବଢ଼ିଚାଲିଛି। ତେଣୁ ଏହାକୁ ସମ୍ପତ୍ତିର ଏକ ନିର୍ଭରଯୋଗ୍ୟ ଭଣ୍ଡାର ଏବଂ ସମ୍ପତ୍ତି ସଂରକ୍ଷଣ ପାଇଁ ଏକ ବିଶ୍ୱସ୍ତ ସମ୍ପତ୍ତ ବୋଲି ବିଚାର କରାଯାଏ। ଷ୍ଟକ କିମ୍ବା ବଣ୍ଡ ପରି, ସୁନା ଡିଫଲ୍ଟ କିମ୍ବା ଦେବାଳିଆ ବିପଦର ସମ୍ମୁଖୀନ ହୁଏ ନାହିଁ, ଅନିଶ୍ଚିତ ଆର୍ଥିକ ସ୍ଥିତିରେ ଏହା ସୁରକ୍ଷାର ଏକ ସ୍ତର ପ୍ରଦାନ କରେ। ଗଚ୍ଛିତ ସୁନାର ସହଜରେ ବ୍ୟବସାୟୀକରଣ କରାଯାଇପାରିବ ଏବଂ ବିଶ୍ୱବ୍ୟାପୀ ନଗଦରେ ରୂପାନ୍ତରିତ କରାଯାଇପାରିବ, ଯାହା ନିବେଶକମାନଙ୍କୁ ପରିବର୍ତ୍ତିତ ବଜାର ପରିସ୍ଥିତି ସହିତ ଖାପ ଖୁଆଇବା ପାଇଁ ଲିକ୍ୟୁଡିଟି ପ୍ରଦାନ କରେ।

## ଇଲେକ୍ଟ୍ରୋନିକ୍ସ ଶିଳ୍ପ ବି ବଢ଼ାଉଛି ସୁନାଦର



ନିବେଶ ଓ ଅଳଙ୍କାର କ୍ଷେତ୍ରରେ ସୁନାର ପ୍ରୟୋଗ ସର୍ବାଧିକ ରହିଛି। ମାତ୍ର ଏହା ବ୍ୟତୀତ ବିଭିନ୍ନ ଶିଳ୍ପ ବିଶେଷକରି ଇଲେକ୍ଟ୍ରୋନିକ୍ସ ଏବଂ ଟେକ୍ନୋଲୋଜିରେ ସୁନାର ବ୍ୟବହାର କରାଯାଇଥାଏ। ଇଲେକ୍ଟ୍ରୋନିକ୍ସ ଶିଳ୍ପ ସୁନାର ଏକ ପ୍ରମୁଖ ଗ୍ରାହକ, ଏହାକୁ କନେକ୍ଟର, ୱ୍ୟାରିଂ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ପାଇଁ ବ୍ୟବହାର କରେ। ସୁ ନ । ମୂଲ୍ୟ ବୃଦ୍ଧି ଇଲେକ୍ଟ୍ରୋନିକ୍ସ ନିର୍ମାତାଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରିପାରେ। କମ୍ପାନୀଗୁଡ଼ିକ ସକ୍ରିୟ ଭାବରେ ସୁନାର ବିକଳ୍ପ ଖୋଜୁଛନ୍ତି, ଯେପରିକି ରୁପା, ତମ୍ବା ଏବଂ ପାଲାଡିୟମ–ଆବୃତ ତମ୍ବା ଏବଂ କିଛି ନିର୍ଦ୍ଦିଷ୍ଟ ପ୍ରୟୋଗରେ ସୁନା ବ୍ୟବହାରକୁ କମ କରିବା ପାଇଁ ସନ୍ତୁଳିତ ରଣନୀତି ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଯଦିଓ ଇଲେକ୍ଟ୍ରୋନିକ୍ସ ଶିଳ୍ପ ଏକ ପ୍ରମୁଖ ଗ୍ରାହକ ହୋଇଥିଲେ ମଧ୍ୟ ଏହାର ଚାହିଦା ସୁନା ମୂଲ୍ୟକୁ ପ୍ରଭାବିତ କରୁଥିବା ଏକମାତ୍ର କାରଣ ନୁହେଁ। ଅନ୍ୟାନ୍ୟ କାରଣଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ବ୍ୟାଙ୍କ ରିଜର୍ଭ, ନିବେଶ ଚାହିଦା ଏବଂ ବିଶ୍ୱ ଆର୍ଥିକ ପରିସ୍ଥିତି ଅନ୍ତର୍ଭୁକ୍ତ।



## ସେମାନେ କୁହନ୍ତି...

### ଗତବର୍ଷର ଏକ ଚତୁର୍ଥାଂଶ ସୁନା ବିକ୍ରି ହୋଇଛି



"ସର୍ବଭାରତୀୟ ସ୍ତରରେ ସୁନା ବିକ୍ରି କମିଛି। ଗତବର୍ଷ ବିକ୍ରିର ଏକ ଚତୁର୍ଥାଂଶ ଚଳିତବର୍ଷ ବିକ୍ରି ହୋଇଛି। ଯଦି ଆମେ ଅକ୍ଷୟ ତୃତୀୟାର ଉଦାହରଣ ଦେଖିବା ଲୋକମାନେ ଶୁଭ ମୁହୂର୍ତ୍ତ ବୋଲି ସୁନା କିଣିବାକୁ ଆସୁଛନ୍ତି। ଯିଏ ଗତବର୍ଷ ଲକ୍ଷେ ଟଙ୍କାର ସୁନା କିଣିଥିଲେ। ସେ ଏବର୍ଷ କେବଳ ନାମକୁ ମାତ୍ର ୧୦ରୁ ୧୫ ହଜାର ଟଙ୍କାର କିଛି ଟିକିଏ କିଣିଛନ୍ତି। ସୁନାଦର ଯେଉଁ ହାରରେ ବଢ଼ୁଛି ସେହି ହାରରେ ହ୍ରାସ ପାଉ ନାହିଁ। ଅକ୍ଷୟତୃତୀୟା ପରଦିନ କିଛି କମିଥିଲା ମାତ୍ର ବଢ଼ୁଥିବା ଦର ଅନୁପାତରେ ତାହା ବହୁତ କମ୍। ଲୋକମାନେ ସୁନାଦର ୫୦ହଜାରକୁ ଖସିବ ବୋଲି ଯେଉଁ ଧାରଣାରେ ଅଛନ୍ତି, ତାହାର ଆଦୌ ହେବ ନାହିଁ। ସୁନା ଦର ହ୍ରାସ ପାଇବା ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରୁଛି। ତେଣୁ ସୁନା ଦର କମାଇପାରିବୁନି ମାତ୍ର ମେକିଂ ଚାର୍ଜ କମାଇପାରିବୁ । ତେଣୁ ଗ୍ରାହକଙ୍କ ପାଇଁ ମେକିଂ ଚାର୍ଜ ଉପରେ ହିଁ ରିହାତି ଦେଉଛୁ।

– ରାମଅବତାର ଅଗ୍ରୱାଲ, ନିର୍ଦ୍ଦେଶକ, ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡ

### ସୁନା ଦର ୫ରୁ ୧୦% କମିପାରେ



"ସୁନା ଦର ଲକ୍ଷେ ନିକଟବର୍ତ୍ତୀ ହେବା ପରେ ଲୋକମାନେ ସୁନା କିଣିବା ବହୁତ କମେଇଦେଇଛନ୍ତି। ୬୦ରୁ ୭୦ ହଜାର ଥିବା ସୁନା ଦର ହଠାତ୍ ୯୦ ହଜାର ଡେଇଁବା ପରେ ସୁନାବଜାର ମାନ୍ଦା ହୋଇଛି। ତେବେ ଆଗାମୀ ଦିନରେ ସୁନା ଦର ୫ରୁ ୧୦% କମିପାରେ। ତାହାଠାରୁ ଅଧିକ ଦର ଖସିବନି। ଶେ ୟାର ମାର୍କେଟରେ ଦର ସୁଧାର ହୋଇଛି। ମାତ୍ର ସୁନା ଦରରେ ସୁଧାର ହୋଇନି। ତେଣୁ କିଛି ମାତ୍ରାରେ ସୁନା ଦର କମିପାରେ। ଭୁବନେଶ୍ୱର ଏବେ ଗୋଲ୍ଡ ହବ୍ ପାଲଟିଛି। ଯଦି ଗ୍ରାମାଞ୍ଚଳ ଓ ସହରାଞ୍ଚଳ କଥା ଚିନ୍ତା କରିବା ତେବେ ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ଭୁବନେଶ୍ୱର ଭଳି ସହରରୁ କ୍ରୟ କରୁଛନ୍ତି। ତେଣୁ ଗ୍ରାମାଞ୍ଚଳ କି ସହରାଞ୍ଚଳରେ ବିକ୍ରି ଅଧିକ ତାହା ଆକଳନ କରିବା ସହଜ ନୁହେଁ। ସୁନା ଦର ୫୦ ହଜାରକୁ କମିବ ବୋଲି ଗୁଜବ ସୃଷ୍ଟି ହେଲା, ଯେଉଁଥିପାଇଁ ଲୋକମାନେ ୨ ମାସ ପର୍ଯ୍ୟନ୍ତ ଆଦୌ ସୁନା କିଣିଲେ ନାହିଁ।

– ବାବୁରାମ ସ୍ୱାଇଁ, ପରିଚାଳନା ନିର୍ଦ୍ଦେଶକ, ସ୍ୱାଇଲ୍ ଗୋଲ୍ଡ

### ଆହୁରି ଦେଢ଼ଗୁଣା ବଢ଼ିପାରେ ସୁନା ଦର



"ରାତିରାତି ସୁନା ଦର ବୃଦ୍ଧି ପାଉଛି। ସେହି ଅନୁପାତରେ ଲୋକଙ୍କ ଆୟ ବଢ଼ିବା ସମ୍ଭବ ନୁହେଁ। ତେଣୁ ନିହାତି ଭାବେ ସୁନା ବିକ୍ରି କମିଛି। ଭୂରାଜନୈତିକ ଅସ୍ଥିରତା କାରଣରୁ ବିଶେଷକରି ସୁନା ଦର ବଢ଼ିବାରେ ଲାଗୁଛି। ଏହା ମଧ୍ୟରେ ଲୋକମାନେ ସୁନା କିଣିବା ବନ୍ଦ କରିନାହାନ୍ତି, ମାତ୍ର କିଛି ମାତ୍ରାରେ କମାଇଦେଇଛନ୍ତି। ସୁନା ଦର ଯଦି ୨ରୁ ୩ ହଜାର ହ୍ରାସ ପାଏ ତେବେ ବଢ଼ିବା ସମୟରେ ୧୦ରୁ ୧୫ ହଜାର ବଢ଼ିଯାଇପାରେ। ତେଣୁ ସୁନା ଦର ଖସିଲେ ଯେ ଲୋକମାନେ କିଣିବା ପାଇଁ ଅପେକ୍ଷା କରିବେନାହିଁ। ନିଜ ନିଜ ବଜେଟ ମଧ୍ୟରେ ଗ୍ରାମାଞ୍ଚଳ ହେଉକି ସହରାଞ୍ଚଳର ଗ୍ରାହକ ସୁନା କିଣୁଛନ୍ତି। ସହରାଞ୍ଚଳରେ କଷ୍ଟୋମାଇଜଡ୍ ଅଳଙ୍କାର କିଣୁଥିବାବେଳେ ଗ୍ରାମାଞ୍ଚଳରେ ପାରମ୍ପରିକ ସୁନା କିଣୁଛନ୍ତି। ୨୦୨–୨୯ସୁଦ୍ଧା ସୁନାମୂଲ୍ୟ ଦେଢ଼ଗୁଣା ବୃଦ୍ଧି ପାଇବା ନେଇ ବଜାର ଆକଳନ କରାଯାଉଛି। ଆମ ଷ୍ଟୋରରେ ଗତବର୍ଷ ତୁଳନାରେ ଗତବର୍ଷ ତୁଳନାରେ ଏ ବର୍ଷ ଅକ୍ଷୟ ତୃତୀୟାରେ ଯେତିକି ଟଙ୍କାର ସୁନାର ବିକ୍ରି ହୋଇଛି ସେ ତୁଳନାରେ ସୁନାର ପରିମାଣ କମ୍ ପରିମାଣ ରହିଛି।

–ଶାନ୍ତନୁ କୁମାର ପାତ୍ର, ନିର୍ଦ୍ଦେଶକ, ବିଶ୍ୱମ୍ ଜୁଏଲର୍ସ

### ଭାରି ଅଳଙ୍କାର ବିକ୍ରି କମିଛି



"ବାହାଘର ଋତୁ ଚାଲିଛି। ତେଣୁ ସୁନା ବିକ୍ରି ହେବା ସ୍ୱାଭାବିକ । ଗ୍ରାହକଙ୍କ ସଂଖ୍ୟା କମିନି। ମାତ୍ର ଗ୍ରାହକ ଆଗରୁ ଯେପରି ଭାରି ଅଳଙ୍କାର ନେଉଥିଲେ ବର୍ତ୍ତମାନ ସେଥିରେ ଟିକେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଭୂରାଜନୈତିକ ଅସ୍ଥିରତା ହେଉ ବା ଅନ୍ୟାନ୍ୟ କାରଣରୁ ସୁନାଦର ବଢ଼ୁଛି। ତେଣୁ ସେସବୁ ଯେପର୍ଯ୍ୟନ୍ତ ନିୟନ୍ତ୍ରଣକୁ ନ ଆସିଛି। ସୁନାଦର କମିବ ବୋଲି କହିହେବନି।

– ଲୋକନାଥ ସୁବୁଦ୍ଧି, ପ୍ରୋପ୍ରାଇଟର, ଲୋକନାଥ ଜୁଏଲର୍ସ

ରିପୋର୍ଟ: ଅନୁରାଧା ମହାରଣା, ଭୁବନେଶ୍ୱର

# ଦିନ ଗଡୁଛି, ଖର୍ଚ୍ଚ ବଢୁଛି

**ରେଙ୍ଗାଲି ବହୁମୁଖୀ ଯୋଜନା**

- ୨୨୫୫.୩୦ କୋଟିରୁ ୨୮୦୯.୧୨ କୋଟି ଟଙ୍କାକୁ ବୃଦ୍ଧି
- ଜମି ଅଧିଗ୍ରହଣରେ ହେରଫେର ବିଳମ୍ବର ପ୍ରମୁଖ କାରଣ
- ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟଧାର୍ଯ୍ୟ

**ଯାଜପୁର,୪।୫(ହର୍ଷବର୍ଦ୍ଧନ ବେହେରା)**

ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣାଧୀନ ରେଙ୍ଗାଲି ବହୁମୁଖୀ ଯୋଜନାର ବାମପାର୍ଶ୍ୱ କେନାଲ ଦ୍ୱାରା ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲାର ୧,୧୪,୩୦୦ ହେକ୍ଟର ଜମିରେ ଜଳସେଚନ ହୋଇପାରିବ ବୋଲି ପରିକଳ୍ପନା କରାଯାଇଛି। ହେଲେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଦିନ ଗଡି ଚାଲିଥିବାରୁ ଖର୍ଚ୍ଚ ଅଟକଳ ପରିମାଣ ୨୨୫୫.୩୦ କୋଟିରୁ ୨୮୦୯.୧୨ କୋଟି ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହୋଇସାରିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ପୂର୍ବରୁ ଜାଇକା(ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଟିଭ ଏଜେନ୍ସି) ଠାରୁ ଋଣ ପରିମାଣ ୧୭୮୭.୩୦ କୋଟି ଟଙ୍କା ହୋଇଥିବାବେଳେ ରାଜ୍ୟ ପାଣ୍ଠିରୁ ୪୬୮ କୋଟି ଟଙ୍କା ରହିଥିଲା। ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ ଯୋଗୁ ବର୍ଦ୍ଧିତ ପରିମାଣରେ ଜାଇକା ଋଣ ଅର୍ଥ ଅପରିବର୍ତ୍ତିତ ହୋଇଥିବାବେଳେ ରାଜ୍ୟ ପାଣ୍ଠି ୪୬୮ କୋଟିରୁ ୧୦୨୧.୮୨ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ୧୩୩୧.୭୪ କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଥିବାବେଳେ ମାତ୍ର ୩୯,୪୧୬ ହେକ୍ଟର ଜମିରେ ପାଣି



ରେଙ୍ଗାଲି ଡ୍ୟାମ୍।

ମାଡୁଥିବା ବିଭାଗ ପକ୍ଷରୁ ଦର୍ଶାଯାଇଛି। ହେଲେ ଜମି ଅଧିଗ୍ରହଣରେ ଭୁଲ ସୁପାରିସ ଓ କ୍ଷତିପୂରଣ ପ୍ରଦାନରେ ବ୍ୟାପକ ହେରଫେର ଯୋଗୁ କାର୍ଯ୍ୟ ବିଳମ୍ବ ହେଉଥିବା କୁହାଯାଇଛି। ନିର୍ଦ୍ଧାରିତ ସମୟରେ ଚାଷୀଙ୍କ ଜଳସେଚନ ସ୍ୱପ୍ନ ପୂରଣ ହେବା ନେଇ ସନ୍ଦେହ ଉପୁଜିଛି।

ରେଙ୍ଗାଲି ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ତଥା ବାମପାର୍ଶ୍ୱ କେନାଲ ନିର୍ମାଣ ପାଇଁ ୩୦।୩।୨୦୧୫ରେ ଜାଇକା ଓ ଜଳ ସମ୍ପଦ ବିଭାଗ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ଏଥିରେ ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲା ଦେଇ ୧୪୧ କିମି ପର୍ଯ୍ୟନ୍ତ ମେନ୍ ଓ ଡିଷ୍ଟ୍ରିବ୍ୟୁଟାରି କେନାଲ ନିର୍ମାଣ ଯୋଜନା ହୋଇଥିଲା। ଏହି ପ୍ରକଳ୍ପ ୩୧।୩।୨୦୨୩ ସୁଦ୍ଧା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଓ ଜମି ଅଧିଗ୍ରହଣରେ ବିଳମ୍ବ ସହ କରୋନା ଯୋଗୁ ବିଫଳ ହୋଇଥିଲା। ଏବେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଟକଳ ପରିମାଣ ବୃଦ୍ଧି କରାଯାଇ ୩୧।୩।୨୦୨୬ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ଲକ୍ଷ୍ୟଧାର୍ଯ୍ୟକୁ ପାଖାପାଖି ଆଉ ମାତ୍ର ୧ ବର୍ଷ ରହିଥିବାବେଳେ ଅଗ୍ରଗତି ରିପୋର୍ଟକୁ ଅବଲୋକନ କଲେ ଏଥର ବି ପ୍ରକଳ୍ପ ସାରିବା ନେଇ ସନ୍ଦେହ ଉପୁଜିଛି। ଏହି ପ୍ରକଳ୍ପ ପାଇଁ ୨୪୨ ଗ୍ରାମର ୨୬୭୬.୮୪ ଏକର ଜମିର ଆବଶ୍ୟକ ରହିଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ୨୩୧ ଗ୍ରାମର ୨୫୩୧.୧୬ ଏକର ଜମି ଅଧିଗ୍ରହଣ ହୋଇ ସାରିଛି। ବାକି ୧୧ ଗ୍ରାମର ୧୪୫.୬୫ ଏକର ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ବିଭାଗୀୟ ନିର୍ଦ୍ଦେଶକ ତୁରନ୍ତ ବାକି ଥିବା ଜମି ଅଧିଗ୍ରହଣ କାର୍ଯ୍ୟ ସାରିବାକୁ ୧୦।୪।୨୦୨୫ରେ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବାସ୍ତବରେ ବ୍ୟାପକ ଅନିୟମିତତା ଯୋଗୁ ଜମି ଅଧିଗ୍ରହଣ କାର୍ଯ୍ୟରେ ବିଳମ୍ବ ହୋଇଥିବା ଜଣାପଡିଛି। ଏଥିପାଇଁ କେତେକ ବିଭାଗୀୟ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା। ଜଳ ସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ତଦନ୍ତରେ ୪ ଜଣ ଜମି ଅଧିଗ୍ରହଣ ଅଧିକାରୀ ଓ କର୍ମଚାରୀ ୧ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଚାଷୀଙ୍କ କ୍ଷତିପୂରଣ ଅର୍ଥ ହେରଫେର କରିଥିବା ଧରାପଡ଼ିଥିଲା। ଏଥିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଉମ୍ବରୁଧର ପ୍ରଧାନ, ଗିରିଜା ଭୂଷଣ ପ୍ରଧାନ, ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଭୋଲେଶ୍ୱର ସାହୁଙ୍କୁ ଜଳ ସମ୍ପଦ ବିଭାଗ ପକ୍ଷରୁ ୧୭।୧୦।୨୦୨୪ରେ ନିଲମ୍ବନ କରାଯାଇଥିଲା। ଏହାସହ ଅଭିଯୁକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ହୋଇଥିଲା। ଏହାବାଦ୍ ସମ୍ପୃକ୍ତ ଠିକାସଂସ୍ଥା ଏସ୍‌ଏମ୍‌ଏସ୍‌ଏଲ୍ ଏବଂ ଡିଡି ବିଲ୍ଡର୍ସ ପକ୍ଷରୁ ହୋଇଥିବା ଅନିୟମିତତା ପାଇଁ ଉଭୟଙ୍କୁ ୨୬।୭।୨୦୨୪ରେ କଳା ତାଲିକାଭୁକ୍ତ କରିବାକୁ ସୁପାରିସ କରାଯାଇଥିଲା। ଏଭଳି ଅନେକ ବାଧାବିଘ୍ନ ଦେଇ ପ୍ରକଳ୍ପ କାର୍ଯ୍ୟ ଚାଲିଥିବାରୁ ଏହା ଧାର୍ଯ୍ୟ ସମୟରେ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ରେଙ୍ଗାଲି ଡ୍ୟାମ ସୁକିନ୍ଦା ଡିଭିଜନର ଚିଫ୍ ଇଞ୍ଜିନିୟର ଏସ୍.କେ. ଜାଲିଙ୍କୁ ପଚାରିବାରୁ ସେ କହିଛନ୍ତି, ଜମି ଅଧିଗ୍ରହଣ ଏବଂ କେତେକ ନୂଆ କାର୍ଯ୍ୟ ହାତକୁ ନିଆଯାଇଛି। ଅଣ୍ଡର ଲାଇନ୍ ପାଇପ୍‌ରେ ଜଳସେଚନ କରିବାକୁ ଯୋଜନା ହୋଇଛି। ଏଭଳି ଅନେକ ନୂଆ କାର୍ଯ୍ୟ ପାଇଁ ଅଟକଳ ପରିମାଣ ବୃଦ୍ଧି ଘଟିଛି। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ କରିବାକୁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ କରାଯାଇଛି।

## ମରାମତି ବେଳେ ହାଇୱାକୁ ଧକ୍କା ଦେଲା ଟ୍ରକ୍ : ୨ ମୃତ



ହାଇୱାରୁ କ୍ୟାବିନ ଅଲଗା ହୋଇ ଓଲଟି ପଡିଥିଲା।



ପାରାଦୀପ ବନ୍ଦରଗେଟ୍ ଆଗରେ ହାଇୱା ଚାଳକମାନେ ବିକ୍ଷୋଭ କରୁଛନ୍ତି।



ରତ୍ନାକର ସ୍ୱାଇଁ



ଚନ୍ଦନ ଜେନା

**ପାରାଦୀପ,୪।୫(ଶରତ ରାଉତ):**

ଜଗତ୍‌ସିଂହପୁର ଜିଲା ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଶନିବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମରାମତି ଚାଲିଥିବା ଏକ ହାଇୱାକୁ ଟ୍ରକ ଧକ୍କା ଦେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ହାଇୱା ଚାଳକ ରତ୍ନାକର ସ୍ୱାଇଁ ଏବଂ ଏହି ଗାଡ଼ିର ଅନ୍ୟତମ ଚାଳକ ଚନ୍ଦନ ଜେନା। ଉଭୟ ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଷଣ୍ଢକୁଦ ବସ୍ତିରେ ରୁହନ୍ତି। ଏହି ଘଟଣା ପରେ କ୍ଷତିପୂରଣ ଦାବିରେ ପାରାଦୀପ ଗେଟ୍ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରାଯାଇଛି। ଅପରପକ୍ଷେ ସ୍ୱାମୀ ଚନ୍ଦନଙ୍କ ମୃତ୍ୟୁ ଖବର ଶୁଣି ଗର୍ଭବତୀ ସ୍ତ୍ରୀ ଚେତା ହରାଇଥିବାବେଳେ ତାଙ୍କ ନବଜାତ ସନ୍ତାନଙ୍କ ମୃତ୍ୟୁ ଘଟିଛି।

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ଲିବର୍ଟି ମେରାଇନ ବର୍ଥରେ ଶନିବାର ରାତିରେ ଆଇପିଟି (ଆନ୍ତଃ ବନ୍ଦର ପରିବହନ)କାର୍ଯ୍ୟରେ ନିୟୋଜିତ ଥିବା ଏକ ହାଇୱା ଖରାପ ହୋଇଯାଇଥିଲା। ଉକ୍ତ ଗାଡ଼ିର ଚାଳକ ରତ୍ନାକର ଏନେଇ ମାଲିକ ବିଶ୍ୱନାଥ ଆଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। ଏହାପରେ ସହାୟତା ପାଇଁ ଆଚାର୍ଯ୍ୟ ଆଉ ଜଣେ ଚାଳକ ଚନ୍ଦନଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ରାତି ପ୍ରାୟ ୧ଟା ୪୦ରେ ରତ୍ନାକର ଓ ଚନ୍ଦନ ହାଇୱା କ୍ୟାବିନ ଭିତରେ ମରାମତି କରୁଥିଲେ। ଏହି ସମୟରେ ଏକ ଟ୍ରକ୍ ଆସି ହାଇୱାକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଜୋର ହୋଇଥିଲା ଯେ, ହାଇୱାରୁ କ୍ୟାବିନ ଅଲଗା ହୋଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ରତ୍ନାକରଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷେ ଚନ୍ଦନ ଗୁରୁତର ହୋଇଥିଲେ। ତାଙ୍କୁ ସାଥୀ ଶ୍ରମିକମାନେ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲକୁ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। କାରଣ ସେତେବେଳେ ଏକ ଟ୍ରେନ ଆସି ଯାଇଥିଲା। ପ୍ରାୟ ଦୁଇ ଘଣ୍ଟା ପରେ ଚନ୍ଦନ ଓ ରତ୍ନାକରଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚନ୍ଦନ ଓ ରତ୍ନାକରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ରାତି ଅନ୍ଧାରରେ ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ଆଇପିଟି ହାଇୱା ଚାଳକମାନେ କ୍ଷତିପୂରଣ ଦାବିରେ ପାରାଦୀପ ବନ୍ଦର ୨, ୩ ଏବଂ ୧ନମ୍ବର ଗେଟ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦେଇଥିଲେ। ଅପରାହ୍ନ ପ୍ରାୟ ୪ଟାବେଳେ ପ୍ରଶାସନିକସ୍ତରରେ ଆଲୋଚନା କରାଯାଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୧୭ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ହେବା ପରେ ଧାରଣା ପ୍ରତ୍ୟାହୃତ ହୋଇଯାଇଛି।

ଅପରପକ୍ଷେ ଚନ୍ଦନଙ୍କ ଗର୍ଭବତୀ ସ୍ତ୍ରୀ ସନ୍ତାନ ପ୍ରସବ ପାଇଁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚନ୍ଦନଙ୍କ ମୃତ୍ୟୁର ୪ ଘଣ୍ଟାପରେ ତାଙ୍କର ଏକ ମୃତ ଶିଶୁକନ୍ୟା ଜନ୍ମ ହୋଇଥିଲା। ଅପରାହ୍ନରେ ସ୍ୱାମୀଙ୍କ ମୃତ୍ୟୁ ଖବରପାଇ ସେ ଅଚେତ ହୋଇଯାଇଥିଲେ। ମାତ୍ର ତାଙ୍କର ମୃତ୍ୟୁ ଘଟିଥିବା ନେଇ କିଛି ସମୟ ପାଇଁ ପ୍ରଚାର ହୋଇଥିଲା। ତେବେ ଖବର ଲେଖା ହେବା ସୁଦ୍ଧା ଚନ୍ଦନଙ୍କ ସ୍ତ୍ରୀ ଆଇସିୟୁରେ ଥିବା ଜଣାପଡ଼ିଛି।

## ଜାହାଜକୁ ଚୋରା ଚାଲାଣ ପୂର୍ବରୁ ଚଢ଼ାଉ

**ବିପୁଳ ପରିମାଣର ପାଇପ୍, ମୋଟର, କେବୁଲ ଜବତ**

**ପାରାଦୀପ,୪।୫(ଶରତ ରାଉତ):**

ପାରାଦୀପ ମେରାଇନ ଥାନା ପୋଲିସ ରବିବାର ସନ୍ଧ୍ୟାରେ ଚୋରା ଚାଲାଣ ହେଉଥିବା ପାଇପ, କେବୁଲ, ମୋଟର ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଏସବୁ ସାମଗ୍ରୀର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଉକ୍ତ ସାମଗ୍ରୀ ନେହେରୁ ବଙ୍ଗଳା ମାଛଧରା ବନ୍ଦର ପରିସରରୁ ସମୁଦ୍ର ମଧ୍ୟରେ ଥିବା ଏକ ଜାହାଜକୁ ଚାଲାଣ ହୋଇଥାନ୍ତା। ଜାହାଜ ଭିତରକୁ ଯିବାକୁ ହେଲେ କଷ୍ଟମ୍ସ କ୍ଲିୟରାନ୍ସ ଦରକାର ହୁଏ। ମାତ୍ର ଏହା ହୋଇ ନ ଥିଲା ବୋଲି ଥାନାଧିକାରିଣୀ ବବିତା ଦଳେଇ ସୂଚନା ଦେଇଛନ୍ତି। ଉପରୋକ୍ତ ପିକଅପ ଗାଡ଼ି (ଓଡି-୨୯ଏଚ୍-୩୨୪୩)ରେ ଏସବୁ ସାମଗ୍ରୀ ମାଛଧରା ବନ୍ଦର ବର୍ଥ ପାଖରେ ରହିଥିଲା। ଏନେଇ ଗାଡିର ଚାଳକଙ୍କୁ ଅଟକ ରଖାଯାଇ ଅଧିକ ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି।



ଜବତ କରାଯାଇଥିବା ଚୋରା ସାମଗ୍ରୀ।

## ଷଣ୍ଢକୁଦ ବସ୍ତିରୁ ୬ ସନ୍ଦିଗ୍ଧ ନାଗରିକ ଖସିଗଲେ

**ଛାନଭିନ୍ କରୁଛି ପୋଲିସ**

**ପାରାଦୀପ, ୪।୫(ଶରତ ରାଉତ):**

ଜଗତ୍‌ସିଂହପୁର ଜିଲା ପାରାଦୀପ ଜଟାଧାର ମୁହାଁଣ ସାମୁଦ୍ରିକ ଥାନା ଅନ୍ତର୍ଗତ ଷଣ୍ଢକୁଦ ବସ୍ତି ଉପାନ୍ତରେ ରବିବାର ସନ୍ଧ୍ୟାରେ ୬ ଜଣ ସନ୍ଦିଗ୍ଧ ନାଗରିକ ବୁଲୁଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ଲୋକଙ୍କ ଚାଲିଚଳଣ ଦେଖି ଷଣ୍ଢକୁଦ ବସ୍ତିର କେତେଜଣ ଲୋକ ସେମାନଙ୍କ ପରିଚୟ ପଚାରିଥିଲେ। ମାତ୍ର ସନ୍ଦିଗ୍ଧ ବ୍ୟକ୍ତିମାନେ ଭିନ୍ନ ଭିନ୍ନ ନାମ କହିଥିଲେ। ଏଥିରେ ସନ୍ଦେହ ହେବାରୁ ବସ୍ତି ଲୋକେ ସେମାନଙ୍କ ପରିଚୟପତ୍ର ମାଗିଥିଲେ। ତଲାସିବେଳେ ଜଣେ ବ୍ୟକ୍ତିଙ୍କଠାରୁ ନେପାଳ ଅଏଲ କର୍ପୋରେଶନ ଲିମିଟେଡ୍ ନାମକ ସଂସ୍ଥାର ଆଇଡି କାର୍ଡ ମିଳିଛି। ସେଥିରେ ତାଙ୍କ ନାମ ୱାସିମ ଆଲାମ ଓ ଘର ଜମ୍ମୁ କଶ୍ମୀର ରାଜୌରର ବୋଲି ଦର୍ଶାଯାଇଛି। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ବିହାର ଅଞ୍ଚଳର ବୋଲି





ତଲାସିବେଳେ ମିଳିଥିବା ପରିଚୟପତ୍ର।

ନିଜ ପରିଚୟ ଦେଇଛନ୍ତି। ସେମାନଙ୍କ କଥାବାର୍ତ୍ତାରେ ତାଳମେଳ ନ ରହିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏହାପରେ ଜଣେ ହାବିଲଦାର ପହଞ୍ଚି ସନ୍ଦିଗ୍ଧମାନଙ୍କ ପରିଚୟ ପଚାରିବାବେଳେ ଜଣ ଜଣ କରି ସନ୍ଦିଗ୍ଧମାନେ ସମୁଦ୍ରକୂଳ ଆଡ଼କୁ ପଳାଇଯାଇଥିଲେ। ଏହାପରେ ଏଏସ୍‌ପି ସ୍ମୃତିରଞ୍ଜନ କର, ମେରାଇନ୍ ଥାନାଧିକାରିଣୀ କଲ୍ୟାଣୀ ଷଣ୍ଢ ସମେତ ଅନ୍ୟ ଅଧିକାରୀ ପହଞ୍ଚିଲେ ମଧ୍ୟ ସେମାନଙ୍କର ପତ୍ତା ମିଳି ନ ଥିଲା। ରିପୋର୍ଟ ଲେଖାହେବା ସୁଦ୍ଧା ପାରାଦୀପ ଅଞ୍ଚଳରେ ଥିବା ୫ ଥାନା ପୋଲିସ ବିଭିନ୍ନ ସ୍ଥାନରେ ସେମାନଙ୍କ ସମ୍ପର୍କରେ ଯାଞ୍ଚ କରୁଛି । ଘଟଣା ସମ୍ପର୍କରେ ଏଏସ୍‌ପି କରଙ୍କୁ ପଚାରିଲେ କୁହନ୍ତି, ଖବରପାଇ ସେମାନେ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କାହାରିକୁ ପାଇ ନ ଥିଲେ। ପଳାଇଯାଇଥିବା ବ୍ୟକ୍ତି ସନ୍ଦିଗ୍ଧ କି ସାଧାରଣ ନାଗରିକ ଯାଞ୍ଚ କଲାପରେ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବାଦଲ



@ ଜୟନ୍ତ



@ ସୁଶିଳ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆକର୍ଷଣ ହରାଇଛି ମୁକ୍ତାକାଶ ବ୍ୟାୟାମଶାଳା

- ପରିତ୍ୟକ୍ତ ଅବସ୍ଥାରେ ପଡିଛି
- ଭାଙ୍ଗିରୁଜି ଗଲାଣି ସରଞ୍ଜାମ

**ପଟ୍ଟାମୁଣ୍ଡାଇ,୪।୫(କଳ୍ପତରୁ ନାୟକ):**

କେନ୍ଦ୍ରାପଡ଼ା ଜିଲାର ଦ୍ୱିତୀୟ ବୃହତମ ସହର ପଟ୍ଟାମୁଣ୍ଡାଇ ପୌରପରିଷଦକୁ ୩୭ବର୍ଷ ପୁରିଛି। ଏହି ପରିପ୍ରେକ୍ଷୀରେ ପୌରାଞ୍ଚଳକୁ ସୌନ୍ଦର୍ଯ୍ୟକରଣ ପାଇଁ ଅନେକ କୋଟି ଟଙ୍କା ବ୍ୟୟ କରାଯାଇ ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ କରାଯାଉଛି। ହେଲେ ସରକାର ତଥା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବାରୁ ସହରର ଥିବା ସୌନ୍ଦର୍ଯ୍ୟକରଣ ମାଟିରେ ଲୋଟିବାକୁ ଲାଗିଛି । ଏହାର ଉଦାହରଣ ଭାବେ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା (ମୁକ୍ତା)ରେ ହୋଇଥିବା ମୁକ୍ତାକାଶ ବ୍ୟାୟାମଶାଳାକୁ ଏଠାରେ ଉଦାହରଣ ଭାବେ ନିଆଯାଇଛି। ଏହି ପ୍ରକଳ୍ପ କେଉଁଠି କାମରେ ଲାଗୁଛି ତ ଆଉ କେଉଁଠି ଭାଙ୍ଗିରୁଜି ଗଲାଣି । କେତେକ ସ୍ଥାନରେ ସେହି ବ୍ୟାୟାମଶାଳା ବ୍ୟବହାର ହେଉ ନ ଥିବା ଦେଖିବାକୁ ମିଳିଛି।

ଯୁବନେତା ସତ୍ୟପ୍ରିୟ ସାମଲ କୁହନ୍ତି ପୌରାଞ୍ଚଳରେ ପାଖାପାଖି ୧୦ରୁ୧୫ ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ କରାଯାଇଛି। ମୁକ୍ତା ଯୋଜନାରେ ଏସବୁ ନିର୍ମାଣ ହୋଇଛି। ପ୍ରତି ବ୍ୟାୟାମଶାଳାରେ ୧୦ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇଛି। ତେଣୁ ଏହିସବୁ ବ୍ୟାୟାମଶାଳା ପାଇଁ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ପରିତାପର କଥା ବିଭିନ୍ନ କାରଣରୁ ଏସବୁ ବ୍ୟାୟାମଶାଳା ପ୍ରକୃତ ଲକ୍ଷ୍ୟ ପୂରଣ



ମୁକ୍ତାକାଶ ବ୍ୟାୟାମଶାଳା।

କରିପାରୁନାହିଁ। ଅନେକ ବ୍ୟାୟାମଶାଳା କାମ ନିମ୍ନମାନ ହୋଇଥିବାରୁ ଭାଙ୍ଗିରୁଜି ପରିତ୍ୟକ୍ତ ଅବସ୍ଥାରେ ପଡ଼ିପଡ଼ି ଯନ୍ତ୍ରପାତି ସବୁ ଖତ ଖାଇବାକୁ ବସିଲାଣି। କେଉଁଠି ଉପଯୁକ୍ତ ସ୍ଥାନ ହୋଇ ନ ଥିବା କାରଣରୁ ଲୋକେ ବ୍ୟବହାର କରୁନାହାନ୍ତି। ଏହି ବ୍ୟାୟାମଶାଳା ଲୋକଙ୍କ କାମରେ ଲାଗୁ ନ ଥିବାରୁ ସେହି ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି।

ସାମାଜିକ କର୍ମୀ ରମେଶ ଦାସ କୁହନ୍ତି ଅଳଭା ସାଇଫନ ପାଖରେ ଥିବା ପାର୍କରେ ଏଭଳି ଏକ ବ୍ୟାୟାମଶାଳା ନିର୍ମାଣ କରାଯାଇଛି। ଏହି ବ୍ୟାୟାମଶାଳା ଠିକ ଜାଗାରେ ହୋଇ ନ ଥିବାରୁ ବ୍ୟାୟାମଶାଳା ଅବ୍ୟବହୃତ ହୋଇରହିଛି। ସେହିପରି ଏମଏନ ହାଇସ୍କୁଲ ପଡିଆରେ ୨୦୨୨-୨୩ ଆର୍ଥିକ ବର୍ଷ ଜୁଲାଇରେ ଶ୍ରୀରାମଚନ୍ଦ୍ର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ଏହି ବ୍ୟାୟାମଶାଳା ନିର୍ମାଣ ହୋଇଛି ବୋଲି ସେଠାରେ ଲାଗିଥିବା ଫଳକରୁ ସୂଚନା ମିଳିଛି । କିନ୍ତୁ ସେହି ବ୍ୟାୟାମଶାଳା ଉପକରଣ ଅଧିକାଂଶ ଭାଙ୍ଗିରୁଜି ଯାଇଥିବା ବେଳେ ସେଠାରେ ଛୋଟମୋଟ ଗାଡ଼ି ପାର୍କିଂ କରାଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବସ୍ତି ପଡିଆ ପାର୍ଶ୍ୱ ଡ୍ରେନ୍‌କୁ ଲାଗି ବ୍ୟାୟାମଶାଳା ରହିଥିବାରୁ ଦୁର୍ଗନ୍ଧମୟ ପରିବେଶ ପାଇଁ ସେଠାକୁ ମଧ୍ୟ ଯିବାକୁ ଲୋକେ ନାକ ଟେକୁଛନ୍ତି । ଏହିପରିଭାବେ ଅନେକସ୍ଥାନରେ ହୋଇଛି । ଯେଉଁଗୁଡ଼ିକ ଲୋକଙ୍କ କାମରେ ଆସୁଛି, ସେସବୁ ମଧ୍ୟରୁ କିଛି ସ୍ଥାନରେ ନିମ୍ନମାନର କାମ ହୋଇଥିବାରୁ ବିଛାଯାଇଥିବା ଟାଇଲ ଉଠିଗଲାଣି ଓ ବହୁ କ୍ରୀଡ଼ା ସରାମ ଖରାପ ହୋଇଯାଇଥିବା ଅଭିଯୋଗ ହୋଇଛି। ଅନେକ ବ୍ୟାୟାମଶାଳା ବୁଲାଗୋରୁଙ୍କ ବିଶ୍ରାମସ୍ଥଳ ପାଲଟିଥିବା ଅଭିଯୋଗ ହୋଇଛି।

ଏନେଇ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ କହିବା କଥା ମୁକ୍ତାକାଶ ବ୍ୟାୟାମଶାଳା ନିର୍ମାଣ ପୂର୍ବରୁ ଲୋକଙ୍କ ମତାମତ ନିଆଯାଇ ନ ଥିଲା। ମନଇଚ୍ଛା କରାଯାଇଥିଲା । ଫଳରେ ଲକ୍ଷାଧିକ ଟଙ୍କା ନଷ୍ଟ ହେଉଛି। ଲୋକଙ୍କୁ ବିନା ମୂଲ୍ୟରେ ସୁସ୍ଥ ରହିବାକୁ ବ୍ୟାୟାମ କରିବା ସୁବିଧା ଯୋଗାଇ ଦେବାକୁ ରଖାଯାଇଥିବା ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ଅନ୍ୟପକ୍ଷରେ ମୁକ୍ତା ଯୋଜନା ବନ୍ଦ ହେବା ପରେ ୩୦।୯।୨୦୨୪ରୁ ଏହାର ରକ୍ଷଣାବେକ୍ଷଣ ହେଉନାହିଁ ବୋଲି ପୌର କର୍ମଚାରୀ ଜଣଙ୍କ କହିଛନ୍ତି । ଫଳରେ ଏହା ଅଧିକ ନଷ୍ଟ ହେବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ଏନେଇ ପୌରାଧ୍ୟକ୍ଷ ହେମନ୍ତ ସାହୁଙ୍କୁ ପଚାରିବାରେ ଏହା ଉପରେ ପୌରପରିଷଦ ଏକ ସ୍କିମ ପ୍ରସ୍ତୁତ କରିଛି । ଏଥିରେ ସମସ୍ତ ମୁକ୍ତା ଯୋଜନାରେ ହୋଇଥିବା ବ୍ୟାୟାମଶାଳାର ରକ୍ଷଣାବେକ୍ଷଣ କରାଯିବ ବୋଲି ସେ କହିଛନ୍ତି ।

# ଜମି ପାଇଁ ଗୋଷ୍ଠୀ ସଂଘର୍ଷ

- ଆଦିବାସୀଙ୍କ ଜମି ହଡ଼ପର ବିସ୍ଫୋରକ ରୂପ
- ଆଦିବାସୀଙ୍କ ଆକ୍ରମଣରେ ୨ ଗୁରୁତର
- କୁସୁପଲ୍ଲାରେ ଉତ୍ତେଜନା, ପୋଲିସ ଗାଡି ଭଙ୍ଗାରୁଜା
- ୩୨ ମହିଳାପୁରୁଷ ଜେଲ ଗଲେ
- ପୋଲିସ ରଖିଲାନି ଆଦିବାସୀଙ୍କ ଅଭିଯୋଗ



ଉତ୍ୟକ୍ତ ଲୋକେ ଭାଙ୍ଗି ଦେଇଥିବା ସ୍କର୍ପିଓ


ଥାନାକୁ କୁସୁପଲ୍ଲା ଗାଁର ଆଦିବାସୀମାନେ ଅଭିଯୋଗ କରିବାକୁ ଆସିଛନ୍ତି।

ନୟାଗଡ଼/ରଣପୁର,୪।୫(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ତହସିଲ ଚାନ୍ଦପୁର ଥାନା ପଟିଆ ପଞ୍ଚାୟତର କୁସୁପଲ୍ଲା ଆଦିବାସୀଙ୍କ ଜମି ହଡପ ଘଟଣାର ବିସ୍ଫୋରକ ରୂପ ଶନିବାର ଦେଖିବାକୁ ମିଳିଛି। ଏଠାରେ ଜମି କିଣିଥିବା ଲୋକ ଓ ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟି ୨ଜଣ ଆହତ ହୋଇଛନ୍ତି। ଆହତ ଦ୍ୱୟ ଚାନ୍ଦପୁର ଥାନା ଉପେନ୍ଦ୍ରପୁର ଗାଁର ସିନ୍ଧୁ ସାଗର ଜେନା ଓ ନୂଆପଡା ଗାଁର ଚିତ୍ତ ରଞ୍ଜନ ମହାନ୍ତିଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଚାନ୍ଦପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ଏହି ଘଟଣାକୁ ନେଇ କୁସୁପଲ୍ଲାରେ ଉତ୍ତେଜନା ବଢୁଥିବାବେଳେ ପୋଲିସ ୧୮ ମହିଳା ୧୪ ପୁରୁଷ ଏପରି ୩୨ ଜଣଙ୍କୁ ଗିରଫ କରିବା ପରେ ଗାଁ ମହିଳାପୁରୁଷ ଶୂନ୍ୟ ହୋଇପଡ଼ିଛି। ଅନ୍ୟପକ୍ଷେ ପୋଲିସ ଆଦିବାସୀଙ୍କ ଅଭିଯୋଗକୁ ଅଣଦେଖା କରି ଅଭିଯୋଗ କରିବାକୁ ଆସିଥିବା ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷେ ଶନିବାର ମଧ୍ୟ ରାତ୍ରରେ ଚାନ୍ଦପୁର ଥାନା ପୋଲିସ ଓ ଫୋର୍ସ ଗିରଫ କରିବାକୁ ଯାଇଥିବାବେଳେ ଆଦିବାସୀମାନେ ଉତ୍ତେଜିତ ହୋଇ ପୋଲିସ ଗାଡି ଭଙ୍ଗାରୁଜା କରିଥିବା ଜଣାପଡିଛି ।

ପ୍ରାପ୍ତ ସୂଚନା ଅନୁସାରେ, କୁସୁପଲ୍ଲା ଗାଁରେ ଭୁବନେଶ୍ୱର ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ କିଛି ଜମି ରହିଛି। ସମ୍ପୃକ୍ତ ବ୍ୟକ୍ତି ନିଜ ଜମି ପାଖକୁ ଲଗାଇ ଆଦିବାସୀଙ୍କ ଜମିକୁ ପ୍ରଲୋଭିତ କରି ହଡପ କରିବାକୁ ଯୋଜନା କରୁଥିଲେ। ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଆଦିବାସୀଙ୍କ ଜମି ହଡପ ଘଟଣାରେ ଉପେନ୍ଦପୁର ଗାଁର ସିନ୍ଧୁ ସାଗର ଜେନା ଓ ନୂଆପଡା ଗାଁର ଚିତ୍ତ ରଞ୍ଜନ ମହାନ୍ତି ସବୁ ପ୍ରକାରର ସହଯୋଗ କରୁଥିଲେ। ଶନିବାର ଅପରାହ୍ନରେ ସିନ୍ଧୁ ଓ ଚିତ୍ତ ଭୁବନେଶ୍ୱରରୁ କିଛି ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତିଙ୍କୁ ଧରି ନଂ. ଓଡି୦୨ଡିବି ୯୬୮୭ ନମ୍ବର ସ୍କର୍ପିଓରେ କୁସୁପଲ୍ଲା ଗାଁରେ ପହଞ୍ଚି ଥିଲେ। ଗାଁରେ ପହଞ୍ଚିବା ପରେ ଆଦିବାସୀ ଲୋକଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ଧମକଚମକ ଦେଇଥିଲେ। ଏହି ଘଟଣା ପରେ ଆଦିବାସୀମାନେ ଉତ୍ତେଜିତ ହୋଇଥିଲେ। ଉଭୟଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଗୋଷ୍ଠୀ ସଂଘର୍ଷରେ ସିନ୍ଧୁ ଓ ଚିତ୍ତ ଆହତ ହୋଇଥିଲେ। ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ କନ୍ଧ ନୂଆଗଡ଼ ଗାଁର ସୁକାନ୍ତ ପ୍ରଧାନ ଚାନ୍ଦପୁର ଥାନାରେ ଆଦିବାସୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ନଂ. ୫୬/୨୫ରେ ୪୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା ରୁଜୁ କରି ମଧ୍ୟ ରାତ୍ରରେ କୁସୁପଲ୍ଲା ଗାଁ ଉପରେ ଫୋର୍ସ ସହାୟତାରେ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଆଦିବାସୀ ଲୋକ ପୋଲିସକୁ ଘଟଣା ସମ୍ପର୍କରେ କହିବା ପରେ ପୋଲିସ କିଛି ଶୁଣି ନ ଥିଲା। ଏଭଳିସ୍ଥଳେ ବେଆଇନ ଗିରଫଦାରୀକୁ ନେଇ ପୋଲିସ ଓ ଆଦିବାସୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଆଦିବାସୀମାନେ ଉତ୍ତେଜିତ ହୋଇ ପୋଲିସର ସ୍କର୍ପିଓ ଓ ବୋଲେରୋକୁ ଭଙ୍ଗାରୁଜା କରିଥିବା ଜଣାପଡିଛି। ବିଳମ୍ବିତ ରାତିରେ ପୋଲିସ ପ୍ରାୟ ୫ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଉତ୍ତେଜନା ବଢ଼ି ଚାଲିଥିଲା। ଏ ନେଇ କୁସୁପଲ୍ଲା ଗାଁର ଏକାଧିକ ମହିଳାପୁରୁଷ ନିଜ ନାଁ ଗୋପନ ରଖି କହିଛନ୍ତି ଆଦିବାସୀଙ୍କ ସମସ୍ୟା ପୋଲିସ ଶୁଣିଲା ନାହିଁ। ଶନିବାର ଅପରାହ୍ନରେ କାହିଁକି ଗଣ୍ଡଗୋଳ ହେଲା ପୋଲିସ ଗୁରୁତ୍ୱ ନ ଦେଇ ରାତିରେ ଆମର ଲୋକଙ୍କୁ ଗିରଫ କରିଥିଲା। ଆମେ ଏହାର ପ୍ରତିବାଦ କରି ରବିବାର ସକାଳୁ ଥାନାରେ ଅଭିଯୋଗ କରିବା ପାଇଁ ପହଞ୍ଚି ଥିଲୁ। ଆମ ଅଭିଯୋଗକୁ ପୋଲିସ ରଖିଲା ନାହିଁ। ବରଂ ଆମର କିଛି ଲୋକଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରି ଜେଲ ପଠାଇଛି। ପୋଲିସର ଏଭଳି କାର୍ଯ୍ୟ ଦେଖି ଅବଶିଷ୍ଟ ଲୋକ ଗାଁରୁ ଫେରାର ହୋଇ ଯାଇଛୁ। ପୋଲିସ ବିରୋଧରେ ମୁହଁ ଖୋଲିଲେ ଗିରଫଦାରୀର ଭୟ ରହିଛି। ପୁଣି ଜମି କିଣିଥିବା ଲୋକ ଆମକୁ ମାରପିଟ୍ କରିବା ପାଇଁ ଗାଁରେ ଖୋଜୁ ବୁଲୁଛନ୍ତି। ଗାଁ ସମ୍ପତ୍ତି ଆମର ନଷ୍ଟ ହେବାର ଭୟ ଘାରିଲାଣି। ଗୋଷ୍ଠୀ ସଂଘର୍ଷ ପରେ ଆମେ କେଉଁ ଆଡେ ଯିବୁ, କେଉଁଠି ରହିବୁ ଚିନ୍ତାରେ ପଡିଲୁଣି। ଆମକୁ କିପରି ନ୍ୟାୟ ମିଳିବ ସେନେଇ ଚିନ୍ତା ବଢ଼ିଲାଣି। ଏ ସମ୍ପର୍କରେ ଆଇଆଇସି ଦିଲ୍ଲୀପ ସ୍ୱାଇଁଙ୍କୁ ପଚାରିବାରେ ଜମିବାଡି ବିବାଦକୁ ନେଇ ସୃଷ୍ଟ ଘଟଣାରେ ୩୨ ଜଣ ଗିରଫ ହୋଇ ଜେଲ ଯାଇଛନ୍ତି। ଅଭିଯୋଗ ଅନୁସାରେ, ପୋଲିସ କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବାଦଲ


@ ଜୟନ୍ତ


@ ସୁଶିଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ବୈଠକ

ଖଣ୍ଡପଡ଼ା,୪।୫
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ପ୍ରାଥମିକ ସଂଘର ଏକ ଜରୁରୀକାଳୀନ ବୈଠକ ରବିବାର ମର୍ଦ୍ଧରାଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଖଣ୍ଡପଡ଼ା ବିଇଓ କୈଳାସ ଚନ୍ଦ୍ର କର ଶିକ୍ଷକମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ କରିଛନ୍ତି ଏକାଧିକ ଶିକ୍ଷକ। ଅପରପକ୍ଷରେ ବିଇଓଙ୍କ କାର୍ଯ୍ୟାଳୟରେ କାମ କରୁଥିବା ଆଉଟସୋର୍ସିଂ କର୍ମଚାରୀମାନେ ମଧ୍ୟ ଶିକ୍ଷକମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ହାତଗୁଞ୍ଜା ନ ଦେଲେ ଦରମା ଫାଇଲ ଘୁଞ୍ଚି ନ ଥିବା ନେଇ ଶିକ୍ଷକ ସଙ୍ଗଠନ ଅଭିଯୋଗ ଉଠାଇଛନ୍ତି। ରବିବାର ଅନୁଷ୍ଠିତ ବୈଠକରେ ଓଡିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ ଯୋଗଦେଇ ଶିକ୍ଷକ ମାନଙ୍କ ସମସ୍ୟା ଗୁଡିକର ସମାଧାନ କିପରି ହୋଇପାରିବ ଆଲୋଚନା କରିଥିଲେ। ଏ ନେଇ ଆଗାମୀ ଦିନରେ ସମଗ୍ର ବ୍ଲକ ସଂଗଠନ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ନେଇ ସୂଚନା ମିଳିଛି। ବୈଠକରେ ଶିକ୍ଷକ ବାଲୁରୀ ବାରିକ, ଭୋଳାନାଥ ନାୟକ,ଶେଷଦେବ ପଣ୍ଡା, ଉଦୟନାଥ ଦାସ, ଉମାକା' ସାହୁ, ବିପିନ ରାଉତ, ଶରତ ରାଉତ ଓ ସଂଜୟ କୁମାର ବେହେରାଙ୍କ ସହିତ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ତେବେ ଏ ସଂପର୍କରେ ବିଇଓ ଶ୍ରୀ କରଙ୍କ ସହ ଯୋଗାଯୋଗ କରିବାରେ ଅଭିଯୋଗର କୌଣସି ସତ୍ୟତା ନଥିବା ବେଳେ ଏହା ଏକ ଉଦ୍ଦେଶ୍ୟ ପ୍ରଣୋଦିତ ଅଭିଯୋଗ ବୋଲି ଶ୍ରୀ କର କହିଥିଲେ ।


ବୈଠକରେ ଉପସ୍ଥିତ ଶିକ୍ଷକମାନେ।

# ଅସରାଏ ବର୍ଷାରେ ଶରଧାପୁର-ରୟତଢୋଲମରା ରାସ୍ତା କାଦୁଅ


ରାସ୍ତା ଖାଲଖମା ଯୋଗୁ ବର୍ଷାପାଣି ଜମି ରହିଛି।

ଖଣ୍ଡପଡ଼ା,୪।୫
(ଅଜୟ କୁମାର ମହାରଣା)

ଅସରାଏ ବର୍ଷାରେ ରାସ୍ତା ଅବସ୍ଥାକୁ ଦେଖି କୋସକା ଓ ରୟତଢୋଲମରା ପଞ୍ଚାୟତବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଣ୍ଡପଡା ବ୍ଲକ ଅଧୀନ କୋସକା ପଞ୍ଚାୟତର ଶରଧାପୁର ଗ୍ରାମ ପାର୍ଶ୍ୱ ଦେଇ ରୟତଢୋଲମରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ବେଳକୁ ବେଳ ଶୋଚନୀୟ ହୋଇ ପଡୁଛି। ଅଞ୍ଚଳବାସୀ ଉକ୍ତ ରାସ୍ତା ଦେଇ ଯାତାୟତ ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସାରା ଶହ ଶହ ଖାଲ ଖମାରେ ଭର୍ତ୍ତି ହୋଇଛି। ଝିପଝିପ ବର୍ଷା ଲାଗି ରହିଲେ ରାସ୍ତା ସାରା କାଦୁଅ ପଙ୍କରେ ପୋତି ହୋଇପଡୁଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଆନୁଷଙ୍ଗିକ ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବାରୁ ରାସ୍ତାର ଅବସ୍ଥା ଏପରି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ଉପରେ କୋସକା, କିଆଝର, କୁମ୍ଭାରପଡା ଓ ରୟତଢୋଲମରା ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ଏହା ଖଣ୍ଡପଡ଼ା ବ୍ଲକରୁ ନିକଟସ୍ଥ ଗଣିଆ ବ୍ଲକ ଅଞ୍ଚଳକୁ ମୁଖ୍ୟ ସଂଯୋଗକାରୀ ରାସ୍ତାଭାବେ ଜଣାଶୁଣା। ଦୈନିକ ଉକ୍ତ ରାସ୍ତା ଦେଇ ଯାନବାହନଗୁଡିକ ଚଳାଚଳ ମଧ୍ୟ କରୁଛି। ଉକ୍ତ ରାସ୍ତାର ଦୁରାବସ୍ଥା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସଂସ୍କୃତ ପ୍ରାଧ୍ୟାପକ ସମ୍ବର୍ଦ୍ଧିତ

ଖଣ୍ଡପଡ଼ା,୪।୫(ଅଜୟ କୁମାର ମହାରଣା)

ବୈଦିକ ସଂସ୍କୃତି ଭାଷାର ପ୍ରଚାର ପ୍ରସାର ନିମନ୍ତେ ଅହରହ ସଂଗ୍ରାମ ଜାରି ରଖିଥିବା ବରିଷ୍ଠ ପ୍ରାଧ୍ୟାପକ ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ପୁରୀଠାରେ ଆୟୋଜିତ ୨୧ତମ ବିଶ୍ୱ ଏକାତ୍ମ୍ୟ ସମ୍ମିଳନୀ ଅବସରରେ ସମ୍ମାନିତ କରାଯାଉଛି। ଆଚାର୍ଯ୍ୟଙ୍କୁ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଏକାତ୍ମ୍ୟ ସମ୍ମାନ- ୨୦୨୫ରେ ସମ୍ମାନୀତ କରାଯିବା ଅବସରରେ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ସତ୍ୟ ନାରାୟଣ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟରେ ଏବେ କାର୍ଯ୍ୟରତ ଥିବା ବେଳେ ତାଙ୍କ ଘର ଖଣ୍ଡପଡ଼ା ଅଞ୍ଚଳରେ ଅଟେ।

# ମା' ଶୁଳିଆ ଠାକୁରାଣୀଙ୍କ ନୂତନ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୪।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତ ଗୋପୀନାଥପୁର ଗ୍ରାମ ନିକଟ ତଥା ବାଣପୁର-ଖଣ୍ଡପଡା ପୂର୍ତ୍ତ ବିଭାଗ ରାସ୍ତା ନିକଟ ଶୁଳିଆ ଛକ ସ୍ଥିତ ମା' ଶୁଳିଆ ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଶନିବାର ଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ୩ ଦିନ ବ୍ୟାପୀ ୪୨ ମୌଜାର ଜନସାଧାରଣଙ୍କ ସମେତ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାଯାଇଛି। ଶନିବାର ମଣ୍ଡଳ କରଣ, ଅଙ୍କୁରା ରୋପଣ କର୍ମ ସମ୍ପାଦନ ହୋଇଥିଲା। ରବିବାର ପୂର୍ବାହ୍ନ ୭ଟାରେ ଶତାଧିକ ମହିଳାପୁରୁଷ ନିକଟସ୍ଥ ବାଣପୁର ମହାନଦୀ ଘାଟରୁ ୧୦୮ କଳସରେ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ନୂତନ ମନ୍ଦିର ଯଜ୍ଞ ସ୍ଥଳରେ ସ୍ଥାପନ କରିଥିଲେ। ପରେ ଯଜ୍ଞ କାର୍ଯ୍ୟ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା। ଯଜ୍ଞକର୍ମରେ ପୁରୋଧା ଭାବେ ଶ୍ରୀକାନ୍ତ ମିଶ୍ର, ବୀର କିଶୋର ମିଶ୍ର, ନିରଞ୍ଜନ ମିଶ୍ର, ରଜତ କୁମାର ମିଶ୍ର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତା ଭାବେ ଗୋବର୍ଦ୍ଧନ ବେହେରା ଓ ତାଙ୍କ ସ୍ତ୍ରୀ ବିଳାସିନୀ କାର୍ଯ୍ୟ ସମ୍ପାଦନ କରିଥିଲେ। ସୋମବାର ସୂର୍ଯ୍ୟପୂଜା, ପୀଠପୂଜା, ଗୀତାଯଜ୍ଞ ଓ ନାମଯଜ୍ଞ ଅନୁଷ୍ଠିତ ହେବ। ପରେ ମଧ୍ୟାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପାଦନ ହେବ ବୋଲି ଗୋପୀନାଥପୁର ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଏହି ଅବସରରେ ଗ୍ରାମ କମିଟିର ସଦସ୍ୟ ରାଜ କିଶୋର ସାମଲ, ସୁଦର୍ଶନ ରାଉତ, ସନାତନ ବେହେରା, ତ୍ରିନାଥ ରାଉତ, ଗୋବର୍ଦ୍ଧନ ବେହେରା, ମହେନ୍ଦ୍ର କୁମାର ଜେନା, ଅରୁଣ ବରାଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଠାକୁରାଣୀଙ୍କ ଏହି ଉତ୍ସବ ଦେଖିବାକୁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିବା ପରିଲକ୍ଷିତ ହେଉଛି।


କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା ପୁରୁଷ।

ନୂଆଗାଁ ପ୍ରିମିୟର ଲିଗ ମ୍ୟାଚ୍

# ପିସିସି ଲିଜେଣ୍ଡସ ଚାମ୍ପିୟନ

ନୂଆଗାଁ, ୪।୫ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ପ୍ରିମିୟର ଲିଗ୍ (ଏନ୍‌ପିଏଲ୍) କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ପିସିସି ଲିଜେଣ୍ଡସ ଚାମ୍ପିୟନ ଟ୍ରଫି ହାସଲ କରିଛି। ନୂଆଗାଁ ବ୍ଲକ ଫ୍ରେଣ୍ଡସ୍ ଇଲେଭେନ କ୍ରିକେଟ କ୍ଲବ (ଏଫ୍‌ଇସିସି) ଆନୁକୂଲ୍ୟରେ ନୂଆଗାଁ କଲେଜ ସମ୍ମୁଖ ପଡ଼ିଆରେ ଏପ୍ରିଲ ୧୮ ଠାରୁ ନୂଆଗାଁ ପ୍ରିମିୟର ଲିଗ୍ (ଏନ୍‌ପିଏଲ୍) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇ ରବିବାର ଫାଇନାଲ ଖେଳ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ପ୍ରଧାନ ସାନିଟାରୀ ଟିମ , ପିସିସି ଲିଜେଣ୍ଡସ, ପ୍ରତିଷ୍ଠା ୱାରିୟର୍ସ ଓ ପଞ୍ଚସଖା କୃଷକ କ୍ଲବ ଦଳ ଭାଗ ନେଇଥିଲେ। ପ୍ରତି ଟୁର୍ନାମେଣ୍ଟରେ ୧୫ ଓଭର ଖେଳା ଯାଇଥିଲା। ଫାଇନାଲ ମ୍ୟାଚ୍ ପଞ୍ଚସଖା କୃଷକ କ୍ଲବ ଓ ପିସିସି ଲିଜେଣ୍ଡସ ମଧ୍ୟରେ ହୋଇଥିଲା। ପଞ୍ଚସଖା କୃଷକ କ୍ଲବ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୪ ଓଭରରେ ୧୦ ଉଇକେଟ ବିନିମୟରେ ୯୧ ରନ ସଂଗ୍ରହ କରିଥିଲା। ଜବାବରେ ପିସିସି ଲିଜେଣ୍ଡସ ଦଳ ୧୪ ଓଭର ୩ ବଲରେ ୮ ଉଇକେଟ ହରାଇ ୯୩ ରନ ସଂଗ୍ରହ କରିବା ସହ ୨ ଉଇକେଟରେ ବିଜୟ ଲାଭ କରି ଚାମ୍ପିୟନ ଟ୍ରଫି ହାତେଇଛି। ପଞ୍ଚସଖା କୃଷକ କ୍ଲବ ରନର୍ସ ଅପ୍ ଟ୍ରଫି ହାସଲ କରିଛି। ପିସିସି ଲିଜେଣ୍ଡସ ଦଳର ଏହି କୃତ କାର୍ଯ୍ୟ ପାଇ ଦଳର ମାଲିକ ପ୍ରବୀର କୁମାର ପ୍ରଧାନ ଖେଳାଳିମାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଟିମ୍ କ୍ୟାପଟେନ ବନଜିତ ସାହୁଙ୍କ ଖେଳର ତରିକାକୁ ପ୍ରଶଂସା କରିଥିଲେ। ଏହି ଟୁର୍ନାମେଣ୍ଟରେ ଗୋବିନ୍ଦ ବାଘ ମ୍ୟାନ ଅଫ୍ ଦି ସିରିଜ, ବେଷ୍ଟ ବୋଲାର ବିଜୟ ସେଠୀ, ବେଷ୍ଟ ଫିଲଡର ବାଦଲ ବିଶ୍ୱାଳ ଓ ରାଜେନ୍ଦ୍ର ଖଣ୍ଡୁଆଳ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଟୁର୍ନାମେଣ୍ଟରେ ଏଫ୍‌ଇସିସି ଦଳର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ଚାମ୍ପିୟନ ଦଳର ମାଲିକଙ୍କ ସହ ଖେଳାଳିମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଷ୍ଟ୍ରେଲିଆକୁ ହରାଇଲା ଭାରତ




ଭାରତ ପାଇଁ ବିଜୟୀ ସୂଚକ ଗୋଲ କରିଥିବା ନବନୀତ କୌର।

**ପର୍ଥ,୪।୫(ପି.ଟି.)**

ଭାରତୀୟ ମହିଳା ହକି ଦଳ ଜବରଦସ୍ତ ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆକୁ ୧-୦ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଭାରତୀୟ ଦଳ ତା'ର ଅଷ୍ଟ୍ରେଲିଆ ଟୁର ଶେଷ କରିଛି। ସିରିଜ୍‌ରେ ୫ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳ ଲାଗି ଏହା ଏକମାତ୍ର ବିଜୟ। ଏଥିପୂର୍ବରୁ ଭାରତୀୟ ଦଳ, ଅଷ୍ଟ୍ରେଲିଆ ଏ' ଦଳଠାରୁ ୩-୫ ଓ ୨-୩ ଗୋଲରେ ଓ ପରେ ଅଷ୍ଟ୍ରେଲିଆ ସିନିୟର ଦଳଠାରୁ ୦-୨ ଓ ୨-୩ ଗୋଲରେ ପରାଜିତ ହୋଇଥିଲା। ରବିବାର ପର୍ଥ ହକି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଷ୍ଟ୍ରାଇକର ନବନୀତ କୌର ଭାରତ ପାଇଁ ବିଜୟୀ ସୂଚକ ଗୋଲ କରିଥିଲେ।

ଅଷ୍ଟ୍ରେଲିଆ ଟୁରର ଅନ୍ତିମ ମ୍ୟାଚରେ ଭ୍ରମଣକାରୀ ଦଳ ତା'ର ଶ୍ରେଷ୍ଠ ହକି ଖେଳିଥିଲା। ପ୍ରଥମ କ୍ୱାର୍ଟରରେ ଅଷ୍ଟ୍ରେଲିଆ

**ମହିଳା ହକି ସିରିଜ୍**

ଅତ୍ୟଧିକ ଆଟାକିଂ ହକି ଖେଳି ଦୁଇଟି ପେନାଲ୍ଟି କର୍ନର ହାସଲ କରିଥିଲା। ହେଲେ ଭାରତୀୟ ଡିଫେନ୍ସ ବିଭାଗ ଉଭୟ ପେନାଲ୍ଟିକୁ ବେକାର କରି ଦେଇଥିଲା। ଦ୍ୱିତୀୟ କ୍ୱାର୍ଟରର ୨୧ତମ ମିନିଟ୍‌ରେ ଭାରତୀୟ ଦଳର ଉପ ଅଧିନାୟିକା ନବନୀତ ଏକ ଚମତ୍କାର ଫିଲ୍ଡ ଗୋଲ କରିଥିଲେ, ଯାହା ଫଳରେ ଭାରତ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲରେ ଆଗରେ ରହିଥିଲା। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଅଷ୍ଟ୍ରେଲିଆ ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲା। ହେଲେ କେହି ଭାରତୀୟ ଡିଫେନ୍ସ ଭାଗକୁ ଭେଦ କରିପାରି ନ ଥିଲେ।




ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୨୩ତମ କୁମାର ସୁରେନ୍ଦ୍ର ସିଂ ବନ୍ଧୁକଚାଳନାର ୧୦ମିଟର ଏୟାର ରାଇଫଲ୍ ବଧିର ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଶାର ମୋହିତ କୁମାର ପାସୱାନ।

# ନିଜକୁ ଦାୟୀ କଲେ ଧୋନୀ

**ବେଙ୍ଗାଲୁରୁ, ୪।୫**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ମିଳିଥିବା ୨ ରନର ପରାଜୟ ଲାଗି ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ନିଜକୁ ଦାୟୀ କରିଛନ୍ତି। ଧୋନୀ ବ୍ୟାଟିଂ ଆସିଲା ବେଳେ ୨୧୪ ରନର ଟାର୍ଗେଟ ପିଛା କରୁଥିବା ସିଏସ୍‌କେକୁ ୨୧ ବଲରେ ୪୨ ରନ ଦରକାର ଥିଲା। କିନ୍ତୁ ୧୮ତମ ଓଭରରେ ଧୋନୀ ଓ ପୂରା ସେଟ୍ ଥିବା ରବୀନ୍ଦ୍ର ଜାଡେଜା ଲେଗ୍ ସ୍ପିନର ସୁୟଶ ଶର୍ମାଙ୍କ ଓଭରରେ ମାତ୍ର ୬ ରନ କରିଥିଲେ। ଭୁବନେଶ୍ୱର କୁମାର ପକାଇଥିବା ୧୯ତମ ଓଭରରେ ଧୋନୀ ଛକା ମାରିଥିଲେ। ହେଲେ ଦଳକୁ ଜିତାଇ ପାରି ନ ଥିଲେ।

ମୋ ମତରେ ମୋତେ ୧୮ତମ ଓଭରରେ ଆହୁରି କିଛି ଅଧିକ ବଡ଼ ଶଟ୍ ଖେଳିବାର ଥିଲା। ତାହା ହିଁ ଆମ ଉପରେ ଥିବା ଚାପକୁ ହ୍ରାସ କରିଥାନ୍ତା। ଏଣୁ ମୁଁ ଏହି ପରାଜୟ ଲାଗି ନିଜକୁ ଦାୟୀ କରୁଛି ବୋଲି ଧୋନୀ ମ୍ୟାଚ୍ ପରେ କହିଛନ୍ତି। ଏତଦ୍ ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଆର୍‌ସିବିକୁ ଭଲ ଆରମ୍ଭ ମିଳିଥିଲା। କିନ୍ତୁ ମିଡିଲ ଓଭରରେ ଆମେ ମ୍ୟାଚ୍‌କୁ ନିୟନ୍ତ୍ରଣକୁ ଆଣିଥିଲୁ। କିନ୍ତୁ ଡେଥ୍ ଓଭରରେ ରୋମାରିଓ ଶେଫର୍ଡ ଚମତ୍କାର ଖେଳିଥିଲେ। ଆମ ବୋଲର ଯାହା ବି ପକାଇଲେ, ସେ ତାହାର ଉତ୍ତର ଛକା ଓ ଚୌକାରେ ଜବାବ ଦେଇଥିଲେ। ମୋ ମତରେ ଆମକୁ ୟର୍କର୍ସର ଅଧିକ ଅଭ୍ୟାସ କରିବାର ଆବଶ୍ୟକତା ରହିଛି। କାରଣ ବ୍ୟାଟରମାନେ ଠିକ୍ ଭାବେ କନେକ୍ଟ କରିବା ପରେ ବୋଲରଙ୍କୁ ୟର୍କର ଉପରେ ନିର୍ଭର କରିବା ଦରକାର। ଯଦି ୟର୍କର ପରଫେକ୍ଟ ନୁହେଁ, ତେବେ ଲୋ ବଲ ଫୁଲଟସ ବଲ ହେବ। ତାହାକୁ ମାରିବା ମଧ୍ୟ କଷ୍ଟକର। ଏଣୁ ଏହି ବିଭାଗରେ ଆମକୁ ଇମ୍ପ୍ରୁଭ କରିବାର ଆବଶ୍ୟକତା ରହିଛି।


**ଜନ୍ମବାର୍ଷିକ ଶୁଭେଚ୍ଛା**



**ସାଇ ଶାଶ୍ୱତ ମଲ୍ଲିକ (ଶୁଭ)**

ସ୍ଥାନ- ଜନ୍ମଜୟପୁର, ପୋଷ୍ଟ- ଫୁଲନଖରା, ଜିଲ୍ଲା- ଖୋର୍ଦ୍ଧା।

ମହାପ୍ରଭୁ ଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମ ଚଲାପଥ କୁସୁମିତ କରନ୍ତୁ।

ଶୁଭେଚ୍ଛା ସହ-ମାତା, ପିତା ଓ ଗୁରୁଜନମାନେ

ଧ-୩୯୮


# ହେଲ୍ ବିଜେତା

**ପ୍ରେଗ୍, ୪।୫ (ଏପି):** ଇଥିଓପିଆର ଲେମି ବର୍‌ହାନୁ ହେଲ୍ କ୍ରମାଗତ ଦ୍ୱିତୀୟ ବର୍ଷ ପ୍ରେଗ୍ ଇଣ୍ଟରନ୍ୟାଶନାଲ ମାରାଥାନ ରେସ୍ ଜିତିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଦେଶର ବର୍ତୁକାନ୍ ୱେଲ୍ଡ ମହିଳା ଟାଇଟଲ ବିଜୟୀ ହୋଇଛନ୍ତି। ୨୦୧୬ରେ ବୋଷ୍ଟନ ମାରାଥନ ଜିତିଥିବା ହେଲ୍ ୪୨.୧୯୫ କି.ମି ଦୀର୍ଘ ବିଶିଷ୍ଟ ରେସ୍‌ର ୩୦ କି.ମି. ପୂର୍ବରୁ କେନିଆର ଫେଲିକ୍ସ କିପ୍‌କୋଚ୍‌ଙ୍କୁ ପଛରେ ପକାଇ ଦେଇଥିଲେ। ସେ ୨ ଘଣ୍ଟା ୫ ମିନିଟ୍ ୧୪ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲେ।

# ଉତ୍ତର ଜୋନ୍ ଦଳ ବିଜେତା

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

**ଶ୍ରୀ ସତ୍ୟସାଇ କ୍ରିକେଟ ଲିଗ୍**

ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶା ପକ୍ଷରୁ ଗତ ୨ରୁ ୪ ପର୍ଯ୍ୟନ୍ତ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର ରାଜ୍ୟ ସ୍ତରୀୟ ଫାଇନାଲ ମ୍ୟାଚ ହାଇଟେକ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଫାଇନାଲ ଓଡ଼ିଶାର ଉତ୍ତର ତଥା ଦକ୍ଷିଣ ଦଳଗୁଡ଼ିକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତର ଜୋନ ଦଳ ବିଜୟ ହାସଲ କରିଛି। ଉଦ୍‌ଯାପନୀ ସମାରୋହରେ ଶ୍ରୀ ସତ୍ୟ ସେବା ସଂଗଠନ ଭାରତର ଜୋନ ସଭାପତି ନାରାୟଣ ପ୍ରସାଦ ସର, ସାଂଯୋଜକ ଅଞ୍ଜନୀ ପଟ୍ଟନାୟକ ଏବଂ ଶ୍ରୀ ସତ୍ୟସାଇ ଜାତୀୟ କ୍ରିକେଟ ଲିଗ୍‌ର ଓଡ଼ିଶା ରାଜ୍ୟ ନିର୍ବାହକ ଶୀତଳ ସ୍ୱରୂପ ତ୍ରିପାଠୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।




ଟ୍ରଫି ସହ ବିଜେତା ଉତ୍ତର ଜୋନ୍ ଦଳ ।

# ଚିଡୋ ଓବି ସର୍ବକନିଷ୍ଠ ଖେଳାଳି

**ଲଣ୍ଡନ, ୪।୫ (ଏପି):** ଚିଡୋ ଓବି ମାଞ୍ଚେଷ୍ଟର ୟୁନାଇଟେଡ୍ ତରଫରୁ ଏକ ପ୍ରିମିୟର ଲିଗ୍ ମ୍ୟାଚ ଆରମ୍ଭ କରିବାରେ ସର୍ବକନିଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ରବିବାର ବ୍ରେଣ୍ଟଫୋର୍ଡ ବିପକ୍ଷ ମ୍ୟାଚରେ ଦଳର ଷ୍ଟ୍ରାଇକର ଭାବେ ଖେଳିଥିଲେ। ତାଙ୍କର ବୟସ ସେତେବେଳେ ୧୭ ବର୍ଷ ୧୫୬ ଦିନ ଥିଲା। ଓବି ହେଉଛନ୍ତି ଡେନମାର୍କରୁ ଜଣେ ୟୁଥ୍ ଇଣ୍ଟରନ୍ୟାଶନାଲ ଖେଳାଳି। ଗତବର୍ଷ ସେ ଆର୍ସେନାଲରୁ ଆସି ୟୁନାଇଟେଡ୍ ଦଳରେ ଯୋଗ ଦେଇଛନ୍ତି। ଏହି ସିଜନରେ ସେ ଲିଗ୍‌ରେ ସେ ୫ଥର ଖେଳିଛନ୍ତି, ମାତ୍ର, ଜଣେ ବଳର ଖେଳାଳି ଭାବେ। ସେ ଏପର୍ଯ୍ୟନ୍ତ ସ୍କୋର କରିବାରି ନାହାନ୍ତି।


# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200



**FOR RENT**

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

3BHK flat Ashok Nagar, Rajmahal Sqr. 9437778642. D-382

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open Jyoti SPA positively health benefits (Expert therapist). 8458067955. D-76912

**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by odia therapist in homely atmosphere. 9556498382. D-75384

**LOST**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ବିନୋଦ କୁମାର ବାରିକ ତାଙ୍କର ମୂଳ ଖତିଆନ କ୍ରମିକ ନମ୍ବର- ୧୩୬, ପ୍ରଜାଙ୍କ ନାମ ଗୌରାଙ୍ଗ ଚରଣ ମହାନ୍ତି ସହିତ ଅନ୍ୟାନ୍ୟ କାଗଜପତ୍ର ଯାହାକି ତାଙ୍କ ହ୍ୟାଣ୍ଡ ବ୍ୟାଗ୍‌ରେ ଥିଲା। ସେଗୁଡ଼ିକୁ ପୁରୀଘାଟ ଅଞ୍ଚଳରେ କେଉଁଠି ହଜାଇଦେଇଛନ୍ତି। କେହି ସହୃଦୟ ବ୍ୟକ୍ତି ସେସବୁ ପାଇଥିଲେ ଦୟାକରି ଆଡ୍‌ଭୋକେଟ୍ ଏନ୍. ସି. ପଟ୍ଟନାୟକ ମୋବାଇଲ ନଂ- 9853311189 କିମ୍ବା ଶ୍ରୀରାମ ଫାଇନାନ୍ସର ମହାନଦୀ ବିହାର, କଟକ ଶାଖାରେ ଏହି ବିଜ୍ଞପ୍ତି ପ୍ରକାଶନର ୭ ଦିନ ମଧ୍ୟରେ ଜଣାଇବାକୁ ଅନୁରୋଧ। ଉକ୍ତ କାଗଜପତ୍ରଗୁଡ଼ିକ ଅପବ୍ୟବହାର କରାଗଲେ ସମ୍ପୃକ୍ତ ବ୍ୟକ୍ତି ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ। ଧ-୩୯୭

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

ମୋର ନାମ ତପସ୍ୱିନୀ ଭୂୟାଁ ବିବାହ ପରେ ପରିବର୍ତ୍ତନ ହୋଇ ତପସ୍ୱିନୀ ପ୍ରଧାନ ହୋଇଛି। ଏକ ରିଲିଆନ୍ସ ବୀମା ପଲିସିରେ ପ୍ରପୋଜାଲ ନମ୍ବର A3813814 ରେ ତପସ୍ୱିନୀ ଭୂୟାଁ ରହିଛି। ଆଫିଡାଭିଟ୍ ମାଧ୍ୟମରେ ଘୋଷଣା କରୁଛି, ମୋର ପ୍ରକୃତ ନାମ ତପସ୍ୱିନୀ ପ୍ରଧାନ, ସ୍ୱାମୀ ନିର୍ମଳ ପ୍ରଧାନ, ହଡୁଆ, ଆଳି, କେନ୍ଦ୍ରାପଡା। ଧ-୩୯୦

By virtue of an affidavit sworn before the Executive Magistrate, Kotpad, Vide No.- CFR-1521 Dtd. 01.05.2025, I, Sanjeeb Kumar Panigrahi of At/P.O.- Dhamanahandi, P.S.- Kotpad, Dist.- Koraput declare that, I have changed my son's name from Sayam Panigrahi to SOYAM SHREE PANIGRAHI. Henceforth, he shall be known as Soyam Shree Panigrahi for all purposes.

Sd./-
Sanjeeb Kumar Panigrahi
D-397

By virtue of an affidavit sworn before Executive Magistrate, Bhadrak, dated 01.05.2025, I, Sushanta Kumar Biswal, S/o- Kailash Chandra Biswal, Vill- Panchapada Satyanarayan Colony, P.S.- Chandabali, Dist.- Bhadrak declare that I have changed my daughter's name from Abhipsa Biswal to Debanjana Biswal. Henceforth, She shall be known as Debanjana Biswal for all purposes. D-393

By affidavit No.-4430, dated 01.05.2025 before the Executive Magistrate, Bhadrak, I, Kamal Kumar Agarwal, S/o- Hardayal Agarwal, Vill- Baralapokhari, P.O- Charampa, P.S.- Bhadrak (T), Dist.- Bhadrak- 756101, Odisha declare that my name is wrongly mentioned as Kamal Kumar Agrawalla instead of Kamal Kumar Agarwal in my Passport document. I shall be known as KAMAL KUMAR AGARWAL for all future purposes. D-394

By affidavit No.- 4429, dated 01.05.2025 before the Executive Magistrate, Bhadrak, I, Kabita Agarwal, W/o- Kamal Kumar Agarwal, Vill- Baralapokhari, P.O.-Charampa, P.S.- Bhadrak (T), Dist.- Bhadrak- 756101, Odisha declare that my name is wrongly mentioned as Kavita Agrawalla instead of Kabita Agarwal in my husband Passport document. I shall be known as KABITA AGARWAL for all future purposes. D-395

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By affidavit No.- 4428, dated 01.05.2025 before the Executive Magistrate, Bhadrak, I, Hardayal Agarwal, S/o- Anandi Lal Agarwal, Vill- Baralapokhari, P.O.-Charampa, P.S.- Bhadrak (T), Dist.- Bhadrak- 756101, Odisha declare that my name is wrongly mentioned as Haradayal Agrawalla instead of Hardayal Agarwal in my son's Passport document. I shall be known as HARDAYAL AGARWAL for all future purposes. D-396


Itisforgeneralinformation that I, DEBENDRA KUMAR SAHOO, S/o- SACHINDRA NATH SAHOO, residing at Ainri Soro, Ainri Anantapur, Baleswar, Odisha-756046 declare that name of mine has been wrongly written as SRI DEBENDRA KUMAR SAHOO in my PPO (Original) No.- 0008/14/B/ 12187/2008 and new PPO No.- 349200812046. The actual name of mine is DEBENDRA KUMAR SAHOO which may be amended accordingly. D-399

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

*In Loving Memory of Our Beloved Father*



**Late Jatindra Nathan Sahu**

(09.05.1940 – 05.05.2021)
Padampur, Cuttack

On the 4th death anniversary of our dearest father, Jatindra Nathan Sahu, we remember his unconditional love, wisdom and the strength he gave us everyday. Though years have passed, his presence continues to guide and inspire us. His absence is deeply felt and his memory is cherished always.

Lovingly remembered and deeply missed by his children and family.

ଧ-୪୦୧

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରତିମା ତ୍ରିପାଠୀ**

ଅବିଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର

ତିରୋଧାନ: ୧୩।୦୫।୨୦୧୯

ଆପଣଙ୍କର ଧର୍ମପରାୟଣତା, ପରୋପକାରିତା, ମିଷ୍ଟଭାଷିନତା, ଆତିଥ୍ୟପରାୟଣତା ଆମର ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା । ସରଗପୁରରେ ଥାଇ ଦିଅ ହେ ଆଶିଷ, ଗୁରୁ ପାଦତଳେ ଏହି ଅଭିଳାଷ।

ଶୋକସନ୍ତପ୍ତ:- ସ୍ୱାମୀ: ୰କୈଳାସ, କପୁ, ଲିପୁ, ବୋହୂ: ଗେହ୍ଲି, ଚିଙ୍କି, ଝ୍ୱାଇଁ: ସିଲୁ, ଝିଅ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି, ଆର୍ଣ୍ଣିକା

ଧ-୪୦୦

**ସପ୍ତଦଶ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ**



**୰ପ୍ରଭାସିନୀ ମଙ୍ଗରାଜ**

ସାଇନିଡମ, ଗୌରୀନଗର, ପ୍ଲଟ୍ ନଂ 3660/4088, ଭୁବନେଶ୍ୱର-୨

ଆବିର୍ଭାବ: ୨୬।୦୧।୧୯୪୯
ତିରୋଧାନ: ୧୨।୦୫।୨୦୦୮

ଆପଣଙ୍କର ଧର୍ମ ପରାୟଣତା, ପରୋପକାରିତା, ମିଷ୍ଟ ଭାଷିନତା, ଆତିଥ୍ୟ ପରାୟଣତା ଆମର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ଓ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ସରଗପୁରରେ ଥାଇ ଦିଅ ହେ ଆଶିଷ, ପ୍ରଭୁପାଦ ତଳେ ଏହି ଅଭିଳାଷ।

ଶୋକସନ୍ତପ୍ତ: ତୁମର ହତଭାଗ୍ୟ ସ୍ୱାମୀ ଇଂ ଅନ୍ତର୍ଯ୍ୟାମୀ ମଙ୍ଗରାଜ, ପୁଅ, ଝିଅ, ବୋହୂ, ନାତି, ନାତୁଣୀ, ଝ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ ।

ଧ-୩୯୧

**ଧରିତ୍ରୀ DHARITRI**

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

Q199723846@ybl | T&C Apply


BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଭସା ବାଦଲ


ଡ. କମଳାକାନ୍ତ ଜେନା

"ଜଳୀୟବାଷ୍ପ ଘନୀଭୂତ ହେଲା ପରେ କ୍ଷୁଦ୍ର ଜଳକଣିକା ଓ ବରଫକଣିକା ରୂପରେ ଆକାଶରେ ଭାସିବୁଲେ। ତାହାକୁ ଆମେ 'ବାଦଲ' ବା 'ମେଘ' ବୋଲି କହୁ। ବାଦଲ କଣିକା ଖୁବ୍ ଛୋଟ ଛୋଟ। ଏତେ ଛୋଟ ଯେ ଏକ ମିଲିମିଟର ଫାଙ୍କରେ ୨୦୦ଟି କଣିକା ଲାଗିଲାଗି ରହିପାରିବ। ଛୋଟ ଓ ହାଲୁକା ହୋଇଥିବାରୁ ସେଗୁଡିକ ଆକାଶରେ ଧୂଆଁ ପରି ଭାସି ବୁଲନ୍ତି। ଆମେ ତାକୁ 'ଭସା ବାଦଲ' ବୋଲି କହୁ। ବର୍ଷସାରା ନଦୀ-ପୋଖରୀରୁ ଉଠୁଥିବା ଜଳୀୟବାଷ୍ପ ବାଦଲ ସୃଷ୍ଟି କରେ। ଖରାଦିନେ ଅଧିକ ବାଷ୍ପୀକରଣ ହେତୁ ବେଶି ବାଦଲ ସୃଷ୍ଟି ହୁଏ।"



ଏବେ ତ ଖରାଦିନ ଚାଲିଛି। ଦିନସାରା ଗରମ ହେଉଛି। ଏତେ ଝାଳ ଯେ, ଦେହର ଲୁଗାପଟା ଓଦା ସର ସର ହୋଇଯାଉଛି। ଖରା ହେଲେ ଗରମ ହେବା କଥାଟା ସହଜରେ ବୁଝିହୁଏ। କିନ୍ତୁ ସେଇ ଗରମରେ ଆମ ଝାଳ କାହିଁକି ଶୁଖେନାହିଁ, ସେହି କଥାଟା ବୁଝି ହୁଏନି। ଖରାଦିନେ ଝାଳ ଶୁଖିବା ବଦଳରେ ବେଶି ଝାଳ ବାହାରେ। କିନ୍ତୁ ଶୀତଦିନେ ଥଣ୍ଡାରେ ବି ସହଜରେ ଝାଳ ଶୁଖିଯାଏ। ଏଥିରୁ ବୁଝିହେଉଛି ଯେ, ଗରମରେ ଝାଳ ଶୁଖିବ ନାହିଁ। ସତ କଥା ହେଉଛି, ଝାଳ ଶୁଖିବା ପାଇଁ ବାୟୁରେ ଥିବା ଜଳୀୟବାଷ୍ପର ପରିମାଣ ଦାୟୀ। ବାୟୁରେ ଜଳୀୟବାଷ୍ପ କମ୍ ରହିଲେ ଆମର ଝାଳ ବାଷ୍ପରେ ପରିଣତ ହୋଇ ବାୟୁରେ ମିଶିପାରିବ ଓ ଆମ ଝାଳ ଶୁଖିଯିବ। ଏଇଟା ଶୀତ ଦିନେ ହୁଏ। ହେଲେ ଖରାଦିନେ ବାୟୁରେ ଜଳୀୟବାଷ୍ପର ପରିମାଣ ଅଧିକ ଥିବାରୁ ଆମ ଝାଳ-ବାଷ୍ପକୁ ବାୟୁ ସହଜରେ ନିଏ ନାହିଁ ଓ ଆମ ଝାଳ ଶୁଖେ ନାହିଁ।

ନଦୀ, ସମୁଦ୍ର ଓ ପୋଖରୀରୁ ସବୁବେଳେ ବାଷ୍ପୀକରଣ ହେଉଥାଏ, କିନ୍ତୁ ଅଧିକ ଗରମ ହେତୁ ଖରାଦିନେ ଅଧିକ ହୁଏ। ଅଧିକ ଗରମ ହେଲେ ଜଳର ଅଣୁଗୁଡିକ ଶକ୍ତିପାଇ ଜଳପୃଷ୍ଠକୁ ଛାଡ଼ି ଉପରକୁ ଉଠିଯାଆନ୍ତି। ବାୟୁକଣିକା ତୁଳନାରେ ଜଳୀୟବାଷ୍ପ ହାଲୁକା। ତେଣୁ ବାଷ୍ପୀକରଣ ପରେ ଜଳୀୟବାଷ୍ପ ଉପରକୁ ଉପରକୁ ଉଠିଚାଲେ। ଉପରେ ବାୟୁମଣ୍ଡଳୀୟ ଚାପ କମି କମି ଯାଏ। ଚାପ କମି କମି ଗଲେ ଜଳୀୟବାଷ୍ପର ଆୟତନ ବଢ଼ି ବଢ଼ି ଯାଏ ଓ ଉତ୍ତାପ କମି କମି ଯାଏ। ଜଳୀୟବାଷ୍ପ ଥଣ୍ଡା ହେଲେ ଘନୀଭୂତ ହୋଇ ଅତି ଛୋଟ ଛୋଟ ଜଳବିନ୍ଦୁରେ ପରିଣତ ହୁଏ। ଜଳୀୟବାଷ୍ପକୁ ଦେଖିହୁଏ ନାହିଁ, କିନ୍ତୁ ଘନୀଭୂତ ଜଳବିନ୍ଦୁ ଧୂଆଁ ପରି ଦିଶେ। ଘନୀଭୂତ କଣିକା ଖୁବ୍ ହାଲୁକା ଥାଏ ବୋଲି ଆହୁରି ଉପରକୁ ଉଠିଯାଏ। ବେଶି ଉପରକୁ ଗଲେ ତାପମାତ୍ରା ଶୂନ ଡିଗ୍ରୀ ସେଲ୍‌ସିୟସରୁ ବି କମ୍ ଥାଏ। ଛୋଟ ଜଳବିନ୍ଦୁଗୁଡ଼ିକ କ୍ଷୁଦ୍ର ବରଫକଣାରେ ପରିଣତ ହୁଏ। ଏହିପରି ଜଳୀୟବାଷ୍ପ ଘନୀଭୂତ ହେଲା ପରେ କ୍ଷୁଦ୍ର ଜଳକଣିକା ଓ ବରଫକଣିକା ରୂପରେ ଆକାଶରେ ଭାସିବୁଲେ। ତାହାକୁ ଆମେ 'ବାଦଲ' ବା 'ମେଘ' ବୋଲି କହୁ। ବାଦଲ କଣିକା ଖୁବ୍ ଛୋଟ ଛୋଟ। ଏତେ ଛୋଟ ଯେ ଏକ ମିଲିମିଟର ଫାଙ୍କରେ ୨୦୦ଟି କଣିକା ଲାଗିଲାଗି ରହିପାରିବ। ଛୋଟ ଓ ହାଲୁକା ହୋଇଥିବାରୁ ସେଗୁଡିକ ଆକାଶରେ ଧୂଆଁ ପରି ଭାସି ବୁଲନ୍ତି। ଆମେ ତାକୁ 'ଭସା ବାଦଲ' ବୋଲି କହୁ। ବର୍ଷସାରା ନଦୀ-ପୋଖରୀରୁ ଉଠୁଥିବା ଜଳୀୟବାଷ୍ପ ବାଦଲ ସୃଷ୍ଟି କରେ। ଖରାଦିନେ ଅଧିକ ବାଷ୍ପୀକରଣ ହେତୁ ବେଶି ବାଦଲ ସୃଷ୍ଟି ହୁଏ।

ଭୂଇଁରୁ ପ୍ରାୟ ୧୩ କିଲୋମିଟର ଉଚ୍ଚତା ଭିତରେ ବାଦଲ (ମେଘ) ଭାସୁଥାଏ। ଗଠନ ଅନୁସାରେ ପ୍ରାୟ ଦଶ ଜାତିର ବାଦଲ ରହିଛି। ବାଦଲଗୁଡିକୁ ଉଚ୍ଚତାନୁସାରେ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି, ଯଥା - ଉଚ୍ଚାବାଦଲ, ମଧ୍ୟବାଦଲ ଓ ନିମ୍ନବାଦଲ।

**ଉଚ୍ଚାବାଦଲ:** ପକ୍ଷାଭମେଘ, ପକ୍ଷାଭ କପାସୀମେଘ ଓ ପକ୍ଷାଭସ୍ତରୀମେଘ ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ। ଏଗୁଡ଼ିକ ଭୂପୃଷ୍ଠରୁ ସାଧାରଣତଃ ୫ରୁ ୧୩ କି.ମି. ମଧ୍ୟରେ ଭାସିବୁଲନ୍ତି।

**ମଧ୍ୟବାଦଲ:** କପାସୀ-ମଧ୍ୟ, ସ୍ତରୀୟ-ମଧ୍ୟ, ବର୍ଷୀ-ମଧ୍ୟମେଘଗୁଡ଼ିକୁ ଏହି ବର୍ଗରେ ଗଣନା କରାଯାଏ। ପୃଥିବୀପୃଷ୍ଠରୁ ଏଗୁଡ଼ିକ ୨ ରୁ ୭ କି.ମି. ମଧ୍ୟରେ ଚଳପ୍ରଚଳ କରିଥାନ୍ତି।

**ନିମ୍ନବାଦଲ:** ସାଧାରଣତଃ ଆମେ ଦେଖୁଥିବା ମେଘ ହିଁ ଏହି ଶ୍ରେଣୀୟ। ଏମାନଙ୍କୁ ସ୍ତରୀ-କପାସୀ, ସ୍ତରୀ, କପାସୀ, କପାସୀ-ବର୍ଷୀମେଘ ନାମରେ ନାମିତ କରାଯାଇଛି। ଭୂଇଁରୁ ୨ କି.ମି. ଉଚ୍ଚତା ଭିତରେ ନିମ୍ନବାଦଲ ଦେଖିବାକୁ ମିଳିଥାଏ।

ବାଦଲରୁ ବର୍ଷା ସୃଷ୍ଟିହୁଏ। ଯେତେବେଳେ ଭାସମାନ ବାଦଲର କଣିକାଗୁଡ଼ିକ ପରସ୍ପର ସହିତ ମିଶି ଓଜନିଆ ଜଳକଣା ତିଆରି କରନ୍ତି, ବାୟୁମଣ୍ଡଳ ଓଜନିଆ କଣିକାଗୁଡ଼ିକୁ ଧରି ରଖିପାରେ ନାହିଁ। ଫଳରେ ତାହା ବର୍ଷା ରୂପରେ ଭୂଇଁରେ ପଡ଼େ। କେବଳ ସେତିକି ନୁହଁ, ଉପରକୁ ଉଠୁଥିବା ଘନୀଭୂତ ଜଳକଣାଗୁଡିକ ଅତି ଶୀତଳ ହୋଇ ଓଜନିଆ ବରଫକଣାରେ ପରିଣତ ହେଲା ପରେ ବି ତାହା ଆଉ ବାୟୁରେ ଭାସି ନ ପାରି ତଳକୁ ଖସେ। ତଳେ ବାଦଲ ସ୍ତର ଅପେକ୍ଷାକୃତ ଉଷ୍ମ ଥାଏ। ବରଫକଣିକାଗୁଡ଼ିକ ସେହି ଉଷ୍ମ ବାଦଲ ଦେଇ ତଳକୁ ପଡ଼ିବା ବେଳେ ତରଳିଯାଏ। ତରଳୁଥିବା ବରଫକଣା ସଂସ୍ପର୍ଶରେ ଆସିଲେ ବାଦଲକଣିକା ପରସ୍ପର ସହିତ ମିଶି ବଡ଼ ବଡ଼ ଜଳଟୋପାରେ ପରିଣତ ହୁଅନ୍ତି। ସେହି ଜଳଟୋପାଗୁଡିକ ଭୂଇଁରେ ପଡିଲେ ଆମେ ତାକୁ 'ବୃଷ୍ଟିପାତ' କହୁ। ପ୍ରାୟତଃ ବରଫକଣାଗୁଡିକ ତରଳିଲା ପରେ ବର୍ଷାବିନ୍ଦୁ ସୃଷ୍ଟି ହେଉଥିବାରୁ ବର୍ଷାଟୋପା ଆମକୁ ଖୁବ୍ ଥଣ୍ଡା ଲାଗେ। ବର୍ଷାଜଳରେ ଧୂଳିକଣା ଥାଏ। ବାୟୁ ପ୍ରଦୂଷଣ ହେତୁ ବିଭିନ୍ନ ରାସାୟନିକ ପଦାର୍ଥ ବି ମିଶିଥାଏ। ତେଣୁ ବର୍ଷାଜଳ ବି ପୂରା ଶୁଦ୍ଧ ନୁହେଁ।

-ପ୍ରାଧ୍ୟାପକ (ପଦାର୍ଥ ବିଜ୍ଞାନ), ଭଦ୍ରକ ସରକାରୀ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ବୟସ୍କ ବ୍ୟକ୍ତି ଓ ଆଲଜିମର୍ସ



ଆଲଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ରୋଗ ହେଲେ ମସ୍ତିଷ୍କର ସ୍ନାୟୁ କୋଷଗୁଡିକରେ ବିଟା-ଆମିଲଏଡ୍ ନାମକ ଏକ ପ୍ରୋଟିନ୍ ଖଣ୍ଡମାନ ଜମି ଯାଏ। ଏହି ବିଟା-ଆମିଲଏଡ୍ ଜମିବା ଫଳରେ ସ୍ମୃତିହାନି ଜାତ ହେବା ସ୍ୱାଭାବିକ। ରୋଗୀ ମସ୍ତିଷ୍କରେ ସ୍ନାୟୁକୋଷମାନ ମରିଯାଆନ୍ତି। ଛିନ୍ନ ହୋଇଯାଏ ସ୍ନାୟୁକୋଷ-ସ୍ନାୟୁକୋଷ ମଧ୍ୟରେ ଥିବା ସଂଯୋଗ। ଫଳରେ ସ୍ନାୟୁକୋଷ ଏବଂ ସ୍ନାୟୁ ସଂଯୋଗ କାର୍ଯ୍ୟରହିତ ହୋଇପଡନ୍ତି । ତେବେ ମସ୍ତିଷ୍କର ସବୁ ଅଞ୍ଚଳରେଏଭଳି ପରିବର୍ତ୍ତନ ପରିଲକ୍ଷିତ ନ ହୋଇ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସ୍ନାୟୁକୋଷରେ ପରିବର୍ତ୍ତନ ପରିଲକ୍ଷିତ ହୁଏ । ହେଲେ ସ୍ନାୟୁକୋଷଗୁଡିକରେ ଜାତ ଅସ୍ୱାଭାବିକତାକୁ ପ୍ରଭାବିତ କରିଥାଏ ରୋଗୀର ଜିନ୍, ପରିବେଶ ଓ ତାହାର ଜୀବନଶୈଳୀ। ପୁଣି ରୋଗୀଭେଦରେ ଏହି ପ୍ରଭାବରେ ପରିଲକ୍ଷିତ ହୋଇଥାଏ ଭିନ୍ନତା। ଆଲଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ପଇସାପତ୍ର ଧାର ଦେଇଥିଲେ ତାହାକୁ ପରିଶୋଧ କରିବାକୁ ଭୁଲିଯାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଅଙ୍ଗୁର



ଅଙ୍ଗୁରରେ ଅନେକ ପ୍ରକାର ଉପକାରୀ ଗୁଣ ଭରିରହିଛି। ଏଥିରେ ଥିବା ଭିଟାମିନ୍-ସି ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରେ। କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାର ସଂକ୍ରମଣ ସହ ଲଢ଼ିବାର କ୍ଷମତା ମଧ୍ୟ ଏହାର ରହିଛି। ଅଙ୍ଗୁରରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା କୋଷକୁ ଆହୁରି କ୍ରିୟାଶୀଳ କରାଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ବ୍ଲଡ ପ୍ରେସର୍‌କୁ ସନ୍ତୁଳିତ ରଖିବାରେ କେତେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଫାଇବର୍ ମଧ୍ୟ ରହିଛି ଯାହା କୋଲେଷ୍ଟରେଲ୍‌ର ମାତ୍ରାକୁ ଅସନ୍ତୁଳିତ ହେବାକୁ ଦେଇ ନ ଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ସକ୍ରିୟ ରଖିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହା ଅସ୍ଥି ଓ ମଜାକୁ ଶକ୍ତ ରଖିଥାଏ। ନିୟମିତ ଅଙ୍ଗୁର ଖାଇଲେ ତାହା ସୁନିଦ୍ରାରେ କେତେକାଂଶରେ ସହାୟକ ହୋଇଥାଏ।

## ବିଚାରଧାରା ସକାରାତ୍ମକ ରହିଲେ...



ଆମର ବିଚାରଧାରା ସକାରାତ୍ମକ ରହିବା ନିହାତି ଜରୁରୀ। ଏଥିରୁ ଆମକୁ ଅନେକ ଫାଇଦା ମିଳିଥାଏ। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇ, ଠିକ୍ ଭୁଲ୍‌ର ରାସ୍ତା ଜାଣି ପାରି ନ ଥାଉ। ଏହାଦ୍ୱାରା ଆମର କାର୍ଯ୍ୟଧାରା ପ୍ରଭାବିତ ହୋଇଥାଏ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଆମର ବିଚାରଧାରା ମଧ୍ୟ ପ୍ରଭାବିତ ହୋଇଥାଏ। ଆପଣଙ୍କ ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ବିଶ୍ଳେଷଣ କରନ୍ତୁ। ତାହାକୁ ନେଇ ଟେନ୍‌ସନର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ନିଜର ମନୋଭାବକୁ ଯେତେସମ୍ଭବ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ, ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହା ବ୍ୟତୀତ ସବୁବେଳେ ନିଜେ ହସନ୍ତୁ ଓ ଅନ୍ୟମାନଙ୍କୁ ବି ହସାନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ସବୁ ନିଷ୍ପତ୍ତିକୁ ଠିକ୍ ଭାବେ ନେବାକୁ ସକ୍ଷମ ହୋଇଥାଏ। ଯେ କୌଣସି ଭୁଲ୍ ପାଇଁ କେବେହେଲେ ନିଜକୁ ଦୋଷାରୋପ କରନ୍ତୁ ନାହିଁ। ନିଜକୁ ପ୍ରଥମେ ଭଲ ପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଆପଣଙ୍କର ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।

## ଦାନ୍ତ ଘଷିବା ସମୟରେ...

ଆମ ଶରୀର ପ୍ରତି ଆମେ ଯେତିକି ଯତ୍ନବାନ୍ ହେବା ତା'ସହ ଦାନ୍ତ ପ୍ରତି ମଧ୍ୟ ସେତିକି ଗୁରୁତ୍ୱ ଦେବା। କାରଣ ଏହା ଶରୀରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ପ୍ରତିଦିନ ସକାଳେ ଏବଂ ରାତ୍ରିଭୋଜନ ଶେଷ ପରେ ଭଲ ଭାବରେ ଦାନ୍ତ ଘଷିବା ନିହାତି ଦରକାର। ଯଦି ଆମେ ଏହାର ଠିକ୍ ଭାବରେ ଯତ୍ନ ନ ନେବା ତେବେ ଦାନ୍ତଜନିତ ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଆମେ ଏଭଳି ବ୍ରଶ୍ କରନ୍ତୁ ଯେମିତି ବ୍ରଶ୍ ଦାନ୍ତର ସବୁ ଭାଗକୁ ଛୁଉଁଥିବ। ସବୁବେଳେ ଫ୍ଲୋରାଇଡ ଯୁକ୍ତ ଟୁଥ୍‌ପେଷ୍ଟ ବ୍ୟବହାର କରନ୍ତୁ। ଏଭଳି ବ୍ରଶ କରନ୍ତୁ, ଯେପରି ଦାନ୍ତ ସନ୍ଧି ଭଲ ଭାବରେ ପରିଷ୍କାର ହେଉଥିବ। ଦାନ୍ତଜନିତ ସମସ୍ୟା ନେଇ ଅଭିଜ୍ଞ ଦନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଦାନ୍ତ ଘଷିବାର ଅବଧି ଅତିକମ୍‌ରେ ଦୁଇ ମିନିଟ୍ ହେଲେ ଭଲ।



## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ, ଚାଲିଚଳଣି ଉପରେ ଗୁରୁତ୍ୱ ଦିଅନ୍ତୁ।
- ପ୍ରତିଦିନ ସକାଳେ କିଛି ସମୟ ବ୍ୟାୟାମ କରନ୍ତୁ। ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ କାମ କରନ୍ତୁ। ନ ହେଲେ କାମକୁ ନେଇ ଟେନ୍‌ସନର ବଶବର୍ତ୍ତୀ ହେବାର ଆଶଙ୍କା ରହିଛି।
- ନିୟମିତ ସମୟ ବ୍ୟବଧାନରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ଏ ନେଇ ପୁରୁଣା ପ୍ରେସ୍କ୍ରିପ୍‌ସନ ଏବଂ ପାଥୋଲୋଜିକାଲ ଟେଷ୍ଟ ରିପୋର୍ଟଗୁଡ଼ିକୁ ଏକ ଫାଇଲ୍‌ରେ ରଖନ୍ତୁ। ଆବଶ୍ୟକ ସମୟରେ ଏହା କାମରେ ଆସିପାରେ।
- ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।
- ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ।
- ନିଜର ମନକୁ ସକାରାତ୍ମକ ପରବେଶରେ ରଖିବାକୁ ଚେଷ୍ଟା କରନ୍ତୁ।



## ଶ୍ରଦ୍ଧାଞ୍ଜଳି/ ଡ. କ୍ରିଷ୍ଣାସ୍ୱାମୀ କସ୍ତୁରୀରଙ୍ଗନ


# ଭବିଷ୍ୟଦ୍ରଷ୍ଟା ମହାକାଶ ବିଜ୍ଞାନୀ


ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଭାରତ ଏକ ମହାନ୍ ମହାକାଶ ଶକ୍ତି। ଚନ୍ଦ୍ର ଓ ମଙ୍ଗଳକୁ ମହାକାଶଯାନ ପ୍ରେରଣ, ବିଭିନ୍ନ ଉପଗ୍ରହ ପ୍ରେରଣ ଏବଂ ଶକ୍ତିଶାଳୀ ଉତ୍କ୍ଷେପକ ନିର୍ମାଣ ଆଦି କ୍ଷେତ୍ରରେ ଏହା ବିଶ୍ୱରେ ଚାରୋଟି ଅଗ୍ରଣୀ ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ଏହାକୁ ସଫଳତାର ଶୀର୍ଷ ଦେଶରେ ପହଞ୍ଚାଇବା ପାଇଁ ଯେଉଁ ସବୁ ପ୍ରାତଃ ସ୍ମରଣୀୟ କୃତବିଦ୍ୟ ମହାକାଶ ବିଜ୍ଞାନୀମାନଙ୍କର ଅନନ୍ୟ ଅବଦାନ ରହିଛି ସେମାନଙ୍କ ମଧ୍ୟରୁ ଚଳିତ ବର୍ଷ ଏପ୍ରିଲ ୨୫ରେ ସ୍ୱର୍ଗାରୋହଣ କରିଥିବା ଡ. କ୍ରିଷ୍ଣସ୍ୱାମୀ କସ୍ତୁରୀରଙ୍ଗନ ଅଗ୍ରଗଣ୍ୟ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଅଧ୍ୟକ୍ଷ ରୂପେ ୧୯୯୪ରୁ ୨୦୦୩ ପର୍ଯ୍ୟନ୍ତ ଏବଂ ଏହାପୂର୍ବରୁ ୧୯୯୦ରୁ ୧୯୯୪ ଯାଏ ଏହାର ଉପଗ୍ରହ କେନ୍ଦ୍ର (ଏବେ ୟୁ. ରାଓ ଉପଗ୍ରହ କେନ୍ଦ୍ର ରୂପେ ପରିଚିତ)ର ନିର୍ଦ୍ଦେଶକ ରୂପରେ ଭାରତୀୟ ମହାକାଶ ବିଜ୍ଞାନକୁ ଏକ ସୁଦୃଢ଼ ପୃଷ୍ଠଭୂମି ଉପରେ ପ୍ରତିଷ୍ଠା କରିବାର କ୍ଷେତ୍ରକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଯାଇଛନ୍ତି।

କସ୍ତୁରୀରଙ୍ଗନ ୧୯୪୦ ଅକ୍ଟୋବର ୨୪ ତାରିଖରେ କେରଳର ଏର୍ଣ୍ଣାକୁଲମଠାରେ ପିତା ସି.ଏମ. କ୍ରିଷ୍ଣାସ୍ୱାମୀ ଏବଂ ମାତା ବିଶାଳଲକ୍ଷ୍ମୀଙ୍କ କୋଳମଣ୍ଡନ କରିଥିଲେ। ଅସମୟରେ ମାତାଙ୍କର ମୃତ୍ୟୁ ଘଟିବାରୁ ସେ ଏବଂ ତାଙ୍କ ଭାଇଙ୍କର ଶୈଶବ ଅତିବାହିତ ହୋଇଥିଲା ମାମୁଘର ଅଜାଙ୍କ ତତ୍ତ୍ୱାବଧାନରେ। ତପ୍ତରେ ସେ ମୁମ୍ବାଇରେ କାର୍ଯ୍ୟରତ ପିତାଙ୍କ ନିକଟକୁ ଆସିଥିଲେ। ଏଠାରେ ସେ ଶ୍ରୀରାମ ବର୍ମା ଉଚ୍ଚ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସମାପନ ପରେ ସ୍ଥାନୀୟ ରମ୍ପା ରୁଇଆ ମହାବିଦ୍ୟାଳୟରୁ ସ୍ନାତକ ଏବଂ ମୁମ୍ବାଇ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଏବଂ ଅହମଦାବାଦର ଭୌତିକ ଗବେଷଣାଗାରରୁ ଡକ୍ଟରେଟ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ତପ୍ତରେ ସେ 'ଇସ୍ରୋ'ରେ ଯୋଗଦାନ କରିଥିଲେ। ଏହାର ଅଧ୍ୟକ୍ଷ ଭାବରେ ସେ ୨୦୦୩ ପର୍ଯ୍ୟନ୍ତ ଅର୍ଥାତ୍ ସେବାନିବୃତ୍ତ ହେବା ପର୍ଯ୍ୟନ୍ତ କାର୍ଯ୍ୟରତ ଥିଲେ। କସ୍ତୁରୀରଙ୍ଗନ୍ ୧୯୬୯ରେ ଲକ୍ଷ୍ମୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ୧୯୯୧ରେ ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ରାଜେଶ ଏବଂ ସଞ୍ଜୟ ନାମକ ଦୁଇ ପୁତ୍ର ଅଛନ୍ତି।

ତାଙ୍କରି ନେତୃତ୍ୱରେ ଆରମ୍ଭ ହୋଇଥିଲା ଭାରତର ମହାକାଶଯାନ ପ୍ରେରଣ ଯୁଗ। ପ୍ରଥମେ 'ଭାସ୍କର-୧' ଏବଂ 'ଭାସ୍କର-୨', ତପ୍ତରେ ଭାରତୀୟ ଜାତୀୟ ମହାକାଶଯାନ (ଇନସାଟ୍), ଭାରତୀୟ ସୁଦୂର ପର୍ଯ୍ୟବେକ୍ଷଣ ମହାକାଶଯାନ (ଆଇଆର୍‌ଏସ୍ ଉପଗ୍ରହ ସମୂହ) ପ୍ରେରଣ ସହିତ ଶକ୍ତିଶାଳୀ ମହାକାଶଯାନ ଉତ୍କ୍ଷେପକ 'ପୋଲାର ସାଟେଲାଇଟ୍ ଲଞ୍ଚ ଭେକିଲ୍‌ସ (ପିଏସ୍‌ଏଲ୍‌ଭି) ଏବଂ ଜେଓଷ୍ଟେଶନାରି ସାଟେଲାଇଟ୍ ଲଞ୍ଚ ଭେକିଲ୍‌ସ (ଜିଏସ୍‌ଏଲ୍‌ଭି) ଆଦି ପରୀକ୍ଷା କରାଯାଇଥିଲା। ଅନ୍ୟପକ୍ଷରେ ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରୟାନ ଏବଂ ମଙ୍ଗଳ କକ୍ଷକୁ ମଙ୍ଗଳଯାନ ପ୍ରେରଣ ଲାଗି ଯୋଜନା ଏବଂ କାର୍ଯ୍ୟକ୍ରମର ଶୁଭାରମ୍ଭ ତାଙ୍କରି ଦିଗ୍‌ଦର୍ଶନରେ ଆରମ୍ଭ ହୋଇଥିଲା।



ଏହିସବୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ୧୯୮୧ରେ ସୋଭିଏତ୍ ଏକାଡେମୀ ଅଫ୍ ସାଇନ୍‌ସେସ୍ ଦ୍ୱାରା ପୁରସ୍କୃତ ହେବା ସହିତ ୧୯୮୨ରେ ଭାରତର ସରକାରଙ୍କଠାରୁ ପଦ୍ମଶ୍ରୀ, ୧୯୯୨ରେ ପଦ୍ମଭୂଷଣ ଏବଂ ୨୦୦୦ରେ ପଦ୍ମବିଭୂଷଣ ଉପାଧିରେ ସମ୍ମାନିତ ହୋଇଥିଲେ। ଏହାବ୍ୟତୀତ ତାଙ୍କୁ ମିଳିଥିଲା ଏମ୍‌ପି ବିର୍ଲା ମେମୋରିଆଲ ଆୱାର୍ଡ ଇନ୍ ଆଷ୍ଟ୍ରୋନୋମି (୧୯୯୭), ଇଣ୍ଟରନ୍ୟାଶନାଲ ଏକାଡେମୀ ଅଫ୍ ଏରୋନଟିକ୍ସ ଦ୍ୱାରା ପ୍ରଦତ୍ତ କାରମାନ ପୁରସ୍କାର (୨୦୦୩), ଆର୍ଯ୍ୟଭଟ ପୁରସ୍କାର (୨୦୦୩) ଏବଂ ବିକ୍ରମ ସରାଭାଇ ମେମୋରିଆଲ ଗୋଲ୍ଡ ମେଡାଲ (୨୦୦୯) ଇତ୍ୟାଦି।

ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନସେସ, ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀ ଅଫ୍ ଇଞ୍ଜିନିୟରିଂ, ଦ ଇଣ୍ଡିଆନ୍ ଆଷ୍ଟ୍ରୋଲୋଜିକାଲ ସୋସାଇଟି, ଦ ଥାର୍ଡ ୱାର୍ଲ୍ଡ ଏକାଡେମୀ ଅଫ୍ ସାଇନ୍ସ ଭଳି ସୁନାମଧନ୍ୟ ଅନୁଷ୍ଠାନମାନଙ୍କର ସେ ଥିଲେ 'ଫେଲୋ'। ଅନ୍ୟପକ୍ଷରେ ଇଣ୍ଟରନ୍ୟାଶନାଲ ଆଷ୍ଟ୍ରୋନୋମିକାଲ ୟୁନିୟନ ଏବଂ ଇଣ୍ଟରନ୍ୟାଶନାଲ ଏକାଡେମୀ ଅଫ୍ ଏରୋନଟିକ୍ସ ଇତ୍ୟାଦିର ସଦସ୍ୟା ଭାବରେ ସେ କାର୍ଯ୍ୟ କରିଥିଲେ।

ମହାକାଶ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଗବେଷଣା କରି ବହୁ ସୁନାମଧନ୍ୟ ଦେଶୀୟ ଏବଂ ଅନ୍ତର୍ଜାତୀୟ ପତ୍ରିକାରେ ସେ ପ୍ରକାଶ କରିଥିଲେ ୨୦୦ରୁ ଊର୍ଦ୍ଧ୍ୱ ନିବନ୍ଧ। ତା'ସହ ସେ ୬ଟି ପୁସ୍ତକ ରଚନା ମଧ୍ୟ କରିଥିଲେ। ଏଥିପାଇଁ ତାଙ୍କୁ ୨୭ଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଥିଲା। ଆମ ଦେଶର ଶିକ୍ଷା କ୍ଷେତ୍ରକୁ ତାଙ୍କର ଅବଦାନ ମଧ୍ୟ ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଜାତୀୟ ଶିକ୍ଷାନୀତି କମିଟି-୨୦୨୦ର ଅଧ୍ୟକ୍ଷ ଏବଂ ୨୦୨୧ରେ ଦେଶର ଶିକ୍ଷା ବିଷୟବସ୍ତୁର ନବୀକରଣ କରିବା ଲାଗି ଗଠିତ ୧୨-ଜଣିଆ ସଦସ୍ୟବିଶିଷ୍ଟ କମିଟିର ସଦସ୍ୟ ରୂପେ କାର୍ଯ୍ୟ କରିଥିଲେ। ପୁନଶ୍ଚ ୨୦୦୩ରୁ ୨୦୦୯ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ଏବଂ ଯୋଜନା ବୋର୍ଡର ସଦସ୍ୟ ଥିଲେ। ଏତଏବ ତାଙ୍କର ପରଲୋକ ଆମ ଦେଶର ବିଜ୍ଞାନ ଏବଂ ଶିକ୍ଷା କ୍ଷେତ୍ରରେ ସୃଷ୍ଟି କରିଛି ଏକ ଅପୂରଣୀୟ ଶୂନ୍ୟ ସ୍ଥାନ।

-ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ: ୯୯୩୭୩୦୧୪୬୦

# ୧ ରନ୍‌ରେ ଜିତିଲା କେକେଆର୍



ଶଟ୍ ଖେଳିବା ଅବସରରେ ଆନ୍ଦ୍ରେ ରସେଲ।

**କୋଲକାତା,୪।୫**

ଚଳିତ ଆଇପିଏଲରେ ରବିବାର ଅପରାହ୍ଣରେ ଖେଳାଯାଇଥିବା ଏକ ରୋମାଞ୍ଚକ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ୧ ରନରେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍)କୁ ପରାସ୍ତ କରିଛି। କେକେଆର୍ ଦ୍ୱାରା ପ୍ରଦତ୍ତ ୨୦୭ ରନର ଟାର୍ଗେଟର ଜବାବରେ ରାଜସ୍ଥାନ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା। ଏହା କୋଲକାତାର ପଞ୍ଚମ ବିଜୟ ହୋଇଥିବା ବେଳେ ରାଜସ୍ଥାନ ଲାଗି ନବମ ପରାଜୟ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କୋଲକାତା ୨୦ ଓଭରରେ ୪ ଉଇକେଟ ହରାଇ ୨୦୬ ରନ କରିଥିଲା। ଦଳ ପକ୍ଷରୁ ଆନ୍ଦ୍ରେ ରସେଲ ୨୫ ବଲରେ ୫୭ (୪ ଚୌକା ଓ ୬ ଛକା), ଅଙ୍ଗକ୍ରିଶ ରଘୁବଂଶୀ ୪୪ (୫ ଚୌକା), ରହମାନୁଲା ଗୁରବାଜ ୨୫ ବଲରେ ୩୫ (୪ ଚୌକା ଓ ୧ ଛକା) ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ୩୦ (୧ ଚୌକା ଓ ୨ ଛକା) ରନ କରିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚ୍ଚର, ଯୁଧବୀର ସିଂ ଓ ଅଧିନାୟକ ରିୟାନ ପରାଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ରାଜସ୍ଥାନ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୮ ଓଭର ସୁଦ୍ଧା ୭୧ ରନରେ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଅଧିନାୟକ ପରାଗ ଓ ଶିମରନ ହେଟମାୟର ଷଷ୍ଠ ଉଇକେଟରେ ୮ ଓଭରରେ ୯୨ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ପରାଗ ୧୩ତମ ଓଭରରେ ମୋଇନ ଅଲୀଙ୍କୁ ଲଗାତର ୫ ଛକା ଲଗାଇଥିଲେ। ମାତ୍ର ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ରାଜସ୍ଥାନ ପଛରେ ପଡିଯାଇଥିଲା। ପରାଗ ୪୫ ବଲରେ ୬ ଚୌକା ଓ ୮ ଛକା ସହିତ ୯୫ ରନ କରି ଆଉଟ୍ ହୋଇଥିଲା। ଏହା ତାଙ୍କ ଟି୨୦ କ୍ୟାରିୟରର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା। ଶେଷ ଆଡ଼କୁ ୧୪ ବଲରେ ଶୁଭମ ଦୁବେଙ୍କ ୨୫ (୧ ଚୌକା ଓ ୨ ଛକା) ରନର ଇନିଂସ ସତ୍ତ୍ୱେ ରାଜସ୍ଥାନ ବିଜୟ ଲକ୍ଷ୍ୟଠାରୁ ୨ ରନ ଦୂରରେ ରହିଯାଇଥିଲା। ଦଳ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ ୩୪ ଓ ହେଟମାୟର ୨୯ ରନ କରିଥିଲେ। କୋଲକାତା ପାଇଁ ଅଲୀ, ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୦୬/୪(ଆନ୍ଦ୍ରେ ରସେଲ–୫୭*, ଅଙ୍ଗକ୍ରିଶ ରଘୁବଂଶୀ–୪୪, ରହମାନୁଲା ଗୁରବାଜ–୩୫, ରିୟାନ ପରାଗ–୧/୨୧ )। ରାଜସ୍ଥାନ ରୟାଲ୍ସ: ୨୦ ଓଭରରେ ୨୦୫/୮(ରିୟାନ ପରାଗ–୯୫, ଯଶସ୍ୱୀ ଜୟସ୍ୱାଲ–୩୪, ବରୁଣ ଚକ୍ରବର୍ତ୍ତୀ–୨/୩୨, ହର୍ଷିତ ରାଣା–୨/୪୧)।



ମାଡ୍ରିଡ ଓପନ ଟେନିସ ଟ୍ରଫି ସହ ଆରିନା ସାବାଲେଙ୍କା।

# ସାବାଲେଙ୍କାଙ୍କୁ ମାଡ୍ରିଡ୍ ଓପନ୍ ଟାଇଟଲ

**ମାଡ୍ରିଡ୍, ୪।୫ (ଏପି)**

ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଂପ୍ରାପ୍ତ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ମାଡ୍ରିଡ୍‌ଓପନଚାମ୍ପିୟନହୋଇଛନ୍ତି। କାଜା ମାଜିକା କୋର୍ଟରେ ଖେଳାଯାଇଥିବା ଫାଇନାଲରେ ସେ ୪ ନମ୍ବର ଖେଳାଳି ଆମେରିକାର କୋକୋ ଗଫ୍‌ଙ୍କୁ ଏକ ଟାଇବ୍ରେକରରେ ୬–୩, ୭–୬ (୩)ରେ ହରାଇ ଦେଇଛନ୍ତି। ଏଠାରେ ସେ ତୃତୀୟ ଥର ଟାଇଟଲ ଜିତି ପେଟ୍ରା କ୍ୱିଟୋଭାଙ୍କ ଟୁର୍ନାମେଣ୍ଟ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ବେଲାରୁଷର ଏହି ଖେଳାଳି ପୂର୍ବରୁ ୨୦୨୧ ଓ ୨୦୨୩ରେ ମାଡ୍ରିଡ୍ ଟାଇଟଲ ଜିତିଥିଲେ। ଚଳିତବର୍ଷର ଏହା ତାଙ୍କର ୩ୟ ଏବଂ କ୍ୟାରିୟରର ୨୦ତମ ଟାଇଟଲ। ଏହା ପୂର୍ବରୁ ସେ ବ୍ରିସ୍‌ବେନ୍ ଓ ମାୟାମି ଟାଇଟଲ ଜିତିସାରିଛନ୍ତି। ଗଫ୍‌ଙ୍କ ବିପକ୍ଷରେ ମଧ୍ୟ ଏହା ତାଙ୍କର କ୍ରମାଗତ ୫ମ ବିଜୟ। ଏଠାରେ ଗଫ୍ ଯଦି ଫାଇନାଲରେ ବିଜୟ ଲାଭ କରିଥାନ୍ତେ ତେବେ ର୍‍ୟାଙ୍କିଂ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇପାରି ଥାନ୍ତେ। ୨୦୨୩ ୟୁଏସ ଚାମ୍ପିୟନ ଫାଇନାଲରେ ପ୍ରବେଶ ପୂର୍ବରୁ ଚଳିତ ସପ୍ତାହରେ କେବଳ ଗୋଟିଏ ସେଟ୍‌ରେ ପରାଜିତ ହୋଇଥିଲେ। ଗଫ୍‌ଙ୍କର ଫାଇନାଲରେ ଭଲ ରେକର୍ଡ ରହିଛି।

# ମାକ୍ସୱେଲଙ୍କ ସ୍ଥାନରେ ମିଚ୍ ଓୱେନ

**ମୁଲାନପୁର, ୪।୫ (ପି.ଟି.):** ଗ୍ଲେନ ମାକ୍ସୱେଲ୍ ଆଘାତପ୍ରାପ୍ତ ହୋଇଥିବାରୁ ପଞ୍ଜାବ କିଙ୍ଗ୍ସ ତାଙ୍କ ସ୍ଥାନରେ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚ୍ ଓୱେନଙ୍କୁ ଦଳରେ ନେଇଛି। ମାକ୍ସୱେଲଙ୍କ ଆଙ୍ଗୁଠିରେ ଆଘାତ ଲାଗିଛି। ଚଳିତ ଆଇପିଏଲ୍ ସିଜନରେ ଅଷ୍ଟ୍ରେଲିଆର ଏହି ଷ୍ଟଲୱାର୍ଟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ସେ ୭ଟି ଗେମ୍‌ରେ ମାତ୍ର ୪୮ରନ ରନ ସଂଗ୍ରହ କରିପାରିଛନ୍ତି। ତନ୍ମଧ୍ୟରେ ତାଙ୍କର ୬ଟି ସିଙ୍ଗଲ ଡିଜିଟ ରହିଛି। ଗତ ଏପ୍ରିଲ ୨୬ରେ ଇଡେନଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ ବେଳେ ପଞ୍ଜାବ ତରଫରୁ ଖେଳୁଥିବା ବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଫଳରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ବିପକ୍ଷ ଦଳର ପରବର୍ତ୍ତୀ ମ୍ୟାଚରେ ତାଙ୍କ ସ୍ଥାନରେ ସୂର୍ଯ୍ୟାଂଶ ଶେଜ୍ ଖେଳିଥିଲେ। ପଞ୍ଜାବ କିଙ୍ଗ୍ସ ଏହି ମ୍ୟାଚ ୪ଉଇକେଟରେ ବିଜୟୀ ହୋଇଥିଲା। ୨୩ ବର୍ଷୀୟ ଓୱେନ ହେଉଛନ୍ତି ଜଣେ ଡାହାଣହାତୀ ବ୍ୟାଟର ଓ ପେସ୍ ବୋଲର। ସେ ୧୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ସେ ୩ କୋଟି ଟଙ୍କା ମୂଲ୍ୟରେ ଶ୍ରେୟସ ଆୟରଙ୍କ ଦଳରେ ଯୋଗ ଦେଇଛନ୍ତି। ଅଷ୍ଟ୍ରେଲିଆର ଟାସ୍‌ମାନିଆ ବିସିନ୍ଦା ମିଚ୍ ଓୱେନ ୩୪ ଟି୨୦ ଖେଳି ୬୪୬ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଦୁଇଟି ଶତକ ରହିଛି। ତାଙ୍କର ସର୍ବାଧିକ ସ୍କୋର ୧୦୮ ରନ ରହିଛି। ଅଷ୍ଟ୍ରେଲିଆର ଏହି ଅଲ୍ ରାଉଣ୍ଡର ଟି ୨୦ରେ ୧୦ଟି ଉଇକେଟ ମଧ୍ୟ ନେଇଛନ୍ତି।

# ପଞ୍ଜାବ କିଙ୍ଗ୍ସର ବଡ଼ ବିଜୟ

**ଧର୍ମଶାଳା,୪।୫**

ପ୍ରଭସିମରନ ସିଂଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଅର୍ଶଦୀପ ସିଂଙ୍କ ଘାତକ ବୋଲିଂ ବଳରେ ରବିବାର ରାତିରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୩୭ ରନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ଏହା ପଞ୍ଜାବର ସପ୍ତମ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌ ଲାଗି ଏହା ଷଷ୍ଠ ପରାଜୟ। ଏହି ବିଜୟ ସହ ପଞ୍ଜାବ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୩୬ ରନ କରିଥିଲା। ଦଳ ପକ୍ଷରୁ ପ୍ରଭସିମରନ ସିଂ ୪୮ ବଲରେ ସର୍ବାଧିକ ୯୧ ରନ କରିଥିଲେ। ତାଙ୍କ ଇନିଂସରେ ୬ ଚୌକା ଓ ୭ ଛକା ସାମିଲ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଶ୍ରେୟସ ଆୟର ୨୫ ବଲରେ ୪୫ (୪ ଚୌକା ଓ ୨ ଛକା), ଜୋଶ ଇଙ୍ଗଲିସ ୧୪ ବଲରେ ୩୦ (୧ ଚୌକା ଓ ୪ ଛକା), ଶଶାଙ୍କ ସିଂ ୧୫ ବଲରେ ୩୩ (୪ ଚୌକା ଓ ୧ ଛକା) ଓ ମାର୍କସ ଷ୍ଟୋଇନିସ ୫ ବଲରେ ୧୫ (ଗୋଟିଏ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ଆକାଶ ମହାରାଜ ସିଂ ଓ ଦିଗଭେଶ ସିଂ ରାଠୀ ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଲକ୍ଷ୍ନୌ ଇନିଂସ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୧୦ ଓଭରରେ ୭୩ ରନ ମଧ୍ୟରେ ପ୍ରମୁଖ ୫ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ପରିସ୍ଥିତିରେ ଆୟୁଷ ବଦୋନୀ ଓ ଅବଦୁଲ ସମଦ ଷଷ୍ଠ ଉଇକେଟରେ ୮୧ ରନ ଯୋଡ଼ିଥିଲେ। ହେଲେ ତାହା ଦଳକୁ ଜିତାଇବା ପାଇଁ ଯଥେଷ୍ଟ ନଥିଲା। ସମଦ ୨୪ ବଲରେ ୪୫ (୨ ଚୌକା ଓ ୪ ଛକା) ଏବଂ ବଦୋନୀ ୪୦ ବଲରେ ୭୪ (୫ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ଫଳରେ ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୯୯ ରନ କରିବାକୁ ସକ୍ଷମ ହୋଇଥିଲା। ପଞ୍ଜାବ ପକ୍ଷରୁ ଅର୍ଶଦୀପ ସିଂ ୩ ଓ ଆଜମାତୁଲା ଓମାରଜାଇ ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୩୬/୫ (ପ୍ରଭସିମରନ ସିଂ–୯୧, ଶ୍ରେୟସ ଆୟର–୪୫, ଶଶାଙ୍କ ସିଂ –୩୩*, ଆକାଶ ମହାରାଜ ସିଂ–୨/୩୦, ଦିଗଭେଶ ସିଂ ରାଠୀ–୨/୪୬)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୯୯/୭ (ଆୟୁଷ ବଦୋନୀ–୭୪, ଅବଦୁଲ ସମଦ–୪୫, ଅର୍ଶଦୀପ ସିଂ–୩/୧୬, ଆଜମାତୁଲା ଓମାରଜାଇ–୨/୩୩ )।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ହାଇଦ୍ରାବାଦ
ବନାମ ଦିଲ୍ଲୀ
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୧ | ୭ | ୩ | ୧ | ୧୫ | +୦.୩୭୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୫ | ୧ | ୧୧ | +୦.୨୪୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୬ | ୦ | ୧୦ | –୦.୪୬୯ |
| ରାଜସ୍ଥାନ ରୟାଲ୍ସ | ୧୨ | ୩ | ୯ | ୦ | ୬ | –୦.୭୧୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | –୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | –୧.୧୧୭ |



ଧର୍ମଶାଳାସ୍ଥିତ ଏଚ୍‌ପିସିଏ କ୍ରିକେଟ ଷ୍ଟାଡିୟମର ମନୋରମ ଦୃଶ୍ୟ।

**ମହିଳା ତ୍ରିରାଷ୍ଟ୍ରୀୟ କ୍ରିକେଟ**

# ଶ୍ରୀଲଙ୍କାଠାରୁ ହାରିଲା ଭାରତ

**କଲମ୍ବୋ, ୪।୫ (ପି.ଟି.):** ଶ୍ରୀଲଙ୍କା ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ ଦିନକିଆ କ୍ରିକେଟ ସିରିଜରେ ଭାରତକୁ ୩ଉଇକେଟରେ ପରାସ୍ତ କରିଛି। ୭ବର୍ଷରେ ଭାରତ ବିପକ୍ଷରେ ଦଳର ଏହା ହେଉଛି ପ୍ରଥମ ବିଜୟ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୭୫ରନର ଏକ ଚ୍ୟାଲେଞ୍ଜିଂ ସ୍କୋର କରିଥିଲା। ଦଳର ଇନିଂସରେ ବଡ଼ ଅବଦାନ ରଖିଥିବା କିପର–ବ୍ୟାଟର ରିଚା ଶର୍ମା ୪୮ବଲ୍‌ରୁ ୫୮ରନ କରିଥିଲେ। ଏଥିରେ ତାଙ୍କର ୫ ଚୌକା ଓ ୩ ଛକା ସାମିଲ। ଦଳ ପାଇଁ ଅବଦାନ ରଖିଥିବା ଅନ୍ୟ ବ୍ୟାଟରମାନଙ୍କ ମଧ୍ୟରେ ହରମନପ୍ରୀତ୍ କୌର(୩୦), ପ୍ରତୀକା ରାୱଲ(୩୫) ଓ ଜେମିମା ରୋଡ୍ରିଗ୍ସ(୩୭) ଅନ୍ୟତମ। ଆୟୋଜକ ଦଳ ପକ୍ଷରୁ ସୁଗାନ୍ଦିକା କୁମାରୀ ଓ ଅଧିନାୟକ ଚାମରି ଆଥାପାଥୁ ପ୍ରତ୍ୟେକ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଶ୍ରୀଲଙ୍କା ୪୯.୧ଓଭରରେ ୭ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଟପ୍ ସ୍କୋରର ନୀଳାକ୍ଷିକା ସିଲ୍‌ଭା ୫୬ ରନ ଏବଂ ହର୍ଷିଥା ସମରବିକ୍ରମା ୫୩ ରନ କରିଥିଲେ। ଭାରତ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ସ୍ନେହ ରାଣା ୪୫ ରନ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ଟୁର୍ନାମେଣ୍ଟରେ ଶ୍ରୀଲଙ୍କାର ଏହା ହେଉଛି ଦ୍ୱିତୀୟ ବିଜୟ। ଦଳ ଏଥିସହିତ ଫାଇନାଲର ନିକଟତର ହୋଇଛି। ଅନ୍ୟପକ୍ଷରେ ଭାରତର ଏହା ପ୍ରଥମ ପରାଜୟ। ଦଳ ପୂର୍ବରୁ ଏହାର ଦୁଇଟି ମ୍ୟାଚ ସହଜରେ ଜିତି ନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା: ୫୦ ଓଭରରେ ୨୭୫/୯ (ରିଚା ଘୋଷ–୫୮ ; ଚାମରୀ ଆଥାପାଥୁ–୩/୪୩, ସୁଗାନ୍ଦିକା କୁମାରୀ–୩/୪୪)।
ଶ୍ରୀଲଙ୍କା ମହିଳା: ୪୯.୧ ଓଭରରେ ୨୭୮/୭ (ହର୍ଷିଥା ସମରବିକ୍ରମା–୫୩, ନୀଳାକ୍ଷିକା ସିଲ୍‌ଭା–୫୬ ; ସ୍ନେହ ରାଣା–୩/୪୫)।

# ପ୍ରାରବ୍ଧ, ମନୀଷ ଚାମ୍ପିୟନ



କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ରାଜ୍ୟ ଓପନ ଚେସ୍**

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ୮ ଓ ୧୬ ବର୍ଷରୁ କମ୍ ରାଜ୍ୟ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ଏହାର ୮ ବର୍ଷରୁ କମ୍ ବର୍ଗରେ ପ୍ରାରବ୍ଧ ପ୍ରଜ୍ଞା ମିଶ୍ର ଓ ୧୬ ବର୍ଷରୁ କମ୍‌ରେ ମନୀଷ ରଞ୍ଜନ ଦାସ ଚାମ୍ପିୟନ ହୋଇଛନ୍ତି। ୫ ବର୍ଷରୁ କମ୍‌ରେ ପ୍ରିୟମ ହୋତା, ଅଂଶୁମାନ ମହାନ୍ତି, ସାଇ ଆୟଙ୍କ ସାହୁ ଓ ତନ୍ମୟ ମହାନ୍ତି ଏବଂ ୧୬ ବର୍ଷରୁ କମ୍‌ରେ ଶୁଭମ୍ ପ୍ରତୀକ ମିଶ୍ର, ସ୍ୱସ୍ତିକ ରଞ୍ଜନ ସ୍ୱାଇଁ, ଉଦୟକାନ୍ତ ସ୍ୱାଇଁ ଓ ଶ୍ୱେତଞ୍ଜିତ ପଟ୍ଟନାୟକ ଟପ୍–୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ କେତେକ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଛି। ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାର ଶୁଭାରମ୍ଭ କରିଥିବାବେଳେ ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ୟୁନିୟନ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅଧିକାରୀ ବାସୁଦେବ ସାହୁ, ସ୍କୁଲ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

# ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରୋଗ୍ରାମରେ ଓଡ଼ିଶାରୁ ୧୩



ଜାତୀୟ ପ୍ରୋଗ୍ରାମରେ ଓଡ଼ିଶାରୁ ଭାଗ ନେଇଥିବା ଟେକ୍ନିକାଲ ଅଫିସିଆଲ।

**ଭୁବନେଶ୍ୱର, ୪।୫ (ତପନ ସ୍ୱାଇଁ)**

ଚଳିତ ମାସ ୨ରୁ ୪ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମରେ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଓ ପାରାଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ୩ୟ ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା ମୋଟ ୬୦ ଅଫିସିଆଲଙ୍କ ମଧ୍ୟରେ ଓଡ଼ିଶାରୁ ୧୩ ପ୍ରତିନିଧିତ୍ୱ କରିଥିଲେ। ଏହି ଅଫିସିଆଲମାନେ ହେଲେ ଶୋଭାରାଣୀ ଡୋରା, ପତ୍ରପୁଷ୍ପ ମହାନ୍ତି, ପୂଜା ବେହେରା, ଗୋପାଳ ସୋନି, ଦେବାଶିଷ ଦାସ, ବିକାଶ ସ୍ୱାଇଁ, ଲକ୍ଷ୍ମୀଧର ମହାନ୍ତି, ଲିପ୍ସା ମିଶ୍ର, ମାଳବିକା ମିଶ୍ର, ରୋନାଲି ସାହୁ, ବିଷ୍ଣୁପ୍ରିୟା ସାହୁ, ପ୍ରିୟରଞ୍ଜନ ନାୟକ ଓ ଦେବାମୃତ ସାହୁ। ଏହି ପ୍ରଶିକ୍ଷଣ ପ୍ରୋଗ୍ରାମ ମାଧ୍ୟମରେ ଅଫିସିଆଲମାନେ ଆଗାମୀ ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଦେଶକୁ ପ୍ରତିନିଧିତ୍ୱ କରି ଓଡ଼ିଶାର ଗର୍ବ ବଢ଼େଇବେ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏଶନ ଓଡ଼ିଶାର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଆଶା ପ୍ରକାଶ କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ